# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୫/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 15/2023 Page 16 ₹ 7.00

୪୯ଶ ଭାଗ ୧୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 140 ମୂଲ୍ୟ ₹୭/-





**କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ସନିଙ୍କ 'କେନେଡି'**
ଅଭିନେତ୍ରୀ ସନି ଲେଓନ୍‌ଙ୍କ ଫିଲ୍ମ 'କେନେଡି'କୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସ୍କ୍ରିନିଂ ପାଇଁ ଚୟନ କରାଯାଇଛି। **୧୪**

**୧୬** **ପ୍ରଥମ ଶତକ ହାସଲ କଲେ ହ୍ୟାରି ବ୍ରୁକ୍**
ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଚଳିତ ସଂସ୍କରଣରେ ପ୍ରଥମ ଶତକ ହାସଲ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦର ହ୍ୟାରି ବ୍ରୁକ୍।




# ସମ୍ବଲପୁରରେ ପୁଣି ହିଂସା: ଜଣେ ମୃତ



ସମ୍ବଲପୁର ସୁନାପାଲ୍ଲୀ ରାସ୍ତାରେ ଶୋଭାଯାତ୍ରାକୁ ଜଗି ରହିଛି ପୋଲିସ।



ସଂଘବଦ୍ଧ ଆକ୍ରମଣରେ ଆହତ ବିଶ୍ୱଜିତ୍ ଶିଖା।

ହନୁମାନ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଗତ ବୁଧବାର ସମ୍ବଲପୁର ସହରରେ ବାହାରିଥିବା ବାଇକ୍ ଶୋଭାଯାତ୍ରାବେଳେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଥିଲା। ହିନ୍ଦୁ ଓ ମୁସଲମାନ ଦୁଇ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ପଥରମାଡ଼ ସାଙ୍ଗକୁ ଦୋକାନ ଓ ଗ୍ୟାରେଜ୍ ପୋଡ଼ି ଘଟଣା ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ୪୮ ଘଣ୍ଟା ଯାଏ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯିବା ସହ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଯୋଜନାବଦ୍ଧ ଭାବେ କଡ଼ା ସୁରକ୍ଷା ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା କରାଯାଉଥିବାବେଳେ ପୁଣି ହିଂସା ଦେଖିବାକୁ ମିଳିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ଅଶାନ୍ତି

- **ପୋଡ଼ାଜଳା, ଭଙ୍ଗାରୁଜା**
- **ପରିସ୍ଥିତି ଅଣାୟତ୍ତ, ପୋଲିସ ବିଫଳ**

**ସମ୍ବଲପୁର, ୧୪।୪ (ବ୍ୟୁରୋ)**

ବୁଧବାର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ସମ୍ବଲପୁର ସହରରେ ଆତଙ୍କର ବାତାବରଣ ଲାଗି ରହିଛି। ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସତ୍ତ୍ୱେ ଗୁରୁବାର ରାତିରୁ ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ୧୦ଟି ଦୋକାନରେ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆୟୋଜନ ହେବାକୁ ଥିବାରୁ ପ୍ରଶାସନର ଚିନ୍ତା ବଢ଼ିଥିଲା। ହିଂସା ଭିତରେ କିଭଳି ଏହା ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ☞ପୃଷ୍ଠା-୪

# କେଜ୍‌ରିୱାଲଙ୍କୁ ସିବିଆଇ ସମନ

**ଅବକାରୀ ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**



ଅରବିନ୍ଦ କେଜ୍‌ରିୱାଲ

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସିବିଆଇ ସମନ ଜାରି କରିଛି। ତାଙ୍କୁ ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ତଦନ୍ତକାରୀ ଟିମ୍ ଆଗରେ ହାଜର ହୋଇ ଜେରାର ଜବାବ ରଖିବାକୁ କୁହାଯାଇଛି। ଏହି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗତ ଫେବୃୟାରୀରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗିରଫ କରିଥିଲା। ସିବିଆଇ ହାତରେ କେତେକ ନୂଆ ତଥ୍ୟ ପ୍ରମାଣ ପଡ଼ିବା ପରେ ଜେରା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଡକାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ନିର୍ଦ୍ଦିଷ୍ଟ କେତେଜଣ ମଦ ଡିଲରଙ୍କୁ ବ୍ୟବସାୟ ପାଇଁ ଲାଇସେନ୍ସ ପ୍ରଦାନ ନିମନ୍ତେ ଦିଲ୍ଲୀ ସରକାର ଅବକାରୀ ନୀତି ୨୦୨୧-୨୨ କାର୍ଯ୍ୟକାରୀ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ବିପୁଳ ଲାଞ୍ଚ କରାବାର ହୋଇଥିଲା। ଅଭିଯୋଗକୁ ଏଏପି ଖଣ୍ଡନ କରିବା ସହ ଉକ୍ତ ନୀତିକୁ ପ୍ରତ୍ୟାହାର କରିନେଇଥିଲା।

# ବିଶ୍ୱର ୩ୟ ଉତ୍ତପ୍ତ ସହର ବାରିପଦା

**ପାରଦ ଛୁଇଁଲା ୪୪ ଡିଗ୍ରୀ**



**ଭୁବନେଶ୍ୱର, ୧୪।୪ (ବ୍ୟୁରୋ)**

ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ସିଝୁଛି। ସତେଯେମିତି ଆକାଶରୁ ଅଗ୍ନିବର୍ଷା ହେଉଛି। ଗତ କିଛିଦିନ ହେବ ଅସହ୍ୟ ତାତି ସମଗ୍ର ରାଜ୍ୟକୁ କବଳିତ କରିଛି। ସକାଳ ହେବା ମାତ୍ରେ ମାଡ଼ିଆସୁଛି ତତଲା ପବନ। ଦେହମୁଣ୍ଡ ଜଳିପୋଡ଼ିଗଲା ଭଳି ଲାଗୁଛି। ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଘରେ କି ବାହାରେ ନିସ୍ତାର ନାହିଁ। ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ଗତ ୪/୫ ଦିନରେ ଦିନର ତାପମାତ୍ରା ୫ରୁ ୭ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ହେଲାଣି। ଶୁକ୍ରବାର ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ରାଜ୍ୟକୁ ଉତ୍ତପ୍ତ କରିଛି। ବାରିପଦା ଦେଶର ସବୁଠୁ ତତଲା ସହର ପାଲଟିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଅନ୍ୟପକ୍ଷରେ ଏଲଡୋରାଡୋ ୱେଦର ଡଟ କମ୍ ସୂଚନା ମୁତାବକ ବାରିପଦା ବିଶ୍ୱର ☞ପୃଷ୍ଠା-୪

# ମକଦ୍ଦମା ପାଇଁ ଅନୁମତି ଦେଲାନି କେନ୍ଦ୍ର

**ନାଗାଲାଣ୍ଡରେ ସେନା ଯବାନଙ୍କ ଗୁଳିଚାଳନା ମାମଲା**

**ଗୁଆହାଟୀ, ୧୪।୪**

୨୦୨୧ ଡିସେମ୍ବରରେ ନାଗାଲାଣ୍ଡରେ ସେନା ଯବାନଙ୍କ ବେପରୁଆ ଉଗ୍ରପନ୍ଥୀ ବିରୋଧୀ କାର୍ଯ୍ୟାନୁଷ୍ଠାନ ଯୋଗୁ ୧୪ ଜଣ ନିରୀହ ଯୁବକଙ୍କ ଜୀବନ ଯାଇଥିଲା। ଏହି ଅପରେଶନରେ ସମ୍ପୃକ୍ତ ୩୦ ଯବାନଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ଅନୁମତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ନାଗାଲାଣ୍ଡର ମୋନ୍ ଜିଲାରେ ସେନା ଗୁଳିକାଣ୍ଡ ଘଟଣାର ତଦନ୍ତ ନାଗାଲାଣ୍ଡ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କରିବା ସହ ୩୦ ଅଭିଯୁକ୍ତ ଯବାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ତେବେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ସାମରିକ ବ୍ୟାପାର ବିଭାଗ ସେମାନଙ୍କ ବିରୋଧରେ ମକଦ୍ଦମା ଲାଗି ମଞ୍ଜୁରୀ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ରାଜ୍ୟ ନା କେନ୍ଦ୍ରର





ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଏପ୍ରିଲ, ୨୦୨୩



## ଇଣ୍ଡୋନେସିଆରେ ଭୂକମ୍ପ

ଇଣ୍ଡୋନେସିଆର ଜାଭା ଓ ବାଲି ଦ୍ୱୀପରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୭.୦ ଥିଲା। ଭୂକମ୍ପ ଯୋଗୁ ଆତଙ୍କ ଖେଳିଯାଇଛି। ତେବେ ତୁରନ୍ତ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ମିଳିନାହିଁ। ପୂର୍ବ ଜାଭା ପ୍ରଦେଶର ଉପକୂଳ ସହର ଟୁବାନ୍‌ର ଉତ୍ତରରେ ୯୬.୫ କିଲୋମିଟରରେ ଏବଂ ୫୯୪ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ପକ୍ଷରୁ କୁହାଯାଇଛି। ତେବେ ସୁନାମି ଆଶଙ୍କା ନାହିଁ।

## ସଂକ୍ଷେପରେ

### ବଙ୍ଗଳା ଖାଲି କରୁଛନ୍ତି ରାହୁଲ

**ନୂଆଦିଲ୍ଲୀ, ୧୪।୪(ପି.ଟି.):** ଲୋକ ସଭା ସଦସ୍ୟତା ଯିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ତାଙ୍କ ୧୨, ତୋଗଲକ୍ ଲେନ୍‌ସ୍ଥିତ ସରକାରୀ ବଙ୍ଗଳା ଖାଲି କରିବା ଆରମ୍ଭ କରିଛନ୍ତି। ଏପ୍ରିଲ ୨୨ ସୁଦ୍ଧା ସରକାରୀ ଘର ଖାଲି କରିବାକୁ ତାଙ୍କୁ ଲୋକ ସଭା ସଚିବାଳୟ ପକ୍ଷରୁ ନୋଟିସ କରାଯାଇଥିଲା। ବଙ୍ଗଳା ବାହାରେ ଦୁଇଟି ଟ୍ରକ୍ ଲାଗିବା ପରେ ଜିନିଷପତ୍ର ସେଥିରେ ଲଦାହୋଇ ସୋନିଆ ଗାନ୍ଧୀଙ୍କ ୧୦, ଜନପଥ ବାସଭବନକୁ ନିଆଯାଇଛି। ରାହୁଲ ଇତିମଧ୍ୟରେ ବିଭିନ୍ନ ଘର ଦେଖିଛନ୍ତି। ତେବେ ସେ ତାଙ୍କ ମାଆ ତଥା କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସହ ରହିପାରନ୍ତି ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ମାନହାନି ମାମଲାରେ ସୁରଟ୍‌ର ଏକ ଅଦାଲତ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେବାରୁ ତାଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଥିଲା।

### ଭିଜିଲାନ୍ସ ବ୍ୟୁରୋରେ ହାଜର ହେଲେ ଚନ୍ନି


ଚରଣଜିତ୍ ସିଂ ଚନ୍ନି

**ଚଣ୍ଡିଗଡ଼, ୧୪।୪:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଶୁକ୍ରବାର ଭିଜିଲାନ୍ସ ବ୍ୟୁରୋରେ ହାଜର ହୋଇଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିଥିଲେ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ତଦନ୍ତ କରାଯାଉଥିବା ଚନ୍ନି କହିଛନ୍ତି। ମୋହାଲିସ୍ଥିତ ଭିଜିଲାନ୍ସ ବ୍ୟୁରୋ କାର୍ଯ୍ୟାଳୟରେ ପ୍ରବେଶ ପୂର୍ବରୁ କଂଗ୍ରେସ ନେତା ଚନ୍ନି ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସରକାର ଷଡ଼ଯନ୍ତ୍ର ରାଜନୀତି କରୁଥିବା ସେ କହିଛନ୍ତି। ଗତ ମାସରେ ଭିଜିଲାନ୍ସ ଚନ୍ନିଙ୍କ ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା।

### ଦୈନିକ ସଂକ୍ରମଣ ୧୧ ହଜାର ଟପିଲା

**ନୂଆଦିଲ୍ଲୀ, ୧୪।୪:** ଦେଶରେ କରୋନା ମହାମାରୀ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୧୧,୧୦୯ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୈନିକ ସଂକ୍ରମଣକୁ ମିଶାଇ ଦେଶରେ କୋଭିଡ୍ ସକ୍ରିୟ ମାମଲା ୪୯,୬୨୨ରେ ପହଞ୍ଚିଛି। ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସକାଳ ୮ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ କୋଭିଡ୍-୧୯ରେ ମୋଟ ୨୯ ଜଣ ପ୍ରାଣ ହରାଇଛନ୍ତି। ସେଥିମଧ୍ୟରୁ ଦିଲ୍ଲୀ, ରାଜସ୍ଥାନରୁ ୩ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ଛତିଶଗଡ, ପଞ୍ଜାବରୁ ଦୁଇଜଣ ଲେଖାଏ ଏବଂ ହିମାଚଳ ପ୍ରଦେଶ, କେରଳ, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପୁଡୁଚେରୀ, ତାମିଲନାଡୁ, ଉତ୍ତରପ୍ରଦେଶରେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଦେଶରେ ଦୈନିକ ପଜିଟିଭିଟି ହାରରେ ବୃଦ୍ଧି ଘଟି ୫.୦୧ ପ୍ରତିଶତରେ ପହଞ୍ଚିଛି। ଅଦ୍ୟାବଧି ଦେଶରେ ୪.୪୭ କୋଟି ଲୋକ କରୋନାରେ ଆକ୍ରାନ୍ତ ହୋଇସାରିଥିବାବେଳେ ୫,୩୧,୦୬୪ ଜଣ ପ୍ରାଣ ହରାଇଲେଣି।


ଗୁଆହାଟୀରେ ଏକସଙ୍ଗେ ୧୧,୩୦୪ ନୃତ୍ୟଶିଳ୍ପୀ ଓ ୨,୫୪୮ ଢୋଲ ବାଦକ ବିହୁ ନୃତ୍ୟ ପ୍ରଦର୍ଶନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତି ଥିଲେ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗିନିଜ୍ ଅଧିକାରୀମାନଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରିଥିଲେ।

## ପେନ୍‌ସନ ବିଲ୍‌କୁ କାଉନ୍‌ସିଲ ମଞ୍ଜୁରୀ

### ମାକ୍ରଁ ଆଶ୍ୱସ୍ତ

ପ୍ୟାରିସ୍,୧୪।୪

ଫ୍ରାନ୍ସର କନ୍‌ଷ୍ଟିଚ୍ୟୁଶନାଲ କାଉନ୍‌ସିଲ ଶୁକ୍ରବାର ରାତିରେ ସରକାରଙ୍କ ପେନ୍‌ସନ୍ ରିଫର୍ମକୁ ମଞ୍ଜୁରୀ ଦେଇଛି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ନୂଆ ପେନ୍‌ସନ୍ ବିଲ୍ ଅନୁସାରେ ସରକାରୀ କର୍ମଚାରୀଙ୍କ ବୟସ ସୀମା ୬୪କୁ ବୃଦ୍ଧି କରାଯାଇଛି। ଏହାର ପ୍ରତିବାଦରେ ୩ ମାସ ହେଲା ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ସରକାର ସପକ୍ଷରେ କାଉନ୍‌ସିଲ ରାୟ ଦେଇଛି। ଏହାକୁ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ପାଇଁ ବିଜୟ ବୋଲି କୁହାଯାଉଛି। ମାକ୍ରଁ ଏହି ବିଲ୍‌କୁ ୧୫ ଦିନ ମଧ୍ୟରେ ଆଇନରେ ପରିଣତ କରିପାରିବେ।



ପ୍ୟାରିସ୍‌ରେ ଜଣେ ପେନ୍‌ସନ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପେଣ୍ଟାଗନ୍ ଗୁପ୍ତ ଦସ୍ତାବିଜ ଲିକ୍

# ପ୍ରଘଟକାରୀ ଜ୍ୟାକ୍ ଟେକ୍ସେରା ଗିରଫ

ୱାଶିଂଟନ୍,୧୪।୪

ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ 'ପେଣ୍ଟାଗନ୍'ର ଗୋପନୀୟ ଦସ୍ତାବିଜ ପ୍ରଘଟ ଖବର ବିଶ୍ୱ ଗଣମାଧ୍ୟମରେ ଛାଇଯାଇଛି। ଏହି ମାମଲାରେ ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ଫେଡେରାଲ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଫ୍‌ବିଆଇ) ୨୧ ବର୍ଷୀୟ ଜ୍ୟାକ୍ ଡୋଗ୍‌ଲାସ୍ ଟେକ୍ସେରାଙ୍କୁ ମାସାଚ୍ୟୁସେଟ୍ସର ଡିଘଟନ୍‌ରୁ ଗିରଫ କରିଛି। ଜ୍ୟାକ୍ ଆମେରିକା ସରକାର ଓ ସେନାର ଗୋଇନ୍ଦା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଲିକ୍ କରିଥିବାରୁ ଦେଶର ସୁରକ୍ଷା ବିପନ୍ନ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ୱାଶିଂଟନ୍‌କୁ ଦେଶବିଦେଶରେ ହଟହଟା ହେବାକୁ ପଡ଼ିଛି। ୨୦୧୩ରେ କମ୍ପ୍ୟୁଟର ଇଣ୍ଟେଲିଜେନ୍ସ କନ୍‌ସଲଟାଣ୍ଟ ଏଡ୍‌ୱାର୍ଡ ସ୍ନୋଡେନ୍ ନ୍ୟାଶନାଲ ସିକ୍ୟୁରିଟି ଏଜେନ୍ସିର ଗୁପ୍ତ ଦସ୍ତାବିଜ ପ୍ରଘଟ କରିବା ପରଠାରୁ ଏହାକୁ ସବୁଠୁ ବଡ଼ ସରକାରୀ ତଥ୍ୟ ଲିକ୍ ବୋଲି କୁହାଯାଉଛି। ଏହା ପୂର୍ବରୁ ୨୦୧୦ରେ ଅଷ୍ଟ୍ରେଲୀୟ ଜୁଲିଆନ୍ ଆସେଞ୍ଜଙ୍କ ୱିକିଲିକ୍ସରେ ଆମେରିକାର ୭ ଲକ୍ଷ ସରକାରୀ ଦସ୍ତାବିଜ, ଭିଡିଓ ଏବଂ କୂଟନୈତିକ କ୍ୟାବୁଲ୍‌ର ପ୍ରଘଟ ବିଶ୍ୱବ୍ୟାପୀ ହଟଚମଟ ସୃଷ୍ଟି କରିଥିଲା।

ଏଫ୍‌ବିଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଇଣ୍ଟେଲିଜେନ୍ସ ବିଶେଷଜ୍ଞ ଜ୍ୟାକ୍ ଟେକ୍ସେରିଆ ସେହି ଅନ୍‌ଲାଇନ୍ ଗେମିଂ ଚାଟ୍ ଗ୍ରୁପ୍‌ର ନେତୃତ୍ୱ ନେଉଥିଲେ, ଯେଉଁଠାରେ ସିକ୍ରେଟ୍ ଡକ୍ୟୁମେଣ୍ଟଗୁଡ଼ିକୁ ପୋଷ୍ଟ କରାଯାଇଥିଲା। କେତେଜଣ ରୁଷୀୟ ଓ ୟୁକ୍ରେନୀୟଙ୍କ ସମେତ ୨୪ ୟୁଜର୍ସଙ୍କୁ ନେଇ ଏହି ଗ୍ରୁପ୍ ତିଆରି କରାଯାଇଥିଲା। ଜ୍ୟାକ୍ ଏଥିରେ ନିଜ ଛଦ୍ମନାମ ରଖିଥିଲେ 'ଓଜି'। ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଅନେକ ଗୋପନୀୟ ଦସ୍ତାବିଜ ସାମ୍ନାକୁ ଆସିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ୟୁକ୍ରେନ୍ ପଲିସିର ବିଫଳତା ଧରାପଡ଼ିଥିଲା। ବାଇଡେନ୍ ଗୁରୁବାର ଆୟର୍ଲାଣ୍ଡ ଗସ୍ତରେ ଥିବାବେଳେ ଏହି ପ୍ରଘଟ ନେଇ ଅବଗତ ଥିବା କହିଥିଲେ। ଏହି ପ୍ରଘଟ ଯୋଗୁ ଆମେରିକାର କେତେ ବଡ଼ କ୍ଷତି ହେବାକୁ ଯାଉଛି ତାହା ଅଧିକାରୀମାନେ ଆକଳନ କରୁଛନ୍ତି।


ଏଫ୍‌ବିଆଇ ହାଜତରେ ୨୧ ବର୍ଷୀୟ ଜ୍ୟାକ୍ ଡୋଗ୍‌ଲାସ୍ ଟେକ୍ସେରା

ଜ୍ୟାକ୍ ମାସାଚ୍ୟୁସେଟ୍ସ ଏୟାର ନ୍ୟାଶନାଲ ଗାର୍ଡର ଜଣେ ମେମ୍ବର। ୨୦୧୯ରେ ସର୍ଭିସରେ ଯୋଗଦେବା ପରେ ସେ ନ୍ୟାଶନାଲ ଗାର୍ଡ ବେସ୍‌ରେ ସାମରିକ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କ ପରିବାରର ଅନେକ ସଦସ୍ୟ ସେନାରେ କାର୍ଯ୍ୟ କରୁଛନ୍ତି କିମ୍ବା ପୂର୍ବରୁ ସେବା ପ୍ରଦାନ କରିଛନ୍ତି। ଜ୍ୟାକ୍‌ଙ୍କ ପ୍ରଘଟ ପରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ କିଭ୍‌କୁ କେତେ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି, ଆଗକୁ କେତେ ଓ କିପରି ସାମରିକ ସହାୟତା ପ୍ରଦାନ କରାଯିବ ସବୁ କିଛି ପଦାକୁ ଆସିଛି। ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ସହ କିଭ୍ ପାଖରେ ଥିବା ମିଶାଇଲ୍ ଓ ଅନ୍ୟ ଯୁଦ୍ଧାସ୍ତ୍ର ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ଲିକ୍ ଦସ୍ତାବିଜରୁ ପ୍ରଘଟ ହୋଇଛି। ଏଫ୍‌ବିଆଇ ଏଜେଣ୍ଟମାନେ ଗୁରୁବାର ଜ୍ୟାକ୍‌ଙ୍କ ଘରେ ଚଢ଼ାଉ କରିବା ସହ ଦଣ୍ଡ କୋହଳ କରାଇବା ପ୍ରତିଶ୍ରୁତି ଦେଇ ତାଙ୍କୁ ଗିରଫ କରିଛନ୍ତି। ଗିରଫଦାରି ବେଳେ ଜ୍ୟାକ୍ ଏକ ଟି-ଶାର୍ଟ ଓ ଶର୍ଟ୍ସ ପିନ୍ଧିଥିଲେ। ଜାତୀୟ ଗୁପ୍ତ ପ୍ରତିରକ୍ଷା ଦସ୍ତାବିଜଗୁଡ଼ିକୁ ବେଆଇନ ଭାବେ ହଟାଇବା ଓ ଅନ୍ୟତ୍ର ପ୍ରେରଣ କରିବା ଅଭିଯୋଗରେ ତାଙ୍କୁ ଗିରଫ ପରେ ବୋଷ୍ଟନ୍ ଫେଡେରାଲ କୋର୍ଟରେ ହାଜର କରାଯାଇଛି। ଆର୍ଟର୍ନି ଜେନେରାଲ ମେରିକ୍ ଗାର୍ଲେଣ୍ଡ ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ମଧ୍ୟ ଏକ ବିବୃତି ଜାରି କରି ଏଫ୍‌ବିଆଇର ତତ୍ପରତାକୁ ପ୍ରଶଂସା କରିଛନ୍ତି। ତେବେ ଏହି ଲୋ-ର୍‍ୟାଙ୍କିଂ ସର୍ଭିସ୍ ମେମ୍ବର ମୁଖ୍ୟ ଅଭିଯୁକ୍ତ ରୂପେ ଆବିର୍ଭାବ ହେବା ଦଶନ୍ଧିର ସବୁଠୁ ହାଇଏଷ୍ଟ ପ୍ରୋଫାଇଲ ଇଣ୍ଟେଲିଜେନ୍ସ ଲିକ୍‌କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ନିମ୍ନ ପାହ୍ୟାର ପ୍ରତିରକ୍ଷା ବିଭାଗ କର୍ମଚାରୀ ଏଭଳି ସମ୍ବେଦନଶୀଳ ତଥ୍ୟ କିପରି ହାସଲ କଲେ। ସାଇବର ଟ୍ରାନ୍ସପୋର୍ଟ ସିଷ୍ଟମ୍ସ ଜର୍ନିମ୍ୟାନ୍ ଭାବେ କାର୍ଯ୍ୟ କରିବା ପାଇଁ ହାଇସ୍କୁଲ ଡିଗ୍ରୀ, ଡ୍ରାଇଭିଂ ଲାଇସେନ୍ସ ଓ ୧୯ ମାସର ତାଲିମ ଆବଶ୍ୟକ ହୋଇଥାଏ। ସେହି ଯୋଗ୍ୟତା ଜ୍ୟାକ୍ ହାସଲ କରିଥିଲେ କି ନାହିଁ। ଡକ୍ୟୁମେଣ୍ଟ ଲିକ୍ ପ୍ରସଙ୍ଗରେ କିଛିଦିନ ହେଲା ସମାଲୋଚିତ ହୋଇଆସିଥିବା ବାଇଡେନ୍ ପ୍ରଶାସନକୁ ଆଗକୁ ଏହାର ଉତ୍ତର ଦେବାକୁ ପଡ଼ିବ।

## କେମୋଥେରାପି ବେଳେ ପୁଟିନ୍‌ଙ୍କୁ ହତ୍ୟା କରିବେ ନିଜ ଲୋକ

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କର୍କଟ ରୋଗ ପାଇଁ କେମୋଥେରାପି ନେଉଛନ୍ତି। ଏହି ଚିକିତ୍ସା ବେଳେ ତାଙ୍କୁ ନିଜ ଲୋକ ହତ୍ୟା କରିପାରନ୍ତି। ପେଣ୍ଟାଗନ୍ ଡକ୍ୟୁମେଣ୍ଟରେ ଏ ସମ୍ପର୍କିତ ଯୋଜନାର ପ୍ରଘଟ ହୋଇଛି। 'ଟପ୍ ସିକ୍ରେଟ୍' ଭାବେ ବର୍ଗୀକୃତ ଉକ୍ତ ଦସ୍ତାବିଜରୁ ସଙ୍କେତ ମିଳିଛି ଯେ, ରୁଷୀୟ ଚିଫ୍ ଅଫ୍ ଜେନେରାଲ ଷ୍ଟାଫ୍ ଭଲେରି ଗେରାସିମୋଭ୍ ଓ ଜାତୀୟ ସୁରକ୍ଷା ପରିଷଦ ସେକ୍ରେଟାରି ନିକୋଲୟ ପଟ୍ରୁଶେଭ୍ ପୁଟିନ୍‌ଙ୍କୁ କେମୋଥେରାପି ଚିକିତ୍ସା କରାଯାଉଥିବାବେଳେ ହତ୍ୟା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି।


ଭ୍ଲାଡିମିର ପୁଟିନ୍

## ୟୁକ୍ରେନ୍ ଯୁଦ୍ଧରେ କୌଣସି ପକ୍ଷକୁ ଅସ୍ତ୍ର ବିକିବନି ଚାଇନା

ବେଜିଂ,୧୪।୪

ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷଙ୍କ ମଧ୍ୟରୁ କାହାକୁ ଚାଇନା ନିଜ ଅସ୍ତ୍ରଶସ୍ତ୍ର ବିକ୍ରି କରିବ ନାହିଁ। ରୁଷିଆକୁ ବେଜିଂ ସାମରିକ ସହାୟତା ପ୍ରଦାନ କରିପାରେ ବୋଲି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଚିନ୍ତାବ୍ୟକ୍ତ କରୁଥିବାବେଳେ ଶୁକ୍ରବାର ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗଙ୍ଗ୍ ଏହାକୁ ସ୍ପଷ୍ଟ ଖଣ୍ଡନ କରିଛନ୍ତି। ୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଚାଇନା ନିରପେକ୍ଷତା ଅବଲମ୍ବନ କରିଆସୁଛି। କିନ୍ତୁ ରୁଷିଆ ଉପରେ ପାଶ୍ଚାତ୍ୟ ଦଣ୍ଡାତ୍ମକ କଟକଣା ଜାରି କରିଥିବାବେଳେ ଚାଇନା ଏହାକୁ ରାଜନୈତିକ ଓ ଆର୍ଥିକ ସମର୍ଥନ ଜଣାଇଆସିଛି। ରୁଷିଆକୁ ଅସ୍ତ୍ରଶସ୍ତ୍ର ଦିଆଯିବ ନାହିଁ ବୋଲି କହିବାରେ କିନ୍ ଗଙ୍ଗ୍ ହେଉଛନ୍ତି ଚାଇନାର ସର୍ବୋଚ୍ଚସ୍ତରୀୟ ନେତା। ୟୁକ୍ରେନ୍ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚାଇନା ଆଗ୍ରହୀ ଥିବା ସେ ଦୋହରାଇଛନ୍ତି।

## ଇଣ୍ଡୋନେସିଆ ହ୍ୟାକରଙ୍କ ଟାର୍ଗେଟରେ ଭାରତର ସରକାରୀ ୱେବ୍‌ସାଇଟ୍

ନୂଆଦିଲ୍ଲୀ, ୧୪।୪(ଆଇଏଏନ୍ଏସ୍)

ଇଣ୍ଡୋନେସିଆର ଏକ ହ୍ୟାକର ଗ୍ରୁପ୍ ଭାରତର ରାଜ୍ୟ ଓ କେନ୍ଦ୍ର ସରକାରୀ ପୋର୍ଟାଲଗୁଡ଼ିକୁ ଟାର୍ଗେଟ କରିବା ଲାଗି ଯୋଜନା କରୁଥିବା ଜଣାପଡ଼ିବା ପରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସାଇବର ସୁରକ୍ଷା ସତର୍କ ସୂଚନା ଜାରି କରାଯାଇଛି। ଇଣ୍ଡୋନେସିଆର ହ୍ୟାକ୍ଟିଭିଷ୍ଟ ସଂଗଠନ ଦେଶର ୧,୨୦୦ ସରକାରୀ ୱେବ୍‌ସାଇଟ୍‌କୁ ଟାର୍ଗେଟ କରିପାରେ ବୋଲି ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର ପକ୍ଷରୁ ଜାରି ନୋଟିସରୁ ଏହା ଜଣାପଡ଼ିଛି।

## ମୋଜାମ୍ବିକ୍‌ରେ ଭାରତ ନିର୍ମିତ ଟ୍ରେନ୍ ଚଢ଼ିଲେ ଜୟଶଙ୍କର

ନୂଆଦିଲ୍ଲୀ, ୧୪।୪

ମୋଜାମ୍ବିକ୍ ଗସ୍ତରେ ଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସେଠାରେ ଭାରତ ନିର୍ମିତ ଟ୍ରେନ୍ ଚଢ଼ିଛନ୍ତି। ତାଙ୍କ ସହ ମୋଜାମ୍ବିକ୍‌ର ପରିବହନ ମନ୍ତ୍ରୀ ମାଟେଅସ୍ ମାଗାଲା ଏବଂ ଆଇଆଇଟିଇଏସ୍‌ର ସିଏମ୍‌ଡି ରାହୁଲ ମିତ୍ତଲ ମାପୁଟୋରୁ ଉକ୍ତ ଟ୍ରେନ୍‌ରେ ଯାତ୍ରା କରିଥିଲେ। ମୋଜାମ୍ବିକ୍‌ରେ ଟ୍ରେନ୍ ନେଟ୍‌ୱର୍କ, ବୈଦ୍ୟୁତିକ ଗମନାଗମନ ଏବଂ ଜଳପଥ ସଂଯୋଗ ବଢ଼ାଇବା ନେଇ ଜୟଶଙ୍କର ସେଠାର ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।



## ଫୁଟ୍‌ବ୍ରିଜ୍ ଭୁଶୁଡ଼ି ୮୦ ଆହତ

**ଉଦ୍ଧମପୁର, ୧୪।୪(ପି.ଟି.):** ଜମ୍ମୁ-କଶ୍ମୀରର ଉଦ୍ଧମପୁର ଜିଲାରେ ଶୁକ୍ରବାର ଏକ ଫୁଟ୍‌ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୭ ପିଲାଙ୍କ ସମେତ ଅନ୍ୟୂନ ୮୦ ଜଣ ଆହତ ହୋଇଛନ୍ତି। ବୈଶାଖୀ ଉତ୍ସବ ପାଳନ ବେଳେ ଚେନାନି ବ୍ଲକ୍‌ର ବାଇନ ଗ୍ରାମସ୍ଥିତ ବେନି ସଙ୍ଗମ୍‌ଠାରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୋଲିସ ଓ ସହାୟତାକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଏକସଙ୍ଗେ ବହୁସଂଖ୍ୟାରେ ଲୋକେ ବ୍ରିଜ୍‌ରେ ଚଢ଼ିବାରୁ ଏହା ଭୁଶୁଡ଼ିପଡ଼ିଲା ବୋଲି ଜମ୍ମୁ ଡିଭିଜନାଲ କମିଶନର ରମେଶ କୁମାର କହିଛନ୍ତି। ଆହତଙ୍କ ମଧ୍ୟରୁ ୨୦ରୁ ୨୫ ଜଣ ଗୁରୁତର ଥିବା ଚେନାନି ମ୍ୟୁନିସିପାଲିଟିର ଅଧ୍ୟକ୍ଷ କହିଛନ୍ତି। ୬-୭ ଜଣଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ଆମ୍ବେଦ୍‌କରଙ୍କ ୧୨୫ ଫୁଟ୍ ପ୍ରତିମୂର୍ତ୍ତି ଅନାବରଣ

## ପରବର୍ତ୍ତୀ ସରକାର ଆମର: କେସିଆର୍

ହାଇଦ୍ରାବାଦ, ୧୪।୪

ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଦ୍‌କରଙ୍କ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ହାଇଦ୍ରାବାଦର କେନ୍ଦ୍ରସ୍ଥଳ ହୁସେନ୍ ସାଗର କୂଳରେ ତାଙ୍କର ୧୨୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ବୌଦ୍ଧ ସନ୍ନ୍ୟାସୀମାନଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଉକ୍ତ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମ୍ବେଦ୍‌କରଙ୍କ ନାତି ପ୍ରକାଶ ଆମ୍ବେଦ୍‌କର, ରାଜ୍ୟର କେତେଜଣ ମନ୍ତ୍ରୀ ଓ ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ। ଏକ ସ୍ୱତନ୍ତ୍ର ହେଲିକପ୍ଟରରୁ ପ୍ରତିମୂର୍ତ୍ତି ଉପରେ ପୁଷ୍ପବୃଷ୍ଟି କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ୪୦ ହଜାର ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ କେସିଆର୍ କହିଛନ୍ତି, କେନ୍ଦ୍ରରେ ପରବର୍ତ୍ତୀ ସରକାର ତାଙ୍କ ଦଳ ଗଢ଼ିବ। ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର ଏବଂ ଉତ୍ତରପ୍ରଦେଶରୁ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)କୁ ବିପୁଳ ସମର୍ଥନ ମିଳୁଛି। ତାଙ୍କ ଦଳ କେନ୍ଦ୍ରରେ କ୍ଷମତାକୁ ଆସିଲେ ସାରା ଦେଶରେ ଦଳିତ ବନ୍ଧୁ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି କେସିଆର୍ କହିଛନ୍ତି। ୨୦୨୧ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ତେଲଙ୍ଗାନାର ଅନୁସୂଚିତ ଜାତି ପରିବାରଗୁଡ଼ିକୁ ଶତ ପ୍ରତିଶତ ଅନୁଦାନରେ ବ୍ୟବସାୟ କରିବା ଲାଗି ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯାଉଛି। ଏହି ଅର୍ଥ ପରିଶୋଧ କରିବାର ଆବଶ୍ୟକତା ପଡ଼ି ନ ଥାଏ।



# ପ୍ରାଣୀ-ମଣିଷ ସଂଘର୍ଷ କରାଇବ ଜଳବାୟୁ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୪।୪

ଜଳବାୟୁ ପରିବର୍ତ୍ତନ ଫଳରେ ଜଙ୍ଗଲରେ ନିଆଁ ଲାଗିବା ସାଙ୍ଗକୁ ବନସ୍ପତି ମାତ୍ରା କମିବାରେ ଲାଗିଛି। ଏହାର ନକାରାତ୍ମକ ପ୍ରଭାବ ଜଙ୍ଗଲରେ ବାସ କରୁଥିବା ଜୀବଙ୍କ ଉପରେ ପଡ଼ିଛି। ଜଙ୍ଗଲ କ୍ଷୟ ଯୋଗୁ ପଶୁ ଖାଦ୍ୟ ଓ ବାସ ଅନ୍ୱେଷଣରେ ଗାଁ ଓ ସହର ମୁହାଁ ହେବାରେ ଲାଗିଛନ୍ତି। ଏହାଫଳରେ ମାନବ ଓ ଜୀବଙ୍କ ମଧ୍ୟରେ ସଂଘର୍ଷ ଦେଖାଯିବ ବୋଲି ପ୍ରକୃତି ସଂରକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ଜଳବାୟୁ ପ୍ରଭାବରେ ଧୀରେ ଧୀରେ ଜଙ୍ଗଲ କ୍ଷୟ ହେବାକୁ ବସିଛି। ଖାଦ୍ୟାଭାବରୁ ପ୍ରାଣୀଙ୍କ ମୃତ୍ୟୁ ଘଟିବାରେ ଲାଗିଛି। ସୁନ୍ଦରବନର ବ୍ୟାଘଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିବା ସକାଶେ ୱେଷ୍ଟର୍ନ ଘାଟରେ ଏହା ଏକ ବଡ଼ ଚ୍ୟାଲେଞ୍ଜ ସାବ୍ୟସ୍ତ ହୋଇଛି। ୨୦୧୮ ସୁନ୍ଦରବନରେ ମୋଟ ୯୮୧ ବାଘ ଗଣନା କରାଯାଇଥିଲା। ୨୦୨୨ରେ ଏହି ସଂଖ୍ୟା କମି ୮୨୪ରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ତରୁଲତା କୀଟ ପତଙ୍ଗ ଦ୍ୱାରା ବହୁ ରୋଗର ଶିକାର ହେଉଛନ୍ତି, ଯାହା ଜଙ୍ଗଲରେ ବାସ କରୁଥିବା ଜୀବଜନ୍ତୁଙ୍କଠାରେ ଖାଦ୍ୟର ଘୋର ଅଭାବ ଦେଖାଯାଉଥିବା ଜାତୀୟ ବ୍ୟାଘ୍ର ସୁରକ୍ଷା ସଂସ୍ଥା (ଏନ୍‌ଟିସିଏ)ର ଏଆଇଜି ମହମ୍ମଦ ସାଜିଦ୍ ସୁଲ୍‌ତାନ କହିଛନ୍ତି। ପୂର୍ବ ଦିନଗୁଡ଼ିକ ତୁଳନାରେ ବର୍ତ୍ତମାନ ବର୍ଷା ମଧ୍ୟ କମିଛି। ଠିକ୍ ସମୟରେ ଆବଶ୍ୟକ ପରିମାଣର ବର୍ଷା ନ ହେବା କାରଣରୁ ଜଙ୍ଗଲ ଶୁଖିଲା ପଡୁଛି ଏବଂ ତାପମାତ୍ରା ବୃଦ୍ଧି ଯୋଗୁ ସେଠାରେ ନିଆଁ ଲାଗିଯାଉଛି। ଜଳବାୟୁ ପରିବର୍ତ୍ତନ ପ୍ରଜନନ ଚକ୍ରକୁ ପ୍ରଭାବିତ କରିଛି। ଅନ୍ୟପକ୍ଷେ ବିଭିନ୍ନ ରୋଗ ଫସଲକୁ ଆକ୍ରମଣ କରିବା ଦ୍ୱାରା ଫସଲ ନଷ୍ଟ ହେବାରେ ଲାଗିଛି। ଫସଲ ଉଜୁଡ଼ିବା ଯୋଗୁ କ୍ଷୁଦ୍ରଚାଷୀ ଏବେ ଜଙ୍ଗଲ ଉପରେ ଅଧିକ ନିର୍ଭରଶୀଳ ହେବାକୁ ବସିଲେଣି। ଜଙ୍ଗଲ ଉପରେ ଉଭୟ ପଶୁ ଓ ମଣିଷ ନିର୍ଭର କରିବା ଦ୍ୱାରା ଉଭୟଙ୍କ ମଧ୍ୟରେ ସଂଘର୍ଷ ଦେଖାଯିବ ବୋଲି ପ୍ରକୃତି ସଂରକ୍ଷକମାନେ ଚେତାଇଛନ୍ତି।






# ଡକାୟତି ଘଟଣାରେ ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡ

କେନ୍ଦୁଝର,୧୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳର ଏକ ଡକାୟତି ମାମଲାର ବିଚାର କରି କେନ୍ଦୁଝର ସିଜେଏମ ରଞ୍ଜୁଲତା ଲେଙ୍କା ଜଣେ ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୪ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅକ୍ଟୋବର ୨୮ ରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଭିମଟାଙ୍ଗି ହାଉସିଂବୋର୍ଡ କଲୋଣୀର ସିଦ୍ଧାର୍ଥ ଶଙ୍କର ପଣ୍ଡା ତାଙ୍କର ଦୁଇ ବନ୍ଧୁ ଜିତେଶ ପ୍ରସାଦ ଓ ବିଶ୍ୱନାଥ ପ୍ରତାପ ୨ ବାଇକରେ ଝାଡ଼ଖଣ୍ଡର ରାଞ୍ଚିକୁ ଯାଉଥିଲେ। ବାଟରେ ରେମାଳ ଡ୍ୟାମକୁ ଯାଇ ଫଟୋ ଉଠାଉଥିଲେ। ଏହି ସମୟରେ ୬ ଜଣ ପହଞ୍ଚି ପିସ୍ତଲ ଦେଖାଇ ଲୁଟିବାକୁ ଚେଷ୍ଟା କରିଥିଲେ। ସେମାନେ ବିରୋଧ କରିବାରୁ ଜଣେ ଡାକାୟତ ଜିତେଶଙ୍କ ପେଟକୁ ଗୁଳି କରିଥିଲେ। ବିଶ୍ୱନାଥଙ୍କ ମୁଣ୍ଡକୁ ପିସ୍ତଲରେ ବାଡ଼େଇ ଦୁଇ ବାଇକ, ୪ ମୋବାଇଲ, ୩ ହେଲମେଣ୍ଟ, ୧୨ ହଜାର ୬ ଶହ ଟଙ୍କା ଲୁଟି ନେଇଥିଲେ। ହରିଚନ୍ଦନପୁର ଥାନାରେ ଅଭିଯୋଗ ପରେ ପୋଲିସ (ନଂ.୧୧୧/୧୬)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟ ଏକ କେସରେ ସଦର ଥାନା ପୁଲିସ ୬ ଜଣିଆ ଡକାୟତି ଗ୍ୟାଙ୍ଗକୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଥିବା ନିଲୁ ବିରୁଆ (୩୦)ହରିଚନ୍ଦନପୁର ଘଟଣାରେ ଜଡ଼ିତ ଥିବା ପ୍ରକାଶ କରିଥିଲା। ପରେ ହରିଚନ୍ଦନପୁର ପୋଲିସ ଆଣି ପଚରାଉଚରା କରି ଘଟଣାରେ ଝାଡ଼ଖଣ୍ଡ ରାଜ୍ୟର ରୁପା ବରଜ, ଅଜୟ ହେମ୍ବ୍ରମ, ରବି ଗଡ଼ସେରା, ଗାନ୍ଧୀ ସୁଙ୍କୁ ଓ ଘସିପୁରା ଅଞ୍ଚଳର ଜଗବନ୍ଧୁ ପୃଷ୍ଟି ସାମିଲ ଥିବା ଜାଣିବାକୁ ପାଇଥିଲା। କୋର୍ଟ ୨୪ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଉକ୍ତ ରାୟ ଦେଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି ଅଶୋକ ଦାସ କହିଛନ୍ତି।




# ରାଜ୍ୟରେ ବ୍ୟାପିଲା କରୋନା, ଗଲା ୨ ଜୀବନ

## ଦିନକରେ ୨୫୮ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

- ଝାରସୁଗୁଡ଼ାରେ କୋଭିଡ୍ ମୃତ୍ୟୁନେଇ ସୂଚନା ଦେଲା ସ୍ୱାସ୍ଥ୍ୟ ବିଭାଗ
- ଏସ୍ସିବିରେ କୋଭିଡ୍ ଆକ୍ରାନ୍ତଙ୍କ ଅନ୍ୟରୋଗରେ ମୃତ୍ୟୁ ସୂଚନା
- ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଲେ ଋତୁକାଳୀନ କୋଭିଡ୍ ସଂକ୍ରମଣ



ଦେଶର ବିଭିନ୍ନ ରାଜ୍ୟରେ ଏବେ କରୋନା ବ୍ୟାପିବାରେ ଲାଗିଛି। ପ୍ରଥମେ ଦିଲ୍ଲୀ, ମହାରାଷ୍ଟ୍ର ଆଦି ରାଜ୍ୟରେ ସଂକ୍ରମଣ ବଢୁଥିଲା। ଏବେ ଓଡ଼ିଶାର ସ୍ଥିତି ମଧ୍ୟ ଧୀରେ ଧୀରେ ବିଗିଡିବାରେ ଲାଗିଛି। ସଂକ୍ରମଣ ବୃଦ୍ଧି ସହ ଏହି ମହାମାରୀ ଜୀବନ ବି ନେଲାଣି। ଇତିମଧ୍ୟରେ ରାଜ୍ୟରେ ଦୈନିକ ସଂକ୍ରମଣ ୩ଶହ ମୁହାଁ ହୋଇଥିବାବେଳେ ଦିନକରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନାନୁସାରେ, ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ୨୫୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧,୧୮୬ରେ ପହଞ୍ଚିଛି। ସେହିପରି ଜଣେ ମୃତକ ହେଲେ ଝାରସୁଗୁଡ଼ା ଜିଲାର ୬୫ ବର୍ଷୀୟା ମହିଳା। ତାଙ୍କ କିଡ୍ନୀ ସଂକ୍ରମିତ ହେବା ସହ ଫେଲ୍ୟୁର୍ ସ୍ଥିତିକୁ ଚାଲିଯାଇଥିଲା। ଏଥିସହ ସେ ପଲ୍ମୋନାରି ଏଡେମାରେ ମଧ୍ୟ ପୀଡିତ ଥିଲେ। ଅନ୍ୟପକ୍ଷରେ କଟକ ଏସ୍ସିବି କୋଭିଡ୍ ହସ୍ପିଟାଲରେ ମଧ୍ୟ ଆଉଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ବୃଦ୍ଧ କୋଭିଡ୍ ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ତାଙ୍କୁ କଟକ ଏସ୍ସିବି ମେଡିକାଲକୁ ରେଫର କରାଯାଇଥିବାବେଳେ ଗୁରୁବାର ମୃତ୍ୟୁ ହୋଇଥିଲା। ଏହା କୋଭିଡ୍ଜନିତ ମୃତ୍ୟୁ ନେଇ ଅଭିଯୋଗ ପରେ ମେଡିକାଲ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ରଖିଛନ୍ତି। ବୃଦ୍ଧ ଜଣକ କୋଭିଡ୍ରେ ଆକ୍ରାନ୍ତ ଥିଲେ ମଧ୍ୟ ତାଙ୍କର ମୃତ୍ୟୁ ବହୁବିଧ ରୋଗ ଓ ବୟସାଧିକ୍ୟ କାରଣରୁ ହୋଇଥିବା ମେଡିକାଲ ରେଜିଷ୍ଟ୍ରାର ସୂଚନା ଦେଇଛନ୍ତି।

ଗତ ୩ଦିନ ଧରି ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ ରହିଛି। ସୁବର୍ଣ୍ଣପୁର ଜିଲାରେ କୋଭିଡ୍ ସଂକ୍ରମଣ ହାର ସର୍ବାଧିକ ରହିଥିବାବେଳେ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ନବରଙ୍ଗପୁରରେ ମଧ୍ୟ ସଂକ୍ରମଣ ହାର ଅଧିକ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବିଜୟ ମହାପାତ୍ର କହିଛନ୍ତି, ସଂକ୍ରମଣ ନିୟନ୍ତ୍ରଣରେ ଅଛି। ହସ୍ପିଟାଲ ଓ ମେଡିକାଲ କଲେଜଗୁଡ଼ିକରେ କୋଭିଡ୍ ଚିକିତ୍ସା ପାଇଁ ଆବଶ୍ୟକ ଶଯ୍ୟା, ଅକ୍ସିଜେନ ଓ ମେଡିସିନ ମହଜୁଦ ରଖାଯାଇଛି। ଟିକା ଅଧିକ ଯୋଗାଣ ପାଇଁ କେନ୍ଦ୍ରକୁ ଲେଖାଯାଇଥିଲେ ମଧ୍ୟ ଏଯାଏ ଆସିନାହିଁ। ଅନ୍ୟାନ୍ୟ ରୋଗ ସହ କୋଭିଡ୍ ପାଇଁ ଜୀବନ ଯାଉଛି। ପ୍ରତିଦିନ ପ୍ରାୟ ୫ ହଜାରରୁ ଅଧିକ ଟେଷ୍ଟ କରାଯାଉଛି। ଯେଉଁମାନଙ୍କ ପାଖେ କୋଭିଡ୍ ଲକ୍ଷଣ ଦେଖାଦେଉଛି ସେମାନେ ଶୀଘ୍ର ଟେଷ୍ଟ କରିବାକୁ ଡ. ମହାପାତ୍ର ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ନିରୋଜ କୁମାର ମିଶ୍ର କହିଛନ୍ତି, ଏବେର କୋଭିଡ ସଂକ୍ରମଣ ଋତୁକାଳୀନ ଭଳି ଲାଗୁଛି। ଏହା ଆହୁରି ୧୦ଦିନ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏହାପରେ ଧୀରେଧୀରେ କମିଯିବ। ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ କୋଭିଡ୍ ସଂକ୍ରମଣ ହାର ଅଧିକ ହେବାର ସମ୍ଭାବନା ରହିଛି। ସଂକ୍ରମଣଠୁ ଦୂରରେ ରହିବାକୁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ବର୍ତ୍ତମାନ ରାଜ୍ୟରେ ବୁଷ୍ଟର ଡୋଜ୍ ଉପଲବ୍ଧ ନାହିଁ। ୫୦ ହଜାର ବୁଷ୍ଟର ଡୋଜ୍ ପାଇଁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। କିନ୍ତୁ ଶୀଘ୍ର ବୁଷ୍ଟରଡୋଜ୍ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଥିଲେ ସଂକ୍ରମଣ ହାର କମ୍ ରହିଆନ୍ତା। ତେବେ ଏଥିରେ ସାଧାରଣ ଲୋକେ ଭୟ ନ କରି ସତର୍କ ରହିବା ଦରକାର ବୋଲି ଡ. ମିଶ୍ର କହିଛନ୍ତି।

# ଆମ୍ବ ଚୋରି ପାଇଁ ଦଣ୍ଡ

## ୫ ନାବାଳକଙ୍କୁ ପିଟି ଗଛ ମାଲିକ ଗିରଫ

ଭଦ୍ରକ ଅଫିସ, ୧୪।୪


ଆହତ ନାବାଳକମାନେ।

ଗଛରୁ ଆମ୍ବ ଚୋରି ପାଇଁ ଦଣ୍ଡ। ୫ଜଣ ନାବାଳକଙ୍କୁ ଅମାନୁଷିକ ଭାବେ ନିସ୍ତୁକ ପିଟି ପିଠି ଫଟାଇ ଦେଇଛନ୍ତି ଗଛ ମାଲିକ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଗଛ ମାଲିକଙ୍କୁ ଗିରଫ କରିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଲଙ୍ଗା ଆଦିବାସୀ ସାହିରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଜଲଙ୍ଗା ଆଦିବାସୀ ସାହିର ୫ଜଣ ନାବାଳକ ଗୁରୁବାର ଅପରାହ୍ନରେ ଗାଁ ମୁଣ୍ଡରେ ଥିବା ଏକ ଆମ୍ବ ଗଛରୁ ଆମ୍ବ ତୋଳି ଖାଇଥିଲେ। ଏହି ସମୟରେ ସେମାନେ ଗଛ ମାଲିକଙ୍କ ହାବୁଡ଼ରେ ପଡ଼ିଥିଲେ। ଗଛ ମାଲିକ ଉକ୍ତ ଗ୍ରାମର ସୋମନାଥ ମଳିକ (ଜଟାଧାରୀ) ସେମାନଙ୍କୁ ଗାଳିଗୁଲଜ କରିବା ସହ ନିସ୍ତୁକ ପିଟିଥିଲେ। ଏ ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ଆହତ ପିଲାମାନଙ୍କୁ ରାତିରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ସେମାନେ ଶୁକ୍ରବାର ଘରକୁ ଫେରିଛନ୍ତି। ଏନେଇ ଜଣେ ନାବାଳକଙ୍କ ବାପା ରାତିରେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୪୭/୨୩) ରୁଜୁ କରି ଶୁକ୍ରବାର ସୋମନାଥଙ୍କୁ ଗିରଫ କରିଛି।

# ଯାଜପୁରରେ ଗାଡ଼ି, ଗଜପତିରୁ ଆସିଲା ଚାଲାଣ

## କଟାଯାଇଛି ୮୦୦୦ ଟଙ୍କାର ଚାଲାଣ

ବ୍ରହ୍ମବରଦା,୧୪।୪(ଡି.ଏନ.ଏ.)

ରାଜ୍ୟରେ ଦିନକୁଦିନ ବଢ଼ିଚାଲିଛି ଚୋରି ଓ ରାହାଜାନି। ଦୁଇଚକିଆ ଯାନର ଅହେତୁକ ବୃଦ୍ଧି ଯୋଗୁ କିଛିଲୋକ ନିଶା କାରବାର ଓ ଅସାମାଜିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ଅନ୍ୟ ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଚୋରାଗାଡ଼ି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ସଦର ଥାନା ଅର୍ନ୍ତଗତ କବିରପୁରଠାରେ। କବିବରପୁରର ଜଣେ ଗାଡ଼ି ମାଲିକ ଜୟୀରମ ପାତ୍ର ଏକ ବର୍ଷ ହେବ ବାହାର ରାଜ୍ୟରେ ରହି କାମ କରୁଛନ୍ତି। ତାଙ୍କ ବାଇକ୍ ନଂ.(ଓଡି–୦୫–ଏ–୯୧୩୭) ଘରେ ଥୁଆ ହୋଇଛି। ଗାଡ଼ିର ଇନ୍ସ୍ୟୁରାନ୍ସ ମଧ୍ୟ ରହିଛି। ହେଲେ ତାଙ୍କ ବାଇକ୍ ନମ୍ବରରେ ଚାଲାଣ କଟିଛି। ଗଜପତି ଜିଲା ଆର୍ଟିଓ ସାନ୍ତନୁ କୁମାର ପରିଡ଼ାଙ୍କ ଦ୍ୱାରା ୦୧।୦୪।୨୦୨୩ (ଶନିବାର)ରେ ୮୦୦୦ ଟଙ୍କାର ଚାଲାଣ କଟାଯାଇଛି। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଲାଉଥିବା ହେତୁ ୫୦୦୦ ଟଙ୍କା, ଗାଡ଼ିର ଇନ୍ସ୍ୟୁରାନ୍ସ ନ ଥିବାରୁ ୨୦୦୦ ଟଙ୍କା ଏବଂ ବିନା ହେଲ୍ମେଟ୍ରେ ଗାଡ଼ିଚାଳନା ହେତୁ ୧୦୦୦ଟଙ୍କା ଚାଲାଣ କଟିଛି। ହେଲେ ଏହା କିପରି ଘଟିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ରାଜ୍ୟରେ ଗୋଟିଏ ନମ୍ବରରେ ଏକାଧିକ ଗାଡ଼ି ଚଳାଚଳ କରୁଛି। ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଜୟୀରାମଙ୍କ ଭଳି ବ୍ୟକ୍ତି ଅଯଥାରେ ଦଣ୍ଡ ଭୋଗୁଛନ୍ତି। ସରକାରଙ୍କ ତରଫରୁ ଏହାର ତଦନ୍ତ କରିବାକୁ ଜୟୀରାମ ଦାବି କରିଛନ୍ତି। ଏ ସମ୍ପର୍କରେ ଗଜପତି ଆର୍ଟିଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।






**ଆଜିର ମନ୍ତବ୍ୟ**

"କେତେଜଣ ଦେଶ ବିରୋଧୀ ଲୋକ ମନୀଷ ସିସୋଡିଆଙ୍କୁ ଜେଲ ପଠାଇଛନ୍ତି। ଗରିବ ଏବଂ ଦଳିତ ଛାତ୍ରୀଛାତ୍ର ଗୁଣାତ୍ମକମାନ ଶିକ୍ଷା ଗ୍ରହଣ କରନ୍ତୁ ବୋଲି ସେମାନେ ଚାହାନ୍ତି ନାହିଁ। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ପିଇବ ବସିବ ଘରେ,
ବକର ବକର କାହିଁ ଦାଣ୍ଡରେ।**

ଅନ୍ୟ କଳି ବା ଝଗଡାରେ ହସ୍ତକ୍ଷେପ କରିବା ଆଦୌ ଉଚିତ ନୁହେଁ। ଏପରି କଲେ ଅପବାଦ ମିଳିବାର ଭୟ ରହିଥାଏ। ତେଣୁ ଅଯଥା କଳିଝଗଡ଼ାରେ ମୁଣ୍ଡ ପୂରେଇବା ଅପେକ୍ଷା ଘରେ ଖାଇ ପିଇ ବସିବା ଭଲ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖାଲି ମୁକୁନ୍ଦା ଫେରେ ଫାର୍,
ଦୋହରି ପଇସା ଅଣ୍ଟାରେ ମାର।**

ଚାକ ଚିକ୍କଣ, ବାହାରକୁ ବଡ଼ ଲୋକର ଆଡା। ଠାଣି ମାଣି। ଉପୁରି ପଇସା ଅଣ୍ଟାରେ ଖୋସି ବଡ଼ଲୋକି ଦେଖେଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ | ନୂତନ ପଞ୍ଜିକା ପ୍ରଚଳନ

**ପୁରୀ ଅଫିସ, ୧୪।୪**

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୂତନ ପଞ୍ଜିକା ପଠନ ସହ ପ୍ରଚଳନ ହୋଇଛି। ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ପ୍ରଭୁ ହନୁମାନଙ୍କ ବିଗ୍ରହ ଦକ୍ଷିଣୀ ଘରୁ ସିଂହାସନକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଅଧର ଚୁମ୍ବିତ ଗୋଟିଏ ଆଜ୍ଞାମାଳ ଏବଂ ଅନ୍ୟ ଏକ ମାଳ ଆଣି ହନୁମାନଙ୍କୁ ଦେଇଥିଲେ। ଏହାପରେ ବିମାନକୁ ହନୁମାନ ବିଜେ ହୋଇଥିଲେ। ଶ୍ରୀମନ୍ଦିର ଚାରିଦ୍ୱାରରେ ଥିବା ମହାବୀର ଓ ବାରଭାଇ ହନୁମାନ ଏବଂ ଶ୍ରୀମନ୍ଦିର ପରିସରସ୍ଥ ସମସ୍ତ ହନୁମାନଙ୍କୁ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଘଣ୍ଟା, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଏହି ଆଜ୍ଞାମାଳ ବିଜେ କରାଯାଇଥିଲା। ପ୍ରଥମେ ମହାବୀର ଓ ଶେଷରେ ଚକ୍ରତୀର୍ଥ ରୋଡସ୍ଥିତ ବେଢ଼ି ହନୁମାନ ତଥା ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ପୂର୍ବରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ ଥିବା ହନୁମାନଙ୍କ ପ୍ରତିମୂର୍ତ୍ତି ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ନୀତି ଅନୁଷ୍ଠିତ ହୋଇଥିଲା। ମଠରେ ଭୋଗ, ବନ୍ଦାପନା ବଢ଼ିବା ପରେ ବାହୁଡ଼ା ବିଜେ ହୋଇଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ହୋଇ ନୂଆଲୁଗା, ସର୍ବାଙ୍ଗ ଓ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇ ବେଶ ବଢ଼ିଥିଲା। ପାଣିପଡ଼ି ଭୋଗ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିଥିଲା। ବଳି ଅନ୍ନକୁ ମନ୍ଦିର ଚାରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭୋଗ ସମ୍ପନ୍ନ କରାଯାଇଥିଲା। ବିଭିନ୍ନ ହନୁମାନ ମନ୍ଦିର ଓ ମହାବୀର ମନ୍ଦିରରେ ପଣାଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।



ମହାବିଷୁବ ସଂକ୍ରାନ୍ତି ଅବସରରେ ସୁସଜ୍ଜିତ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳଙ୍କ ଭିଡ଼।

# ଖଟିଆରେ ବୁହାହେଲେ ଗର୍ଭବତୀ

**ତେନ୍ତୁଳିଖୁଣ୍ଟି, ୧୪।୪ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତ ବରଡ଼ାଯୋଡ଼ି ଗ୍ରାମରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ଗାଁକୁ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ଖଟିଆରେ ବୁହାଇ ଆମ୍ବୁଲାନ୍ସକୁ ନିଆଯାଇଛି।

ଗ୍ରାମର ଅମନାତ୍ୟ ଯାନୀଙ୍କ ସ୍ତ୍ରୀ ନିଳନ୍ଦ୍ରୀ(୨୦)ଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ, ମାତ୍ର ରାସ୍ତା ଖରାପ ଥିବାରୁ ଗାଡି ଗାଁକୁ ଆସିପାରି ନ ଥିଲା। ଦେଢ଼ କି.ମି ଦୂର ଆଗରେ ଥିବା ସିନ୍ଧିଗୁଡ଼ା ପାଖରେ ଆମ୍ବୁଲାନ୍ସ ରହିଥିଲା। ତେଣୁ ବାଧ୍ୟ ହୋଇ ପରିବାର ଲୋକେ ଖଟିଆରେ ବୋହି ନିଳନ୍ଦ୍ରୀଙ୍କୁ ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ପରେ ଅଧାବାଟରେ ଆମ୍ବୁଲାନ୍ସରେ ହିଁ ସେ କନ୍ୟା ସନ୍ତାନ ପ୍ରସବ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ରାସ୍ତା, ବିଦ୍ୟୁତ୍ ସେବା ଓ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଏହି ଗ୍ରାମବାସୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିଥିଲେ। ଏହାରି ଭିତରେ ବର୍ଷେ ବିତିଯାଇଛି । ହେଲେ ରାସ୍ତା ସମସ୍ୟା ସୁଧୁରିଲାନି। ତେଣୁ ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି ନଚେତ ଘରୋଇ ପ୍ରସବ ହେଉଛି।



ଖଟିଆରେ ଗର୍ଭବତୀଙ୍କୁ ନିଆଯାଉଛି।

## କୋଲାବ ଜଳଭଣ୍ଡାରରେ ଡଙ୍ଗାବୁଡ଼ି ଘଟଣା | ନିଖୋଜ ୩ ଜଣଙ୍କ ମୃତଦେହ ଜବତ

**କୋରାପୁଟ, ୧୪।୪ (ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକର ରାଜପୁଟ ପଞ୍ଚାୟତର କୋଲାବ ଜଳଭଣ୍ଡାରେ ଗୁରୁବାର ଅପରାହ୍ନରେ ଏକ ଦେଶୀଡଙ୍ଗା ବୁଡ଼ି ଘଟଣାରେ ନିଖୋଜ ଥିବା ୪ ଜଣଙ୍କ ମଧ୍ୟରୁ ରାତିରେ ବବିତା ହନ୍ତାଳଙ୍କ ମୃତଦେହ ମିଳିଥିଲା। ଅନ୍ୟ ନିଖୋଜମାନଙ୍କୁ ଉଦ୍ଧାର କରିବା ଲାଗି ଅଗ୍ନିଶମ ବିଭାଗ ଓଡ୍ରାଫ ଟିମ୍ କର୍ମଚାରୀମାନେ ଖୋଜାଖୋଜି ଜାରି ରଖିଥିଲେ। ଶୁକ୍ରବାର ଅପରାହ୍ନରେ ନିଖୋଜ ୩ ଜଣଙ୍କ ମୃତଦେହ ମିଳିଛି। ସେମାନେ ହେଲେ ରମା ହନ୍ତାଳ, ସାବିତ୍ରୀ ହନ୍ତାଳ ଏବଂ କମୁ ବାଲଡି (୧୮) ବୋଲି ଓଡ୍ରାଫ୍‌ର ଡେପୁଟି ସୁବେଦାର ଶ୍ରୀନିବାସ ରେଡ୍ଡି କହିଛନ୍ତି। କମୁଙ୍କ ମାଆବାପା କେହି ନାହାନ୍ତି। ସେ ଗ୍ରାମବାସୀଙ୍କ ସହ ଯାତ୍ରା ଦେଖିବାକୁ ଯାଇ ସେମାନଙ୍କ ସହ ଡଙ୍ଗାରେ ଫେରୁଥିଲେ। ରେଡ୍ଡିଙ୍କ ନେତୃତ୍ୱରେ ହାବିଲଦାର ରାଜେଶ ସାହୁ, ହାବିଲଦାର ବିଜୟ ହରିଜନଙ୍କ ସମେତ ଅନ୍ୟମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗୁରୁବାର ରାତିରେ ଏହି ଟିମ୍ ବବିତାଙ୍କ ମୃତଦେହ ଜବତ କରିଥିବାବେଳେ ଶୁକ୍ରବାର ଉପରୋକ୍ତ ୨ ମହିଳା ଓ ଜଣେ ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ଏହି ମୃତଦେହ ମିଳିବା ପରେ ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ମୃତ୍ୟୁବରଣ କରିଥିବା ପ୍ରତି ବ୍ୟକ୍ତିଙ୍କ ପରିବାରକୁ ଜିଲା ରେଡ୍‌କ୍ରସ୍ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ୧୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ପଞ୍ଚାୟତ ପକ୍ଷରୁ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ଲମତାପୁଟ ଉମ୍ବେଲକୁ ଚଇତିଯାତ୍ରା ଦେଖିବା ପାଇଁ ଯାଇ ସେଠାରୁ ନିଜ ଘର ରାଜପୁଟ ପଞ୍ଚାୟତର ମୁଖିବୁଡ଼େଇକୁ ଏକ ଦେଶୀ ଡଙ୍ଗାରେ ୮ ଜଣ ବ୍ୟକ୍ତି ଫେରୁଥିବାବେଳେ କୋଲାବ ଜଳଭଣ୍ଡାରର ତେନ୍ତୁଳିପଡ଼ା ଘାଟ ନିକଟରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ଡଙ୍ଗାରେ ଥିବା ପୂର୍ଣ୍ଣ ମୁଦୁଲି, କବିତା ଜାନି, ମଦନ କାଲପାଡିଆ, ନୀଳା ଜାନି ୪ ଜଣ ପହଁରି ପହଁରି କୂଳକୁ ଆସିଥିଲେ। ଅନ୍ୟ ୪ ଜଣ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଖବର ପାଇ ସୁନାବେଡ଼ା ଏସ୍‌ଡିପିଓଙ୍କ ସମେତ ସେମିଳିଗୁଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପରେ କୋରାପୁଟରୁ ଓଡ୍ରାଫ ଟିମ୍ ଆସି ଏଥିରେ ସାମିଲ ହୋଇଥିଲେ। ମୃତଦେହ ମିଳିବା ପରେ ସମ୍ପୃକ୍ତ ଗ୍ରାମରେ ଶୋକର ଛାୟା ଖେଳାଯାଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଳ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଜାଲ୍ ସାର୍ଟିଫିକେଟ ମାମଲା ଉପରେ ସରକାର ସତର୍କ ଦୃଷ୍ଟି ରଖିଛନ୍ତି: ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୪।୪ (ବ୍ୟୁରୋ)**

**ପରିସ୍ଥିତିକୁ ଦେଖି ସ୍କୁଲ ଖୋଲିବା ନିଷ୍ପତ୍ତି ହେବ**

ଜାଲ୍ ସାର୍ଟିଫିକେଟ ମାମଲାରେ ସରକାର ସତର୍କ ଦୃଷ୍ଟି ରଖିଛନ୍ତି । ବଲାଙ୍ଗୀର ପୋଷ୍ଟାଲ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ଘଟଣା ସାମ୍ନାକୁ ଆସିବା ପରଠାରୁ ସରକାର ଏ ନେଇ ସକ୍ରିୟ ଅଛନ୍ତି ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଜାଲ୍ ସାର୍ଟିଫିକେଟ ମାମଲାରେ ଗମ୍ଭୀରତାର ସହ ଖୋଳତାଡ଼ ଜାରି ରଖିଛନ୍ତି । ଏଥିରେ ଜଡ଼ିତ ପ୍ରାୟ ୧୫୦ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଥାନାରେ ମଧ୍ୟ ଏତଲା ଦିଆଯାଇଛି । ବିଇଓ, ଡିଇଓମାନଙ୍କୁ ୭ ଦିନ ଭିତରେ ନିଜ ଅଞ୍ଚଳର ନକଲି ସାର୍ଟିଫିକେଟଧାରୀଙ୍କ ସମ୍ପର୍କରେ ରିପୋର୍ଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅସଲି ନକଲି ନେଇ ଓଡ଼ିଶା ଓ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟକୁ ଚିଠି କରାଯାଉଛି। ଖୋଳତାଡ଼ କରିବାକୁ ସମୟ ଲାଗୁଛି। ଗଣଶିକ୍ଷା ବିଭାଗରେ ପୂର୍ବରୁ ମଧ୍ୟ ଖୋଳତାଡ଼ ଚାଲିଛି । ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନର ଆବଶ୍ୟକତା ପଡ଼ିନି ବୋଲି ସେ କହିଛନ୍ତି । ବଲାଙ୍ଗୀର ଲିଙ୍କ୍ କଥା କହିବା ଠିକ୍ ହେବନି ବୋଲି କହିଛନ୍ତି ମନ୍ତ୍ରୀ। କାରଣ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଛି । ଯାହା ଦରକାର ପଡ଼ିବ ସେମାନେ କରିବେ ବୋଲି ସେ କହିଛନ୍ତି ।

ସ୍କୁଲ ଖୋଲିବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦଶମ ଶ୍ରେଣୀ ଯାଏ ସମସ୍ତ ସ୍କୁଲକୁ ଆସନ୍ତା ୧୬ ତାରିଖ ଯାଏ ବନ୍ଦ ଘୋଷଣା କରିଛନ୍ତି। ଆସନ୍ତା ରବିବାର ସୁଦ୍ଧା ପାଗରେ ପରିବର୍ତ୍ତନ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ବିଶ୍ୱର ୩ୟ ଉତ୍ତପ୍ତ ...

୩ୟ ଉତ୍ତପ୍ତ ସହର ପାଲଟିଛି । ସେହିପରି ଦକ୍ଷିଣ ଆଫ୍ରିକାର କୋମାଟିପ୍ରାଇ ବିଶ୍ୱର ସର୍ବୋଚ୍ଚ ତାପମାତ୍ରା (୪୫.୮ ଡିଗ୍ରୀ ସେଲ୍‌ସିୟସ) ସହର ହୋଇଥିବା ବେଳେ ମ୍ୟାନ୍‌ମାର ଚୌକ ସହର(୪୪.୮ ଡିଗ୍ରୀ ସେଲ୍‌ସିୟସ) ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ସେହିପରି ରାଜ୍ୟର ୧୦ ସହର ୪୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ୨୫ ସହର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଝାରସୁଗୁଡ଼ାରେ ସର୍ବାଧିକ ୪୨.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨.୬, ବୌଦ୍ଧ ୪୨.୫, ଟିଟିଲାଗଡ଼ ୪୨.୫, ସମ୍ବଲପୁର ୪୨.୨, ବଲାଙ୍ଗୀର ୪୨.୨, ଅନୁଗୋଳ ୪୨.୧, ସୋନପୁର ୪୨.୧, ସୁନ୍ଦରଗଡ ୪୨, ରାଉରକେଲା ୪୧.୮, ଭବାନୀପାଟଣା ୪୧.୫, କଟକ ୪୧.୨, କେନ୍ଦୁଝର ୪୧.୨, ହୀରାକୁଦ ୪୦.୬, ଭୁବନେଶ୍ୱର ୪୦.୬, ଢେଙ୍କାନାଳ ୪୦.୫, ଚାନ୍ଦବାଲି ୪୦.୩, ନୂଆପଡା ୪୦.୨, ପାରଳାଖେମୁଣ୍ଡି ୪୦.୧, ଜଗତ୍‌ସିଂହପୁର ୪୦, ନୟାଗଡ଼ ୪୦, ଯାଜପୁର ୪୦, ଭଦ୍ରକ ୪୦ ଏବଂ ବରଗଡରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କନ୍ଧମାଳରେ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ୩୯.୮, ମାଲକାନଗିରି ୩୯.୫, ଦେବଗଡ଼ ୩୯.୫, ଖୋର୍ଦ୍ଧାରେ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ୧୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଏବଂ ଅନୁଗୋଳ ଜିଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲାଗୁଡ଼ିକର ଜିଲାପାଳମାନଙ୍କୁ ପ୍ରତିକାରମୂଳକ ପଦକ୍ଷେପ ନେବା ସହ ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ତାତି କମିବା ସହ କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ସୂଚନା ମୁତାବକ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।



ସମ୍ବଲପୁର ଜିଲା ସ୍କୁଲ ଛକ ଦେଇ ଯାଉଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରା। (ଫଟୋ: ବି.ଶଙ୍କର)

## ସମ୍ବଲପୁରରେ ପୁଣି ...

ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିଲା। ଏଥିପାଇଁ ସକାଳଠାରୁ ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା। ଫଳରେ ରାସ୍ତା ଶୂନଶାନ୍ ହେବା ସହ କର୍ଫ୍ୟୁ ହେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷକରି ଶୋଭାଯାତ୍ରା ଯିବା ରାସ୍ତାରେ ଅଧିକ ଗୁରୁତ୍ୱ ଦିଆଯାଇ ସ୍ଥାନେ ସ୍ଥାନେ ପୋଲିସ ଟିମ୍‌କୁ ରଖାଯାଇଥିଲା। ଅପରାହ୍ନ ସାଢ଼େ ୫ଟାରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ହେଲେ ଜିଲା ସ୍କୁଲ ଛକ ନିକଟରେ ଶୋଭାଯାତ୍ରା ଉପରକୁ ପଥର ମାଡ଼ି ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ଭଙ୍ଗାରୁଜା ଓ ଦୋକାନ ପୋଡ଼ି ହୋଇଥିଲା। ଗୋଲବଜାର ଛକରେ ୪ଟି ଦୋକାନ ଏବଂ ଚର୍ଚ୍ଚ ଛକରେ ୨ଟି ଦୋକାନକୁ ପୋଡ଼ି ଦିଆଯାଇଥିଲା। ହେଲେ ସନ୍ଧ୍ୟା ସାଢ଼େ ୭ଟାବେଳକୁ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣେ ଯୁବକ ଘରକୁ ଫେରୁଥିବାବେଳେ ତାଙ୍କୁ ଦଳେଇପଡ଼ା ମଙ୍ଗଳାମନ୍ଦିର ନିକଟରେ ହତ୍ୟା କରାଯାଇଥିଲା। ମୃତ ଯୁବକ ହେଲେ ଟାଉନଥାନା ସାନସିହାରି ଗ୍ରାମର ଚନ୍ଦ୍ରଶେଖର ମିର୍ଦ୍ଧା (୨୫)। ତାଙ୍କୁ ଏକ ଗୋଷ୍ଠୀର ଯୁବକମାନେ ସଂଘବଦ୍ଧ ଭାବେ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଓ ଛୁରିରେ ଆକ୍ରମଣ କରିଥିଲେ। ଏପରି କି ଚନ୍ଦ୍ରଶେଖରଙ୍କ ସହ ଥିବା ବିଶ୍ୱଜିତ୍ ଶିଖାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ ବୋଲି ମୃତକଙ୍କ ସାଙ୍ଗମାନେ ଅଭିଯୋଗ କରିଛନ୍ତି। ସେହିପରି ଗୁରୁବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେ ବୁର୍ଲା ବଡ଼ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟପକ୍ଷରେ ଚନ୍ଦ୍ରଶେଖରଙ୍କୁ ହତ୍ୟା କରାଯିବା ପୂର୍ବରୁ ଅର୍ଥାତ୍ ଅପରାହ୍ନ ଗୋଟାଏରେ ଏସ୍‌ପି ବାତୁଲା ଗଙ୍ଗାଧର କହିଥିଲେ ଯେ, ଆଇନ ଶୃଙ୍ଖଳା ସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣ ଭିତରକୁ ଆସିଛି। ବିଭିନ୍ନ ସ୍ଥାନରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଡ୍ରୋନ୍ ଓ ସିସିଟିଭି କ୍ୟାମେରାରେ ନଜର ରଖାଯାଉଛି। ଅପ୍ରୀତିକର ଘଟଣା ଯେଭଳି ଘଟିବ ନାହିଁ, ସେନେଇ ସବୁ ବ୍ୟବସ୍ଥା କରାଯାଇଛି। ପୁଣି ୬ ଜଣଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୩୨ରେ ପହଞ୍ଚିଛି। ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ। ପୋଲିସ ପାଖରେ ଭିଡିଓଗୁଡ଼ିକ ରହିଛି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ।

ଶୁକ୍ରବାର ମଧ୍ୟ ଇଣ୍ଟରନେଟ ସେବା ସହ ସମସ୍ତ ଦୋକାନ ବଜାର ବନ୍ଦ ଯୋଗୁ ଲୋକମାନେ ବହୁତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ବୁଧବାର ଘଟଣା ପରେ ସହରରେ ୧୪୪ ଧାରା ଲାଗୁ କରାଯାଇଥିଲା। ପୋଲିସ ଗୁରୁବାର ଏକ ମାମଲା ରୁଜୁ କରି ସୁନାପାଲି ଅଞ୍ଚଳର କେତେକ ଘରୁ ଚଢାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ଜବତ କରିଥିଲା। ଏନେଇ ଆଇପିସିର ୧୯ଟି ଦଫା ଅନୁଯାୟୀ ମାମଲା(ନଂ.୧୨୨/୨୩) ରୁଜୁ ହୋଇଛି। ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବାତୁଲା ଗଙ୍ଗାଧର ଶାନ୍ତି କମିଟି ବୈଠକ ଡାକି ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଥିଲେ।

## ମକଦ୍ଦମା ପାଇଁ ଅନୁମତି ...

ପ୍ରଦାନ କରି ନ ଥିବା କର୍ତ୍ତୃପକ୍ଷ ଜଣାଇଦେଇଛନ୍ତି। ଏ ସମ୍ପର୍କରେ କୋର୍ଟଙ୍କୁ ଜଣାଇଦିଆଯାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୪ ତାରିଖ ସନ୍ଧ୍ୟାରେ ମୋନ୍ ଜିଲାର ଟିରୁ-ଓଟିଙ୍ଗ ଅଞ୍ଚଳରୁ ୬ ଜଣ ସ୍ଥାନୀୟ କୋଇଲା ଖଣି ଶ୍ରମିକ ଏକ ପିକ୍‌ଅପ୍ ଟ୍ରକ୍‌ରେ ଫେରୁଥିବାବେଳେ ସେମାନଙ୍କୁ ଉଗ୍ରପନ୍ଥୀ ଭାବି ସେନାର ୨୧ ପାରା ସ୍ପେଶାଲ ଫୋର୍ସ ଗୁଳି ଚଳାଇଥିଲା। ଏଥିରେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ ଦୁଇଟି ସେନା ଗାଡ଼ି ପୋଡ଼ିଦେଇଥିଲେ। ସେମାନଙ୍କୁ ତଡ଼ିବା ପାଇଁ ଯବାନମାନେ ଗୁଳି ଚଳାଇବାରୁ ଆଉ ୭ ସ୍ଥାନୀୟ ଲୋକଙ୍କ ସମେତ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ମକରସ୍ଥ ଯୋଗୁ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇପାରନ୍ତି। ରାଜନୈତିକ, ଆନୁଷ୍ଠାନିକ ତଥା ସାଂଗଠନିକ ସ୍ଥିତି ମଜଭୁତ ରହିବ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ଜୀବନରେ ସ୍ଥିରତା ଅକ୍ଷୁଣ୍ଣ ରଖିବାରେ ସମର୍ଥ ହେବେ। ଧନ ସ୍ଥାନରେ ଶୁକ୍ର ଆର୍ଥିକ ଅଭିବୃଦ୍ଧି ସହ କଳା, ସାହିତ୍ୟ, କ୍ରୀଡ଼ାରୁ ପ୍ରଶଂସିତ କରାଇବେ।

**ବୃଷ** ରାଶ୍ୟାଧିପ ରାଶିସ୍ଥ ହେତୁ ସୁନ୍ଦର ସ୍ୱାସ୍ଥ୍ୟ, ସୁସ୍ଥ ମାନସିକତା ସହ ସାମାଜିକ ସମ୍ମାନ ମଧ୍ୟ ପାଇବେ। ଆଜି ଆପଣଙ୍କ କଥା ଯେମିତି କାମ ମଧ୍ୟ ଠିକ୍ ସେମିତି କରିବାରେ ଅସୁବିଧା ହେବନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ଦେଖାଦେବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନ, ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ।

**ମିଥୁନ** ବୃହସ୍ପତି ପ୍ରଭାବରୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କିନ୍ତୁ ମଙ୍ଗଳ ଜନିତ ନିଜ ଲୋକମାନେ ସମସ୍ୟା ସୃଷ୍ଟି କରିବା ସହ ଝମେଲାକୁ ବଢ଼ାଇପାରନ୍ତି।

**କର୍କଟ** ଆଜିର ଚନ୍ଦ୍ର ସପ୍ତମ ସ୍ଥାନରେ ଥିବାରୁ ଦୈହିକ ସୁସ୍ଥତା ସହ ପାରିବାରିକ ଜୀବନ ମନ୍ଦ ହେବନି। ଯାତ୍ରା, ବ୍ୟବସାୟ, ନୂତନ କାମ ସମ୍ପର୍କରେ ଦୁଶ୍ଚିନ୍ତା ଦେଖା ଦେଇପାରେ। ଅଶ୍ଳେଷା ସକାଶେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ନ ପାରେ। ପ୍ରତିଯୋଗିତା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତାଦିରେ ଉନ୍ନତ ଫଳ ପାଇବେ।

**ସିଂହ** ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣରେ ସମ୍ପନ୍ନ ହେବ। ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ବିଦେଶ ଯାତ୍ରା, ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମରେ ନିଜକୁ ନିୟୋଜିତ କରି ଖୁସି ରହିବେ। ତଥାପି ଯାତ୍ରା ସମୟରେ ଅସାବଧାନତା ହେତୁକ ଧନହାନିର ଆଶଙ୍କା ରହିଛି।

**କନ୍ୟା** ଅଷ୍ଟମ ସ୍ଥାନରେ ତିନୋଟି ଗ୍ରହ ଥିବାରୁ ବିଭିନ୍ନ ସମସ୍ୟା ମଧ୍ୟରେ କର୍ମକ୍ଷେତ୍ର ଅଶାନ୍ତ ରହିବ। ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। କିନ୍ତୁ ସାମାଜିକ ସ୍ତରରେ ମଙ୍ଗଳ ଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଯାତ୍ରା କରିବାକୁ ଅପେକ୍ଷାରତ ଆତ୍ମୀୟଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁଯାୟୀ ସୁଫଳ ପାଇବେ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବାକୁ ପଡ଼ିବ।

**ବିଛା** ଶୁଭଗ୍ରହମାନେ ଅନୁକୂଳ ବାତାବରଣରେ ରହିଥିବାରୁ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କୁ ଆପଣେଇ ନେଇ କାମ ହାସଲ କରିବେ। ପଡ଼ୋଶୀଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି। ଅଫିସିଆଲି କାମ ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ କିନ୍ତୁ ବ୍ୟବସାୟିକ ଦିଗ ପାଇଁ ଦିନଟି ମନ୍ଦ ହେବନି।

**ଧନୁ** ଅଷ୍ଟମାଧିପତି ଧନ ସ୍ଥାନରେ ଥିବାରୁ ଅର୍ଥ ସମ୍ପର୍କୀୟ ବିବାଦର ଆଶଙ୍କା ରହିଛି। ନିଜକୁ ନ ସୁଧାରିଲେ ଆଗାମୀ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁ ପରିଜନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** ଆଜି ସ୍ୱରାଶିସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ମୁହଁରେ ହସ ଲାଖିରହିବ ଏବଂ ପକେଟ ଭରି ରହିବ। ପାରିବାରିକ କ୍ଷେତ୍ର ପାଇଁ ଦିନଟି ସ୍ମରଣୀୟ ରହିବ ଏବଂ ପରିବହନ, ପ୍ରଶାସନ, ପ୍ରକାଶନ, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାମ ପାଇଁ ପ୍ରକୃଷ୍ଟ ଦିବସ। ଶ୍ରବଣା ନକ୍ଷତ୍ରର ବହୁତ ମାନସିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବୃଦ୍ଧି ପାଇପାରେ।

**କୁମ୍ଭ** ଦ୍ୱାଦଶସ୍ଥ ଚନ୍ଦ୍ରଜନିତ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ ଟେନ୍‌ସନ ଜମା ଛାଡ଼ିବ ନାହିଁ। ଆଜି ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇ ପାରନ୍ତି। ଛୋଟ କଥାକୁ ଧରିବସିଲେ ଅନର୍ଥର କାରଣ ହୋଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ** ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ କ'ଣ ହେବ, ସତ କହି ସମସ୍ୟାକୁ ଡାକି ଆଣିବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ପାରିବାରିକ ବୁଝାମଣା ସମ୍ପର୍କରେ ମଧ୍ୟ ବିଶେଷ ଅଗ୍ରଗତି ହେବ ନାହିଁ। ସାମାଜିକ ସ୍ତରରେ ମନକଥାକୁ ମନରେ ରଖି ଚଳିବାକୁ ପସନ୍ଦ କରିବେ।

ଆଜି ବୈଶାଖ କୃଷ୍ଣ ଦଶମୀ, ଶନିବାର, ଶ୍ରୀମନ୍ଦିରରେ ରାମାଭିଷେକ, ବଙ୍ଗଳା ପହିଲା ବୈଶାଖ, ବଙ୍ଗୀୟ ସନ ୧୪୩୦ ଆରମ୍ଭ, ଏପ୍ରିଲ ୧୫ ତାରିଖ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ ।।

# ଖଡ଼ି, ଇକଡ଼ ବାଡ଼ିରେ ୩୦ଫୁଟ୍ ଉଚ୍ଚରେ ନିଆଁ


ଖଡ଼ିବାଡ଼ି ଜଳୁଛି

## ୫ଶହ ଚାଷୀ କ୍ଷତିଗ୍ରସ୍ତ

ଭୋଗରାଇ, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୁଳିଦା ପଞ୍ଚାୟତ କୁଳିଦା, ମଧୁପୁର, ଚାନ୍ଦକୁସୁମି, ମହାଦିଆ ଆଦି ଗ୍ରାମର ଜମିରେ ପାନଚାଷ ପାଇଁ ବ୍ୟବହୃତ ହେଉଥିବା ଖଡ଼ି, ଇକଡ଼ ବାଡ଼ିରେ ୩୦ ଫୁଟ ଉଚ୍ଚରେ ନିଆଁ ଜଳୁଛି। ଶୁକ୍ରବାର ମଧ୍ୟାହ୍ନରୁ ନିଆଁ ଲାଗିଥିଲେ ମଧ୍ୟ ଅଗ୍ନିଶମ ବାହିନୀ ତୁରନ୍ତ ସେଠାକୁ ଯାଇ ଲିଭାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ହେଲେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇ ନ ଥିଲେ। ଏପରିକି ଖଡ଼ି ବାଡ଼ିରେ ନିଆଁ ଲାଗିଥିବା ପାଉଁଶ ୪କି.ମି. ପରିଧି ମଧ୍ୟରେ ଉଡ଼ିଆସି ଗାଁ ମଧ୍ୟରେ ପଡ଼ୁଛି।

ସୂଚନା ଅନୁଯାୟୀ, କୌଣସି କାରଣରୁ ଏହି ନିଆଁ ଲାଗିଥିବା କୁହାଯାଉଛି। ପ୍ରଥମେ ମଧୁପୁର ଓ କୁଳିଦା ଗ୍ରାମ ଖଡ଼ିବାଡ଼ିରେ ନିଆଁ ଲାଗିଥିଲା। ପରେ ମହାଦିଆ, ଚାନ୍ଦକୁସୁମୀ ଗ୍ରାମ ଖଡ଼ିବାଡ଼ିକୁ ନିଆଁ ବ୍ୟାପିଥିଲା। ଏ ସମସ୍ତ ଗ୍ରାମର ପ୍ରାୟ ୫ଶହ ଚାଷୀଙ୍କର ୭ଶହରୁ ଊର୍ଦ୍ଧ୍ୱ ଏକର ବିଲରେ ଖଡ଼ି ଇକଡ଼ ଚାଷ ହୋଇଥିଲା। ଆନୁମାନିକ ଦେଢ଼ କୋଟି ଟଙ୍କାର କ୍ଷତି ହୋଇଥିବାର ଆକଳନ କରାଯାଇଛି। ଘଟଣାସ୍ଥଳକୁ ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ରେଳ ଚଳାଚଳ ଅଢ଼େଇ ଘଣ୍ଟା ବ୍ୟାହତ

## ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଯାନ୍ତ୍ରିକ ତ୍ରୁଟି

କଟକ ଅଫିସ, ୧୪।୪

ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ (୧୨୮୯୧)ରେ ଶୁକ୍ରବାର ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରାୟ ଅଢ଼େଇ ଘଣ୍ଟା ଧରି ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କଟକ ରେଳଷ୍ଟେଶନର ୫ ନମ୍ବର ପ୍ଲାଟଫର୍ମରେ ଗାଡ଼ିଟି ଅଟକି ରହିବା ହେତୁ ଅପ୍ ଲାଇନ୍‌ରେ ସେହି ସମୟ ମଧ୍ୟରେ କୌଣସି ରେଳ ଚଳାଚଳ ହୋଇପାରି ନ ଥିଲା। ଫଳରେ କଟକ ଷ୍ଟେଶନ ପୂର୍ବରୁ ୪ଟି ଟ୍ରେନ୍‌କୁ ଅଟକାଇ ରଖାଯାଇଥିଲା। ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ହନ୍ତସନ୍ତ ହୋଇଥିଲେ। ଟ୍ରେନ୍‌ଟିର ଅନ୍ତିମ ଷ୍ଟେଶନ ଭୁବନେଶ୍ୱର ହୋଇଥିବାରୁ ଯାତ୍ରୀମାନେ କଟକରେ ଓହ୍ଲାଇ ସଡ଼କ ପଥରେ ବସ୍ ଯୋଗେ ଯିବାକୁ ବାଧ୍ୟ ହୋଇଥିଲେ।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ଟ୍ରେନ୍ ପ୍ରତିଦିନ ଭଳି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯.୧୫ରେ କଟକ ରେଳଷ୍ଟେଶନର ୫ ନମ୍ବର ପ୍ଲାଟଫର୍ମ ମଧ୍ୟକୁ ପ୍ରବେଶ କରୁଥିଲା। ଏହି ସମୟରେ ଟ୍ରେନ୍‌ର ଲୋକୋ ପାଇଲଟ୍ ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ଅବଗତ ହୋଇଥିଲେ। ୨୨ ବଗିବିଶିଷ୍ଟ ଟ୍ରେନ୍‌ର ଇଞ୍ଜିନ୍ ଓ ଦୁଇଟି ବଗି ପ୍ଲାଟଫର୍ମ ମଧ୍ୟକୁ ପ୍ରବେଶ କରିସାରିଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ୩ୟ ବଗିରେ ଜଣାପଡ଼ିବାରୁ ଟ୍ରେନ୍‌କୁ ସେହି ଅବସ୍ଥାରେ ଅଟକାଇ ରଖାଯାଇଥିଲା। ଦୁଇ ବଗି ମଧ୍ୟରେ ଧକ୍କାରୁ ରକ୍ଷା କରିବା ପାଇଁ ଥିବା ବଫର କୌଣସି କାରଣରୁ ବଙ୍କା ହୋଇଯାଇଥିଲା।

### ଅନ୍ୟ ଷ୍ଟେଶନରେ ଅଟକିଲା ୪ ଟ୍ରେନ୍, ଯାତ୍ରୀ ହନ୍ତସନ୍ତ


ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ରେ ନୂଆ ବଫର ଲଗାଯାଉଛି।

ସେହି ଅବସ୍ଥାରେ ଟ୍ରେନ୍‌ଟି ପ୍ରାୟ ଅଢ଼େଇ ଘଣ୍ଟା ରହିବାରୁ ଅପ୍ ଲାଇନ୍‌ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଭୁବନେଶ୍ୱର ଓ କଟକର ଟେକ୍ନିକାଲ ଟିମ୍ ସହ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଷ୍ଟ ବଫରକୁ କାଟି ବାହାର କରିବା ପରେ ନୂତନ ବଫର ଯୋଡ଼ା ଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ପରେ ଟ୍ରେନ୍‌ଟି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ଅପରପକ୍ଷରେ ରେଲୱେ ପକ୍ଷରୁ ଭଦ୍ରକ ଆଡୁ ଆସୁଥିବା ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେଶନରେ ଅଟକାଇ ରଖାଯାଇଥିଲା। କେନ୍ଦ୍ରାପଡ଼ା ରୋଡ୍ ଷ୍ଟେଶନ୍‌ରେ ଜଳେଶ୍ୱର-ପୁରୀ ମେମୋ, କପିଳାସ ରୋଡ୍ ଷ୍ଟେଶନରେ ତାଳଚେର-ପୁରୀ ଏକ୍ସପ୍ରେସ୍, ଧାନମଣ୍ଡଳ ଷ୍ଟେଶନ୍‌ରେ ଦୂରନ୍ତୋ ଓ ନନ୍ଦନକାନନ ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଇ ରଖାଯାଇଥିଲା। ଯାତ୍ରୀମାନେ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ୍ ଭିତରେ ଫସି ରହିଥିଲେ। ଗରମ ଓ ଗୁଳୁଗୁଳି ଯୋଗୁ ବହୁସଂଖ୍ୟକ ଯାତ୍ରୀ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ବିଭିନ୍ନ ଷ୍ଟେଶନରେ ଅଟକି ଅତିଷ୍ଠ ହୋଇପଡିଥିଲେ।

# ସିବିଆଇ ଜାଲରେ ଡାକ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର

**ଭୁବନେଶ୍ୱର, ୧୪।୪ (ବ୍ୟୁରୋ):** ଲାଞ୍ଚ ନେଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ହାତରେ ଧରାପଡିଛନ୍ତି ଡାକ ବିଭାଗର ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର। ସେ ହେଲେ ସମ୍ବଲପୁର ଜିଲାରେ କାର୍ଯ୍ୟରତ ପୋଷ୍ଟାଲ ଆସିଷ୍ଟାଣ୍ଟ ଇଞ୍ଜିନିୟର ଶୁଭାଶିଷ ପାଲ। ଶୁକ୍ରବାର ସମ୍ବଲପୁରସ୍ଥିତ ଡାକଘର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଦେବେନ୍ଦ୍ର ପୁହାଣ ନାମକ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ଶୁଭାଶିଷ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ସିବିଆଇର ୪ ଜଣିଆ ଟିମ୍ ହାତରେ ଧରାପଡିଥିଲେ। ଏସଂକ୍ରାନ୍ତରେ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଡାକ ବିଭାଗରେ ଚାକିରି ଦେବା ପାଇଁ ଶୁଭାଶିଷ ଏହି ଲାଞ୍ଚ ନେଉଥିବା ସୂଚନା ମିଳିଛି। ତେବେ ମାମଲା ସଂକ୍ରାନ୍ତରେ ଶନିବାର କିମ୍ବା ରବିବାର ସିବିଆଇ ପକ୍ଷରୁ ବିଧିବଦ୍ଧ ଭାବେ ସୂଚନା ଦିଆଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜାଲ ଦସ୍ତାବିଜରେ ଚାକିରି ଦେବା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବାବେଳେ ସିବିଆଇର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି।

# ବୀମା ଜାଲିଆତି ଅଭିଯୋଗରେ ଯୁବକ ଗିରଫ

**ଚୌଦ୍ୱାର, ୧୪।୪(ଡି.ଏନ୍.ଏ.):** ବୀମା ଜାଲିଆତି କରି ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ୪୨ ମୌଜା ବ୍ରହ୍ମପୁର ଗ୍ରାମର ବିପ୍ଳବ ପରିଡ଼ା। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ଏକ ସ୍ୱାଇପ୍ ମେଶିନ୍, ଗୋଟିଏ ଲାପ୍‌ଟପ୍ ସହିତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଚୌଦ୍ୱାରସ୍ଥିତ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସର ଶାଖା ପରିଚାଳକ ଲୋକନାଥ ରାଉତ ଚୌଦ୍ୱାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, କଟକ ଜିଲା ୪୨ ମୌଜା ଅଞ୍ଚଳରେ ବିପ୍ଳବ ଜନସେବା କେନ୍ଦ୍ର ଖୋଲିଥିଲେ। ସେ ଇ-ପୋର୍ଟାଲର ଅପବ୍ୟବହାର କରି ଲୋକମାନଙ୍କ ଗାଡ଼ିର ତୃତୀୟପକ୍ଷ ବୀମା କାର୍ଯ୍ୟ କରୁଥିଲେ। ବାରଙ୍ଗ ଥାନା ଅଧୀନ ବ୍ରାହ୍ମଣ ଗାଁର ପୀତବାସ ଦାସ ତାଙ୍କ ଗାଡ଼ିର ବୀମା ନବୀକରଣ କରିବାବେଳେ ଜାଲିଆତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଚୌଦ୍ୱାରସ୍ଥିତ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ସହିତ ଯୋଗାଯୋଗ କରିବାରୁ ସେ ଦେଇଥିବା ବୀମାରାଶି ପରିମାଣଠାରୁ ବହୁ କମ୍ ଅର୍ଥ ପଇଠ କରାଯାଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଆସ୍ୟୁରାନ୍ସ ପକ୍ଷରୁ ଯାଞ୍ଚ କରାଯିବାରୁ ବିପ୍ଳବ ଜାଲିଆତି କରି ମୋଟ ୧୭୦ ଜଣଙ୍କର ଗାଡ଼ି ପଲିସି ବାବଦକୁ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡ଼ିଥିଲା। ବିପ୍ଳବ କଟକ ଆର୍‌ଟିଓ ଅଫିସ୍‌ର ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତ ରହି ଲୋକଙ୍କ କାର୍ଯ୍ୟ କରାଇଦେବା ନାମରେ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୦/୨୩) ରୁଜୁ ହୋଇଛି।




# ଶ୍ରଦ୍ଧାଳୁଙ୍କ ଗହଳି, ହେଲାନି ଦିବାପହଡ଼

ଘଟଗାଁ, ୧୪।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଘଟଗାଁ ମା'ତାରିଣୀଙ୍କ ପୀଠରେ ଚଇତି ପର୍ବର ଷଷ୍ଠ ଦିବସ ଅବସରରେ ବିଶେଷକରି ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣାସଂକ୍ରାନ୍ତିରେ ପୀଠ ଭକ୍ତମୟ ହୋଇଉଠିଥିଲା। ସକାଳ ୫ଟାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଲକ୍ଷାଧିକ ଶ୍ରଦ୍ଧାଳୁ ଲମ୍ବାଧାଡ଼ିରେ ମା'ଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ଭିଡ଼ ଦେଖି ମା'ଙ୍କ ଦିବା ପହଡ଼ ପଡ଼ି ନ ଥିଲା।

ଶୁକ୍ରବାର ଭୋର ୪ଟାରୁ ମା'ଙ୍କ ସମସ୍ତ ନୀତିକାନ୍ତି ପରେ ସୁନାବେଶ କରାଯାଇଥିଲା। ୫ ଟାରୁ ମା'ଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଗୁରୁବାର ରାତିରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ସୁନାବେଶ ଦେଖିବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ। ଶୃଙ୍ଖଳା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ଭୋଗଡାଲା ଧାଡ଼ି ୮ଟି ଓ ସାଧାରଣ ଦର୍ଶନ ପାଇଁ ୨ ଟି ଧାଡ଼ିର ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ନିକଟରେ ପଣାଭୋଗ ଲାଗିବା ପରେ ପଣା ବଣ୍ଟନ କରାଯାଇଥିଲା। ଭକ୍ତମାନଙ୍କ ଟ୍ରଷ୍ଟ ବୋର୍ଡ, କେନ୍ଦୁଝର ଯାଦବ ମହାସଭା, ଜଗତଜନନୀ, କେନ୍ଦୁଝର ସେବା ସମିତି ଓ ଝାରସୁଗୁଡ଼ା ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସୌଜନ୍ୟରୁ


ମା'ଙ୍କ ସୁନାବେଶ

ଭକ୍ତମାନଙ୍କୁ ପଣାପାଣି ଓ ମାଗଣା ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ସାଂସ୍କୃତିକ ମଣ୍ଡପରେ ଅଖଣ୍ଡ ଭଜନ ସମାରୋହରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ୮୭ତମ ଚଇତିପର୍ବ


ଲମ୍ବାଧାଡ଼ିରେ ଭକ୍ତ ଛିଡ଼ା ହୋଇଛନ୍ତି।

## ତାରିଣୀଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି

- ସନ୍ଧ୍ୟା ପର୍ଯ୍ୟନ୍ତ ଦର୍ଶନ କଲେ ଲକ୍ଷେରୁ ଊର୍ଦ୍ଧ୍ୱ ଭକ୍ତ
- ସୁନାବେଶ ଦର୍ଶନକଲେ, ଚକୁଳିପିଠା ଖାଇଲେ

୬ଷ୍ଠ ଦିନ ସଭାରେ ପ୍ରବଚକ ପ୍ରମୋଦ କୁମାର ପୃଷ୍ଟି ପାଲାମଣ୍ଡପଠାରେ ପ୍ରବଚନ ପ୍ରଦାନ କରିଥିଲେ। ପରେ ବାଦୀପାଲା ଗାୟକ ନୃସିଂହ ଚରଣ ହୋତା ଓ ଭାସ୍କର ଚନ୍ଦ୍ର ସାହୁ ପାଲା ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଜିଲା ପ୍ରଶାସନ ୧୦୦ରୁ ଊର୍ଦ୍ଧ୍ୱ କନଷ୍ଟେବଲ, ୫୦ ହୋମ୍‌ଗାର୍ଡ, ୧୦ ଇନ୍ସପେକ୍ଟର, ୨୦ ସବ୍‌ଇନ୍ସପେକ୍ଟର ସହିତ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଘଟଗାଁ ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ, ତହସିଲଦାର ଜନକ ନାୟକ ଉପସ୍ଥିତ ଥିଲେ। ଦେବୋତ୍ତର ବିଭାଗର ଡେପୁଟି କମିଶନର ପ୍ରଶାନ୍ତ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ପ୍ରିୟଭୋଗ ଚକୁଳିପିଠା ଭକ୍ତମାନଙ୍କୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବଣ୍ଟନ କରାଯାଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ରାଉରକେଲା ଅଫିସ, ୧୪।୪:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବୁଟାହଣ୍ଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଅମ୍ରିତ ଇକା(୨୩)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୭।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ବୁଟାହଣ୍ଡା ଗ୍ରାମର ଅମ୍ରିତ ଗୁରୁବାର ସନ୍ଧ୍ୟା ସାଢେ ୮ଟାରେ ଅମ୍ରିତ ଘର କୁଲର ତିଆରି କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଚେନ୍ନାଇର ଏକ କମ୍ପାନୀ ପାଇଁ ଆବଶ୍ୟକ
୧. ଭାରିଯାନ ଲାଇସେନ୍ସଧାରୀ ଡ୍ରାଇଭର
୨. ଲାଇସେନ୍ସଧାରୀ ଫର୍କଲିଫ୍ଟ ଅପରେଟର
୩. ଲାଇସେନ୍ସଧାରୀ ଟ୍ରାକ୍ଟର - ବୁଲ୍ / ଜେସିବି ଅପରେଟର
ତୁରନ୍ତ ଯୋଗାଯୋଗ କରନ୍ତୁ:
9840893117 / 9840793115

ଆବଶ୍ୟକ
ଘର, ବଙ୍ଗଳା, ହୋଟେଲ ପାଇଁ ମହିଳା, ଝିଅ, ପୁଅ ଜାପାମେଡ୍, କୁକ୍, ୱେଟର, ହେଲ୍‌ପର। ରହିବା, ଖାଇବା ମାଗଣା। ବୋନସ୍, ମେଡିକାଲ ଛୁଟି, ଟ୍ରେନିଂ। ଦରମା 10,000ରୁ 40,000/-।
8860827673, 8506827673

Urgently Required
D.T.P OPERATOR- 02Nos
Pagemaker, Photoshop, Microsoft Office and CorelDRAW 5-6 years of Experience.
Time : 10am to 8pm
Salary: 15,000/- to 20,000/-
CHELSHHA
2977, Ravi Talkies Road, Bhubaneswar-02
9040821015
9437387034

WANTED
A LADY for office work. +2 above. Phulnakhara, Cuttack.
Ghara free + 10000 + bonus with other facilities.
7809525452

WANTED
ଧରିତ୍ରୀ DHARITRI Oriya daily is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
- ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା।
- ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା।
- ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା।

ପ୍ରାର୍ଥୀଙ୍କ ଯୋଗ୍ୟତା:-
- ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା।

Apply immediately to :
recruitment@dharitri.com
Attractive salary commensurate with experience

# ପ୍ରଥମେ ଉପରଦାନ୍ତ ଉଠିଲେ କୁକୁର ସହ ବାହାଘର


ଜଣେ ବାଳକକୁ କୁକୁର ସହ ବାହାଘର କରାଯାଉଛି।

## ରିଷ୍ଟ ଖଣ୍ଡନ ନାଁରେ ଅଜବ ପରମ୍ପରା

ସୋର, ୧୪।୪(ଡି.ଏନ.ଏ.)

ପରମ୍ପରା ନାମରେ ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଅନ୍ଧବିଶ୍ୱାସ। ବିବାହ ବେଳେ ମଙ୍ଗଳଦୋଷ ଥିଲେ ପୁଅ କିମ୍ବା ଝିଅର ରିଷ୍ଟ ଖଣ୍ଡନ ଲାଗି ପ୍ରଥମେ ସାହାଡ଼ା ଗଛକୁ ବିବାହ କରାଯାଉଥିବା ପୂର୍ବରୁ ଆମେ ଶୁଣିଛେ। ହେଲେ ଶିଶୁଟିର ପ୍ରଥମେ ଉପର ଦାନ୍ତ ଉଠିଲେ କୁକୁର ସହ ବାହାଘର କରାଯିବା ପରମ୍ପରା ଶୁଣିବାକୁ ଅଜବ ଲାଗୁଥିଲେ ବି ଏହ ସତ। ଏପରି କଲେ ପିଲାଟିର ରିଷ୍ଟ ଖଣ୍ଡନ ହେବା ସହ ଦେହ ସୁସ୍ଥ ରୁହେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ। ଶୁକ୍ରବାର ପୂର୍ବାହ୍ନରେ ଆଦିବାସୀ ପରମ୍ପରା ରୀତିନୀତି ଅନୁସାରେ ଏହି ଗ୍ରାମର ଦରି ସିଂଙ୍କ ପୁଅ ସହିତ ଏକ ମାଈ କୁକୁର ଏବଂ ବୁଟୁରୁ ସିଂଙ୍କ ଝିଅ ସହିତ ଏକ ଅଣ୍ଡିରା କୁକୁର ବିବାହ ଅନୁଷ୍ଠିତ ହୋଇଛି। ଏହି ସମ୍ପ୍ରଦାୟର ଗ୍ରାମବାସୀ ଏହାକୁ ବେଶ୍ ଧୁମଧାମରେ ପାଳନ କରିଛନ୍ତି। ଉକ୍ତ ସମ୍ପ୍ରଦାୟର ଲୋକଙ୍କ କହିବା ଅନୁଯାୟୀ, ପିଲାଟିର ଯଦି ପ୍ରଥମେ ଉପର ଦାନ୍ତ ଉଠେ ତେବେ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଏ। ତା'ର ରିଷ୍ଟ ଖଣ୍ଡନ ପାଇଁ ପିଲାଟିକୁ କୁକୁର ସହିତ ବିବାହ କରାଇଦିଆଯାଏ। ରିଷ୍ଟ ଖଣ୍ଡନ ହୋଇଗଲେ କୁକୁର ରୋଗଗ୍ରସ୍ତ ହେବା ସହିତ ମୃତ୍ୟୁ ମୁଖରେ ପଡିଥିବା ପିଲାଟି ସୁସ୍ଥ ହୋଇଯାଏ ବୋଲି ବିଶ୍ୱାସ ରହିଛି।



ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ବୈଦିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ରାଜ୍ୟ ନା କେନ୍ଦ୍ରର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତାମିଲନାଡୁ ରାଜ୍ୟପାଳ ଆର.ଏନ୍. ରବିଙ୍କ କାର୍ଯ୍ୟ ସରକାର ଏବଂ ଶାସକ ଦଳକୁ ଚିନ୍ତାରେ ପକାଇଛି। ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକୁ ସ୍ଥଗିତ ରଖିବା ହେଉ କିମ୍ବା କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ତାଙ୍କ ମତ ଯୋଗୁ ଏଭଳି ସ୍ଥିତି ଦେଖାଦେଇଛି। ଅଣଭାଜପା ଶାସିତ ରାଜ୍ୟ ଭାବେ ପଡ଼ୋଶୀ କେରଳରେ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଯେଭଳି ବିବାଦ ଜାରିରହିଛି ତାମିଲନାଡୁର ସ୍ଥିତି ଠିକ୍ ସେହିଭଳି । ଏବେ ରାଜ୍ୟପାଳ ନେଇଥିବା ତ୍ୱରିତ ପଦକ୍ଷେପ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ କ୍ରୋଧିତ କରିଛି ଏବଂ ତାଙ୍କ ଦଳର ସାଥୀମାନେ ରବିଙ୍କୁ ହଟାଇବା ଲାଗି ଦାବି କରୁଛନ୍ତି। ନିକଟରେ ରବି ରାଜ୍ୟର ଯୋଜନାଗୁଡ଼ିକ ତୁଳନାରେ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେବା ପାଇଁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ରବିଙ୍କ କେନ୍ଦ୍ର ଆନୁଗତ୍ୟ ଉପରେ ପ୍ରଶ୍ନ ଉଠିଛି। ତେବେ ବାବୁମାନେ ରାଜ୍ୟ ନା କେନ୍ଦ୍ରର ସେବା କରିବେ ? ଅଧିକାରୀମାନଙ୍କୁ ଅବସର ପର୍ଯ୍ୟନ୍ତ ରାଜ୍ୟ କ୍ୟାଡର ପ୍ରଦାନ କରାଯାଇଥିଲେ ବି ସେମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ନେବା ପାଇଁ କେନ୍ଦ୍ରର କ୍ଷମତା ଅଛି। ଅଧିକାରୀମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ନିଆଯାଉଥିବାରୁ ବହୁସମୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହେଉଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଗସ୍ତରେ ଯାଇଥିବାବେଳେ ତାଙ୍କୁ ସ୍ୱାଗତ କରିବାରେ ସେତେବେଳର ମୁଖ୍ୟ ଶାସନ ସଚିବ ବିଫଳ ହୋଇଥିଲେ। ଫଳରେ ତାଙ୍କୁ କେନ୍ଦ୍ରକୁ ଯିବା ଲାଗି ଡାକରା ଆସିଥିଲା ଓ ଏହା ବିବାଦ ସୃଷ୍ଟି କରିଥିଲା। ଆଶ୍ଚର୍ଯ୍ୟର କଥା, ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳ ଭଳି ଅଣଭାଜପା ଶାସିତ ରାଜ୍ୟରେ ଏଭଳି ବିବାଦ ଦେଖାଯାଉଛି। ତେବେ ଲାଗିରହିଥିବା ରାଜନୈତିକ ଲଢ଼େଇ ବହୁ ସମୟରେ ଏହିସବୁ ରାଜ୍ୟର ବାବୁମାନଙ୍କୁ ଏକ ଅପ୍ରୀତିକର ସ୍ଥିତିରେ ପକାଉଛି।

### ନେତୃତ୍ୱରେ ବିଳମ୍ବ

ଭାରତୀୟ ତୈଳ ନିଗମ(ଆଇଓସିଏଲ୍) ଏବେ ନେତୃତ୍ୱ ସଙ୍କଟ ଦେଇ ଗତିକରୁଥିବାବେଳେ ଆଗାମୀ କିଛି ମାସ ମଧ୍ୟରେ ବହୁ ଉଚ୍ଚ ସ୍ତରର ପଦବୀ ଖାଲି ହେବାକୁ ଯାଉଛି। ଏହାସହ କୋର୍ଟ ମାମଲା ଯୋଗୁ ନିର୍ଦ୍ଦେଶକ(ଫାଇନାନ୍ସ ) ନିଯୁକ୍ତି ଏବେ ବନ୍ଦ ଅଛି। ତିନୋଟି ବୋର୍ଡ ସ୍ତରୀୟ ପଦବୀ ବି ଖାଲି ହେବାକୁ ଯାଉଛି। ଏହା ବ୍ୟତୀତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟକୁ ଲକ୍ଷ୍ୟ କରି ପବ୍ଲିକ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ (ପିଇଏସ୍‌ବି) ପଦବୀଗୁଡ଼ିକ ପାଇଁ ତା' ସୁପାରସ୍‌କୁ ସ୍ଥଗିତ ରଖିଛି। ନିର୍ଦ୍ଦେଶକ(ପାଇପ୍‌ଲାଇନ୍ସ) ଡି.ଏସ୍. ନାନାୱାରେ ଏବଂ ନିର୍ଦ୍ଦେଶକ (ଆର୍ ଆଣ୍ଡ ବି)ଡ.ଏସ୍.ଏସ୍.ଭି. ରାମକୁମାର ଯଥାକ୍ରମେ ଆସନ୍ତା ଜୁନ୍ ଓ ଜୁଲାଇରେ ଅବସର ନେବେ। ଅପରପକ୍ଷେ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ମାଧବ ବୈଦ୍ୟଙ୍କ କାର୍ଯ୍ୟକାଳ ମଧ୍ୟ ଅଗଷ୍ଟରେ ଶେଷ ହେଉଛି। କୌତୂହଳର ବିଷୟ, ମାନବସମ୍ବଳ ନିର୍ଦ୍ଦେଶକ ଆର୍.କେ. ମହାପାତ୍ରଙ୍କ କାର୍ଯ୍ୟକାଳ ଫେବୃୟାରୀରେ ଶେଷ ହୋଇଥିଲେ ବି ସେ ଏବେ କାର୍ଯ୍ୟରତ। ତେବେ ଫାଇନାନ୍ସ ନିର୍ଦ୍ଦେଶକଙ୍କ ନିଯୁକ୍ତିକୁ ନେଇ ଚାଲିଥିବା କୋର୍ଟ ମାମଲା ପିଏସ୍‌ଇବି ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଛି । କୋର୍ଟରେ ପିଟିଶନ ଦାଖଲ କରିଥିବା ଆଇଓସିଏଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର ଶର୍ଟଲିଷ୍ଟ ପ୍ରକ୍ରିୟାରେ ଭାଗ ନେଇଛନ୍ତି ଓ ସେ ଯୋଗ୍ୟତା ମାନଦଣ୍ଡ ଅନୁଯାଇ ଯୋଗ୍ୟ ବୋଲି ଦାବି କରିଛନ୍ତି। କିନ୍ତୁ ତାହାକୁ ଅଗ୍ରାହ୍ୟ କରାଯାଇ କଷ୍ଟ ଆକାଉଣ୍ଟାଣ୍ଟଙ୍କ ବଦଳରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। ତେବେ ବୈଦ୍ୟଙ୍କ ଦାବି ପଛରେ ସତ୍ୟତା ଯାହା ଥାଉନା କାହିଁକି, କୋର୍ଟ ମାମଲା ଆଇଓସିଏଲର ନେତୃତ୍ୱରେ ଆହରି ବିଳମ୍ବ ଘଟାଇଛି।

### ପୁରସ୍କାର ମନା

ସରକାରଙ୍କ ବିନା ଅନୁମତିରେ ବ୍ୟକ୍ତି କିମ୍ବା ଘରୋଇ ଅନୁଷ୍ଠାନଗୁଡ଼ିକରୁ ରାଜ୍ୟର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ପୁରସ୍କାର ଗ୍ରହଣ କରିପାରିବେ ନାହିଁ ବୋଲି ନିକଟରେ କେରଳ ମୁଖ୍ୟ ଶାସନ ସଚିବ ଭି.ପି.ଜୟ ନିର୍ଦ୍ଦେଶ ଜାରିକରିଛନ୍ତି। ଜଣେ ଆଇଏଏସ୍ ଅଧିକାରୀ ଏକ ଘରୋଇ ଅନୁଷ୍ଠାନରୁ ପୁରସ୍କାର ଗ୍ରହଣ କରିବାକୁ ନେଇ କେରଳ ପୋଲିସ କର୍ମଚାରୀଙ୍କର ଗୋଟିଏ ଗୋଷ୍ଠୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସ୍ୱର ଉଠାଇବା ପରେ ଜୟ ଏଭଳି ପଦକ୍ଷେପ ନେଇଛନ୍ତି। ଏକ ପ୍ରସିଦ୍ଧ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କୁ ସଫଳତାର ସହ ନିୟନ୍ତ୍ରଣ କରିଥିବାରୁ ତାଙ୍କୁ ଏଭଳି ପୁରସ୍କୃତ କରାଯାଇଥିଲା। ଉକ୍ତ ନିର୍ଦ୍ଦେଶ କେବଳ ସାର୍ବଜନୀନ ସେବାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଆବଶ୍ୟକତାକୁ ଆଲୋକପାତ କରିନାହିଁ, ବରଂ ବ୍ୟକ୍ତିଗତ ଲାଭ କିମ୍ବା ସ୍ୱୀକୃତି ବଦଳରେ ଲୋକଙ୍କ ସେବା କରିବା ଉପରେ ବାବୁମାନେ ଅଧିକ ଧ୍ୟାନ ଦେବାର ଗୁରୁତ୍ୱକୁ ସାମ୍ନାକୁ ଆଣିଛି। ତେବେ ପୁରସ୍କାରକୁ ନେଇ ଏବଂ ଅଧିକାରୀମାନେ ଏହା ପାଇବାକୁ ଯୋଗ୍ୟ କି ନୁହେଁ, ତା' ଉପରେ ପ୍ରଶ୍ନ ଉଠିଛି। ଜୟଙ୍କ ନିର୍ଦ୍ଦେଶ ସାରା ଦେଶରେ ବାବୁମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ସୃଷ୍ଟି କରିଛି। ତେବେ ବଡ଼ ପ୍ରଶ୍ନ ହେଉଛି ସେ ଏଥିରେ ଦୃଢ଼ ରହିପାରିବେ ତ ? ଏହି ନିର୍ଦ୍ଦେଶକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରି ବ୍ୟକ୍ତିଗତ ଲାଭଠାରୁ ସାର୍ବଜନୀନ ସେବାକୁ ଆଗରେ ରଖିବା ପାଇଁ ମାନସିକତା ଓ ଇଚ୍ଛାଶକ୍ତିର ପରିବର୍ତ୍ତନ ଆବଶ୍ୟକ। ଯଦି ଏହି ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ରହେ ଏବଂ ସପକ୍ଷବାଦ ଓ ସମ୍ପର୍କବାଦରୁ ଊର୍ଦ୍ଧ୍ୱରେ ରହେ, ତେବେ ଏହା ସମସ୍ତଙ୍କ ପାଇଁ ଲାଭଦାୟକ ହେବ।

Email: dilipcherian@gmail.com

# ଗ୍ରୀଷ୍ମ ଲହରି ଓ ଭାରତ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଅର୍ଥାତ୍ ୧୯୦୧ ମସିହାଠାରୁ ବର୍ତ୍ତମାନ ମଧ୍ୟରେ ବିଗତ ଫେବୃୟାରୀ ୨୦୨୩ର ତାପମାତ୍ରା ସେ ମାସ ପାଇଁ ସର୍ବାଧିକ ବୋଲି ଜଣାପଡ଼ିଲା ପରେ ଆଗାମୀ ଗ୍ରୀଷ୍ମ କାଳରେ, ମାର୍ଚ୍ଚରୁ ମେ କିମ୍ବା ଜୁନ୍ ପର୍ଯ୍ୟନ୍ତ ଆମ ଦେଶ ଗ୍ରୀଷ୍ମ ଲହରିର ସମ୍ମୁଖୀନ ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଏଥିରେ ସୂଚିତ କରାଯାଇଛି ଯେ, ଫେବୃୟାରୀ ମାସରେ ଆମ ଦେଶରେ ହାରାହାରି ସାଧାରଣ ତାପମାତ୍ରା ୨୭.୮ ଡିଗ୍ରୀ ସେଲ୍‌ସିୟସ୍। ତେବେ ଚଳିତବର୍ଷ (୨୦୨୩)ରେ ତାହା ୨୯.୫ ଡିଗ୍ରୀରେ ପହଞ୍ଚିଛି।

ସାଧାରଣତଃ ପୃଥିବୀର ଚାରିଆଡ଼େ ବାୟୁ ସ୍ରୋତରୂପେ ପ୍ରବାହିତ ହେଉଥାଏ କିନ୍ତୁ ଯେତେବେଳେ କୌଣସି ସ୍ଥାନରେ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଅତ୍ୟଧିକ ଚାପ ସୃଷ୍ଟି କରେ ଏବଂ ଉତ୍ତପ୍ତ ବାୟୁକୁ ନିମ୍ନକୁ ଠେଲିଦିଏ ତାହା ଭୂମିର ଉପରିଭାଗରେ ବନ୍ଦୀହୋଇ ରହିଯାଏ। ତହିଁରୁ ସୃଷ୍ଟିହୁଏ ଗ୍ରୀଷ୍ମ ଲହରି। ଏହି ଉଚ୍ଚଚାପ ଉତ୍ତପ୍ତ ବାୟୁକୁ ଧରି ରଖେ ଏବଂ ତାକୁ ଊର୍ଦ୍ଧ୍ୱମୁଖୀ ହୋଇ ଗତି କରିବାକୁ ଦିଏ ନାହିଁ। ଫଳରେ ବର୍ଷା ହୋଇପାରେନା କି ବାୟୁ ଶୀତଳ ହୋଇପାରେନା। ଅନ୍ୟପକ୍ଷରେ ଉତ୍ତପ୍ତ ବାୟୁ ଅଧିକ ଉତ୍ତପ୍ତ ହୋଇ ଚାଲେ। ଅନ୍ୟ ସ୍ଥାନରୁ ଉତ୍ତପ୍ତ ବାୟୁର ପ୍ରବାହ ଯୋଗୁ ମଧ୍ୟ ଏହା ଘଟିପାରେ।

ପାଣିପାଗ ବିଜ୍ଞାନୀମାନଙ୍କ ମତରେ ସମୟକ୍ରମେ ଜଳବାୟୁ ପରିବର୍ତ୍ତନ ହେତୁ ଜାଗତିକ ତାପମାତ୍ରା ବଢ଼ିବା ସହିତ ଗ୍ରୀଷ୍ମ ଲହରିର ପୌନପୁନିକତା ଏବଂ ତୀବ୍ରତା ବଢ଼ି ବଢ଼ି ଚାଲିବ। ଆମ ସ୍ୱାସ୍ଥ୍ୟ ଉପରେ ଏହା କୁପ୍ରଭାବ ପକାଇବା ସଙ୍ଗେ ସଙ୍ଗେ ଅକାଳ ମୃତ୍ୟୁର ମଧ୍ୟ କାରଣ ହେବ। ପରିବେଶ ଓ ପରିସଂସ୍ଥା, ତଥା ଅର୍ଥନୀତି ମଧ୍ୟ ଗଭୀର ଭାବେ ପ୍ରଭାବିତ ହେବ। ଏବେ ଆମ ଦେଶରେ ଏହା ମୁଖ୍ୟତଃ ଘଟୁଛି ମାର୍ଚ୍ଚରୁ ଜୁନ୍ ମଧ୍ୟରେ। କେବେ କେମିତି ତାହା ଜୁଲାଇ ମାସ ପର୍ଯ୍ୟନ୍ତ ପରିବର୍ଦ୍ଧିତ ହେଉଛି। ତହିଁରୁ ଅଧିକାଂଶ ଘଟୁଛି ଉତ୍ତର ଏବଂ ଉତ୍ତର-ପଶ୍ଚିମ ତଥା ପୂର୍ବ ଭାରତରେ, ବିଶେଷକରି ବିହାର, ପଞ୍ଜାବ, ହରିୟାଣା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକା, ଓଡ଼ିଶା, ଚଣ୍ଡୀଗଡ଼, ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ପଶ୍ଚିମ ମଧ୍ୟପ୍ରଦେଶ ତଥା ଗୁଜରାଟର କେତେକ ଅଞ୍ଚଳରେ। ତେବେ କୌଣସି ବର୍ଷ ପାଣିପାଗ ଉପରେ ନିର୍ଭର କରି ଏହା ଅଧିକବାର ଘଟେ ଏବଂ ତା'ର ତୀବ୍ରତା ବୃଦ୍ଧି ପାଏ, ଯେପରି ଘଟିବ ବୋଲି ମନେକରାଯାଉଛି ଚଳିତବର୍ଷ। ଏ ଘଟଣା ଥରେ ଘଟିଲେ ଏହାର ପ୍ରଭାବ କିଛି ସପ୍ତାହ ଧରି ରହେ। ପୁନଶ୍ଚ ତାହା ଗୋଟିକ ପରେ ଗୋଟିଏ ହୋଇ ଘଟିପାରେ ଏବଂ ଏକ ବ୍ୟାପକ ଅଞ୍ଚଳ ଉପରେ ପ୍ରଭାବ ପକାଇପାରେ।

ସମତଳ ଅଞ୍ଚଳରେ କୌଣସି ସ୍ଥାନରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ କିମ୍ବା ତତୋଽଧିକ ଏବଂ ପାର୍ବତ୍ୟ ଅଞ୍ଚଳରେ ୩୦ ଡିଗ୍ରୀ ସେଲସିୟସରୁ ଅଧିକ ହେବାକୁ ଗ୍ରୀଷ୍ମଲହରିର ଆଗମନ ରୂପେ ବିଚାର କରାଯାଏ। ତାହା ସାଧାରଣ ତାପମାତ୍ରାଠାରୁ ୪.୫୦ ଡିଗ୍ରୀରୁ ୬.୪୦ ଡିଗ୍ରୀ ଅଧିକ ହେଲେ ତାହାକୁ 'ସାଧାରଣ' ଏବଂ ତହିଁରୁ ଅଧିକ ହେବାକୁ 'ଗୁରୁତର' ଗ୍ରୀଷ୍ମ ପ୍ରବାହ କୁହାଯାଏ। ପୁନଶ୍ଚ ଏପରି ଅବିହିତ ହେବାକୁ ହେଲେ ଏପରି ଅବସ୍ଥାକୁ ଗୋଟିଏ ସ୍ଥାନରେ କିମ୍ବା ଦୁଇଟି ପାଖାପାଖି ସ୍ଥାନରେ ଅତିକମ୍‌ରେ ଦୁଇଦିନ ରହିବା ଦରକାର। ଆମ ଦେଶରେ ସାଧାରଣତଃ ମେ ମାସରେ ଏହା ଶୀର୍ଷସ୍ଥାନରେ ଉପନୀତ ହୋଇଥାଏ।



ଗ୍ରୀଷ୍ମ ଲହରିର ସ୍ୱାସ୍ଥ୍ୟ ଉପରେ ପ୍ରଭାବ, ଏହାର ପ୍ରକାରଭେଦ, ସମୟ, ସମୟକାଳ, ତୀବ୍ରତା ସଙ୍ଗେ ସଙ୍ଗେ ଆମର ଏଥିସହିତ ଖାପ ଖୁଆଇବାର ସାମର୍ଥ୍ୟ, ସେଥିରୁ ନିଜକୁ ବଞ୍ଚାଇ ରଖିବା ଲାଗି ପ୍ରସ୍ତୁତି ଆଦି ଉପରେ ନିର୍ଭର କରେ। ଅନ୍ୟପକ୍ଷରେ ଏହା ମରୁଡ଼ି, ଉଚ୍ଚତାପ, ଉତ୍ତପ୍ତ ଓ ଶୁଷ୍କ ପରିବେଶ ସୃଷ୍ଟି କରିପାରେ, ଯାହା କି ଫସଲ ହାନିଠାରୁ ବାଡ଼ବାଗ୍ନି ପର୍ଯ୍ୟନ୍ତ ଅନେକର କାରଣ ହୋଇପାରେ। ବନ୍ୟା, ହିମବାହ ଚଳନ ଆଦି ମଧ୍ୟ ଏହା ସୃଷ୍ଟି କରିପାରେ।

ଦିଲ୍ଲୀର ସୁପ୍ରସିଦ୍ଧ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଣ୍ଟର୍ ଫର୍ ସାଇନ୍ସ ଏଣ୍ଡ ଏନ୍‌ଭାଇରନମେଣ୍ଟ'ର ସୂଚନା ଅନୁସାରେ ଜାଗତିକ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରିତ ହୋଇ ନ ପାରିଲେ ଆଗାମୀ ୨୧୦୦ ବେଳକୁ ଗ୍ରୀଷ୍ମଲହରି ୩୦ଗୁଣ ଅଧିକ ହେବ। ଏଥି ଅନୁଯାୟୀ ଗତବର୍ଷ (୨୦୨୨) ଅକ୍ଟୋବର ମାସ ମଧ୍ୟରେ ଏହା ଆମ ଦେଶରୁ ୨,୭୫୫ଟି ଜୀବନହାନି, ୧.୮ ନିୟୁତ ହେକ୍ଟର ଜମିରେ ଫସଲ ନଷ୍ଟ, ୬୯୦୦୦ ଗୋରୁଙ୍କ ଜୀବନହାନି, ୪୧୬, ୬୬୭ ବାସଗୃହ ଧ୍ୱଂସ ଏବଂ ୨,୩୦୮ ହେକ୍ଟର ବନବିଧ୍ୱଂସ ସହିତ ସମ୍ପୃକ୍ତ ଥିଲା। ସେହିପରି, ବିଶ୍ୱବ୍ୟାଙ୍କ ଦ୍ୱାରା ହୋଇଥିବା ଏକ ପୂର୍ବାନୁମାନରେ ସୂଚିତ କରାଯାଇଛି ଯେ ଜାଗତିକ ତାପମାତ୍ରା ବୃଦ୍ଧି ହୋଇ ଚାଲିଲେ ୨୦୫୦ ସୁଦ୍ଧା ଗ୍ରୀଷ୍ମଲହରି ଅସହ୍ୟ ଏବଂ ତୀବ୍ର ହେବ। ଏହା "ମୌସୁମୀ ବୃଷ୍ଟିପାତର ଧାରାକୁ ବଦଳାଇ ଦେବ ଏବଂ ୨.୮ରୁ ୩ ପ୍ରତିଶତ ମୋଟ ଘରୋଇ ଉତ୍ପାଦ" (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ) ହାନି ଘଟାଇବ। ଗ୍ରୀଷ୍ମ ଲହରି ସାଧାରଣତଃ ବୟସ୍କ ଲୋକ(୬୫ବର୍ଷରୁ ଊର୍ଦ୍ଧ୍ୱ)ଙ୍କୁ ପ୍ରଭାବିତ କରିଥାଏ। ୨୦୧୯ରେ ସମଗ୍ର ବିଶ୍ୱରେ ଏହାରି ପ୍ରଭାବରେ ପ୍ରାୟ ୩,୪୫,୦୦୦ ଲୋକ ମୃତ୍ୟୁବରଣ କରିଥିଲେ।

ବିଗତ ଦଶକରେ ରାଜସ୍ଥାନର କେତେକ ସ୍ଥାନରେ ସର୍ବାଧିକ ତାପବୃଦ୍ଧି ଘଟିଥିଲା ୨୦୧୬ ଏପ୍ରିଲ-ମେ ମଧ୍ୟରେ। ସେଠାରେ ଏହା ୫୧ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଥିଲା। ସେହିପରି ୨୦୧୯ ମେ-ଜୁନ୍‌ରେ ଏହା ୫୦.୮ ଡିଗ୍ରୀ, ୨୦୧୫ ମେ-ଜୁନ୍‌ରେ ୪୯.୪ ଡିଗ୍ରୀ ଏବଂ ୨୦୨୨ ମାର୍ଚ୍ଚ-ଏପ୍ରିଲରେ ୪୫ ଡିଗ୍ରୀରେ ପହଞ୍ଚି ସ୍ଥାନେ ସ୍ଥାନେ ଭୟାବହ ଗ୍ରୀଷ୍ମ ପ୍ରବାହମାନ ସୃଷ୍ଟି କରିଥିଲା। ଚଳିତବର୍ଷ ସମ୍ଭବତଃ ଏହା ତାହାକୁ ଅତିକ୍ରମ କରିଯିବ। ଫଳରେ ୨୦୧୬ ଭଳି ଏଠାରେ ୩୬ରୁ ୪୦ କିମ୍ବା ତତୋଧିକ ସଂଖ୍ୟକ ଅଧିକ ତୀବ୍ରତାସମ୍ପନ୍ନ ଗ୍ରୀଷ୍ମ ଲହରି ଘଟିବାର ସମ୍ଭାବନା ରହିଛି। ପୁନଶ୍ଚ ଏହା ବିଗତବର୍ଷ (୨୦୨୨) ଆମ ମୋଟ ଘରୋଇ ଉତ୍ପାଦର ୧ ଶତାଂଶ ହ୍ରାସ ଘଟାଇଥିବା ଦୃଷ୍ଟିରୁ ଏବର୍ଷ ତାହା ୧.୫ ରୁ ୨ ଶତାଂଶରେ ପହଞ୍ଚିପାରେ।

ଆମ ଦେଶରେ ଚଳିତବର୍ଷ ଗ୍ରୀଷ୍ମଲହରି ଅଧିକ ହେବା କାରଣଗୁଡ଼ିକ ମଧ୍ୟରେ ରହିଛି ଜାଗତିକ ଉଷ୍ମତା ବୃଦ୍ଧିବ୍ୟତୀତଏଲ୍-ନିନୋଏବଂଲା-ନିନୋରପ୍ରଭାବ। ବିଗତ ୩ ବର୍ଷ ଧରି ଆମେ ଲା-ନିନୋର ସମ୍ମୁଖୀନ ହୋଇ ଆସିଛୁ। ଏହା ବିଶ୍ୱର ପାଣିପାଗକୁ ଏପରି ପ୍ରଭାବିତ କରେ, ଯେଉଁଥିରେ ବିଷୁବରେଖା ନିକଟସ୍ଥ ଭୂମଧ୍ୟସାଗରରେ ଶୀତଳ ଜଳ ପ୍ରବାହ ବିସ୍ତାର ଲାଭ କରେ। ଏଣୁ ଏହା ସୃଷ୍ଟି କରୁଥିବା ଉତ୍ତର-ଦକ୍ଷିଣ ଚାପ ଯୋଗୁ ଭାରତୀୟ ଉପଦ୍ୱୀପର ଦକ୍ଷିଣାଞ୍ଚଳ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ପ୍ରସାରିତ ହୁଏ। ଅନ୍ୟପକ୍ଷରେ ଚଳିତବର୍ଷ ଆସୁଥିବା ଏଲ୍‌ନିନୋ ଏହାର ଏକ ପରିପୂରକ ଘଟଣା। ଏଥିରେ ବିଷୁବରେଖା ନିକଟସ୍ଥ ଭୂମଧ୍ୟସାଗରରେ ପଶ୍ଚିମ-ପୂର୍ବ ହୋଇ ଉଷ୍ମ ଜଳ ପ୍ରବାହିତ ହୁଏ। ଏଣୁ ଏ ସମୟରେ ସାଧାରଣତଃ ଭାରତର ଉତ୍ତର ଏବଂ ଉତ୍ତର-ପଶ୍ଚିମ ତଥା ପୂର୍ବ ଭାଗରେ ଗ୍ରୀଷ୍ମ ଲହରି ଦେଖାଯାଏ। ଆଗତ ସୂଚନା ଅନୁଯାୟୀ ଚଳିତବର୍ଷ ମାର୍ଚ୍ଚରୁ ମେ – ଜୁନ ମଧ୍ୟରେ ଏହାର ଏହି ସବୁ ଅଞ୍ଚଳରେ ତାପମାତ୍ରା ସାଧାରଣଠାରୁ ୩ରୁ ୫ ଡିଗ୍ରୀ ଅଧିକ ହେବ। ଏହାର ପ୍ରଭାବ ଅଳ୍ପ ବହୁତ ୩ ବର୍ଷ ପର୍ଯ୍ୟନ୍ତ ରହିପାରେ।

ଗ୍ରୀଷ୍ମ ଲହରିକୁ ସମ୍ପୂର୍ଣ୍ଣ ପ୍ରତିହତ କରିବା ଲାଗି ଆବଶ୍ୟକ ପ୍ରଯୁକ୍ତି ବିଦ୍ୟା ଅଦ୍ୟାବଧି ଜଣାନାହିଁ। ତେବେ, ଜାଗତିକ ଉଷ୍ମତା ବୃଦ୍ଧି ରୋକିବା ପାଇଁ ସମସ୍ତ ପଦକ୍ଷେପ କଠୋର ଭାବେ ପାଳନ କରିବା, ଘର ନିକଟରେ ଗଛ ଲଗାଇ ସବୁଜ ବଳୟମାନ ସୃଷ୍ଟି କରିବା, ସହରାଞ୍ଚଳକୁ ଅଧିକ ଜନବହୁଳ ହେବାକୁ ନ ଦେବା, ତାପ ସୃଷ୍ଟିକାରୀ କଳକାରଖାନା ନ ବସାଇବା ଏବଂ ତହିଁରୁ ନିର୍ଗତ ତାପ ହ୍ରାସ ପାଇଁ ଉପଯୁକ୍ତ ଟେକ୍ନୋଲୋଜିର ଆଶ୍ରୟ ନେବା, ଶକ୍ତିର ଅଯଥା ଅପଚୟ ନ ଘଟାଇବା ଇତ୍ୟାଦି ଦ୍ୱାରା ଏହାର କିଛିଟା ଉପଶମ ସମ୍ଭବ ହୋଇପାରେ।

ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର

# ଆଖି ସାକ୍ଷୀ



ଦ୍ୱିତୀ ଚନ୍ଦ୍ର ସାହୁ

ସୁନ୍ଦର ଆଖି ହଳକ ଥିଲେ ଦୁନିଆ ସାର ବୋଲି ସଭିଏଁ କୁହନ୍ତି। ଏଇ ଆଖି ହଳକ ଅନେକ କଥା ଦେଖିପାରେ ଓ ବୁଝିପାରେ। ଅନେକଙ୍କୁ ବୁଝାଇପାରେ। ଆଖି କାଳେ କଥା ବି କହିପାରେ। ଆଖିର ଅଙ୍କାବଙ୍କା ଚାହାଁଣିରେ ଅନେକ ନୀରବ ଶବ୍ଦ ଉକୁଟି ଆସେ। ବିନା ଧ୍ୱନିରେ ଅନେକ କଥା କହିଦିଏ। ଇସାରା ଇସାରାରେ ବୁଝିଯାଏ ଆର ଜଣକ। ଆଖିର ଭାଷାକୁ ପଢ଼ିବା ବି ସହଜ ନୁହଁ। ଆଉ ଜଣେ ମନ ଚିହ୍ନା ମଣିଷ ହିଁ ଆର ଲୋକର ଆଖିର ଭାଷାକୁ ପଢ଼ିପାରେ ଓ ବୁଝିପାରେ। ତା' ଅନୁସାରେ ଆଖିରେ ଉତ୍ତର ଫେରେଇପାରେ। ମଣିଷ ମନରେ ଜାତ ସୁଖ, ଦୁଃଖ ଓ କ୍ରୋଧାଦି ଯେତେସବୁ ସ୍ଥାୟୀ ଭାବ ଜନ୍ମେ ତାକୁ ଆଖିର ଇସାରାରେ ଅନେକାଂଶରେ ବ୍ୟକ୍ତ କରାଯାଏ। ସେଥିପାଇଁ ନବରସର କଥା କୁହାଯାଇଛି। ଆଦି ରସ, ହାସ୍ୟ ରସ, କରୁଣ ରସ, ରୌଦ୍ର ରସ, ବୀର ରସ, ଭୟାନକ ରସ, ବୀଭତ୍ସ ରସ, ଅଦ୍ଭୁତ ରସ, ଶାନ୍ତ ରସ ଆଦିରେ ସୃଷ୍ଟ ଭାବକୁ ଆଖି ଓ ମୁଖମଣ୍ଡଳ ଜରିଆରେ ଶାସ୍ତ୍ରୀୟ ନୃତ୍ୟରେ ପରିପ୍ରକାଶ କରାଯାଏ। ଆଖିର ଆଖି ମିଳନ ହେଲେ ପ୍ରେମ ଜାତ ହୁଏ। ପ୍ରେମୀଯୁଗଳ ଆଖିର ଇସାରାରେ ମନ କଥାକୁ ସହଜରେ ବ୍ୟକ୍ତ କରିପାରନ୍ତି। ଏଥିପାଇଁ ଶବ୍ଦ ବା ଧ୍ୱନିର ବି ଆବଶ୍ୟକତା ପଡ଼େନି। କବି ଓ ଲେଖକଙ୍କ ଆଖିର ଭାଷା ଟିକେ ଅଲଗା। ଆଖି ସାମ୍ନାର ଦୃଶ୍ୟରୁ ଦୃଶ୍ୟାନ୍ତର ହୋଇ ଅନେକେ ବିଚକ୍ଷଣ ସର୍ଜନା କରିପାରନ୍ତି। ସେମିତି ଆଖିକୁ ବି ଏମାନେ ଅନେକ କାରକ ଓ ବସ୍ତୁ ସହ ଉପମା ଦେଇ ଅଦ୍ଭୁତ ଶବ୍ଦରେ ମୋହଗ୍ରସ୍ତ କରାଇପାରନ୍ତି ପାଠକଙ୍କୁ। ହୃଦୟକୁ ତରଳାଇ ପାରନ୍ତି। ବିଶେଷକରି ଯୁବତୀଙ୍କ ଆଖିକୁ ନେଇ ଅକଳ୍ପନୀୟ ବର୍ଣ୍ଣନା ବାସ୍ତବରେ ବିଭୋର କରେ ସମସ୍ତଙ୍କୁ। ଦୂରରେ ଥିବା ଆମ ସମ୍ପର୍କୀୟ ବା ଅତିଥିମାନଙ୍କ ସହ ବାର୍ତ୍ତାଳାପରେ ମନର ଭୋକ ମରେନି। ଚର୍ମ ଚକ୍ଷୁରେ ଦେଖିବା ଲାଗି ବୈଷୟିକ ସହାୟତା ଲୋଡ଼ୁ। ଭିଡିଓ କଲିଂ ଜରିଆରେ ଥରେ ଆଖି ପୂରେଇ ଦେଖିଦେଲେ ମନ ପୂରିଯାଏ। ବିବିଧ ସ୍ଥାନ ସମ୍ପର୍କରେ ଆମର ଯଥେଷ୍ଟ ଜ୍ଞାନ ଥିଲେ ବି ଥରେ ଅଧେ ବାସ୍ତବ ଦୃଶ୍ୟକୁ ଦେଖିବାକୁ ମନ ବାରମ୍ବାର ହାଇଁପାଇଁ ହୁଏ। ସେଥିପାଇଁ ପର୍ଯ୍ୟଟନସ୍ଥଳକୁ ଲୋକଙ୍କ ସୁଅ ଛୁଟେ। ବାସ୍ତବ ଅନୁଭବ ଦିଏ ଏଇ ଆଖି ହଳକ। ମିଛସତର ଦୁନିଆରେ କାନକୁହା କଥାରେ ବାସ୍ତବତାକୁ ପରଖିବା ଭାରି କଷ୍ଟ। ଯେବେ ନ ଦେଖିବେ ବେନି ନୟନେ, ପରତେ ଯିବନି ଗୁରୁ ବଚନେ। ଏତେ ବଡ଼ କଥାକୁ ଉପଦେଶକ୍ରମରେ କୁହାଯାଇଛି ଖାସ୍ ଏଇ ଆଖି ହଳକର କିମିଆ ପାଇଁ। ଆଖିରେ ଦେଖିଲେ ହିଁ ଯାଇ ବିଶ୍ୱାସ କରିବାକୁ କୁହାଯାଇଛି। ସେଇକ୍ରମରେ ରାଜରାଜୁଡା ଶାସନଠାରୁ ଆରମ୍ଭକରି ଆଜିକାର ନ୍ୟାୟାଳୟରେ ବି ଆଖିରେ ଦେଖି ବାସ୍ତବତାକୁ ପରଖି ନ୍ୟାୟ ଦେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯଦିଓ ଅନେକ ସମୟରେ ଆଖି ଧୋକା ଖାଇବାକୁ ବାଧ୍ୟ ହେଉଛି ମଣିଷର ଚଞ୍ଚକତାଠାରେ। ଜଣେ ମଣିଷ ଅନ୍ୟକୁ ସହଜରେ ଚଞ୍ଚକତା କରିପାରେ। ଦୁନିଆକୁ ଭୁଆଁ ବୁଲେଇ ଦେଇପାରେ ସତ। କିନ୍ତୁ ନିଜ ଆଖି ନିକଟରୁ ଖସିପାରେନି। କାରଣ ନିଜ ଆଖି ଚିରସ୍ଥାୟୀ ସାକ୍ଷୀଟିଏ। ଅହରହ ନିଜ ସାଥୀରେ ବୁଲୁଥାଏ।



ନିକଟରେ ଜଣେ ପଦସ୍ଥ ଅଧିକାରୀଙ୍କ ସହ ଭେଟ ହେଲା। ଅବସରର ଅନେକ ଦିନ ପରେ ତାଙ୍କ ସହ ଭେଟ ହେତୁ ସେ ହାତ ଟାଣି ନିକଟରେ ଥିବା ଏକ ବେଞ୍ଚରେ ବସେଇଲେ। ତେଣିକି ଆରମ୍ଭ କଲେ ନିଜର କାହାଣୀ। ଏକମାତ୍ର ପୁତ୍ର ବିଦେଶରେ। ପୁତ୍ରବଧୂର କଥାରେ ମାଆବାପାଙ୍କ ପାଇଁ ସେ ପାଲଟିଯାଇଛି ଅପରିଚିତ। କଥାବାର୍ତ୍ତା ଖୋଜଖବର ନାହିଁ। ଆସିବାଯିବା ପୂରାପୂରି ବନ୍ଦ। ଏକମାତ୍ର ବିବାହିତା ଝିଅ ବିଧବା। ତା'ର ଜନ୍ମିତ ଶିଶୁ ମାନସିକ ବିକାରଗ୍ରସ୍ତ। ପତ୍ନୀ ନାନାଦି ବ୍ୟାଧିରେ ପୀଡ଼ିତ ହୋଇ ଶଯ୍ୟାଶାୟୀ। ଚାକିରିରୁ ଅବସର ପରେ ସେ ବ୍ୟସ୍ତ ଓ ନୟାନ୍ତ। ପ୍ରତିଦିନ କୌଣସି ନା କୌଣସି ବ୍ୟସ୍ତତା ଭିତରେ ଜୀବନ ଛଟପଟ ହୋଇ ଜିଉଁଛନ୍ତି। ଜଞ୍ଜାଳମୟ କୁଟୁମ୍ବ ଚିନ୍ତାରେ ବୁଡ଼ି ମରିବାକୁ ଦିନ ଗଣୁଛନ୍ତି। ଏତିକି ଶୁଣିବାବେଳେ ମନେ ପଡ଼ିଗଲା ତାଙ୍କ କର୍ମମୟ ଜୀବନର ଅନେକ ଦୃଶ୍ୟ। ଆଖି ଆଗରେ ନାଚି ଉଠିଲା ସେହି ତଥାକଥିତ ଅଫିସରଙ୍କ ଅଫିସରାଜ। ପ୍ରତି କଥାରେ ଅଧସ୍ତନଙ୍କୁ ଗାଳିଗୁଲଜ। ଅବାଟକୁ ବାଟ କରାଇ ଫାଇଲ କରିବାକୁ ତାଗିଦ। ବ୍ୟାପକ ଅନୀତି ଓ ଦୁର୍ନୀତି ଭିତରେ ସୁରୁଖୁରୁରେ ଅବଶ୍ୟ ଚାକିରି ସାରିଦେଲେ। ଯେଉଁମାନଙ୍କ ପାଇଁ ଜୀବନତମାମ ଅକ୍ଳେଶରେ ବାଛବିଚାର ନ କରି କେବଳ ଟଙ୍କାକୁ ମଣିମା କରି ଗୋଟେଇ ଚାଲିଲେ ସେହିମାନେ ଆଉ ପଚାରିଲେନି। ବାବୁଙ୍କ ନିକଟରେ ଅର୍ଥର ଅଭାବ ନାହିଁ। କିନ୍ତୁ ସୁଖ ଶାନ୍ତି ବି ନାହିଁ। ଏମିତି ପଶ୍ଚାତ୍ତାପର ଶବ୍ଦରେ ମୋହାଚ୍ଛନ୍ନ ହେଲାବେଳେ ଆଖି ଯୋଡ଼ିକ ତାଙ୍କର ଭାରି କରୁଣ ଲାଗୁଥିଲା। ଏତିକିବେଳେ ସେଇ ରାସ୍ତା ଦେଇ ତାଙ୍କର ଜଣେ ପୂର୍ବତନ ଅଧସ୍ତନ ଦେଖି ନ ଦେଖିଲା ଭଳି ଚାଲି ଯାଉଥିଲେ। ବାବୁଙ୍କ ଡାକରେ ଠିଆ ହୋଇ ଆସିଲେ। ନିଜର କୃତକର୍ମରେ ଘାଣ୍ଟି ହୋଇ କାକୁସ୍ଥ ଭାବେ ବଞ୍ଚୁଥିବା ବାବୁଜଣକ ଏଥର କହିଲେ – 'ବୁଝିଲ ଘନଶ୍ୟାମବାବୁ! ଆପଣମାନଙ୍କୁ କଷ୍ଟ ଦେଇ ଯାହା ମୁଁ କରିଛି ସେହି ପାପରେ ମୁଁ ଏବେ ଘାଣ୍ଟିଚକଟି ହେଉଛି। ଅତୀତର ଅନେକ କଥା ଏବେ ମୋତେ ବିଚଳିତ କରୁଛି। ଏତିକି କଥାରେ ଅଧସ୍ତନଙ୍କୁ କହିବାକୁ ସୁଯୋଗ ମିଳିଲା କି କ'ଣ ସେ ନାଦି ଦେଇଗଲେ ନିଜର ଉତ୍ତର। କହିଲେ– 'ସାର୍! କ'ଣ କରିବା ? ଯେମିତି କରିଥିବା ସେମିତି ଭୋଗିବାକୁ ପଡ଼ିବ । କେହି ନ ଦେଖିଲେ ବି ଆମ ଆଖି ପରା ସବୁ କାମର ସାକ୍ଷୀ। ସେ ଆଖି ହଳକ ହିଁ ମନ ଓ ହୃଦୟକୁ ଶାନ୍ତି ରଖେ ଓ ବିଚଳିତ ବି କରିପାରେ। ଦୁଃଖ କରି ଆଉ ଲାଭ ନାହିଁ ସାର୍। ବରଂ ଏବେଠାରୁ କିଛି ଭଲ କାମ କରନ୍ତୁ, ଯାହା ଶାନ୍ତି ଦେବ।' ଏତିକି କଥାରେ ବାବୁଙ୍କ ଆଖିରୁ ଝରିଗଲା ଲୁହ , ପଶ୍ଚାତ୍ତାପର ଅଶ୍ରୁ। କହିବାକୁ କିଛି ନଥିଲା। ବାସ୍ ଖାଲି ଦି ପଦ ଶାନ୍ତ୍ୱନା ଦେଇ ସେଠୁ ଫେରିବାକୁ ପଡ଼ିଲା। କିନ୍ତୁ ବାବୁଙ୍କ ଅତୀତରୁ ବର୍ତ୍ତମାନର ଦୃଶ୍ୟକୁ ଦେଖିଲେ ଲାଗିଲା ମଣିଷ ସତରେ ବଡ଼ ଅସହାୟ। ଟିକିନିଖି ସଚିତ୍ର ହିସାବ ରଖୁଥିବା ଆଖିଠାରୁ ବର୍ତ୍ତିବା ଆଦୌ ସହଜ ନୁହଁ ମଣିଷ। ସମସ୍ତଙ୍କଠାରୁ ବିଜୟୀ ହେବା ହୁଏତ ସହଜ। ଅଥଚ ନିଜ ଆଖି ନିକଟରେ ସେ ପ୍ରତିଥର ହାରିବାକୁ ବାଧ୍ୟ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ–୯୪୩୭୯୦୯୬୭୧

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ, ଏହା ପ୍ରମାଣିତ କରିଛନ୍ତି ମୁମ୍ବାଇର ଗ୍ଲାଡ୍‌ସନ ପିଟର। ତାଙ୍କ ଫୁସ୍‌ଫୁସ୍‌ର କ୍ଷମତା ୪୦% କମିଯାଇଥିଲେ ବି ସେ ଏକାକୀ ୧୪ଟି ବାଦ୍ୟଯନ୍ତ୍ର ବଜାଇ ପାରୁଛନ୍ତି। କେବଳ ଏତିକି ନୁହେଁ, ସେ ବି ଭଲ ଗୀତ ଗାଉଛନ୍ତି। ଏଥିପାଇଁ ଲୋକେ ତାଙ୍କୁ 'ୱାନ୍ ମ୍ୟାନ୍ ବ୍ୟାଣ୍ଡ' ଭାବେ ସମ୍ବୋଧନ କରୁଛନ୍ତି। ୨୦ ବର୍ଷ ବୟସରେ ଫୁସ୍‌ଫୁସ୍‌ରେ ସମସ୍ୟା ଦେଖାଦେବାରୁ ପିଟର ବିଷାଦଗ୍ରସ୍ତ ହୋଇପଡ଼ିଥିଲେ ଓ ଏକାକୀ ଜୀବନ ବିତାଇବା ବ୍ୟତୀତ ତାଙ୍କ ପାଖରେ କୌଣସି ବିକଳ୍ପ ନ ଥିଲା। ତଥାପି ସେ ଭାଙ୍ଗି ନ ପଡ଼ି ଗୀତ ଗାଇବା ଓ ବାଦ୍ୟ ବଜାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ତାଙ୍କୁ ଜଣେ ସଫଳ କଳାକାର ରୂପେ ଗଢ଼ିତୋଳିଛି। ସେ ମ୍ୟୁଜିକ୍‌ରେ କୌଣସି ଔପଚାରିକ ପ୍ରଶିକ୍ଷଣ ନେଇନାହାନ୍ତି। ଗତ ୩ ବର୍ଷ ମଧ୍ୟରେ ସେ ୨,୦୦୦ରୁ ଅଧିକ ଶୋ' କରିସାରିଲେଣି। ଭାରତ ବ୍ୟତୀତ ଚାଇନା ଏବଂ ଆରବ ରାଷ୍ଟ୍ରଗୁଡ଼ିକରେ ବି ସେ ତାଙ୍କ କଳା ପ୍ରଦର୍ଶନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଏପ୍ରିଲ ୧୯୯୮

- ଦକ୍ଷିଣ ଚୀନର ହୁନାନ ପ୍ରଦେଶରେ ଭୟଙ୍କର ତୋଫାନରେ ୧୭ ଜଣଙ୍କ ମୃତ୍ୟୁ।
- ଇରାକ ପାଖରେ ଆଉ ଆଣବିକ ଅସ୍ତ୍ରଶସ୍ତ୍ର ନାହିଁ ବୋଲି ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ତା'ର ରିପୋର୍ଟରେ ପ୍ରକାଶ କରିଛି।
- ଭାଜପା ବରିଷ୍ଠ ନେତା କୁଶଭାଉ ଠାକ୍‌ରେ ଦଳର ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ।

## ଚିରନ୍ତନୀ

ମାନବର ସୃଷ୍ଟି ଏ ଯେ ମାନବର ଅନ୍ତର-ଆରତି,
ନମଇଁ ମୁଁ ତେଣୁ ଏଥି, ଜଣାଏ ମୋ ବ୍ୟଥାର ଭାରତୀ,
ହାତର ଚିତ୍କାର କେତେ ଅନ୍ତରର ଦୁଃଖ
ଜଡ଼ ଏ ପାଷାଣ ଦେହେ ଭଜିଅଛି ମୂକ,
ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ-ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ
ଏ ମଳିର ଅଙ୍ଗେ
କଣ୍ଠ ସ୍ୱର
ଉଠେ ମୋର। –(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | 7 | |
| 6 | 3 | | | 1 | | | | 5 |
| 8 | | 7 | | | | | 6 | |
| | 8 | 2 | | | | | | |
| 7 | | | | 3 | 6 | | | 1 |
| | | | | | | | | |
| | 9 | | | 7 | | | | 3 |
| | | | 2 | | | | | 4 |
| 3 | | 4 | 9 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 3 | 9 | 2 | 1 | 6 | 4 |
| 1 | 2 | 9 | 4 | 6 | 8 | 7 | 3 | 5 |
| 3 | 6 | 4 | 7 | 1 | 5 | 9 | 8 | 2 |
| 8 | 4 | 5 | 6 | 7 | 3 | 2 | 9 | 1 |
| 9 | 7 | 3 | 2 | 4 | 1 | 6 | 5 | 8 |
| 2 | 1 | 6 | 8 | 5 | 9 | 3 | 4 | 7 |
| 6 | 3 | 7 | 1 | 8 | 4 | 5 | 2 | 9 |
| 5 | 8 | 2 | 9 | 3 | 7 | 4 | 1 | 6 |
| 4 | 9 | 1 | 5 | 2 | 6 | 8 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ହେଉ

ମହାଶୟ,

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱାଗତ ଯୋଗ୍ୟ ପଦକ୍ଷେପ ନିଆଯାଇଛି । କିନ୍ତୁ ପ୍ରଶ୍ନ ହେଉଛି, ସମସ୍ତେ କାହିଁକି ଏହି ସୁବିଧାଗୁଡ଼ିକ ପାଇପାରୁନାହାନ୍ତି ? ଏହାର କାରଣ ହେଉଛି ସରକାର ବିନା ପଇସାରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ ବୋଲି ଘୋଷଣା କଲେ, ଯାହାଫଳରେ ଅସଂଖ୍ୟ ଲୋକ ସେବା ସଂସ୍ଥାନରେ ଚିକିତ୍ସା ପାଇଁ ଉପସ୍ଥିତ ହେଲେ। କିନ୍ତୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ନ କରି ଏହି ଘୋଷଣା ହେଲା । ଅନେକ ଜୀବନ ରକ୍ଷକ ଔଷଧ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉ ନାହିଁ । ଭାରତରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ଡାକ୍ତରଖାନା ସଂଖ୍ୟା ବୃଦ୍ଧି, ଭିତ୍ତିଭୂମି ବିସ୍ତାର, ଡାକ୍ତର-ଜନସଂଖ୍ୟା ଅନୁପାତରେ ଉନ୍ନତି, ସ୍ୱାସ୍ଥ୍ୟ ବଜେଟରେ ଅଧିକ ବ୍ୟୟର ପ୍ରାବଧାନ ଉପରେ ଧ୍ୟାନ ଦେବା ଉଚିତ। ବେସରକାରୀ ସ୍ୱାସ୍ଥ୍ୟ ସେବାଦାତାଙ୍କୁ ଚିକିତ୍ସା ବାବଦରେ ଯେଉଁ ପଇସା ସରକାର ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ସେହି ଖର୍ଚ୍ଚରେ ଯଦି ସରକାରୀ ଡାକ୍ତରଖାନାରେ ଭିତ୍ତିଭୂମିର ବିକାଶ କରାଯାଏ, ତା'ହେଲେ ଗରିବଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରିବ । ଗରିବ ଲୋକମାନେ ସରକାରୀ ଡାକ୍ତରଖାନା ଉପରେ ଭରସା ରଖିଛନ୍ତି। ତେଣୁ ସରକାରୀ ସେବା ସଂସ୍ଥା ଭିତ୍ତିଭୂମିର ବିକାଶକୁ ସରକାର ଜୋର୍ ଦେବା ଆବଶ୍ୟକ।

–ଅସିତ ମହାନ୍ତି, ସୁଜନପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମୁଗ ବିଲରେ ଚାଷୀ ମୃତ

ବାଲିକୁଦା,(ସ୍ୱ.ପ୍ର.): ବିଲକୁ ଯାଇ ମୁଗ ଓପାଡୁଥିବାବେଳେ ଜଣେ ଚାଷୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ପଞ୍ଚାୟତ ବାଲିସାହି ଗାଁର ଗୁନ ବେହେରା (୫୦)। ଗୁନ ସକାଳେ ବିଲରୁ ମୁଗ ଓପାଡୁଥିବାବେଳେ ହଠାତ୍ ବେହୋସ ଯାଇଥିଲେ। ଆଖପାଖରେ ମୁଗ ଓପାଡୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲିକୁଦା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୯/୨୩)ରୁଜୁ କରିଛି। ଏଥିସହ ଗୁନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

# ବ୍ରାହ୍ମଣୀ ନଦୀଜଳ ପ୍ରଦୂଷଣ ଅପରିବର୍ତ୍ତିତ

## ଗଙ୍ଗୁଆ ନାଳ ଜଳ ସର୍ବାଧିକ ପ୍ରଦୂଷିତ



ଯାଜପୁର ଅଫିସ,୧୪।୪

ଶିଳ୍ପ ଯୋଗୁ ଅର୍ଥନୀତି ବିକାଶ ହୋଇପାରେ। ହେଲେ ଶିଳ୍ପରୁ ନିର୍ଗତ ଦୂଷିତ ପାଣି ଯୋଗୁ ନଦୀ ଓ ନାଳ ଜଳ ବିଷାକ୍ତ ହେବାରେ ଲାଗିଛି। ଓଡ଼ିଶାର ପ୍ରମୁଖ ନଦୀ ଓ ନାଳର ଜଳମାନ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଜଳସମ୍ପଦ ବିଭାଗର ଜଳତତ୍ତ୍ୱ ଜଳବିଜ୍ଞାନ, ଭୌଗୋଳିକ ସୂଚନା ପଦ୍ଧତି ଏବଂ ଜଳବାୟୁ କାର୍ଯ୍ୟକ୍ରମ ପରିଚାଳନା ମୁଖ୍ୟଯନ୍ତ୍ରୀ ଦେବୀଦତ୍ତ ରମଣୀ ରଞ୍ଜନ ପଟ୍ଟନାୟକଙ୍କ ଗତ ୧୩ ତାରିଖ ରିପୋର୍ଟ ଅନୁସାରେ ବ୍ରାହ୍ମଣୀ ଏବଂ ସେରୁଆ ନଦୀ ଜଳର ପ୍ରଦୂଷଣ ଅପରିବର୍ତ୍ତିତ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ୨୦୧୭ରେ ରାଜ୍ୟର ୧୬ ନଦୀ ଓ ୩ ନାଳର ଜଳକୁ ପ୍ରଦୂଷିତ ଘୋଷଣା କରିଥିଲା। ଏସ୍‌ପିସିବି ଏହି ନଦୀ ଓ ନାଳଗୁଡ଼ିକର ପ୍ରଦୂଷଣ ସ୍ତରକୁ 'ପ୍ରାଥମିକତା-୧ରୁ ୫' ହିସାବରେ (ଅର୍ଥାତ୍ ପ୍ରାଥମିକତା-୧: ସର୍ବାଧିକ ପ୍ରଦୂଷିତ, ପ୍ରାଥମିକତା-୫: ସର୍ବନିମ୍ନ ପ୍ରଦୂଷିତ) ଚିହ୍ନଟ କରିଛି। ୨୦୨୩ ଫେବୃୟାରୀର ତଥ୍ୟ ମୁତାବକ ୪ଟି ନଦୀ ଅର୍ଥାତ୍ ଦୟା, ବ୍ରାହ୍ମଣୀ, କାଠଯୋଡ଼ି, ସେରୁଆ ଏବଂ ୨ଟି ନାଳ ଗଙ୍ଗୁଆ ଓ ଗୁରାଡ଼ିହକୁ ପ୍ରାଥମିକତା ହିସାବରେ ୧ରୁ ୫ ମଧ୍ୟରେ ଚିହ୍ନଟ କରାଯାଇଛି। ବର୍ତ୍ତମାନ ଭୁବନେଶ୍ୱର ଗଙ୍ଗୁଆ ନାଳ ଓ ରାଉରକେଲା ଗୁରାଡିହ ନାଳର ପ୍ରଦୂଷଣ ସ୍ତର ଯଥାକ୍ରମେ ପ୍ରାଥମିକତା-୩ ଓ ୪ ରହିଛି। ସେହିପରି ଦୟା ନଦୀର ଭୁବନେଶ୍ୱରଠାରୁ ବଡ଼ଗଡ଼, ବ୍ରାହ୍ମଣୀ ନଦୀର ରାଉରକେଲାଠାରୁ ବିରିତୋଳ, କାଠଯୋଡ଼ି ନଦୀର କଟକଠାରୁ ଉରାଳି, ସେରୁଆ ନଦୀର ଖଣ୍ଡେଇତାଠାରୁ ଶଙ୍ଖତ୍ରାସ ପର୍ଯ୍ୟନ୍ତ ଜଳ ପ୍ରଦୂଷିତ ହୋଇଛି। ଏହି ୪ ସ୍ଥାନର ନଦୀ ଜଳ ପ୍ରଦୂଷଣ ସ୍ତର 'ପ୍ରାଥମିକତା-୫' ରହିଛି। ପୂର୍ବରୁ ଗଙ୍ଗୁଆର ପ୍ରଦୂଷଣ ସ୍ତର 'ପ୍ରାଥମିକତା-୧' ଥିବାବେଳେ ଏବେ ସୁଧାର ଆସି 'ପ୍ରାଥମିକତା-୩' ରହିଛି। ତଥାପି ୧୯ଟି ନଦୀ ଓ ନାଳ ମଧ୍ୟରୁ ଗଙ୍ଗୁଆ ବର୍ତ୍ତମାନ ସର୍ବାଧିକ ପ୍ରଦୂଷିତ ସ୍ତରରେ ରହିଛି।

ରାଜ୍ୟର ଅଧିକାଂଶ ନଦୀ ଗୁରୁତର ଭାବେ ପ୍ରଦୂଷିତ ହୋଇଥିବାରୁ ୨୦୧୮ ନଭେମ୍ବରରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ତଦନ୍ତ ଓ ପ୍ରତିକାର ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ନେତୃତ୍ୱରେ ଏକ ୫ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟିରେ ପରିବେଶ ବିଭାଗ ନିର୍ଦ୍ଦେଶକ, ସହର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ଏସ୍‌ପିସିବିର ସଦସ୍ୟ ସଚିବ ସାମିଲ ଥିଲେ। ଏହି କମିଟିକୁ ରିଭର ରେଜୁଭେନଶନ କମିଟି(ଆର୍‌ଆର୍‌ସି) ବୋଲି ନାମକରଣ କରାଯାଇଥିଲା। ରାଜ୍ୟର ଅଧିକାଂଶ ନଦୀ ଶିଳ୍ପାନୁଷ୍ଠାନ ଓ ସହରାଞ୍ଚଳରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଦୂଷିତ ହେଉଛି। ସେଥିମଧ୍ୟରୁ ଶିଳ୍ପ ପ୍ରବଣ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଜଳ ଗୁରୁତର ଭାବେ ବିଷାକ୍ତ ହେଉଛି। ସୁନ୍ଦରଗଡ଼, ଅନୁଗୋଳ, ଯାଜପୁର ଆଦି ଜିଲାରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାର ବର୍ଜ୍ୟଜଳ ବ୍ରାହ୍ମଣୀରେ ଛଡ଼ାଯାଉଛି। ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ବର୍ଜ୍ୟଜଳ ଡମଶାଳା ନାଳ ଦେଇ ବ୍ରାହ୍ମଣୀରେ ମିଶୁଛି। ତେଣୁ ବ୍ରାହ୍ମଣୀ ୨୦୧୭ରୁ ପ୍ରଦୂଷିତ ନଦୀ ଭାବେ ଆଖ୍ୟା ପାଇ ଆସୁଛି। ୨୦୧୭ରେ ଏହି ନଦୀର ଜଳରେ ବାୟୋ ଅକ୍ସିଜେନ ଡିମାଣ୍ଡ(ବିଓଡି) ୬.୦ ମିଲିଗ୍ରାମ/ଲିଟର ରହିଥିଲାବେଳେ ୨୦୧୮ରେ ୭.୬, ୨୦୧୯ରେ ୫.୩, ୨୦୨୦ରେ ୬.୩, ୨୦୨୧ରେ ୫.୬, ୨୦୨୨ରେ ୫.୭ ଓ ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ୫.୭ ମିଲିଗ୍ରାମ/ଲିଟର ବିଓଡି ରହିଛି। ବର୍ତ୍ତମାନ ଏସ୍‌ପିସିବି ଅନୁସାରେ ବ୍ରାହ୍ମଣୀ ନଦୀଜଳର ପ୍ରାଥମିକତା-୫ ରହିଛି। ସେହିପରି ଭୁବନେଶ୍ୱର ଗଙ୍ଗୁଆ ନଦୀ ଜଳରେ ୨୦୧୭ରେ ୩୯.୦ ମିଲିଗ୍ରାମ/ଲିଟର ବିଓଡି ରହିଥିଲାବେଳେ ୨୦୨୩ ଫେବୃୟାରୀ ସୁଦ୍ଧା ୧୮.୦ ମିଲିଗ୍ରାମ/ଲିଟର ବିଓଡି ରହିଛି। ଦୟା ନଦୀର ଭୁବନେଶ୍ୱରଠାରୁ ବରଗଡ଼ ମଧ୍ୟରେ ବିଓଡି ୨୦୧୭ରେ ୭.୩ ମିଲିଗ୍ରାମ/ଲିଟର ରହିଥିଲାବେଳେ ୨୦୨୩ ଫେବୃୟାରୀରେ ୪.୮ ମିଲିଗ୍ରାମ/ଲିଟର ରହିଛି। ଗୁରାଡିହ ନାଳର ରାଉରକେଲାରେ ବିଓଡି ୨୦୧୭ରେ ୧୧.୩ ଏବଂ ୨୦୨୩ ଫେବୃୟାରୀରେ ୮.୦ ମିଲିଗ୍ରାମ/ଲିଟର ରହିଛି। କାଠଯୋଡ଼ିର କଟକଠାରୁ ଉରାଳି ପର୍ଯ୍ୟନ୍ତ ୨୦୧୭ରେ ୧୧.୨ ଏବଂ ୨୦୨୩ ଫେବୃୟାରୀ ସୁଦ୍ଧା ୩.୮ ମିଲିଗ୍ରାମ/ଲିଟର ବିଓଡି ରହିଛି। ସେରୁଆ ନଦୀର ଖଣ୍ଡେଇତାଠାରୁ ଶଙ୍ଖହ୍ରାସ ପର୍ଯ୍ୟନ୍ତ ୨୦୧୭ରେ ୪.୮ ଏଂ ୨୦୨୩ ଫେବୃୟାରୀ ସୁଦ୍ଧା ୩.୬ ମିଲିଗ୍ରାମ/ଲିଟର ବିଓଡି ରହିଛି। ଏହିସବୁ ନଦୀଗୁଡ଼ିକୁ ପ୍ରଦୂଷଣ ମୁକ୍ତ କରିବାକୁ ଏସ୍‌ପିସିବି ପ୍ରାଥମିକତା ଦେଇଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ୧୨ଟି ନଦୀ ଯଥା ମଙ୍ଗଳା, ନାଗାବଳି, ରତ୍ନଚିରା, ନନ୍ଦିରାଜୋର, କୁଆଖାଇ, ମହାନଦୀ, ଋଷିକୁଲ୍ୟା, ଭେଡେନ, କୁସୁମି, ନୂରା, ସାବୁଲିଆ ଓ ବୁଢାବଳଙ୍ଗ ଏବଂ ବାଙ୍ଗୁରୁ ନାଳ ପ୍ରଦୂଷଣମୁକ୍ତ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବ୍ରାହ୍ମଣୀ ନଦୀଜଳ ପ୍ରଦୂଷଣମୁକ୍ତ ନ ହେବା ପ୍ରଶାସନିକ କଳର ଉଦାସୀନତା ପ୍ରମୁଖ କାରଣ ବୋଲି କୁହାଯାଇପାରେ। ହାଇକୋର୍ଟଙ୍କ ନିର୍ଦ୍ଦେଶର ୭ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବ୍ରାହ୍ମଣୀ ନଦୀତଟବର୍ତ୍ତୀ ଅଞ୍ଚଳରେ ପ୍ରଦୂଷିତ ଜଳର ଉପଚାର କରିବାକୁ ସିଇଟିପି(କମନ୍ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ସ୍ଥାପନ ହୋଇ ପାରିନାହିଁ। ଫଳରେ ପ୍ରଦୂଷଣରେ ବ୍ରାହ୍ମଣୀ ନଦୀଜଳ ବିଷାକ୍ତ ହେଉଥିବା ମତପ୍ରକାଶ ପାଇଛି।

# ଆଉ ୪୮ ଘଣ୍ଟା ୧୪୪ ବଳବତ୍ତର



କମ୍ପାନୀ ଫାଟକ ଆଗରେ ପୋଲିସ ମୁତୟନ।

## ଫେକର କମ୍ପାନୀରେ ନିଆଁ ଲାଗିବା ଘଟଣା

ଭଦ୍ରକ ଅଫିସ,୧୪।୪

ଭଦ୍ରକ ରାନ୍ଦିଆସ୍ଥିତ ଫେକର କମ୍ପାନୀରେ ଗତ ମଙ୍ଗଳବାର ଫର୍ନେସ ଚାର୍ଜିଂ ବେଳେ ନିଆଁ ଲାଗି ୨ ଅପରେଟର ଗୁରୁତର ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପ୍ରଶାସନ ପକ୍ଷରୁ ଗତ ୧୨ ତାରିଖ ସକାଳ ୬ଟାରୁ ଜାରି କରାଯାଇଥିବା ୧୪୪ ଧାରାକୁ ଆଉ ୪୮ ଘଣ୍ଟା ବୃଦ୍ଧି କରାଯାଇଛି। ଶୁକ୍ରବାର ସକାଳ ୬ଟାରୁ ଆସନ୍ତା ୧୬ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ ବୋଲି ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋଜ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉ କି, କମ୍ପାନୀରେ ଘଟିଥିବା ଦୁର୍ଘଟଣା ପାଇଁ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଉତ୍ତ୍ୟକ୍ତ ଲୋକେ ଫାଟକ ଆଗରେ ଟାୟାର ଜାଳିବା, ରାସ୍ତା ଅବରୋଧ କରିବା ସହ ପୋଲିସ ଓ ଜନତା ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ଗତ ୧୨ ତାରିଖ ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ କମ୍ପାନୀ ଫାଟକ ଓ ପାଚେରୀର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଥିଲା। ଏସ୍‌ଡିପିଓ ସୌରଭ ଓତା, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ବିଜ୍ଞାପନ

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର କାର୍ଯ୍ୟାଳୟର ପୁରୁଷ କର୍ମଚାରୀମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲାଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥାମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ପାଇଁ ଆପାତତଃ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୩୦୦ ଯୋଡ଼ା ପୋଷାକ (ହାରାହାରି) ସିଲାଇ ଆବଶ୍ୟକ ହୋଇପାରେ।
ଉତ୍ତମ ଭିତ୍ତିଭୂମି ଥିବା ଏବଂ ବିଭିନ୍ନ ସରକାରୀ/କର୍ପୋରେଟ ସଂସ୍ଥାମାନଙ୍କ ପାଇଁ ଏଭଳି କାର୍ଯ୍ୟ କରୁଥିବା ଏବଂ ଅଭିଜ୍ଞତା ଥିବା ଟେଲରିଂ ସଂସ୍ଥାମାନେ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପ୍ରବନ୍ଧ ବିଭାଗ, ଭୁବନେଶ୍ୱରରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଫର୍ମରେ ୦୫ ମେ, ୨୦୨୩ ତାରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ଆବେଦନ କରିପାରିବେ। ପୂର୍ବରୁ ଉକ୍ତ କାର୍ଯ୍ୟ ପାଇଁ ବ୍ୟାଙ୍କରେ ତାଲିକାଭୁକ୍ତ ହୋଇଥିବା ଇଚ୍ଛୁକ ଟେଲରିଂ ସଂସ୍ଥାମାନେ ନୂତନ ଭାବେ ଆବେଦନ କରିବା ଜରୁରୀ ଅଟେ। ଅଧିକ ବିବରଣୀ ପାଇଁ ଦୟାକରି ଆର୍‌ବିଆଇ ୱେବ୍‌ସାଇଟ୍‌ରେ ଟେଣ୍ଡର ବିଭାଗ ଦେଖନ୍ତୁ (https://www.rbi.org.in)।

କ୍ଷେତ୍ରୀୟ ନିର୍ଦ୍ଦେଶକ

ODISHA SCHOOL EDUCATION PROGRAMME AUTHORITY
"SHIKSHA SOUDHA", UNIT - V, BHUBANESWAR - 751001
Ph. No.: 0674-2395325 (O), E-mail: opepaedu@yahoo.co.in
No. 4891/HST/23 Dated: 13.04.2023

NOTICE

No. n-1: Due to some unavoidable circumstances, the RFP floated vide letter of invitation No. 3260/5T-HST/2023 Dt.16.03.2023 towards selection of Agency for providing services of Professionals for Transformation for Aspirational Incubator (T4AI) is hereby cancelled.

Sd./- State Project Director
OIPR-27068/11/0001/2324

ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/22-23/E-Tender/182,ତା.11.04.2023ରିଖ

(1) ଟେଣ୍ଡର ସଂ.etender-North-KUR-02-2023,ତା.05.04.2023ରିଖ

ବିବରଣୀ: ସହାୟକ ମଣ୍ଡଳ ଯନ୍ତ୍ରୀ/କେନ୍ଦୁଝରଗଡ଼ ଅଧୀନସ୍ଥ TKB ଲାଇନ୍‌ରେ ଟୋମ୍କା (Ex) ଠାରୁ ଜାରୋଲି (Ex) ପର୍ଯ୍ୟନ୍ତ ସେକ୍ସନରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 64.85 ଲକ୍ଷ, EMD (ଟଙ୍କାରେ) : 1,29,700/-।

(2) ଟେଣ୍ଡର ସଂ.etender-North-KUR-03-2023,ତା.05.04.2023ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଭଦ୍ରକ ଅଧୀନସ୍ଥ ଭଦ୍ରକ-ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ମଧ୍ୟରେ କି.ମି.287.47 ଠାରୁ କି.ମି.334.74 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 104.96 ଲକ୍ଷ, EMD (ଟଙ୍କାରେ) : 2,02,500/-।

ଶେଷ ହେବା ଅବଧି: 12(ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.04.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ଼
PR-59/O/23-24

## ପୋଖରୀରେ ବୁଡ଼ି ୨ବୃଦ୍ଧାଙ୍କ ମୃତ୍ୟୁ

ଉମରକୋଟ,୧୪।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ବାଲିପଙ୍ଗା ଗ୍ରାମରେ ଦୁଇ ଦିନରେ ଗୋଟିଏ ପୋଖରିରେ ବୁଡ଼ି ୨ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବାଲିପଙ୍ଗା ଗ୍ରାମର ମୋତି ସାନ୍ତା (୬୫) ଏବଂ ବାମି ସାନ୍ତା(୬୦)। ପୋଲିସ ଶୁକ୍ରବାର ଉମରକୋଟ ହସ୍ପିଟାଲରେ ୨ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଭୟ ପରିବାର ପକ୍ଷରୁ ଏ ନେଇ ଉମରକୋଟ ଥାନାରେ ପୃଥକ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ମୋତି ଗତ ୧୨ ତାରିଖ ସକାଳ ୮ଟାରେ ଘରଠାରୁ ଏକ କି.ମି. ଦୂରରେ ଥିବା ନିଜ ଚାଷଜମିକୁ କାମ କରିବାକୁ ଯାଇ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଜମି ନିକଟ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ସମ୍ପର୍କୀୟ ଦେଖିଥିଲେ। ସେହିପରି ବାମି ମଧ୍ୟ ସେହିଦିନ ତାଙ୍କ ଜମିକୁ କାମକୁ ଯାଇ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଗୁରୁବାର ଉକ୍ତ ପୋଖରୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ଦମକଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ପାଣିରୁ ବାହାର କରିଥିଲେ। ଥାନାରେ ମୋତିଙ୍କ ପୁଅ ବଲ୍ଲଭ ସାନ୍ତା ଓ ବାମିଙ୍କ ପୁଅ ହରି ସାନ୍ତାଙ୍କ ଅଭିଯୋଗକ୍ରମେ ପୃଥକ ୨ଟି ଅପମୃତ୍ୟୁ ମାମଲା ( ୨୭ଓ ୨୮/୨୩) ରୁଜୁ କରାଯାଇଛି। ଉମରକୋଟ ଥାନା ସବ ଇନ୍ସପେକ୍ଟର ସୌମେନ୍ଦ୍ର କୁମାର ସେଠ୍ ଘଟଣାର ତଦନ୍ତ ଭାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ମୋତି ଓ ବାମି ୨ ଘନିଷ୍ଠ ବାନ୍ଧବୀ ଥିଲେ।

## କେନ୍ଦ୍ରୀୟ ଯୋଜନା ବୁଝାଇଲେ ଗିରିରାଜ



କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଗିରିରାଜଙ୍କୁ ପାଛୋଟି ନିଆଯାଉଛି।

ଆଠମଲ୍ଲିକ, ୧୪।୪ (ଡି.ଏନ.ଏ.)

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ ଶୁକ୍ରବାର ଅନୁଗୋଳ ଜିଲା ଆଠମଲ୍ଲିକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତର କମଳପୁର ଗାଁରେ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ୟାକ୍ ଟୁ ଭିଲେଜ ତରଫରୁ ନିର୍ମିତ ବାୟୋ ଫର୍ଟିଲାଇଜର ୟୁନିଟ୍‌କୁ ସିଂହ ଉଦ୍‌ଘାଟନ କରିବା ସହ ସଙ୍ଗଠନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ରମନ୍ତ୍ରୀ କୃଷକ ଓ ଦଳୀୟ ସମର୍ଥକମାନଙ୍କ ସହିତ ମତ ବିନିମୟ କରିଥିଲେ। ଏହି ଅବସରରେ ସେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଙ୍ଗଠନ ବ୍ୟାକ ଟୁ ଭିଲେଜର ମୁଖ୍ୟ ପ୍ରତିଷ୍ଠାତା ମନୀଷ କୁମାର ଓ ପୂଜା ଭାରତୀଙ୍କ ସମେତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା, ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, ତହସିଲଦାର ଯଶୋବନ୍ତ ଦେହୁରୀ, ସହକାରୀ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ପରେଶ ଚନ୍ଦ୍ର ଦେଓ, ଭାଜପା ଜିଲା ସଭାପତି ଦିଲେଶର ପ୍ରଧାନ, ଜିଲା ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଯୁବନେତା ପିନା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଆଠମଲ୍ଲିକ ଥାନା ଆଇଆଇସି ନିରୋଦ କୁମାର ଦାସଙ୍କ ନେତୃତ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଗିରଫ

ଅତାବିରା/ସରଣ୍ଡା,୧୪।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଜୁନାନୀ ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସୀତୟା ନାଏକ(୩୬)। ଏହି ଘଟଣାରେ ପୋଲିସ ମୃତା ମହିଳାଙ୍କ ଅଭିଯୁକ୍ତ ସ୍ୱାମୀ ଭାଗୀରଥି ନାଏକ (୪୨)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ନେଇ ଅତାବିର ଥାନାରେ ଦଫା ୪୯୮(ଏ), ୩୦୨ ଦଫାରେ ଏକ ମାମଲା (ନଂ.୧୪୮।୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ ଭାଗୀରଥି ଓ ସୀତୟାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭାଗୀରଥି ତାଙ୍କ ସ୍ତ୍ରୀ ସୀତୟାଙ୍କ ଗଳାକୁ ଟାଙ୍ଗିଆରେ ପ୍ରହାର କରି ଫେରାର ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତ ସୀତୟାଙ୍କ ଭାଇ ରୁଝେନମାଳ ନିବାସୀ ନବୀନ ମିର୍ଦ୍ଧା ଅତାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରି ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ଅଧିକ ତଦନ୍ତ କରୁଛି।

HANDLING CONTRACTOR 2023-25
NOTICE INVITING TENDER
OFFICE OF THE CHIEF CSO-CUM-DISTRICT MANAGER,
ODISHA STATE CIVIL SUPPLIES CORPORATION LTD.
DISTRICT- CUTTACK, PHONE - 0671-2507744
No.CAD-165
Tender No.- 1103/ Dt.13.4.2023
Cost of Tender Document: Rs.11800/- Inclusive of GST.
Online tenders are invited from eligible bidders for selection and appointment of Handling Contractor (Labour works) for handling of food grain (Rice, Wheat) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of District: Cuttack for the biennial 2023-25.

| | | |
|---|---|---|
| 1 | Availability of tender documents | From Date 15.04.2023 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt.18.04.2023 at 12.30 P.M., Place: Office of the CCSO cum District Manager, Collectorate, Cuttack |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 5.30 P.M. of Dt.29.04.2023 |
| 4 | Date, time and venue for opening of technical bid by the tender committee | On Dt.01.05.2023 at 3.30 P.M., Place: Office of the CCSO cum District Manager, Collectorate, Cuttack |
| 5 | Date, time and venue of submission of original documents in support of scanned copies uploaded inthe portal for verification | On Dt.01.05.2023 at 3.30 P.M., Place: Office of the CCSO cum District Manager, Collectorate, Cuttack |
| 6 | Date & time of financial bid opening by the tender committee (Only of technically qualified bidders) | To be announced after technical bid evaluation |
| 7 | Venue of the opening of technical & financial bids | Office of the CCSO cum District Manager, Collectorate,Cuttack |
| 8 | Validity period | Tenders are to remain open for acceptance for 45 days inclusive of date of opening of tnder. Note: The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the tender | The tender should be prepared by the bidder in English language only |
| 10 | Help Desk Telephone No. | OSCSC Ltd:- District Manager: No.9438200037 Accounts Head: No.9437202302 State Procurement Cell: 0674-2530998 / 18003456765 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any / all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit tender document fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender / corrigendum please refer to the website www.tendersodisha.gov.in, www.oscsc.in & www.foododisha.in

Sd./-District Manager, OSCSC Ltd., Cuttack
OIPR-07065/11/0002/2324

DSPL-05

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏଟି" (AT) ସିରିଜ୍

ନୂତନ ଆକାରରେ ଓ ନୂତନ ପ୍ରକାରରେ

ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ, ଅଧିକ ପୁରସ୍କାର ସଂଖ୍ୟା, ପୂର୍ବାପେକ୍ଷା ଦୁଇ ଗୁଣରୁ ଅଧିକ ପୁରସ୍କାର ରାଶି ଓ ଅନ୍ ଲାଇନ୍ କୁପନ ସଂଗ୍ରହ କରିବାର ବ୍ୟବସ୍ଥା ।

| ପୁରସ୍କାର ବର୍ଗ | ପୁରସ୍କାର ପରିମାଣ (ଟଙ୍କା ହିସାବରେ) | ପୁରସ୍କାର ସଂଖ୍ୟା | ସମୁଦାୟ ପୁରସ୍କାର ରାଶି (ଟଙ୍କା ହିସାବରେ) | କୁପନ ପାଇବା ଯୋଗ୍ୟ ସ୍ୱଳ୍ପ ସଞ୍ଚୟ ଯୋଜନା |
|---|---|---|---|---|
| ପ୍ରଥମ | ୫,୦୦,୦୦୦/- | ୦୧ | ୫,୦୦,୦୦୦/- | କିଷାନ ବିକାଶ ପତ୍ର, ସୁକନ୍ୟା ସମୃଦ୍ଧି ଜମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ଡାକଘର ମାସିକ ଆୟ ଯୋଜନା/ଜାତୀୟ ସଞ୍ଚୟ ମାସିକ ଆୟ ଜମା, ଡାକଘର ପୌନଃପୁନିକ ଜମା/ଜାତୀୟ ସଞ୍ଚୟ ପୌନଃପୁନିକ ଜମା, ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା/ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା |
| ଦ୍ୱିତୀୟ | ୩,୦୦,୦୦୦/- | ୦୨ | ୬,୦୦,୦୦୦/- | |
| ତୃତୀୟ | ୨,୦୦,୦୦୦/- | ୦୩ | ୬,୦୦,୦୦୦/- | |
| ଚତୁର୍ଥ | ୧,୦୦,୦୦୦/- | ୦୪ | ୪,୦୦,୦୦୦/- | |
| ପଞ୍ଚମ | ୫୦,୦୦୦/- | ୦୫ | ୨,୫୦,୦୦୦/- | |
| ଷଷ୍ଠ | ୨୫,୦୦୦/- | ୦୬ | ୧,୫୦,୦୦୦/- | |
| ସପ୍ତମ | ୧୦,୦୦୦/- | ୨୫୦ | ୨୫,୦୦,୦୦୦/- | |
| ଅଷ୍ଟମ | ୪,୦୦୦/- | ୨୫୦୦ | ୧,୦୦,୦୦,୦୦୦/- | |
| | ସମୁଦାୟ | ୨୭୭୧ | ୧,୫୦,୦୦,୦୦୦/- | |

ଜମା ଅବଧି:- ତା ୦୧.୦୧.୨୦୨୨ ରିଖ ଠାରୁ ତା ୩୧.୧୨.୨୦୨୨ ରିଖ ପର୍ଯ୍ୟନ୍ତ ।
ଅନ୍ ଲାଇନ୍ କୁପନ ସଂଗ୍ରହ କରିବାର ଶେଷ ତାରିଖ:- ୩୦.୦୬.୨୦୨୩
ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ କୁପନ ସଂଗ୍ରହ କରିବାର ଶେଷ ତାରିଖ:- ୩୧.୦୭.୨୦୨୩
ଅନ୍ ଲାଇନ୍ କୁପନ ସଂଗ୍ରହ କରିବା ପାଇଁ http://assa.odisha.gov.in କୁ ଲଗ୍ ଇନ୍ କରନ୍ତୁ । ଏହି ବ୍ୟବସ୍ଥା ମାଧ୍ୟମରେ ସମସ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ସମେତ ଭୁବନେଶ୍ୱର, ବ୍ରହ୍ମପୁର, ରାଇରଙ୍ଗପୁର, ଭଞ୍ଜନଗର, ଅନୁଗୁଳ ସଦର, ଆନନ୍ଦପୁର, ବଲାଙ୍ଗିର ସଦର, ବାଲେଶ୍ୱର ସଦର, ବରଗଡ଼ ସଦର, ଭବାନୀପାଟନା, କଟକ ସଦର, ଢେଙ୍କାନାଳ ସଦର, ଜୟପୁର, ପାନପୋଷ୍, ରାୟଗଡା ସଦର, କନ୍ଧମାଳ ସଦର ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ଠାରୁ କୁପନ ସଂଗ୍ରହ କରି ହେବ ।
ଏହି ଅନ୍ ଲାଇନ୍ କୁପନ ସଂଗ୍ରହ ବ୍ୟବସ୍ଥା ସହିତ, ପୂର୍ବପରି ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ କୁପନ ସଂଗ୍ରହ କରିହେବ।
୨୦୦୦ ଟଙ୍କା ଜମା ରାଶି ପିଛା ଗୋଟିଏ ମାଗଣା କୁପନ ସଂଗ୍ରହ କରି ଭାଗ୍ୟଶାଳୀ ବିଜେତା ହେବାର ସୁଯୋଗ ନିଅନ୍ତୁ ।
କେବଳ ଓଡିଶାରେ ଅବସ୍ଥିତ ଯେକୌଣସି ଡାକଘର ବା ବ୍ୟାଙ୍କ୍ ରେ ଉପରବର୍ଣ୍ଣିତ ଜମା ଯୋଜନା ଗୁଡିକରେ ସଞ୍ଚୟ କରାଯାଇଥିବା ଜମା ରାଶି ଉପରେ ଏହି କୁପନ ସଂଗ୍ରହ କରାଯାଇପାରିବ ।
ବି:ଦ୍ର: କୁପନ ସଂଗ୍ରହ ସମୟରେ କୁପନ ଉପରେ ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ସଂଗ୍ରହ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ,
ଅର୍ଥ ବିଭାଗ,
ଓଡିଶା ସରକାର

(ଅଧିକ ବିବରଣୀ ପାଇଁ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ / ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ।)
OIPR-05001/13/0001/2324

## ସଂକ୍ଷେପରେ

### ବାହୁତି ଦେବୀଙ୍କ ବାର୍ଷିକ ଯଜ୍ଞ



ଚଢ଼େଇଧରା,୧୪।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଳିଗ୍ରାମ୍ୟ ଦେବୀ ମା'ବାହୁତି ଦେବୀଙ୍କ ବାର୍ଷିକ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ମହିଳାମାନେ ଗ୍ରାମ ପୋଖରୀରୁ ମା'ଙ୍କ ପୀଠକୁ ଜଳ କଳସ ଧରି ଶୋଭାଯାତ୍ରାରେ ଆସିଥିଲେ। ପରେ ଗୋ ପୂଜା, ସୂର୍ଯ୍ୟ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ରଣଜିତ ଧଳ ସପତ୍ନିକ ଯଜ୍ଞ ମହୋତ୍ସବରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭଜନ କୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

### ଯୁବଶକ୍ତି କ୍ଲବ୍ ପକ୍ଷରୁ ଜଳଛତ୍ର

ଯାଜପୁର ଟାଉନ,୧୪।୪(ଡି.ଏନ.ଏ.): ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶୁକ୍ରବାର ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବଶକ୍ତି କ୍ଲବ୍ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ରାମ ମନ୍ଦିର ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ସମ୍ବିତ ନାୟକ, ସହଯୋଗୀ ହିରନ୍ୟ ମହାପାତ୍ର, ଶକ୍ତି ପ୍ରସାଦ ମଲିକ, ସୌମ୍ୟରଞ୍ଜନ ବାରିକ, ଇଫାମ୍ ଇସଲାମ, ସ୍ୱନ୍ଦନ ପରିଡ଼ା, ଚନ୍ଦନ ମଲ୍ଲିକ, ଆର୍ଯ୍ୟମାନ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରୀଷ୍ମ ଋତୁର ଶେଷ ପର୍ଯ୍ୟନ୍ତ ଜଳଛତ୍ର ଖୋଲାରହିବ ବୋଲି ସଭାପତି ନାୟକ କହିଛନ୍ତି।

### କୋରାବନ୍ଧୀରେ ହନୁମାନ ଜୟନ୍ତୀ



କୋରେଇ,୧୪।୪(ଡି.ଏନ.ଏ.): କୋରାବନ୍ଧୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ୧୧ତମ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମର ହନୁମାନ କମିଟି ପକ୍ଷରୁ ୧୧ବର୍ଷ ହେବ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଏଠାରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ବହୁ ଆଡମ୍ବରରେ ପାଳନ କରାଯାଉଛି। କମିଟି ପକ୍ଷରୁ ଗ୍ରାମର ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ହେମନ୍ତ କୁମାର ରାଉତ, କାହ୍ନୁଚରଣ ସେଠୀ, ଅଜୟ ବରାଳ, ସୁଜିତ ପାତ୍ର, ପ୍ରଶାନ୍ତ ରାଉତ, ଯତୀଶ ମଲ୍ଲିକ, ଚିତ୍ତରଞ୍ଜନ ନନ୍ଦ, ସତ୍ୟଜିତ ରାଉତ, ବିଜୟ ବାରିକ ଓ ବିଶ୍ୱଜିତ କର ପ୍ରମୁଖ ଯଜ୍ଞକୁ ପରିଚାଳନା କରିଥିଲେ।

# ପ୍ରଭୁ ନାରାୟଣ ଗୋସାଇଁଙ୍କ ସ୍ଥଳାଦେଶ ଯାତ୍ରା ଆରମ୍ଭ

## ଠାକୁରଙ୍କ ଜଳକ୍ରୀଡ଼ା ଦର୍ଶନ ପାଇଁ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ



ନାରାୟଣ ଗୋସାଇଁଙ୍କୁ ପୁଷ୍କରିଣୀରୁ ଅଣାଯାଉଛି।

ରସୁଲପୁର,୧୪।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହାପୁର ଯାତ୍ରା ଅବସରରେ ପ୍ରଭୁ ନାରାୟଣ ଗୋସାଇଁଙ୍କ ୩ ଦିନିଆ ସ୍ଥଳାଦେଶ ଯାତ୍ରା ମହାବିଷୁବ ସଂକ୍ରାନ୍ତି ତିଥି ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରାରେ ନାରାୟଣ ଗୋସାଇଁଙ୍କ ଜଳକ୍ରୀଡ଼ା ଯାତ୍ରା ଦର୍ଶନ ପାଇଁ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ପ୍ରଭୁ ନାରାୟଣ ଗୋସାଇଁ ମଧୁତୀର୍ଥ ପୁଷ୍କରିଣୀର ଜଳ ଶୟନ କକ୍ଷ ପରିତ୍ୟାଗ କରି ଭକ୍ତଙ୍କୁ ସ୍ଥଳାଦେଶ ମନ୍ଦିରରେ ବିଭିନ୍ନ ରୂପରେ ଦର୍ଶନ ଦେବେ। ଠାକୁରଙ୍କୁ ସ୍ଥଳାଦେଶ ମନ୍ଦିରରେ ବିରାଜମାନ କରାଯିବା ପୂର୍ବରୁ ସେବକ, ଭକ୍ତ ଜଳକ୍ରୀଡ଼ା କରାଇ ପୁଷ୍କରିଣୀର ଉତ୍ତର ପାବଚ୍ଛରେ ଅବସ୍ଥାନ କରିଥିଲେ। ମଧୁପୁରଗଡ଼ ରାଜପରିବାରଙ୍କ କୁଳ ଦେବତା ପ୍ରଭୁ ନାରାୟଣ ଗୋସାଇଁଙ୍କୁ ସ୍ୱାଗତ କରିବା ପରେ ପୂଜା ଅର୍ଚ୍ଚନା ପାଇଁ ରାଜପରିବାର ବର୍ଗ, ସେବକ, ରାଜପୁରୋହିତ ପ୍ରମୁଖ ଅପେକ୍ଷାରତ ଥିଲେ। ଏଠାରେ ପାରମ୍ପାରିକ ରୀତିନୀତି ସହ ପୂଜା ଅର୍ଚ୍ଚନା ପରେ ପ୍ରଭୁଙ୍କୁ ପୁଣିଥରେ ଜଳକ୍ରୀଡ଼ା କରାଇ ପୂର୍ବ ପାବଚ୍ଛରେ ଅବସ୍ଥାନ କରାଇଥିଲେ। ସେଠାରୁ ପ୍ରଭୁଙ୍କୁ ପହଣ୍ଡି ଯାତ୍ରା ଜରିଆରେ ମନ୍ଦିରରେ ଅବସ୍ଥାନ କରାଯାଇଥିଲା। ଏହିଠାରେ ପ୍ରଭୁଙ୍କୁ ୩ଦିନ ଧରି ପାରମ୍ପାରିକ ରୀତିନୀତି ସହ ପୂଜା ଅର୍ଚ୍ଚନା କରାଯିବା ପରେ ପୁଣି ଥରେ ଜଳାଶୟକୁ ପ୍ରବେଶ କରାଯିବ। ପୂଜା ମଣ୍ଡପରେ ପ୍ରଭୁଙ୍କୁ ଅବସ୍ଥାନ କରାଯାଇ ନାନା ବେଶରେ ଭୂଷିତ କରାଯିବ।

ମଧୁପୁରଗଡ଼ ରାଜ ପରିବାରର ନିର୍ଦ୍ଦେଶ ଓ ସହଯୋଗକ୍ରମେ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପରମ୍ପରା ଅନୁଯାୟୀ ସକାଳ ୭ଟା ୪୫ରେ ଠାକୁରଙ୍କୁ ପୁଷ୍କରିଣୀରୁ ଆଣାଯାଇ ୮ଟା ୩୦ରେ ସିଂହାସନରେ ଅବସ୍ଥାପିତ କରାଯାଇଥିଲା। ପ୍ରତ୍ୟୁଷରୁ ରାଜ ପୁରୋହିତ, ସେବକ, ପରିଚାଳକ, ସର୍ବୋପରି ଭକ୍ତଙ୍କ ଗହଳିରେ ମଧୁତୀର୍ଥ ପୁଷ୍କରିଣୀ ଚର୍ତୁପାର୍ଶ୍ୱ ପୁରି ଉଠିଥିଲା। ଆଜ୍ଞାମାଳ ନେଇ ଭକ୍ତ ପୁଷ୍କରଣି ମଧ୍ୟକୁ ପ୍ରବେଶ କରିଥିଲେ। ପୁଷ୍କରିଣୀ ମଧ ଭାଗରେ ଜଳାସିଂହାସନରେ ଅବସ୍ଥାନ କରିଥିବା ପ୍ରଭୁ ନରାୟଣ ଗୋସାଇଁଙ୍କୁ ଜଳ ଉତ୍ସରୁ ବାହାରକୁ ଆଣାଯାଇଥିଲା। ଭକ୍ତ ପ୍ରଭୁଙ୍କୁ ଜଳକ୍ରୀଡ଼ା ଜରିଆରେ ପୁଷ୍କରିଣୀ ପୂର୍ବ ପବାଚ୍ଛ ନିକଟକୁ ଆଣାଯାଇଥିଲା। ରାଜ ପୁରୋହିତଙ୍କ ଦ୍ୱାରା ଗୋସାଇଁଙ୍କୁ ଦୁଗ୍ଧ ସ୍ନାନ କରାଯାଇଥିଲା। ପରେ ଭକ୍ତମାନେ ଠାକୁରଙ୍କୁ ଜଳକ୍ରୀଡ଼ାର ସହ ପୁଷ୍କରିଣୀର ଉତ୍ତର ପାବଚ୍ଛରେ ଅବସ୍ଥାନ କରାଇଥିଲେ। ସେଠାରେ ରାଜଜେମା ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ପୁଷ୍ପାଞ୍ଜଳି ଦେଇ ଠାକୁରଙ୍କୁ ସ୍ଥଳ ଦେଶ ମନ୍ଦିରକୁ ପ୍ରବେଶ କରାଇବାର ବନ୍ଦୋବସ୍ତ କରାଇଥିଲେ।

ପରିଚାରିକା, ପରିଚାରକ ପୁଷ୍ପାଞ୍ଜଳି ଅର୍ପଣକରି ପ୍ରଭୁଙ୍କୁ ସ୍ୱାଗତ କରିଥିଲେ। ପୁଷ୍କରିଣୀର ପୂର୍ବତଟରେ ଅବସ୍ଥିତ ମଦନ ମୋହନ ମନ୍ଦିରେ ପୂଜା ପାଉଥିବା ପ୍ରଭୁନାରାୟଣ ଗୋସାଇଁଙ୍କ ଚଳନ୍ତି ପ୍ରତିମା ଏକ ପଟୁଆରରେ ଆସି ଉତ୍ତର ପାବଚ୍ଛ ନିକଟରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରେ ମଦନମୋହନ ଓ ନାରାୟଣ ଗୋସାଇଁଙ୍କ ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିସହ ଠାକୁରଙ୍କୁ ପହଣ୍ଡି କରାଇ ସିଂହାସନ ବିଜେ କରାଇଥିଲେ। ପ୍ରଭୁଙ୍କ ଏହି ଲିଳାଖେଳା ଦେଖି ଭକ୍ତ ବିମୁଗ୍ଧ ହୋଇାଉଠିଥିଲେ।

ଅନୁଷ୍ଠିତ ଯଜ୍ଞୋତ୍ସବରେ ୬ଜଣ ପୁରୋହିତ ଓ ପର୍ବାଚାର୍ଯ୍ୟ ବ୍ରାହ୍ମଣ ୪ଜଣଙ୍କୁ ମିଶାଇ ମୋଟ ୧୦ ପଣ୍ଡିତ ନିୟୋଜିତ ଅଛନ୍ତି। ଉକ୍ତ ବ୍ରାହ୍ମଣମାନଙ୍କ ଦ୍ୱାରା ପ୍ରଭୁଙ୍କୁ ନାନା ପ୍ରକାର ପୂଜା ଅର୍ପଣ କରାଯାଇଥିଲା। ପ୍ରଭୁ ନାରାୟଣ ଗୋସାଇଁ ଭକ୍ତଙ୍କୁ ସୂର୍ଯ୍ୟ ନାରାୟଣ ବେଶରେ ଭୂଷିତ କରାଯାଇଥିଲା। ଏହି ଯାତ୍ରାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ, ଜିଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆ, ସରପଞ୍ଚ ହୃଦାନନ୍ଦ ସାହୁ, ଯାତ୍ରା ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମ ପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଜିଲା ପ୍ରଶାସନ ଓ ସିଂହାପୁର ଯାତ୍ରା କମିଟି ପକ୍ଷରୁ ଯାତ୍ରା ପରିଚାଳନା କରାଯାଉଛି।

## ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ପାଳିତ

ଯାଜପୁରରୋଡ,୧୪।୪(ଡି.ଏନ.ଏ.): ବ୍ୟାସନଗର ସହରରେ ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏଥିପାଇଁ ଦେବଦେବୀ ମନ୍ଦିରଗୁଡିକ ପ୍ରାତଃ ସମୟରୁ ଚଳ ଚଞ୍ଚଳ ହୋଇ ଉଠିଥିଲା। ବିଭିନ୍ନ ମନ୍ଦିର ଓ ଦେବୀ ପୀଠରେ ପୂଜା ପାଠ, ହୋମ ଯଜ୍ଞ, ଭଜନ କୀର୍ତ୍ତନ ଓ ବିଭିନ୍ନ ଭୋଗ ସାଙ୍ଗକୁ ପଣାର ଆସର ଜମିଥିଲା। ହନୁମାନ, ମା' ତାରିଣୀ ଓ ଗ୍ରାମଦେବତୀ ମନ୍ଦିର ଗୁଡ଼ିକରେ ଛତୁଆ ଭୋଗ ଓ ପଣା ବଣ୍ଟା ଯାଇଥିଲା। ସହରର ବିଭିନ୍ନ ସଂଗଠନ ପକ୍ଷରୁ ଛକଗୁଡ଼ିକରେ ଜଳଛତ୍ର ଖୋଲାଯାଇଥିଲା।



# ଜିଲା କଂଗ୍ରେସ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ

ଯାଜପୁର ଟାଉନ,୧୪।୪(ଡି.ଏନ.ଏ.):

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ପ୍ରଣେତା ଡ.ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯାଜପୁର ଜିଲା ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ନେତୃତ୍ୱରେ ଜିଲା କଂଗ୍ରେସର ସଭପତି ମନୋଜ ରାଉତ ଓ ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ ଯୋଗଦେଇ ଆମ୍ବେଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଭାରେ ବଳଭଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଧର ବାରିକ, ବିଜୟ କୁମାର ମହାପାତ୍ର,ଅରଜିତ ନାୟକ, ବିଭୂତିଭୂଷଣ ମହାପାତ୍ର, ପ୍ରଦୀପ କୁମାର ବେହୁରିଆ, ଅକ୍ଷୟ କୁମାର ଶତପଥି, ନରେନ୍ଦ୍ର ଷେଠୀ, ସୁରେନ୍ଦ୍ର କୁମାର ଷେଠୀ, ହୃଷିକେଶ ଯେନା, ମାଧବାନନ୍ଦ ଯେନା, ସଂଗ୍ରାମ କୁମାର ଯେନା, ପ୍ରଫୁଲ୍ଲ କୁମାର ଯେନା, ଦେବେନ୍ଦ୍ର ଗୋଚ୍ଛାୟତ, ଜଗବନ୍ଧୁ ଯେନା, ସନ୍ତୋଷ କୁମାର ସାହୁ ପ୍ରମୁଖ ଦଳିତ ସେଲର କର୍ମୀ ଓ କଂଗ୍ରେସ କର୍ମମାନେ ଯୋଗ ଦେଇଥିଲେ।



କଂଗ୍ରେସ କର୍ମୀମାନେ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରୁଛନ୍ତି।

## ବ୍ୟବସାୟୀଙ୍କ ବିୟୋଗ

ଚଣ୍ଡିଖୋଲ,୧୪।୪(ଡି.ଏନ.ଏ.):

ଚଣ୍ଡିଖୋଲ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ଚଣ୍ଡିଖୋଲ କଲେଜର ପ୍ରତିଷ୍ଠାତା ସଭ୍ୟ ନିରୋଦ ନାୟକ (୯୧)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମରଶରୀରକୁ ଚଣ୍ଡିଖୋଲ କଲେଜ ପରିସରକୁ ଆଣିବା ପରେ ସେଠାରେ କଲେଜ ଅଧ୍ୟକ୍ଷ ଡ. ମନୋଜ ଦାସ, ପୁରାତନ ଛାତ୍ର ସଂଘର ସମ୍ପାଦକ ଦେବରାଜ ବେହେରା, ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚଣ୍ଡିଖୋଲ ଛକରେ ଟ୍ରକ ମାଲିକ ସଂଘ, ବସ ମାଲିକ ସଂଘ, ବ୍ୟବସାୟୀ ସଂଘ ଓ ଲଘୁ ଖଣିଜ ପରିବହନ ସଂଘ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ତାଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭାଜପା ନେତା ଅମର ନାୟକ ଶୋକ ପ୍ରକାଶ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ପଣାଛତ୍ର

ଚଣ୍ଡିଖୋଲ,୧୪।୪(ଡି.ଏନ.ଏ.):

ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ବଡ଼ଚଣାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ଓଳାଶୁଣୀ ଛକ ନିକଟରେ ପଥଚାରୀଙ୍କ ପାଇଁ ପଣାଛତ୍ର ଖୋଲାଯାଇଛି। ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ ଓ ଜଗନ୍ନାଥ ମାନ୍ଧାତା ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜଳ ଛତ୍ର ଓ ପଣା ଛତ୍ରକୁ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଯତୀନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଆଜିର ଯୁବପିଢ଼ି ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ବୁଝିବା ସହିତ ସମାଜର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ କୁମାର ସାମଲ, ଯବାନ ମହେନ୍ଦ୍ର ସାମଲ, ନରହରି ବେହେରା, ଆଫତବ ଖାଁ, ରତିକାନ୍ତ ପଣ୍ଡା ଓ ସୁଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରମୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ।




ଥାନାଧିକାରୀ ପଣାଛତ୍ର ଉଦ୍‌ଘାଟନ କରୁଛନ୍ତି।

# 'ବା ବାପୁ ପାଠ ଶାଳା'ରେ ଆମ୍ବେଡ୍‌କର ଜୟନ୍ତୀ

ଧର୍ମଶାଳା,୧୪।୪(ଡି.ଏନ.ଏ.):

ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତର ଶବରପଲ୍ଲି ଜାଲଶୁଖାସ୍ଥିତ ସର୍ବୋଦୟ ମଣ୍ଡଳ ଦ୍ୱାରା ପରିଚାଳିତ 'ବା ବାପୁ ପାଠ ଶାଳା'ରେ ଶୁକ୍ରବାର ଭାରତରତ୍ନ ଡ.ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାଠଶାଳା ସଂଯୋଜକ ଦେବବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ସାମାଜିକ ନ୍ୟାୟ ଅଭିଯାନ କର୍ମୀ କାର୍ତ୍ତିକ ମଲିକ, ମୁଖ୍ୟବକ୍ତା ଅନାମ ଚରଣ ମଲିକ ଓ ଅତିଥିଭାବେ ଶିକ୍ଷାବିତ ଛବିନ୍ଦ୍ର ଯେନା ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କୁନିଛାତ୍ରୀ ଦିବ୍ୟାନୀ ରାଉତ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ପ୍ରଶାନ୍ତ ମଲିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଖାତା, କଲମ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ସେହିପରି ଧର୍ମଶାଳା ବ୍ଲକ ପରିସରରେ ଥିବା ଡ. ଭିମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।




ବା ବାପୁ ପାଠଶାଳା ପକ୍ଷରୁ ବାବା ସାହେବଙ୍କ ଜୟନ୍ତୀ ପାଳନ କରାଯାଉଛି।

# ସରକାରୀ, ଘରୋଇ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର

ଧର୍ମଶାଳା,୧୪।୪(ଡି.ଏନ.ଏ.):

ପଣା ସଂକ୍ରାନ୍ତି ଅବସରରେ ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ସରକାରୀ ଓ ଘରୋଇ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଜଳଛତ୍ର ବ୍ୟବସ୍ଥା କରାଯାଇଛି। ମିଶନ ଗ୍ରୀନ୍ ପରିବାର ପକ୍ଷରୁ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ନିକଟରେ ଜଳଛତ୍ର ଖୋଲାଯାଇଛି। ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଆନନ୍ଦ ଚନ୍ଦ୍ର ରାଉତ, ସୁଦୀପ୍ତ ସ୍ୱାଇଁ, ପ୍ରବୋଧ ପାତ୍ର, ଅନିଲ ସ୍ୱାଇଁ, ଅଙ୍କିତ ସ୍ୱାଇଁ, ଜ୍ଞାନରଞ୍ଜନ ମହାନ୍ତି, ସୌମ୍ୟରଞ୍ଜନ ବାରିକ ଓ ସେକ ରାଜୁଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନାରେ ସହଯୋଗ କରିଥିଲେ।

ସେହିପରି ଧର୍ମଶାଳା ବ୍ଲକ ଅଫିସ ସମ୍ମୁଖରେ ମହିଳା ବିଜେଡି ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ମହିଳା ସଭାପତି ବିଶ୍ୱବନ୍ଦନା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଡ. ପ୍ରିୟନାଥ ମହପାତ୍ର, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ମମତା ଖୁଣ୍ଟିଆ, ରେଣୁବାଳା ଶତପଥୀ, ମିନତି ପଣ୍ଡା, ରାଜଶ୍ରୀ ଦାଶ, ବନଜିନୀ ପରିଡ଼ା, ନିରଞ୍ଜନ ରାଉତ, ପ୍ରହ୍ଲାଦ ଲେଙ୍କା, ଜଳଧର ସାହୁ, ନିର୍ମଳ ପ୍ରଧାନ ଓ ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମଶାଳା ଥାନା ପକ୍ଷରୁ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜାରକା ଛକଠାରେ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ରକୁ ଥାନା ଅଧିକାରୀ ଉଦଘାଟନ କରିଥିବା ବେଳେ ଜାରକା ବିଟ ହାଉସ ଅଧିକାରୀ ପ୍ରଶାନ୍ତ ତ୍ରିପାଠୀ, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ବଟୋଇମାନଙ୍କୁ ଜଳ ବଣ୍ଟନ କରିଥିଲେ। ସେହିପରି ସଙ୍ଖାଗିଡ଼ିହ, ନାକପୋଲ, କାଏମା, ଶାନ୍ତିବଜାର, କୋତପୁର ଆଦି ଛକ ସ୍ଥାନଗୁଡ଼ିକରେ ବିଭିନ୍ନ ପଞ୍ଚାୟତ ଓ ସଙ୍ଗଠନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଜଳଛତ୍ର ବ୍ୟବସ୍ଥା ମେ' ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନଗୁଡ଼ିକପକ୍ଷରୁସୂଚନା ଦିଆଯାଇଛି।



ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଜଳଛତ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ଯାଜପୁର ସହରରେ ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି

ଯାଜପୁର ଟାଉନ,୧୪।୪(ଡି.ଏନ.ଏ.):

ଯାଜପୁର ସହରରେ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଓଡ଼ିଆ ନବବର୍ଷ ସହ ପଣାସଂକ୍ରାନ୍ତି ଘରେ ଘରେ ପାଳନ କରିଛନ୍ତି ଯାଜପୁରବାସୀ। ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ ପ୍ରତ୍ୟେକ ଘରେ ମହିଳାମାନେ ସକାଳୁ ପଣା ଧରି ମା' ବୃନ୍ଦାବତୀଙ୍କୁ ଅର୍ପଣ କରିବା ପରେ ବିଭିନ୍ନ ଦେବଦେବୀଙ୍କୁ ପୂଜାଲାଗି କରିଥିଲେ। ସେହିପରି ସହରର ବିଭିନ୍ନ ଛକ ବଜାରରେ ଅବସ୍ଥିତ ମହାବୀରଙ୍କ ପ୍ରତିମୂର୍ତ୍ତିଠାରେ ପୂଜାର୍ଚ୍ଚନା ହେଉଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗଦେଇ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଯାଜପୁର ସହରର ରକ୍ଷାକାଳୀ ଜିମ୍‌ନାସିୟମ, ମହାବୀର ଜିମ୍‌ନାସିୟମ, ସରକାରୀ ବସ୍‌ଷ୍ଟାଣ୍ଡ (ଓଏମ୍‌ଏସ୍), ହରପାର୍ବତୀ ଛକ, ରାଣିରାମଚନ୍ଦ୍ରପୁର, ରାଉତରାପୁର, ପଣସା, ବିରଜା ହାଟ, ଯାଉଁଳିବନ୍ଧ, କୁଆଁସରପୁର ଆଦି ହନୁମାନ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବିରଜା ମନ୍ଦିର ନିକଟସ୍ଥ ମହାବୀର ଜିମ୍‌ନାସିୟମର ପୁରୋଧା ନୀଳକଣ୍ଠ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଏହି ପୂଜାକୁ ଆୟୋଜନ କରିଥିଲେ।





ଯାଜପୁର ସହରରେ ହନୁମାନଙ୍କ ପୂଜାର୍ଚ୍ଚନା ଚାଲିଛି।

**ଅଗ୍ନିଶମ ସେବା ସପ୍ତାହ ପାଳନ**

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏକ ସଚେତନତା ରଥ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ଅଗ୍ନିକାଣ୍ଡର ଭୟାବହତା ଓ ନିରାକରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବ। ଏ ସମ୍ପର୍କରେ ଜିଲା ସହ ଅଗ୍ନିଶମ ଅଧିକାରୀ ନରେନ କୁମାର ମହାନ୍ତି କହିଛନ୍ତି, ୧୯୪୪ ଏପ୍ରିଲ ୧୪ରେ ମୁମ୍ବାଇ ଡକ୍‌ୟାର୍ଡରେ ଲାଗିଥିବା ନିଆଁକୁ ଲିଭାଇବାକୁ ଯାଇ ୬୬ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେହି ଶହୀଦଙ୍କୁ ମନେପକାଇବା ସହ କାର୍ଯ୍ୟଧାରା ଆଗକୁ ନେବା ପାଇଁ ଏହି ଦିବସର ସୃଷ୍ଟି ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ନୂତନ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଉଚ୍ଚସ୍ତରୀୟ ଟିମ୍‌ର ଅନୁଧ୍ୟାନ

ପଟ୍ଟାମୁଣ୍ଡାଇ, ୧୪।୪(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ସହରର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏପରିକି ଜରୁରୀକାଳୀନ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଦମକଳ ଓ ଆମ୍ବୁଲାନ୍ସ ଗାଡ଼ି ମଧ୍ୟ ଅନେକ ସମୟରେ ଭିଡ଼ ମଧ୍ୟରେ ଫସି ଯାଉଛି। ପଟ୍ଟାମୁଣ୍ଡାଇ ସହରରୁ ଟ୍ରାଫିକ ସମସ୍ୟା ଦୂର କରିବାକୁ ଏକ ନୂତନ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନିକଟରେ ଦାବି କରିଥିଲେ। ଅଞ୍ଚଳବାସୀଙ୍କ ସମସ୍ୟାକୁ ଉପଲବ୍ଧି କରି ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇ ସରକାରୀ ଭାବେ ଅର୍ଥ ମଞ୍ଜୁର କରାଯାଇଛି। ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏହି ନୂତନ ବାଇପାସ୍ ରାସ୍ତାର ସରଜମିନ ଅନୁଧ୍ୟାନ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଧାୟକ ସାହୁଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପଟ୍ଟାମୁଣ୍ଡାଇରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପ୍ରତିନିଧି ଦଳରେ ବିଧାୟକ ସାହୁଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସରୋଜ ନାୟକ, ସହନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ ଓ ସହକାରୀ ଯନ୍ତ୍ରୀ ଅଶୋକ ଜେନା, ବ୍ଲକ ବିଜେଡି ସଭାପତି କିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ପରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିଧାୟକ ନୂତନ ବାଇପାସ୍ ରାସ୍ତା ନିର୍ମାଣ ନେଇ ସବିଶେଷ ଆଲୋଚନା କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତମ ଗୁଣବତା ସହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାସ୍ତା ପଟ୍ଟାମୁଣ୍ଡାଇ ଶୁଖୁଆବସ୍ତି ଦେଇ ସାହୁସାହି କଲେଜ ବାଟେ କଖାରୁଣୀ ପୋଲ ନିକଟରେ ପହଞ୍ଚିବାର ନକ୍ସା ପ୍ରସ୍ତୁତ କରାଯାଇଛି।

### ମା'ମାଟିଆ ମଙ୍ଗଳା କଲ୍ୟାଣମଣ୍ଡପ ଲୋକାର୍ପଣ କଲେ ବିଧାୟକ

ରାଜନଗର, ୧୪।୪ (ଡି.ଏନ୍.ଏ.): ଉପକୂଳ ଓଡ଼ିଶାର ଅନ୍ୟତମ ଶକ୍ତିପୀଠ ରାଜନଗର ବ୍ଲକ ବାରଗାଁର ମା'ମାଟିଆ ମଙ୍ଗଳା ମନ୍ଦିର। ଏଠାରେ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ବିଭିନ୍ନ ପର୍ବ ପର୍ବାଣି ବିଶେଷକରି ମହାବିଷୁବ ସଂକ୍ରାନ୍ତିରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ। ମା'ଙ୍କ ପୀଠରେ ମା' ମାଟିଆ ମଙ୍ଗଳା କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ଶୁକ୍ରବାର କଲ୍ୟାଣମଣ୍ଡପ ସହ ମା'ଙ୍କ ପୋଖରୀ ସୌନ୍ଦର୍ଯ୍ୟକରଣର ଲୋକାର୍ପଣ ରାଜନଗର ବିଧାୟକ ଧ୍ରୁବ ସାହୁ କରିଥିଲେ। ଏହି ଉତ୍ସବରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ।

### ରାଜକନିକାରେ ଆମ୍ବେଡ୍‌କର ଜୟନ୍ତୀ

ରାଜକନିକା, ୧୪।୪।(ଡି.ଏନ୍.ଏ.): ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜକନିକା ସଦର କାର୍ଯ୍ୟାଳୟଠାରେ ଡ. ଭୀମ୍‌ରାଓ ଆମ୍ବେଡ୍‌କରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ୨୮ନଂ. ଜୋନ୍ ସଭାପତି ରାଜେନ୍ଦ୍ର କୁମାର ବେହେରାଙ୍କ ପୌରୋହିତ୍ୟରେ ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ରାଜକନିକା ଭାଜପା ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସ, ନୀହାର ରଞ୍ଜନ ସ୍ୱାଇଁ, ମନୋରଞ୍ଜନ ନାୟକ, ବୈକୁଣ୍ଠ ବେହେରା, ପ୍ରଶାନ୍ତ ବେହେରା, ନବକିଶୋର ସାହୁ ପ୍ରମୁଖ ଯୋଗଦେଇ ଡ. ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି କନିକା ରିଡିଂ ରୁମ୍ ପରିସରରେ ବାବା ସାହେବ ଭୀମ୍‌ରାଓ ଆମ୍ବେଡ୍‌କରଙ୍କ ଜୟନ୍ତୀ କୃଷକନେତା ଦାମୋଦର ଧଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ଅକ୍ଷୟ ମଲ୍ଲିକ, ଦଶରଥ ମଲ୍ଲିକ, ଅଧ୍ୟାପକ ବିଭୂତି ବିଶ୍ୱାଳ, ଧନେଶ୍ୱର ରାଉତ, ଶିକ୍ଷାବିତ୍ କାଳୀପ୍ରସାଦ ନାୟକ, ସଞ୍ଜୟ ପରିଡ଼ା, ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ, କୈଳାସ ନାୟକ ଓ ରିଡିଂ ରୁମ୍ ସମ୍ପାଦକ ଗୋପୀନାଥ ଦାଶ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆମ୍ବେଡ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସଂସ୍କାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ସଭାରେ ଉପସ୍ଥିତ ବ୍ୟକ୍ତିଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ଦିଲୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ମାଷ୍ଟର ପ୍ଲାନ୍ ଅପେକ୍ଷାରେ କେନ୍ଦ୍ରାପଡ଼ା ସହର

- ସମସ୍ୟା ସୃଷ୍ଟି କରୁଛି ମନମୁଖି ପ୍ରକଳ୍ପ, ଜବରଦଖଲ
- ପ୍ରକଳ୍ପର ଉପଯୋଗିତାକୁ ନେଇ ଉଠିଲାଣି ପ୍ରଶ୍ନ
- ଐତିହ୍ୟ ସଂରକ୍ଷଣ ପାଇଁ ମ୍ୟୁଜିୟମ ସ୍ଥାପନ ହେଉ

କେନ୍ଦ୍ରାପଡ଼ା ଅଫିସ,୧୪।୪

କେନ୍ଦ୍ରାପଡ଼ା ପୌରାଞ୍ଚଳ ମାତ୍ର ୧୪ଟି ଗାଁକୁ ନେଇ ୧୫୪ ବର୍ଷ ପୂର୍ବେ ଗଠନ ହୋଇଥିଲା। କ୍ରମବର୍ଦ୍ଧିଷ୍ଣୁ ରାଜ୍ୟର ଏହି ସର୍ବପୁରାତନ ପୌରାଞ୍ଚଳ ଇତିମଧ୍ୟରେ ବିକଶିତ ହୋଇଛି। ତେବେ କୌଣସି ମାଷ୍ଟର ପ୍ଲାନ୍ ନ ଥିବାରୁ ପ୍ରକଳ୍ପଗୁଡ଼ିକର ଉପଯୋଗିତା ରହୁନାହିଁ। ମନମୁଖି ପ୍ରକଳ୍ପ ନିର୍ମାଣ ଓ ଜବରଦଖଲ ସହରକୁ ସଙ୍କୁଚିତ କରୁଥିବା ବେଳେ ଜଳ ନିଷ୍କାସନ ଏକ ସମସ୍ୟା ଭାବେ ଉଭାହୋଇଛି। ସେହିପରି ଐତିହ୍ୟ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ସ୍ଥାପନ କରାଯିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ସହରର ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ସିଂହ, ବିଜୟ କୁମାର ମଣ୍ଡଳ, ଅସୀତ କୁମାର ମହାପାତ୍ର, କ୍ଷିତୀଶ କୁମାର ସିଂହ ପ୍ରମୁଖ କହିଛନ୍ତି, ଏହି ଜିଲାରେ ବିଶ୍ୱବାସୀଙ୍କ ଆକର୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ସେହିପରି ରାଜ୍ୟର ଏକମାତ୍ର ଜିଓ ଟିଉବ୍‌ୱାଲ, ହୁକିଟୋଲାଠାରୁ ଆରମ୍ଭକରି ସହର ମଧ୍ୟରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଅଛି। ଶିଳ୍ପ ବନ୍ଦର ଆଦି ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ସହର ଜିଲାର ମଧ୍ୟସ୍ଥଳରେ ଥିବା ବେଳେ ସହରବାସୀଙ୍କ ସଂଖ୍ୟା ଇତିମଧ୍ୟରେ ପ୍ରାୟ ଲକ୍ଷେରୁ ଊର୍ଦ୍ଧ୍ୱ ହୋଇଛି। ଏହାର ପରିସୀମା ଦୁହୁରିଆରୁ ଜଜାଙ୍ଗ ଓ ଗୋପରୁ ଶାମଗୁଡ଼ିଆ ପର୍ଯ୍ୟନ୍ତ ବଢ଼ିଛି। ଆଗାମୀ ଦିନରେ ସହରର ପରିସୀମା ବୃଦ୍ଧିର ପ୍ରସ୍ତାବ ରହିଛି। କୌଣସି ଅଞ୍ଚଳର ବିକାଶ ପାଇଁ ଚିନ୍ତାକଲେ ଆଗାମୀ ୫୦ ବର୍ଷର ସମ୍ଭାବନା ଏଥିରେ ସାମିଲ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ରାସ୍ତାଠାରୁ ଜଳ ନିଷ୍କାସନ, ରାତ୍ରିକାଳୀନ ରହଣିଠାରୁ ଭେଣ୍ଡିଂ ଜୋନ୍‌ର ଅବସ୍ଥିତି ପ୍ରତି ସଚେତନ ହେବାକୁ ପଡ଼ିବ। ତେବେ ୩୦ବର୍ଷ ପୂର୍ବେ ପ୍ରତିଷ୍ଠିତ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ କାର୍ଯ୍ୟାଳୟ ଏକ ସାଇନବୋର୍ଡ ମଧ୍ୟରେ ସୀମିତ ରହିଛି। ପ୍ରକଳ୍ପର ଅନୁମୋଦନ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଉନାହିଁ। ଜିଲାର ବ୍ୟସ୍ତବହୁଳ ତିନିମୁହାଣୀ ଛକ ଏବେ ଟ୍ରାଫିକ ସମସ୍ୟାରେ ଅଛି। କଟକ ଚାନ୍ଦବାଲି ରାଜ୍ୟ ରାଜପଥ ସହ ସହର ମଧ୍ୟକୁ ଏହା ସଂଯୋଗସ୍ଥଳ। ଛକକୁ ଅଧିକ ପ୍ରଶସ୍ତ ଓ ଯାତାୟାତ ପାଇଁ ଏହାର ସମ୍ପ୍ରସାରଣ ଜରୁରୀ ହୋଇଛି। ଏଥିପାଇଁ ନିକଟରେ ଥିବା ଚଟିପୋଲଠାରୁ ନୂତନ ରାସ୍ତା ନିର୍ମାଣାଧୀନ ଅଛି। ତେବେ ତିନିମୁହାଣୀ ଛକରେ ଏକାଧିକ ପ୍ରକଳ୍ପ ଟ୍ରାଫିକ ସମସ୍ୟାକୁ ଉତ୍କଟ କରିଛି। ଏଠାରେ ୨ବର୍ଷ ହେବ ଗାନ୍ଧୀ ସ୍ମୃତି ନାମରେ ଏକ ପିଣ୍ଡି ନିର୍ମାଣ ହୋଇଛି। ସେହିପରି ଶୌଚାଳୟ ଓ ଆଇ ଲଭ୍ କେନ୍ଦ୍ରାପଡ଼ା ପ୍ରତୀକ ରହିଥିବାରୁ ରାସ୍ତା ଉପରେ ବାଇକ୍‌ଠାରୁ ଅଟୋର ଭିଡ଼ ଜମୁଛି। ପ୍ରବେଶ ପଥରେ ଭେଣ୍ଡିଂ ଜୋନ୍ ପାଇଁ ବ୍ୟବସ୍ଥା ହୋଇଛି। ଏହାସହ ଏଠାରେ ଥିବା ଗେଟ୍‌ର ପ୍ରାସଙ୍ଗିକତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତିନିମୁହାଣୀ ଛକ ନିକଟରେ ଥିବା ଇଣ୍ଡଷ୍ଟ୍ରିଆଲ ଏରିଆରେ ଭେଣ୍ଡିଂ ଜୋନ୍‌ଠାରୁ ଆରମ୍ଭ କରି ଶୌଚାଳୟ, ଗାନ୍ଧୀ ସ୍ମୃତିପୀଠ, ଐତିହ୍ୟ ମ୍ୟୁଜିୟମ ଆଦି ହୋଇ ପାରିଥାନ୍ତା। ଫଳରେ ଆଗାମୀ ଦିନରେ ସହରର ଯାତାୟାତ ସହ ସୌନ୍ଦର୍ଯ୍ୟ ପ୍ରଦାନ କ୍ଷେତ୍ରରେ ଏହାର ଭାଗୀଦାର ରହନ୍ତା। ଜିଲାର କୃଷି ପରି ପର୍ଯ୍ୟଟନ ଶିଳ୍ପ ଆର୍ଥିକ ଉନ୍ନତି ଆଣିପାରିବ। ଏଥିସହ ନିକଟରେ ଆଖଡ଼ାଶାଳି ବନ୍ଦର, ଷ୍ଟିଲ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାର ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଇଛନ୍ତି। ଏସବୁରେ ସହରର ଭୂମିକା କମ୍ ନୁହେଁ। ସହର ମଧ୍ୟରେ ଥିବା ଯାତ୍ରୀନିବାସ, ରାତ୍ର ରହଣିସ୍ଥଳ, କଲ୍ୟାଣ ମଣ୍ଡପ, ଇଚ୍ଛାପୁରରେ ଥିବା ପର୍ଯ୍ୟଟନ ବିଭାଗର ନିବାସର ଉପଯୋଗିତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ଜିଲା ବାହାର ଲୋକଙ୍କୁ ରହିବା ସମସ୍ୟା ସୃଷ୍ଟି କରିବ। ଜିଲାରେ ବିକ୍ଷିପ୍ତ ଭାବେ ଥିବା ଐତିହ୍ୟ ସ୍ମାରକୀ ପାଇଁ ମ୍ୟୁଜିୟମ ଆବଶ୍ୟକ। ସେହିପରି ଜବରଦଖଲ ମୁକ୍ତ ନ ହେଲେ ସହର ମଧ୍ୟରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ପାରିବ ନାହିଁ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ପ୍ରକଳ୍ପର ଅବସ୍ଥିତି ଓ ସମସ୍ୟା ସମ୍ପର୍କରେ ସମୀକ୍ଷା ହେବ। ଏକ ସୁନ୍ଦର ସହର ଗଠନ ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି।



କେନ୍ଦ୍ରାପଡ଼ା ସହରରେ ଥିବା ସେଲଫି ପଏଣ୍ଟ।

# ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଆଳି,୧୪।୪(ଡି.ଏନ.ଏ.)

ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତ ମାଳପାଟଣା ଗ୍ରାମ ମୁଣ୍ଡରେ ମାଳିକା ପ୍ରସିଦ୍ଧ ଭାତୁଆବଟ ନିକଟରେ ରୁଦ୍ରାବତାର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠାକୁ ନେଇ ୩ ଦିନ ହେବ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମଙ୍ଗଳବାର ଅଙ୍କୁରାରୋପଣ ଓ ଶୁଭାଧିବାସ, ବୁଧବାର ଜଳଯାତ୍ରା, ଘଟ ପ୍ରବେଶ, ଯଜ୍ଞରେ ଅଗ୍ନି ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ମହାସ୍ନାନ, ନିଦ୍ରାକଳସ ସ୍ଥାପନ, ଉପଚାର ପୂଜା, ଚଣ୍ଡୀପାଠ, ଆଧ୍ୟାତ୍ମ ରାମାୟଣ ପାଠ କରାଯିବା ପରେ ଗୁରୁବାର ନୂତନ ବିଗ୍ରହଙ୍କର ନ୍ୟାସ ଓ ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ଆଧ୍ୟାତ୍ମ ରାମାୟଣ ପାଠ ହୋଇଥିଲା। ଶୁକ୍ରବାର ହନୁମାନଙ୍କ ଷୋଡଶ ଉପଚାର ପୂଜା ଚଣ୍ଡୀପାଠ,ଆଧ୍ୟାତ୍ମ ରାମାୟଣ ପାଠ, ସୁନ୍ଦରାକାଣ୍ଡ ପାଠ, ଆହୁତି ପ୍ରଦାନ, ପୂର୍ଣ୍ଣ ଆଳତି, ପୂର୍ଣ୍ଣାହୁତି ପରେ ପୁଷ୍ପାଞ୍ଜଳି ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିଶୁ ମଙ୍ଗଳ ଯୁବ ପରିଷଦର ସଦସ୍ୟ ଓ ମାଳପାଟଣା ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ।


ମାଳପାଟଣାଠାରେ ମହାବୀରଙ୍କ ନୂଆମୂର୍ତ୍ତି।

# ସାହିତ୍ୟକୁ ଗ୍ରାମାଞ୍ଚଳ ସାହିତ୍ୟିକଙ୍କ ଅବଦାନ ଅତୁଳନୀୟ



ଅତିଥିମାନେ ବିବର ଶେଷରେ ସୂର୍ଯ୍ୟୋଦୟ ପୁସ୍ତକକୁ ଉନ୍ମୋଚିତ କରୁଛନ୍ତି।

ଆଳି,୧୪।୪(ଡି.ଏନ୍.ଏ.)

ଓଡ଼ିଆ ସାହିତ୍ୟକୁ ଗ୍ରାମାଞ୍ଚଳ ସାହିତ୍ୟିକଙ୍କ ଅବଦାନ ଅତୁଳନୀୟ ବୋଲି ପରାଗ ସାହିତ୍ୟ ସଂସଦର ବିଷୁବ ମିଳନ ଓ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ଏହି ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ମେଣ୍ଢପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଗାଳ୍ପିକ କାଳିନ୍ଦୀ ଚରଣ ଜେନା ଯୋଗଦେଇ କହିଲେ, ବିଭିନ୍ନ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ଗ୍ରାମାଞ୍ଚଳ ସାହିତ୍ୟିକମାନେ ସାହିତ୍ୟ ରଚନା କରିଥା'ନ୍ତି। ନିଜ ଅଞ୍ଚଳର ମା' ମାଟି ମମତା ସେମାନଙ୍କ ଲେଖାରେ କାଳଜୟୀ ହୋଇପାରିଛି। ତେଣୁ ଗ୍ରାମାଞ୍ଚଳ ସାହିତ୍ୟର ଅବଦାନ ଅତୁଳନୀୟ। କବି ତଥା ଶିକ୍ଷାବିତ୍ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପଲକ ସାହିତ୍ୟ ପତ୍ରିକାର ସମ୍ପାଦକ ଶଶିକାନ୍ତ ଦାସ ଓ ଗାଳ୍ପିକା ସନ୍ନିଭା ମିଶ୍ର ଦାଶ, କୃଷ୍ଣାୟନ ପତ୍ରିକାର ସମ୍ପାଦକ ବିଜୟ ମହାକୁଡ଼ ପ୍ରମୁଖ ଯୋଗଦେଇ ସାହିତ୍ୟ ପ୍ରତି ସାହିତ୍ୟିକମାନଙ୍କର ଅଙ୍ଗୀକାରବଦ୍ଧତା ବିଷୟରେ ଆଲୋଚନା କରିଥିଲେ। ସାହିତ୍ୟକୁ ଭଲ ପାଉଥିବା ଲୋକମାନେ ଅତ୍ୟନ୍ତ ଦରଦୀ। ନିଜେ ଅସୁବିଧାରେ ଥାଇ ଅନ୍ୟକୁ ସାହାଯ୍ୟ କରିବାକୁ ଆଗେଇ ଆସିଥା'ନ୍ତି। ଏହି ଅବସରରେ ପରାଗ ସମ୍ପାଦକ ତଥା ଗାଳ୍ପିକ ବନମାଳୀ ସେନାପତିଙ୍କ ତୃତୀୟ ଗଳ୍ପ ସଙ୍କଳନ 'ବିବର ଶେଷର ସୂର୍ଯ୍ୟୋଦୟ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିରେ ଶୈଳେନ୍ଦ୍ର ନାଥ ଦାସ, ଅମୂଲ୍ୟ ଦାସ, ଅକ୍ଷୟ ପଣ୍ଡା, ପର୍ଶୁରାମ ବେହେରା, ସୁରେନ୍ଦ୍ର କୁମାର ସାହୁ, ତୃପ୍ତିଲତା ସ୍ୱାଇଁ, ଶରତ କୁମାର ପାତ୍ର, ପ୍ରଭୁକଲ୍ୟାଣ ସେନାପତି, ପ୍ରଭଞ୍ଜନ ଷଡ଼ଙ୍ଗୀ, ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜନଗରରେ ହନୁମାନ ଜୟନ୍ତୀ ୨ ଶୋଭାଯାତ୍ରା

ରାଜନଗର, ୧୪।୪(ଡି.ଏନ୍.ଏ.)

ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ରାଜନଗରରେ ଶୁକ୍ରବାର ସମାନ୍ତରାଳ ଭାବେ ୨ଟି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ୨ ଶୋଭାଯାତ୍ରା ପ୍ରାୟ ୨୫ କିମି ପରିକ୍ରମା କରିଛି। ସକାଳ ୯ଟାରେ ରାଜନଗର ଗାଁର ସରୋଜ ଦାସଙ୍କ ନେତୃତ୍ୱରେ ବଜରଙ୍ଗ ଦଳର କର୍ମୀମାନେ ଚାଲି ଚାଲି ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲେ। ଏହାପରେ ବାଇକ୍ ଶୋଭାଯାତ୍ରା ରାଜନଗରରୁ ବାହାରି ମହିଁଷାସୁର, ତିଅର, କୁରଣ୍ଟି, ହାତିନା ଛକ ଦେଇ ଗୁପ୍ତି ଯାଏ ଯାଇଥିଲା। ପରେ ବଜରଙ୍ଗ ଦଳର ଅନ୍ୟ ଏକ ଶୋଭାଯାତ୍ରା ଗୋପବନ୍ଧୁ ଜନସେବା ସଂଘ ନାମରେ ମଦନପୁରରୁ ବାହାରି ସାନବଡ଼ଗୋପାଳପୁର, ରାଜନଗର ବଜାର ଓ ଗାଁ ପରିକ୍ରମା କରି ତିଅର ଛକ, ବାଘୁଆ, କୁରୁଣ୍ଟି, ହାତିନା, ଜୁଣୁପାଙ୍ଗରା ଦେଇ ଜରିମୂଳର ମା' ମାଟିଆ ମଙ୍ଗଳାଙ୍କ ପୀଠରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଦିଲୀପ ରଞ୍ଜନ ପାଳ, କ୍ରିଷ୍ଣା ବେହେରା, ସଂଗ୍ରାମ ସ୍ୱାଇଁ, ଅଶୋକ କୁମାର ବାରିକ, ଜିତେନ୍ଦ୍ର ଦାସ, ଦିଲୀପ ପ୍ରଧାନ, ଦୀପକ କୁମାର ମଲ୍ଲିକ, ଅଶୋକ କୁମାର ମଲ୍ଲିକ, ପବିତ୍ର ପ୍ରତିହାରୀ ପ୍ରମୁଖ ସାମିଲ ହୋଇଥିଲେ।

# ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା ଅଫିସ, ୧୪।୪

କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମ୍‌ରାଓ ଆମ୍ବେଦ୍‌କରଙ୍କ ୧୩୩ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଆମ୍ବେଦ୍‌କରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଏଡିଏମ୍ ପୀତାମ୍ବର ସାମଲ, ପୌରାଧ୍ୟକ୍ଷା ସରିତା ସାହୁ, ବରିଷ୍ଠ ନେତା ଗଣେଶ୍ୱର ବେହେରା, ସିପ୍ରା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସଦ୍‌ଭାବନା ହଲ୍‌ରେ ଏଡିଏମ୍ ସାମଲଙ୍କ ଅକ୍ଷତାରେ ଆୟୋଜିତ ସଭାରେ ଅତିଥିମାନେ କହିଥିଲେ, ୧୨ ଭାଷାରେ ଡିଗ୍ରୀ ଓ ପିଏଚ୍.ଡି ସମ୍ମାନ ସହ ୭ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ସମ୍ବିଧାନ ପ୍ରଣେତା ଓ ସମାଜ ସଂସ୍କାରକ ଭାବେ ବହୁ କୀର୍ତ୍ତି ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଏଡିପିଆରଓ ଅଶୋକ କୁମାର ବଳିୟାରସିଂହ, ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପୌର କାଉନ୍‌ସିଲର ଯୋଗଦେଇଥିଲେ। ସର୍ବଭାରତୀୟ ସମତା ଦଳ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱରସ୍ଥ ଡ. ଆମ୍ବେଦ୍‌କର ଭବନରେ ଅନୁଷ୍ଠିତ ହୋଇଥିଲା। ସୁଧୀର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବହୁ ବୁଦ୍ଧିଜୀବୀ ଓ ରାଜନେତା ଯୋଗ ଦେଇଥିଲେ। ଏହାକୁ ସମ୍ପାଦକ ଅଶୋକ କୁମାର ସେଠୀ ପରିଚାଳନା କରିଥିଲେ। ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ସିଂହ ଅଧ୍ୟକ୍ଷତା କରିଥିଲେ। କର୍ମକର୍ତ୍ତା ଗଙ୍ଗାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ବାବାଜୀ ଧଳ, ମାଧବ ଦାସ, ଅଜିତ କୁମାର ପରିଡ଼ା, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ଆଳି ଦମକଳ କେନ୍ଦ୍ର ପକ୍ଷରୁ ଅଗ୍ନିଶମ ସପ୍ତାହ

ଆଳି,୧୪।୪ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଆଳି ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତି ଅଗ୍ନିକାଣ୍ଡ ସମୟରେ କିପରି ସଚେତନ ରହିବେ, ଅଗ୍ନିକାଣ୍ଡ କିପରି ନ ଘଟିବ ସେନେଇ ସଚେତନ ହେବା ସହ ଘର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଫାୟାର ସେଫ୍‌ଟି କିଟ୍ ଲାଗିଥିବା ବେଳେ ତାହାର ବ୍ୟବହାର ପ୍ରତ୍ୟେକ କର୍ମଚାରୀ ଜାଣିବା ଆବଶ୍ୟକ। ସମସ୍ତେ ସଚେତନ ହେଲେ ଧନସମ୍ପତ୍ତି ସହ ଜାତୀୟ ସମ୍ପତ୍ତି ମଧ୍ୟ ସୁରକ୍ଷିତ ରହିବ। ଏହି ଅବସରରେ ଅଗ୍ନିଶମ ବିଭାଗର ଏକ ଗାଡ଼ିକୁ ସୁସଜ୍ଜିତ କରାଯାଇ ଆଳି ନୂଆବଜାର, ନିଆଳହାଟ, ମାଳପାଟଣା ଛକ ଆଦି ସ୍ଥାନରେ ଲୋକମାନଙ୍କୁ ସଚେତନ କରାଇଥିଲା। ଏହି କାର୍ଯ୍ୟକ୍ରମରେ ଡ୍ରାଇଭର ହାବିଲଦାର ଶ୍ରୀନିବାସ ମହାପାତ୍ର, ଅଗ୍ନିକ ରମାକାନ୍ତ ସାମଲ, ଜିତେନ୍ଦ୍ର କୁମାର ବଡ଼ୁଆ, ରବୀନ୍ଦ୍ର କୁମାର କାହାଳି, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କୁ ଦର୍ଶନ କଲେ ୫୦ହଜାର ଶ୍ରଦ୍ଧାଳୁ

ରାଜନଗର, ୧୪।୪(ଡି.ଏନ୍.ଏ.)



ରାଜନଗର ବ୍ଲକର ସର୍ବପୁରାତନ ବାରଗାଁର ମା' ମାଟିଆ ମଙ୍ଗଳା ଶକ୍ତିପୀଠରେ ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳର ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ଭୋର ୩ଟାରୁ ମା'ଙ୍କର ଷୋଡ଼ଶ ଉପଚାର, ବାଲ୍ୟ ଭୋଗ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ସାଢ଼େ ୧୨ଟାରେ ୧୫ ମିନିଟ୍ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମିତ୍ତ ମା'ଙ୍କ ମନ୍ଦିର ଖୋଲାଯାଇଥିଲା। ସନ୍ଧ୍ୟାଆଳତି ଓ ବାଲ୍ୟଭୋଗ ପରେ ଅନ୍ୟ ନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମା' ମାଟିଆ ମଙ୍ଗଳା ପୂଜା କମିଟି ସଭାପତି ଅଭିରାମ ରାଉଳଙ୍କ ତତ୍ତ୍ୱାବଧାନରେ ରଞ୍ଜନ କୁମାର ରାଉଳ, ହରେକୃଷ୍ଣ ରାଉଳ, କେଶବ ଚରଣ ରାଉଳ, ଉମେଶ ଚନ୍ଦ୍ର ରାଉଳ, ଶରତ ରାଉଳ, ସୀତାକାନ୍ତ ରାଉଳ, କାଙ୍ଗାଳି ଚରଣ ରାଉଳଙ୍କ ସହ ରାଉଳ ପରିବାର ମା'ଙ୍କ ପୂଜାନୀତି ପରିଚାଳନା କରିଥିଲେ। ମା' ମାଟିଆ ମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା। ମା'ଙ୍କ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ୫ ଅଫିସରଙ୍କ ସହ ୩୦ ଜଣ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ। ମା'ଙ୍କ ବାର୍ଷିକ ଉତ୍ସବରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ତୋରଣ ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ମନ୍ଦିରକୁ ଫୁଲ ଓ ଆଲୋକରେ ସଜ୍ଜିତ କରାଯାଇଥିଲା। କାହିଁ କେଉଁ ଅନାଦି କାଳରୁ ବ୍ରାହ୍ମଣୀ ନଦୀକୂଳରେ ମା' ମାଟିଆ ମଙ୍ଗଳା ପୂଜା ପାଇଆସୁଛନ୍ତି। ନଦୀର କରାଳ ଗ୍ରାସରେ ତଟ କ୍ଷୟ ଯୋଗୁ ମା'ଙ୍କ ପୁରାତନ ମନ୍ଦିର ନଦୀଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ମା' ପୂଜା ପାଉଛନ୍ତି। ମା'ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡ଼ିଶାରେ ବିରଳ। ଅନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜା କରୁଥିବା ବେଳେ ଏଠାରେ ରାଉଳ ସମ୍ପ୍ରଦାୟ ମା'ଙ୍କୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଏଥିଲାଗି ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସହ ନେତାଙ୍କ ଭିଡ଼ ଜମିଥିଲା। ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଚାନ୍ଦିବାଉଁଶମୂଳ ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ଅଜୟ କୁମାର ବେହେରା ପ୍ରମୁଖ ମା'ଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ଗହଳିକୁ ଲକ୍ଷ୍ୟ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

# ମା' ରାମଚଣ୍ଡୀଙ୍କ ଝାମୁଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ

ମହାକାଳପଡ଼ା, ୧୪।୪(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ବିଜେସ୍ଥଳରେ ମହାସମାରୋହରେ ପବିତ୍ର ପଣାସଂକ୍ରାନ୍ତିରେ ଶୁକ୍ରବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୀଠରେ ଭୋର ୪ଟାରେ ମା'ଙ୍କୁ ମାଜଣା କରାଯାଇ ପଇଡ଼ ପାଣି, ହଳଦୀ, କର୍ପୂର, ଚନ୍ଦନ, କଞ୍ଚାକ୍ଷୀରର ମିଶ୍ରିତ ଜଳ ଅଭିମନ୍ତ୍ରିତ କରାଯାଇ ମହାସ୍ନାନ ପର୍ବ ଶେଷ ହୋଇଥିଲା। ପରେ ଭୋର ୬ଟାରେ ନୂତନ ପାଟବସ୍ତ୍ର ପରିଧାନ ସହ ମା'ଙ୍କୁ ବିଭିନ୍ନ ଅଳଙ୍କାର ତଥା ସୁନାଗହଣାରେ ସୁସଜ୍ଜିତ କରାଯାଇ ସାଧାରଣ ଲୋକଙ୍କ ଦର୍ଶନ ନିମନ୍ତେ ମୁଖ୍ୟଦ୍ୱାର ଖୋଲାଯାଇଥିଲା। ବିଭିନ୍ନ ଫଳ ଫୁଲୁରି, ଛେନା, ନଡ଼ିଆ, କଦଳୀ, ଗୁଡ଼, ସର, ଲହୁଣି, କଞ୍ଚାକ୍ଷୀର, ଯଅ ଛତୁଆ, ଆମ୍ବ ଆଦିରେ ପ୍ରସ୍ତୁତ ପଣାଭୋଗ ମା'ଙ୍କୁ ଅର୍ପଣ କରାଯାଇଥିଲା। ପରେ ଏହି ପଣାକୁ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଲା। ମଧ୍ୟାହ୍ନ ଧୂପରେ ଖିରି ଖେଚୁଡ଼ି, ଅନ୍ନ, ଡାଲମା, ମାଛଘାଣ୍ଟ ସହ ବିଭିନ୍ନ ରକମର ବ୍ୟଞ୍ଜନ ପ୍ରସ୍ତୁତ ହୋଇ ମା'ଙ୍କୁ ଲାଗି କରାଯାଇଥାଲା। ଠିକ୍ ଦିନ ସାଢ଼େ ଗୋଟାଏରେ ମା'ଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ବିମାନରେ ମନ୍ଦିର ବେଢ଼ା ଚାରିପାଖ ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ହୁରିଆ ସେବାୟତମାନେ ଘଣ୍ଟ ଘଣ୍ଟା ବିରାଟ ପଟୁଆରରେ ଝାଞ୍ଜ, ମୃଦଙ୍ଗ, ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ପାଟଛତାରେ ମା'ଙ୍କ ବିମାନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ପରେ ମା'ଙ୍କ ସୁସଜ୍ଜିତ ବିମାନ ମନ୍ଦିର ସମ୍ମୁଖରେ ଅବସ୍ଥାନ କରିଥିଲା। ମା'ଙ୍କ ବିମାନ ସମ୍ମୁଖରେ ରଢ଼ ନିଆଁରେ ମାନସିକଧାରୀ ରାଉଳ ଓ ପାଟୁଆମାନେ ଖାଲିପାଦରେ ୭ଥର ଚାଲିଥିଲେ। ସନ୍ଧ୍ୟାରେ ମା'ଙ୍କ ପୀଠରେ ଆଳତି ହୋଇଥିଲା। ରାତି ୧୦ଟାରେ ମା'ଙ୍କ ମହାସିଂହାର ବେଶ କରାଯାଏ। ପରେ ପହଡ଼ ପଡ଼ିଥିଲା। ଏହି ଝାମୁଯାତ୍ରା ପର୍ବରେ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ମା'ଙ୍କୁ ଦର୍ଶନ କରିଥିଲେ। ସେହିପରି ଭଜପାର ବିଜୟ ମହାପାତ୍ର, ବିଷ୍ଣୁ ଦାସଙ୍କ ସମେତ ସୌଭାଗ୍ୟ କୁମାର ପରିଡ଼ା, ଚିତ୍ତ ରଞ୍ଜନ ଦାସ, ଜାନକୀ ପ୍ରଧାନଙ୍କ ସମେତ ଅନ୍ୟମାନେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ତେବେ ମା'ଙ୍କ ବିଜେସ୍ଥଳରେ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ମା'ଙ୍କ ଅଲୌକିକ କାହାଣୀ ଉପରେ ପର୍ଯ୍ୟବସିତ ଏକ ପୁସ୍ତକ 'ଦରିଆରାଣୀ'କୁ ମନ୍ତ୍ରୀ ନାୟକ ଉନ୍ମୋଚନ କରିବା ସହ ବାଲୁକାକଳାରେ ନିର୍ମିତ ମା'ଙ୍କ ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ବାଲୁକାଶିଳ୍ପୀ ଯଶୋବନ୍ତ ଦାସଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପରେ ସେନା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନାୟକ ଯୋଗଦେଇ ମା'ଙ୍କ ଅଲୌକିକ କାହାଣୀ ଉପରେ ଆଲୋକପାତ କରିଥିଲେ। ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ 'ଦରିଆରାଣୀ' ପୁସ୍ତକ ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।


ମା' ରାମଚଣ୍ଡୀ ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହୋଇଛନ୍ତି।


ମାନସିକଧାରୀ ଓ ରାଉଳମାନେ ନିଆଁରେ ଚାଲୁଛନ୍ତି।

**ସଂକ୍ଷେପରେ**

## କୋଟିଏ ରୁଦ୍ରାକ୍ଷରେ ହନୁମାନ ବିଗ୍ରହ



ଆସିକା, ୧୪।୪ (ଡି.ଏନ୍.ଏ): ଆସିକା ସହର ତଥା ଗ୍ରାମାଞ୍ଚଳରେ ଶୁକ୍ରବାର ମହାବୀର ଜୟନ୍ତୀ ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଥିଲା। ଆସିକା ଏନଏସିର ବାଣିବିହାରସ୍ଥିତ ଗୁରୁକୃପା ଆଶ୍ରମରେ ଏହି ଉତ୍ସବ ଭରପୁର ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଥିଲା । ଆଶ୍ରମର ସଦଗୁରୁ ଆତ୍ମାରାମ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରମ ପରିସରରେ ୧ କୋଟି ରୁଦ୍ରାକ୍ଷରେ ନିର୍ମିତ ହନୁମାନ ବିଗ୍ରହ ଓ ୮୮୦ କୋଟି ରାମନାମ ଲିଖନ ପତ୍ରକୁ ଉନ୍ମୋଚନ କରାଯାଇଥିଲା । ଏହାଛଡା ତୁଳସୀ କାଠିରେ ବେଲପତ୍ର ଉପରେ ରାମନାମ ଲିଖିତ ଏକଲକ୍ଷ ବେଲପତ୍ର ମଧ ଭଗବାନଙ୍କୁ ଅର୍ପଣ କରାଯାଇଥିଲା। ଦିନ ତମାମ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ ହୋଇଥିଲା ।

# ଆମ୍ବେଡ୍‌କରଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ

ଫୁଲବାଣୀ ଅଫିସ/ଛତ୍ରପୁର/ କାଶୀନଗର/ ରମ୍ଭା/ କବିସୂର୍ଯ୍ୟନଗର/ ପାରଳାଖେମୁଣ୍ଡି/ଗଞ୍ଜାମ, ୧୪।୪(ଡି.ଏନ.ଏ.):

ଫୁଲବାଣୀ ସହର ଆମ୍ବେଦକର ଛକରେ ସମ୍ବିଧାନ ପ୍ରଣେତା ଡଃ ବି.ଆର ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା, ଏସ୍‌ସି ଫେଡରେଶନର ସଭାପତି ଡଃ ସୋମନାଥ ବାଘ, ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଉପସ୍ଥିତ ରହି ବାବା ସାହେବ ଭୀମରାଓ ରଥକୁ ଉଦ୍‌ଘାଟନ କରିଥିଲେ । ଏହି ରଥ ଫୁଲବାଣୀ ସମେତ ଗ୍ରାମାଞ୍ଚଳରେ ଭୀମରାଓଙ୍କ ବହୁମୁଖୀ ପ୍ରତିଭା ଏବଂ ତାଙ୍କର ଆଦର୍ଶ ଉପରେ ଲୋକଙ୍କୁ ସଚେତନ କରିବ। ଆଇନଜୀବୀ ପ୍ରତାପ ପାତ୍ର, ବିଜୟ କୁମାର ମହାନ୍ତି, ସତ୍ୟନାରାୟଣ ବେହେରା, ସୂର୍ଯ୍ୟନାରାୟଣ ବେହେରା, ପୌରାଧ୍ୟକ୍ଷ ବଳଦେବ ବେହେରା, ଶ୍ରମିକ ନେତା ଘନ କୁମାର ଶବରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି କଂଗ୍ରେସ ପକ୍ଷରୁ ମଧ ଏହି ଦିବସ ପାଳିତ ହୋଇଥିଲା ।

ସେହିପରି ଛତ୍ରପୁରଠାରେ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କର ୧୩୨ ତମ ଜିଲାସ୍ତରୀୟ ଜୟନ୍ତୀ ଶୁକ୍ରବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଉଗଡ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି।



କବିସୂର୍ଯ୍ୟନଗରଠାରେ ଅନୁଷ୍ଠିତ ଜୟନ୍ତୀରେ ମଞ୍ଚାସୀନ ଅତିଥି।



ଫୁଲବାଣୀଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି।

ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ, ବର୍ତ୍ତମାନର ଯୁବିପିଢ଼ି ଆମ୍ବେଦକରଙ୍କ ଆଦର୍ଶନରେ ଅନୁପ୍ରାଣିତ ହେବା ଆବଶ୍ୟକ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସଂଗଠକ ଅରୁଣ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଗଜପତି ଜିଲା କାଶୀନଗର ହରିଜନ ସାହିରେ ଆମ୍ବେଦକର ଜୟନ୍ତୀ ପାଳନ ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ

## ବିଭିନ୍ନ ସ୍ଥାନରେ ଆମ୍ବେଡ୍‌କର ଜୟନ୍ତୀ ପାଳିତ

ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ଯୁବ ସେନା ପକ୍ଷରୁ ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଜିଲା ପରିଷଦ ଅଧ୍ୟକ୍ଷ ଜି . ତିରୁପତି ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ଏମ୍ .ସୁଧାରାଣୀ, କାଉନସିଲର କାର୍ତ୍ତିକି ରାମାରାଓ, କେ. ଜୀବରତ୍ନମ୍ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଂଚାସୀନ ହୋଇଥିଲେ।

ସେହିପରି ରମ୍ଭା ସାବୁଳିଆ ଗ୍ରାମ ପଞ୍ଚାୟତର ହନୁମାନ ଖେଳ ପଡିଆ ପରିସରରେ ବାବା ସାହେବ ବହୁଜନ ଜାଗୃତି ସଂଗଠନ ସାବୁଳିଆ ଆନୁକୂଲ୍ୟରେ ଡ଼ଃ ଭୀମାରାଓ ଆମ୍ବେଦକରଙ୍କ ଜୟନ୍ତୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ପରିଚୟ ଉପସ୍ଥାପକ ସୁମା ଦାସ ଦେଇଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ ରୋହନ କୁମାର ଦାସ, ରମେଶମଙ୍ଗଳା, ସାଧୁ ମଲିକ ଗାନ କରିଥିଲେ।

ସେହିପରି କବିସୂର୍ଯ୍ୟନଗର ନିକଟ ଅଠରପଲ୍ଲୀ ଖିଦାଳମୁଠା ସମାଜଗୃହରେ ଏହି ଜୟନ୍ତୀ ସଂଘର ସଭାପତି ଆଇନଜୀବୀ କେ ସୁବ୍ରମଣ୍ୟମ ରାଓଙ୍କ ଅଧ୍ୟକ୍ଷତାରେ ବାବା ସାହେବ ଆମ୍ବେଦକରଙ୍କ ୧୩୨ତମ ଜନ୍ମ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାନାଡା ବ୍ୟାଙ୍କର ଅବସରପ୍ରାପ୍ତ ଶାଖା ପରିଚାଳକ ଯୁଧିଷ୍ଠିର ନାୟକ ଉପସ୍ଥିତ ରହି ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଅଭିରାମ ନାହକ, ମୁଖ୍ୟବକ୍ତା ଭାବେ ଜାତିପ୍ରଥା ବିଲୋପ ଆନ୍ଦୋଳନର ଜିଲା ଆବାହକ ଶଙ୍କର, ମହିଳା ନେତ୍ରୀ ମନୀଷ କୁମାର, ସାଧାରଣ ସମ୍ପାଦକ ଅମର ନାହକ ଯୋଗ ଦେଇଥିଲେ।

ସେହିପରି ପାରଳାଖେମୁଣ୍ଡିଠାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲା ସ୍ତରୀୟ ଆମ୍ବେଦକର ଜୟନ୍ତୀରେ ନୂଆ ବସ ଷ୍ଟାଣ୍ଡଠାରେ ଥିବା ବାବା ସାହେବ ଡ଼.ଭୀମ ରାଓ ଆମ୍ବଦକରଙ୍କ ପ୍ରତି ମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ଥିଲା। ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରମାଞ୍ଚଳ ଖମାରୀ, ଉପ ଜିଲାପାଳ ଆଲୋକ କୁମାର ପ୍ରଧାନ, ଭୀମ ରାଓ ସେନା ଜିଲା ସଭାପତି କୃଷ୍ଣ ବମ୍ମାଲି, ଭୀମ ସେନା କର୍ମଚାରୀ ସଭାପତି ଏସ୍.ପାପା ରାଓଙ୍କ ଯୋଗଦେଇଥିଲେ।

ସେହିପରି ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ପାଲୁରର ଦ୍ୱାର ସାହିଠାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିବା ଓଡିଶା କୃଷକ ସଭା ଜିଲା ସଭାପତି ପି. ହରି କୃଷ୍ଣ ରେଡ୍ଡୀ ଯୋଗ ଦେଇଥିବା ବେଳେ ଡାକ କର୍ମଚାରୀ ସଂଘର ନେତା ଯୋଗେଶ ସାହୁ ସହ. ସମ୍ପାଦକ ଭାସ୍କର ପାହାନ, ସୋମନାଥ ଦାସ, ସାରଙ୍ଗ ଦାସ, ନରସିଂହ ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

## ମେଡିକାଲରେ ଡାକ୍ତର ନ ଥିବାରୁ ଭଙ୍ଗାରୁଜା, କମ୍ପାଉଣ୍ଡର ଚିକିତ୍ସା କଲେ

ଭଞ୍ଜନଗର, ୧୪।୪(ଡି.ଏନ.ଏ): ଅବ୍ୟବସ୍ଥା ମଧରେ ଭଞ୍ଜନଗର ଅଞ୍ଚଳରେ ଚଳିତ ବର୍ଷ ଦଣ୍ଡଯାତ୍ରା ଶୁକ୍ରବାର ସରି ଆସୁଥିବା ବେଳେ ସନ୍ଧ୍ୟାରେ ଭଞ୍ଜନଗର ଥାନା ମୁଜାଗଡ଼ ମେରୁଯାତ୍ରାରେ ବିଦ୍ୟୁତ ଲାଗି ୨ ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ମୁକେଶ ଜେନା ଓ ଅମରେଶ ବିଶ୍ୱାଳ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମ ମେଡିକାଲକୁ ଆଣିଥିଲେ। କିନ୍ତୁ ସେଠାରେ ବହୁଦିନ ହେବ ଡାକ୍ତର ପଦବୀ ଖାଲିଥିବାରୁ ଜଣେ କମ୍ପାଉଣ୍ଡର ରୋଗୀ ଚିକିତ୍ସା କରୁଛନ୍ତି। ଡାକ୍ତର ନଥିବା ଯୋଗୁ ସନ୍ଧ୍ୟାରେ ମେଡିକାଲ ଆଉଟଡୋର ବନ୍ଦ ଥିଲା। ଏ ନେଇ ଉତ୍ୟକ୍ତ ଲୋକେ ଉତ୍ତେଜିତ ହେବା ସହ ଆଉଟଡୋର କବାଟକୁ ଭାଙ୍ଗି ରୋଗୀଙ୍କୁ ମେଡିକାଲ ଭିତରକୁ ନେଇଥିଲେ। ଏହାପରେ କ୍ୟାମ୍ପସ ଭିତରେ ରହୁଥିବା କମ୍ପାଉଣ୍ଡର ଆସି ଆହତ ଦୁଇ ଯୁବକଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ସେମାନଙ୍କୁ ଭଞ୍ଜନଗର ମେଡିକାଲକୁ ପଠାଯାଇଥିଲା। ଖବର ଲେଖା ହେବା ସୁଦ୍ଧା ଜଣେ ଯୁବକଙ୍କ ଚେତା ଫେରି ନଥିଲା। ପ୍ରକାଶ ଯେ, ଗୁରୁବାର ଗ୍ରାମର ଦଣ୍ଡ ଯାତ୍ରା ସରିଥିଲା । ଶୁକ୍ରବାର କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ସନ୍ଧ୍ୟାରେ ଯାତ୍ରା ଚାଲିଥିବା ବେଳେ ହଠାତ୍ ଯାତ୍ରା ପେଣ୍ଡଲର ଗ୍ରୀଲକୁ ବିଦ୍ୟୁତ୍ ଲାଗି ଯାଇଥିଲା। ଏହି ସମୟରେ ଉକ୍ତ ଗ୍ରୀଲକୁ ଧରିଥିବା ଦୁଇ ଯୁବକ ବିଦ୍ୟୁତ ଆଘାତରେ ଆହତ ହୋଇଥିଲେ।

# ଅଗ୍ନିକାଣ୍ଡରେ ୧୦ ବଖରା ଜଳିଗଲା



ଭଞ୍ଜନଗର, ୧୪।୪(ଡି.ଏନ୍.ଏ.)

ଭଞ୍ଜନଗର ତହସିଲ ଅନ୍ତର୍ଗତ ବାରୁଡ଼ାରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୦ ବଖରା ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାରଗୁଡିକ ହେଲେ ରାଜୁ ନାଇକ, ସୁରେଶ ନାଇକ, ପାଲୁଣି ନାଇକ, ସେବତୀ ନାଇକ, ଭିକାରୀ ନାଇକ। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଭଞ୍ଜନଗର ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ଗରିବ ଶ୍ରେଣୀର ହୋଇଥିବା ଯୋଗୁ ସେମାନଙ୍କୁ ପର୍ଯ୍ୟାପ୍ତ ସରକାରୀ ସହାୟତା ଯୋଗାଇ ଦିଆଯାଉ।

# ଓଡ଼ିଆ ନୂତନ ବର୍ଷ, ହନୁମାନ ଜୟନ୍ତୀ

ପାରଳାଖେମୁଣ୍ଡି, ୧୪।୪(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରରେ ଶୁକ୍ରବାର ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ ତଥା ମନ୍ଦିରଗୁଡ଼ିକରେ ମହାବୀର ଜୟନ୍ତୀ ପାଳନ କରାଯାଇଛି। ସହରର ସର୍ବପୁରାତନ କଲେଜ ଛକ, ତୋଟା ହନୁମାନ, ରେଳ ଷ୍ଟେଶନସ୍ଥିତ ମନ୍ଦିର, କରଣସାହି, କେଉଟ ସାହିରେ ମଧ ପୂଜାର୍ଚ୍ଚନା କରାଯାଇଛି। ସବୁ ସ୍ଥାନରେ ୧୦୮ ହନୁମାନ ଚାଳିଶା ପଠନ, ପଣା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ଖଞ୍ଜାସାହି ଛକ, ଷ୍ଟାଡିୟମ ଛକ ଆଦି ସ୍ଥାନରେ ଯୁବଗୋଷ୍ଠୀମାନେ ପଣା ପ୍ରସ୍ତୁତ କରି ପଥଚାରୀଙ୍କୁ ବାଣ୍ଟିଥିଲେ । ପାରଳାଖେମୁଣ୍ଡି ଆନ୍ଧ୍ର ସୀମାନ୍ତ ଏବଂ ଓଡ଼ିଆ ତେଲୁଗୁ ତ୍ରିଭାଷୀ ଅଞ୍ଚଳ ହୋଇଥିଲେ ମଧ ଏଠାରେ ଓଡ଼ିଆ ନବବର୍ଷକୁ ସମସ୍ତେ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।

## ହନୁମାନ ବିଗ୍ରହ ନିର୍ମାଣ ପାଇଁ ଭୂମିପୂଜା

ଧରାକୋଟ, ୧୪।୪(ଡି.ଏନ୍.ଏ.)

ଧରାକୋଟ ନିକଟସ୍ଥ ଶାନ୍ତିଝର ଉପର ମୁଣ୍ଡରେ ଥିବା ହନୁମାନ ବାଟିକାରେ ୩୧ ଫୁଟ ଉଚ୍ଚର ଏକ ହନୁମାନ ବିଗ୍ରହ ନିର୍ମାଣ ପାଇଁ ଶୁକ୍ରବାର ହନୁମାନ ଜୟନ୍ତୀ ଅବସରରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପବିତ୍ର ମୋହନ ମିଶ୍ର ହୋମଯଜ୍ଞ, ବେଦପାଠ କରି ଏହି ପବିତ୍ର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶାନ୍ତିଝର ଉନ୍ନୟନ କମିଟି ସଭାପତି ସୁନୀଲ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମାପନ ହୋଇଥିଲା। ହନୁମାନ ବିଗ୍ରହ ପ୍ରତିଷ୍ଠା ସହ ଏହାର ଚତୁଃପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ୨୦ଟି ମୂର୍ତ୍ତି ନିର୍ମାଣ କରାଯିବ। ଶାନ୍ତିଝର, ଗଡ଼ଚଣ୍ଡୀ ଓ ହନୁମାନ ବାଟିକା ସହ କଳ୍ପବଟ ରହିଥିବାରୁ ଏଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଥିରେ ଶିଳ୍ପୀ ରାଜେନ୍ଦ୍ର ମହାପାତ୍ର, ପୂଜାରୀ କାଳିଆ ଦାସ, କାଳିଆ ପ୍ରଧାନ ଓ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜାତୀୟ ଅଗ୍ନିଶମ ସେବା ସପ୍ତାହ

ଭଞ୍ଜନଗର, ୧୪।୪(ଡି.ଏନ୍.ଏ.)– ଭଞ୍ଜନଗର ଅଗ୍ନିଶମ ସେବାକେନ୍ଦ୍ରରେ ଶୁକ୍ରବାର ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସେଠାରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ଯୋଗଦେଇ ଉକ୍ତ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସେହିଭଳି ବେଲଗୁଣ୍ଠା ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ମଧ ଏହି ଦିବସ ପାଳିତ ହୋଇଯାଇଛି।

# ନିଲମ୍ବିତ ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ନୟାଗଡ଼ ଅଫିସ/ଓଡ଼ଗାଁ, ୧୪।୪(ସ୍ୱ.ପ୍ର.)

ଓଡ଼ଗାଁ ବ୍ଲକ ବରସାହି ପଞ୍ଚାୟତ ସିଙ୍ଗାରପୁର ଗାଁରେ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଜାଲିଆତି ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମନୋରଞ୍ଜନ ମହାପାତ୍ର ନିଲମ୍ବିତ ହୋଇଛନ୍ତି।

ନିଲମ୍ବିତ ପିଇଓ ରଣପୁର ବ୍ଲକ କାର୍ଯ୍ୟାଳୟରେ ହାଜରା ଦେବେ ଏବଂ ତାଙ୍କଠାରୁ ଆବାସ ଟଙ୍କା ଆଦାୟ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଯେ, ବରସାହି ପଞ୍ଚାୟତ ସିଙ୍ଗାରପୁର ଗ୍ରାମର ଗଣେଶ ନାୟକଙ୍କ ନାମରେ ୨୦୧୭ ମସିହାରେ ଆବାସ ଯୋଜନାରେ କାର୍ଯ୍ୟାଦେଶ ଆସିଥିଲା। ସେତେବେଳକୁ ଗଣେଶ ଗାଁରେ ରହୁ ନ ଥିଲେ। ଗଣେଶ ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବାରୁ କୌଣସି କାମଧନ୍ଦା କରିପାରୁ ନ ଥିଲେ।ଘର ଭୁଶୁଡ଼ି ପଡିବାରୁ ସେ ଗାଁ ଛାଡି ଶ୍ୱଶୁର ଘରେ ଆଶ୍ରୟ ନେଇଥିଲେ। ଏହାର ଫାଇଦା ଉଠାଇଥିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ। ପ୍ରକୃତ ଗଣେଶଙ୍କୁ ନ ଦେଇ ଅନ୍ୟଜଣେ ଗଣେଶଙ୍କୁ ଠିକ୍ କରି ଆବାସ ଯୋଜନାର କାର୍ଯ୍ୟାଦେଶ ଧରାଇ ଦେଇଥିଲେ। ଘଟଣା ଘଟିବାର

**ବରସାହି ଆବାସ କେଳେଙ୍କାରୀ ଘଟଣା**

୫ବର୍ଷ ବିତି ଯାଇଥିଲେ ମଧ ଏହାର ସୁରାକ ମିଳି ନ ଥିଲା। ଆବାସ ମରାମତି ଅର୍ଥ ଆସିବା ପରେ ସବୁ କିଛି ଗଡ଼ବଡ଼ ହୋଇଗଲା। ଗଣେଶଙ୍କ ସ୍ତ୍ରୀ ଗୀତା ନାୟକ ବିଡିଓଙ୍କୁ ଭେଟି ଘଟଣାର ତଦନ୍ତ ପାଇଁ ଅଭିଯୋଗ କଲେ। ଘଟଣାରେ ସତ୍ୟତା ଥିବା ତଦନ୍ତରୁ ଜଣାପଡିବା ପରେ ବିଡିଓ ଜିଲାପାଳଙ୍କୁ ଦୁର୍ନୀତି ନେଇ ଅବଗତ କରାଇଥିଲେ। ପରେ ଜିଲାପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏହାସହ ଆବାସ ଟଙ୍କା ଫେରାଇବା ଏବଂ ରଣପୁର ବ୍ଲକ କାର୍ଯ୍ୟାଳୟରେ ପ୍ରତିଦିନ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ର ଏବେ କଜଳାଇପଲ୍ଲୀ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। କେବଳ ମିଶ୍ର ନୁହନ୍ତି ତାଙ୍କ ସହ ଜିଆରଏସ୍‌ଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଆରଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସର ଉତ୍ତର ଦେଇ ସାରିଛନ୍ତି ବୋଲି ବିଡିଓ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

# ଆମ ପାଇଁ ବଡ଼ ଆମ ନୟାଗଡ଼ ଲେଖାରେ ତ୍ରୁଟି




ନୟାଗଡ଼ ଅଫିସ, ୧୪।୪

ନୟାଗଡ ସହରର ତ୍ରିନାଥ ଛକଠାରେ ହୋଇଥିବା ଆମ ପାଇଁ ବଡ଼ ଆମ ନୟାଗଡ଼ର ଡ ତଳେ ବିନ୍ଦୁ ନ ଥିବାରୁ ପ୍ରତିବାଦ ଉଠିଛି। ତ୍ରୁଟି ଥିବା ଅକ୍ଷରକୁ ସଂଶୋଧନ କରାଇବାକୁ ଲେଖକ ଓ ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ନୟାଗଡ଼ ମ୍ୟୁନିସିପାଲିଟିକୁ ପରାମର୍ଶ ଦେଇଥିବାବେଳେ ଏ ନେଇ ନୟାଗଡ଼ ଜିଲାପାଳ, ନୟାଗଡ଼ ବିଧାୟକ,

- ■ନୟାଗଡ଼ ଓ ବଡ଼ ଲେଖାର ଡ ତଳେ ନାହିଁ ବିନ୍ଦୁ
- ■ସଂଶୋଧନ ଦାବିରେ ଟୁଇଟ କରି କରାଗଲା ଅନୁରୋଧ

ନଗର ଉନ୍ନୟନ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ୫-ଟି ସଚିବଙ୍କୁ ଟୁଇଟ ଯୋଗେ ଅବଗତ କରାଇଛି। ଲେଖକ ଓ ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡାଙ୍କ ସୂଚନା ଅନୁସାରେ ଡ ଓ ଡ଼ ଉଚ୍ଚାରଣ ଭିନ୍ନ। ସେହି ଆଧାରରେ ଅକ୍ଷର ଦ୍ୱୟର ବ୍ୟବହାର ମଧ ଭିନ୍ନ ହୋଇଥାଏ। ନୟାଗଡ଼ ଓ ବଡ କ୍ଷେତ୍ରରେ ଡ ତଳେ ବିନ୍ଦୁ ନ ଥିବା ଠିକ୍ ନୁହେଁ। ଏହା ତଳେ ବିନ୍ଦୁ ରଖାଯିବା ଦରକାର। ସବୁ ଭାରତୀୟ ମୂଳଭାଷା ସ୍ୱନିକ। କିନ୍ତୁ ଓଡ଼ିଆ ଭାଷା ଶତ ପ୍ରତିଶତ ଫୋନେଟିକ୍। ଯାହା ଲେଖାଯାଏ ତାହା ପଢ଼ାଯାଏ। ଅବଶ୍ୟ ଆଜିକାଲି ଶବ୍ଦର ଶେଷର ହଳନ୍ତ ଲଗେଇ କହୁଛନ୍ତି ବୋଲି କହିଛନ୍ତି । ଏଣୁ ତ୍ରୁଟି ସୁଧାରିବାଦରକାର ବୋଲି କହିଛନ୍ତି ।

# କନ୍ଧମାଳ ଜିଲାକୁ ୩ ଏନ୍‌ଏଚ୍ ସଂଯୋଗ ଦାବି

ବାଲିଗୁଡ଼ା, ୧୪।୪(ଡି.ଏନ.ଏ.)

କନ୍ଧମାଳ ଜିଲାକୁ ଜାତୀୟ ରାଜପଥ ସହ ଯୋଡିବା ପାଇଁ ବାଲିଗୁଡ଼ା ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ନୂଆଦିଲ୍ଲୀ ଲୋକସଭା ଭବନରେ ଭେଟିଛନ୍ତି। ଏହି ଜିଲା ଦେଇ ରାୟପୁରଠାରୁ ଗୋପାଳପୁର ୫୯ନଂ ଏକମାତ୍ର ଜାତୀୟ ରାଜପଥ ରହିଥିବା ବେଳେ ଆଉ ତିନୋଟି ଜାତୀୟ ରାଜପଥ ନିର୍ମାଣ ପାଇଁ ଲିଖିତ ପ୍ରସ୍ତାବ ଦେଇଛନ୍ତି। ସେଗୁଡିକ ହେଲା ଜାତୀୟ ରାଜପଥ ନଂ.୫୭ ମାଧପୁରଠାରୁ ଖଜୁରୀପଡ଼ା, ଫୁଲବାଣୀ, ଫିରିଙ୍ଗିଆ, ସାରଙ୍ଗଗଡ ଦେଇ କ. ନୂଆଗାଁ ନିକଟସ୍ଥ ଦାରିଙ୍ଗବାଡି ୫୯ନଂ.ଜାତୀୟ ରାଜପଥକୁ ସଂଯୋଗ, ଦ୍ୱିତୀୟ ବାଲିଗୁଡ଼ା ୫୯ନଂ. ଜାତୀୟ ରାଜପଥ ଠାରୁ ବାରଖମା, ସୁଦ୍ରା, ଲଣ୍ଡାଗାଁ, କଣ୍ଟାମାଳ ଦେଇ ସୋନପୁର ନିକଟରେ ସଂଯୋଗ, ତୃତୀୟରେ ତୁମୁଡ଼ିବନ୍ଧ ୫୯ ନଂ.ଜାତୀୟ ରାଜପଥଠାରୁ କୋଟଗଡ, ମୁନିଗୁଡ଼ା, ବିଷମକଟକ ହୋଇ ରାୟଗଡ଼ାରେ ସଂଯୋଗ। ପୂର୍ବରୁ ଏକ ଲିଖିତ ପତ୍ର ପ୍ରଦାନ କରିଥିବା ବେଳେ ଏବେ ପୁଣି ଉକ୍ତ ଦାବିକୁ ପତ୍ର ମାଧ୍ୟମରେ ଦୋହରାଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଗୁରୁତର ସହ ଗ୍ରହଣ କରିଛନ୍ତି। ପୂର୍ବ ଚିଠି ନେଇ କ'ଣ ଅଗ୍ରଗତି ହୋଇଛି ତାହା ଖୁବଶୀଘ୍ର ପୂର୍ବତନ ବିଧାୟକ ମାଝୀଙ୍କୁ ଜଣାଇବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ମାଝୀ ଆଶାବ୍ୟକ୍ତ କରିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଖୁବଶିଘ୍ର ଏହି କାର୍ଯ୍ୟ ଆଗକୁ ନେଇ ଜାତୀୟ ରାଜପଥ ମାନ୍ୟତା ପ୍ରଦାନ କରିବେ। ଏହି ତିନୋଟି ଜାତୀୟ ରାଜପଥ ନିର୍ମାଣ ହୋଇଗଲେ କନ୍ଧମାଳ ଜିଲାରୁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶକୁ ଯାତାୟାତ ସହ ପଶ୍ଚିମ, ଦକ୍ଷିଣ ଓ ପୂର୍ବ ଓଡ଼ିଶାକୁ ଯାତାୟାତ ପାଇଁ ରାସ୍ତା ସୁଗମ ହୋଇପାରିବ।



କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରୁଛନ୍ତି ପୂର୍ବତନ ବିଧାୟକ।

## ସଂକ୍ଷେପରେ

### ୧୦୨ ବର୍ଷରେ ଚକୁଆ ଗ୍ରାମର ଅଷ୍ଟପ୍ରହର

କଳିଙ୍ଗନଗର,୧୪।୪(ଡି.ଏନ.ଏ.): ଦାନଗଦି ବ୍ଲକ ଚକୁଆ ଗ୍ରାମରେ ଗୌରାଙ୍ଗ ମହାପ୍ରଭୁଙ୍କ ଅଷ୍ଟପ୍ରହରି ନାମଯଜ୍ଞ ତିନି ଦିନ ବ୍ୟାପୀ ପାଳିତ ହୋଇଯାଇଛି। ମହାବିଷୁବ ପଣା ସଂକ୍ରାନ୍ତିରେ ଠାକୁରଙ୍କ ନଗର ପରିକ୍ରମା ପରେ ନାମଯଜ୍ଞ ସମାପନ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ସଂକୀର୍ତ୍ତନ ଦଳ ଯୋଗଦେଇ ପ୍ରଭୁଙ୍କ ଅଖଣ୍ଡ ମଧୁର ନାମ ଜପ କରିଥିଲେ। ଏଥର ୧୦୨ ବର୍ଷ ପୂରଣ କରିଛି ଏହି ଅନୁଷ୍ଠାନ। ପ୍ରତ୍ୟେକ ବର୍ଷ ଗ୍ରାମବାସୀଙ୍କ ସହଯୋଗରେ ଅଷ୍ଟପ୍ରହରି ପାଳିତ ହୋଇଆସୁଛି। ଗ୍ରାମର ନାଥ ଜେନା, ସନ୍ତୋଷ ଜେନା, ତପନ ଜେନା, ଗୌରହରି ରାୟ, ଧନଞ୍ଜୟ ଚକ୍ରବର୍ତ୍ତୀ, ପୂର୍ଣ୍ଣଚନ୍ଦ୍ର ଜେନା ଓ ଗଦାଧର ଜେନାଙ୍କ ସହଯୋଗରେ ନାମଯଜ୍ଞ ସମ୍ପନ୍ନ ହୋଇଥିଲା। ଶତାଧିକ ହରିଭକ୍ତ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ।

### ଜଳଛତ୍ରର ଶୁଭାରମ୍ଭ

କଳିଙ୍ଗନଗର,୧୪।୪(ଡି.ଏନ.ଏ.): ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଅବସରରେ କଳିଙ୍ଗନଗରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଦାନଗଦି ଛକରେ ବଣିକ ସଂଘ ତରଫରୁ ଜଳଛତ୍ର ଖୋଲାଯାଇ ବାଟୋଇଙ୍କୁ ଦହିସର୍ବତ ବଣ୍ଟନ କରାଯାଇଛି। ମିଲିଟାରି ଛକରେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଯଖପୁରା ଶାଖା ତରଫରୁ ଟଙ୍କ ତୋରାଣୀ ବଣ୍ଟନ କରାଯାଇଛି। ଯଖପୁରା ହନୁମାନ ମନ୍ଦିରରେ ବଜରଙ୍ଗ ଦଳ ତରଫରୁ ପଣା ବ୍ୟବସ୍ଥା କରାଯାଇଥିଲା। ସେହିପରି ଫ୍ରିଡମ ଫେଡିଲେଟି ସାମାଜିକ ସଂଗଠନ ତରଫରୁ ଜଳଛତ୍ର ଉଦ୍‌ଘାଟିତ ହୋଇଥିଲା। କଳିଙ୍ଗନଗର ମଜଦୁର ୟୁନିୟନର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ସାହୁ, ଦିପ୍ତୀମୟୀ କୁଅଁର, ମଣ୍ଟୁ ଚକ୍ର, ସୁଭାଶିଷ ପଣ୍ଡା ଓ ଅଶୋକ ମଲ୍ଲିକ ପ୍ରମୁଖ ଯୋଗଦେଇ ପଥଚାରୀଙ୍କୁ ଦହିପାଣି ବାଣ୍ଟିଥିଲେ।

### ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

ଯାଜପୁର ଟାଉନ,୧୪।୪(ଡି.ଏନ.ଏ.): ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନିତ ଅତିଥି ଉପଜିଲାପାଳ ଗୋପୀନାଥ କୁଅଁର ଏବଂ ଯାଜପୁର ପୌରପରିଷଦର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ ଯୋଗଦେଇ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ, କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଓ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଆମ୍ବେଦକର ସେବା ସଂଘ ସଭାପତି ଉତ୍ସବ ଦାସ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଆମ୍ବେଦକର ଏବଂ ସଂସ୍କୃତି ଭବନ ପରିସରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# କୋଇଲାର କଳା ଧୂଆଁ ଯୋଗୁ ପ୍ରଦୂଷଣ

- ଏନ୍‌ଏଚ୍‌ରେ ଯାଉଥିବା କୋଇଲାର ବେଆଇନ କାରବାର
- ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କୋରେଇ,୧୪।୪(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା କୋରେଇ ବ୍ଲକ ଅଧୀନସ୍ଥ ପଥରପଦା ପଞ୍ଚାୟତର ଖସାଗଡ଼ିଆ ମୌଜାରେ ଥିବା ଜୟ ଜଗନ୍ନାଥ କୋକ ଇଣ୍ଡଷ୍ଟ୍ରି କଳାଧୂଆଁ ସାଜି ଲୋକଙ୍କ ପାଇଁ ଖଳନାୟକ ସାଜିଛି। ଏହି କୋକ ଇଣ୍ଡଷ୍ଟ୍ରି ଦୀର୍ଘ ବର୍ଷ ହେବ ବିନା କାଗଜପତ୍ରରେ ଚାଲିଛି। ଏନେଇ ପ୍ରଭାବିତ ଲୋକେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସୋମବାର ଅଞ୍ଚଳବାସୀ କୋରେଇ ଜନଶୁଣାଣୀରେ ମଧ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ କେତେକ ପ୍ରଭାବଶାଳୀ ନେତାଙ୍କୁ ହାତ କରି ଇଣ୍ଡଷ୍ଟ୍ରି ମାଲିକ ପଥରପଦା ପଞ୍ଚାୟତ ଖସାଗଡ଼ିଆ ମୌଜାର ଖାତା ନଂ.୯୪ ଏବଂ ପ୍ଲଟ ନଂ ୭୬, ୩୧୧, ୩୧୨, ୩୧୯, ୨୨/୫୭୫ ପାଖାପାଖି ୩୦ ଏକର ଜମିରେ କୋଇଲା ଡମ୍ପ କରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି।


ଖସାଗଡ଼ିଆ ମୌଜାରେ ଥିବା ଜୟ ଜଗନ୍ନାଥ କୋକ ଇଣ୍ଡଷ୍ଟ୍ରି ।

ହଜାରରୁ ଊର୍ଦ୍ଧ୍ୱ ଟ୍ରିପ କୋଇଲା ଜମା କରିବା ଫଳରେ ନିକଟସ୍ଥ ଗ୍ରାମ ଗୁଡ଼ିକରେ ବାସ କରୁଥିବା ପରିବାର ଅନେକ ଅସୁବିଧାରେ ପଡୁଛନ୍ତି। ସାମାନ୍ୟ ପବନ ବୋହିଲେ କୋଇଲା ଗୁଣ୍ଡ ଉଡି ପିଇବା ପାଣିରେ ପଡୁଛି । ଏହି ପାଣି ପିଇ ପରିବାରର ସଦସ୍ୟ ଏବଂ ପିଲାଛୁଆମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ସହ ସାମାନ୍ୟ କାଶ ହେଲେ ପାଟିରୁ କଳା ରଙ୍ଗର କଫ ବାହାରୁଥିବା ପଥରପଦା ଗ୍ରାମର ପ୍ରଦୀପ ପରିଡ଼ା ଓ ମମତା ମହାପାତ୍ର କହିଛନ୍ତି । ଝରକା କବାଟ ଖୋଲାଥିଲେ ଏହି କୋଇଲା ଗୁଣ୍ଡ ଘର ଭିତରକୁ ପଶି ଯାଉଛି । ନିକଟସ୍ଥ ଘରଗୁଡ଼ିକର ଝରକା କବାଟ କାନ୍ଥ ଆଦି ହାତ ମାରିଲେ କଳା ରଙ୍ଗର ପାଉଁଶ ଛାଡୁଥିବା ଦେଖିବାକୁ ମିଳିଛି। ଦୟନୀୟ ଅବସ୍ଥାରେ ସ୍ଥାନୀୟ ପରିବାରଗୁଡ଼ିକ କାଳାତିପାତ କରୁଥିବା ଗ୍ରାମର ରଘୁନାଥ ଦାସ ପ୍ରକାଶ କରିଛନ୍ତି। ଏଥିସହିତ ଆଖପାଖ ଚାଷ ଜମିରେ ଏହି କୋଇଲା ଗୁଣ୍ଡ ପଡୁଥିବାରୁ ଚାଷୀମାନେ ମଧ କ୍ଷତିଗ୍ରସ୍ତ ହେଉଥିବା ଚାଷୀ କରୁଣାକର ମାଝି ଅଭିଯୋଗ କରିଛନ୍ତି । ପାଣିକୋଇଲି ଅମୃତିଆ ଗ୍ରାମ ଉନ୍ନୟନ ରାସ୍ତାକୁ ଲାଗି ଏହି ବେଆଇନ କୋଇଲା ଡ଼ିପୋ ଚାଲିଥିବାରୁ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ପଥଚାରୀ ମଧ ବହୁ ସମସ୍ୟାରେ ପଡୁଛନ୍ତି । ସେହିପରି ଆରଡ଼ି ରାସ୍ତାରେ କୋଇଲା ପରିବହନ କରୁଥିବା ଗାଡ଼ିଗୁଡ଼ିକ ୨୦ ରୁ ୨୫ ଟନ ଓଭର ଲୋଡିଂ ନେଇ ରାସ୍ତାରେ ଯାତାୟାତ କରୁଛନ୍ତି । ଯାହା ଫଳରେ ରାସ୍ତାଟି ଯେତେ ମରାମତି ହେଲେ ମଧ ଖୁବକମ ଦିନ ମଧରେ ବ୍ୟପର୍ଯ୍ୟସ୍ତ ହୋଇପଡୁଛି। ସବୁଠାରୁ ବଡ଼କଥା ହେଉଛି ଏହି ଇଣ୍ଡଷ୍ଟ୍ରି ଅତି ନିକଟରେ ନବୋଦୟ ସ୍କୁଲ ରହିଛି । ସେଠାରେ ଅଧୟନ କରୁଥିବା ଛାତ୍ରୀଛାତ୍ର ମଧ ସମାନ ପରିସ୍ଥିତି ଦେଇ ଗତି କରୁଛନ୍ତି। ତାଳଚେର ପଟୁ ଆସୁଥିବା କୋଇଲା ଗାଡ଼ିଗୁଡ଼ିକ ସହିତ ବୁଝାମଣା କରି ବିନା କାଗଜପତ୍ର ଏବଂ କମ ଦରରେ ଶତାଧିକ ଟ୍ରିପ କୋଇଲା କିଣି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ଖଣି ବିଭାଗ ମଧ ଜାଣି ନୀରବ ରହିଥିବା ଲୋକଙ୍କୁ ବିସ୍ମିତ କରିଛି। ନିରୁପାୟ ହୋଇ ଅଭିଯୋଗକାରୀ ପରିବାରଗୁଡିକ ଗତ ୧୦ ତାରିଖ ସୋମବାର କୋରେଇ ବ୍ଲକ ଅଧୀନରେ ଚାଲୁଥିବା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜଣାଶୁଣାଣୀରେ ଉପସ୍ଥିତ ରହି ଏନେଇ ଅଭିଯୋଗ କରିଛନ୍ତି। ଏନେଇ କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ସେମିତି କିଛି ଅଭିଯୋଗ ଆସିନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ମା'ମଲ୍ୟା ବୁଢ଼ୀଠାକୁରାଣୀଙ୍କ ଯଜ୍ଞୋତ୍ସବ



ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର , ୧୪।୪(ଡି.ଏନ.ଏ./ସ୍ୱ.ପ୍ର.): ବାଲିଚନ୍ଦ୍ରପୁରସ୍ଥିତ ପ୍ରସିଦ୍ଧ ମା'ମଲ୍ୟା ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ତଥା ଯଜ୍ଞୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଯଜ୍ଞ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ବିରୂପା ନଦୀର କୁସୁପୁର ଘାଟରୁ ଶତାଧିକ ମହିଳା ଜଳ କଳସ ଆଣିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ଗଗନ ବିହାରୀ ମିଶ୍ର ଓ ସାଥୀ ପଣ୍ଡିତମାନେ ବେଦ ପାଠ ଏବଂ ଯଜ୍ଞ କର୍ମାଦି କରିଥିଲେ। ଗୋ ପୂଜା, ସୂର୍ଯ୍ୟ ପୁଜା, ଅଙ୍କୁରା ରୋପଣ, ସପ୍ତଶତୀ ଚଣ୍ଡୀ ପାଠ ଆଦି ଅନୁଷ୍ଠିତ ହୋଇଥିଲା। ଠାକୁରାଣୀ ମନ୍ଦିରର ମୁଖ୍ୟ ଟ୍ରଷ୍ଟି ନରହରି ସେନଙ୍କ ଆବାହକତ୍ତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନନ୍ତ ମହାରଣା ସପତ୍ନିକ କର୍ତ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବାଲିଚନ୍ଦ୍ରପୁର ଗ୍ରାମର ପ୍ରତାପ ଚନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା, ଦାମୋଦର ସାହୁ, ବିଜୟ କୁମାର ପରିଡ଼ା, ସଂଗ୍ରାମ କେଶରୀ ପରିଡ଼ା, ମିହିର କୁମାର ପରିଡ଼ା, ଦିବାକର ସେଠୀ, କାର୍ତ୍ତିକ ଚନ୍ଦ୍ର ସେଠୀ, ଗୌରାଙ୍ଗ ଚରଣ ସାହୁ ଓ ଏକାଦଶୀ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ

କାଳିଆପାଣି,୧୪।୪(ଡି.ଏନ.ଏ.): ଯାଜପୁର ଜିଲାର କାଳିଆପାଣି କ୍ରୋମାଇଟ୍ ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ମହାବୀର ହନୁମାନଙ୍କ ମନ୍ଦିରରେ ରୀତିନୀତିରେ ପୂଜାପାଠ ହେଉଥିବା ବେଳେ ବହୁ ଦେବୀ ପୀଠରେ ପୂଜାପାଠ ଓ ଜନଗହଳି ଦେଖିବାକୁ ମିଳିଛି। ବିଭିନ୍ନ ପୀଠରେ ବେଲରେ ତିଆରି ହୋଇଥିବା ପଣା ପିଇ ଭକ୍ତ ଘରକୁ ଫେରିଥିଲେ। ଖଣି ଅଞ୍ଚଳର କୋଲିପଶୀ, କାଳିଆପାଣି, ହନୁମାନ ମନ୍ଦିର, ଖଣି ନିଗମର ଚିରୁଗୁଣିଆଁ ଓ ଟାଉନସିପରେ ଥିବା ଦେବୀ ପୀଠ, ଟାଟା ବଜାର, ତାରିଣୀ ମନ୍ଦିର, ମହାବୀର ବଜାର, କଲରଙ୍ଗୀ ଢାବା ଛକ ହନୁମାନ ମନ୍ଦିର ଓ ରାଂସୋଳ ହନୁମାନ ମନ୍ଦିରରେ ପୂଜାପାଠ ହୋଇଥିବାବେଳେ ଖଣି ନିଗମ ଟାଉନଶିପ, ତାରେଣୀ ବଜାର ଓ ରାଁସୋଳ ହନୁମାନ ମନ୍ଦିରରେ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା

ପ୍ରୀତିପୁର,୧୪।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ଫଳପୁର ଆର୍‌ଡି ରାସ୍ତାଠାରୁ ଅଣ୍ଡାଳୋ ଓ ବଳଭଦ୍ରପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ଦୂରବସ୍ଥା ଜଣେ ନ ଦେଖିଲେ ବିଶ୍ୱାସ କରିପାରିବେନାହିଁ। ରାସ୍ତା ଏଭଳି ଜରାଜୀର୍ଣ୍ଣ ହୋଇପଡିଛି ଯେ, ଲୋକେ ଚାଲିକି ଗଲେ ବି ଖଣ୍ଡିଆ ଖାବରା ହେଉଛନ୍ତି। ପ୍ରତିଦିନ ଗାଡ଼ିମୋଟର ଦୁର୍ଘଟଣା ହେଉଛି। ଏହା ଏକ ଅଣଚଉଡ଼ା ରାସ୍ତା। ଏବେ ଗାଁକୁ ପାନୀୟ ଜଳ ପ୍ରକଳ୍ପ ପାଇଁ ପାଇପ୍ ବିଛା ଯାଉଥିବାରୁ କଂକ୍ରିଟ ରାସ୍ତାକୁ ଠିକାଦାର ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଫଳରେ ଏହି ଗ୍ରାମରେ ବସବାସ କରୁଥିବା ଦୁଇ ଶହରୁ ଅଧିକ ପରିବାର ଗମନାଗମନ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ପିଲାମାନେ ଦୁର୍ଘଟଣା ଭୟରେ ସ୍କୁଲକୁ ଯିବା ବନ୍ଦ କରିଦେଇଛନ୍ତି। ଗମନାଗମନ ବିକଳ୍ପ ରାସ୍ତା ନ ଥିବାରୁ ଏହି ଜରାଜୀର୍ଣ୍ଣ କଂକ୍ରିଟ ରାସ୍ତାରେ ଚାଲିବା ଲୋକଙ୍କ ପାଇଁ ବହୁତ କଷ୍ଟକର ହେଉଛି। ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରିବା ଯୋଗୁ ରାସ୍ତାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ରାସ୍ତାର ପୁନଃ ନିର୍ମାଣ ନିମନ୍ତେ ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଗ୍ରାମର କୈଳାସ ମଳିକ, ପ୍ରତାପ ମଳିକ, ରବୀନ୍ଦ୍ର ପଣ୍ଡା, ବିଜୟ ମଳିକ, ଅମୂଲ୍ୟ ବଳ, ତପନ ପଣ୍ଡା, ସୁଧାକର ମଳିକ, ଇନ୍ଦ୍ରମଣି ମଳିକ, ମଳୟ ପଣ୍ଡା, ଘନଶ୍ୟାମ ମଳିକ ଓ କାହ୍ନୁ ମଳିକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ରାସ୍ତା ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି ।

## କିଶୋର ଶକ୍ତି ଦିବସ ପାଳିତ

ଯାଜପୁର ଟାଉନ,୧୪।୪(ଡି.ଏନ.ଏ.): ସ୍ୱାଧୀନତା ସଂଗ୍ରାମୀ ତଥା ଜ୍ଞାନମଣ୍ଡଳର ସ୍ରଷ୍ଟା ପଦ୍ମଶ୍ରୀ ବିନୋଦ କାନୁନ ଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ 'କିଶୋର ଶକ୍ତି ଦିବସ' ଗୋପବନ୍ଧୁ ରମାଦେବୀ ଆଶ୍ରମ ଦ୍ୱାରା ଯାଜପୁର ବ୍ଲକ୍‌ର ଡଅଁରକୂଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସେକ୍ ମିନାତୁଲ୍ଲା ସଭାପତିତ୍ୱ କରିଥିବାବେଳେ ଆଶ୍ରମର ସମ୍ପାଦକ ନିମାଇଁ ରାୟ, ଉତ୍କଳ ସର୍ବୋଦୟ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳ, ଯୁବକର୍ମୀ ଦିଲୀପ ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ଗଙ୍ଗାଧର ରାଉତ, ଶିକ୍ଷକ ସବିତା ବିଶୋୟୀ, ଅଲେଖ ଚନ୍ଦ୍ର ମଲ୍ଲିକ ଓ ମିଟୁ କର ପ୍ରମୁଖ ଯୋଗଦେଇ ବିନୋଦ କାନୁନ୍ ଗୋଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, ଦେଶରେ ସ୍ୱାଧୀନତା ସଂଗ୍ରାମ ଚାଲିଥିବାବେଳେ ୧୯୩୦ ଏପ୍ରିଲ ୧୦ରେ ରେଭେନସା କଲିଜିଏଟ ସ୍କୁଲର ନବମ ଶ୍ରେଣୀ ଛାତ୍ର କାନୁନ୍‌ଗୋ ଓ ଅନ୍ୟ ୧୮ଜଣ ଛାତ୍ର ବିଦ୍ୟାଳୟ ଛାଡ଼ି ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସଂଗ୍ରାମରେ ଝାସ ଦେଇଥିଲେ। ସେବେଠାରୁ ସେମାନଙ୍କ ପାଠରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। କିଶୋର ବୟସର ଏଭଳି ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବାରୁ ଏହା କିଶୋର ଓ ଯୁବକଙ୍କ ପାଇଁ ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରଭାବେ ସାଇପ୍ରିୟା , ଶ୍ରାବଣୀ, ଜ୍ୟୋତିର୍ମୟୀ ଓ ଅନ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ମୃତି ସାଉଣ୍ଟିଲେ ୧୯୯୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର


ବନ୍ଧୁମିଳନରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର ।

ଛତିଆ,୧୪।୪(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ଅମରାବତି କଲ୍ୟାଣ ମଣ୍ଡପ ପରିସରରେ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୬ ମାଟ୍ରିକ ବ୍ୟାଚ୍‌ର ୮୫ ଜଣ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀର୍ଘ ୨୭ବର୍ଷ ପରେ ସମସ୍ତେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। କୁନିକୁନି ପିଲାଙ୍କ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଆହୁରି ସୁନ୍ଦର ଅନୁଭୂତି ପ୍ରଦାନ କରିଥିଲା। ବହୁ ଦୂରଦୂରାନ୍ତର ପୁରୁଣା ସାଙ୍ଗମାନେ ଉପସ୍ଥିତ ଥିଲେ। କେତେଜଣ ସାଙ୍ଗ ସଙ୍ଗୀତ ପରିବେଷଣ କରିଥଲେ। ଅଜିତ ନାଥ, ବସନ୍ତ ସାହୁ, ମାନସ ବେହେରା, ଦିବ୍ୟରଞ୍ଜନ କର, ବଳରାମ ଦାସ, ହୃଷୀକେଶ ସେଠୀ, ପ୍ରଭଞ୍ଜନ ମହାରଣା, ଶିବାନୀ ଦାସ, କାଦମ୍ବିନୀ ସାହୁ, ନମିତା ସାହୁ, ଲିପ୍‌ସା ମହାପାତ୍ର, ପ୍ରଶାନ୍ତ ବେହେରା, ସୁକାନ୍ତ ସାହୁ ଓ ଭଜହରି ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅମିତ ସାହୁ ଧନ୍ୟବାଦ ଦେଇଥିଲେ।

## ମା' ଦରିଆ ନାହାକାଣୀ ପୀଠରେ ୩୦ ହଜାର ଶ୍ରଦ୍ଧାଳୁ

ସିଂହପୁର,୧୪।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ମା'ଦରିଆ ନାହାକାଣୀଙ୍କ ପୀଠରେ ଚାଲିଥିବା ୨୧ତମ ପଞ୍ଚଭୁତ ଚଣ୍ଡି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୧ ତାରିଖଠାରୁ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ ଉଦ୍‌ଯାପନୀ ଦିବସରେ ଆଖପାଖ ଅଞ୍ଚଳର ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳୁ ମା'ଙ୍କ ପୀଠରେ ଭିଡ ଆରମ୍ଭ ହୋଇଯାଇଥିଲା। ଲୋକେ ମା'ଙ୍କୁ ଦର୍ଶନ କରି ମନସ୍କାମନା ପୂରଣ ପାଇଁ ମାନସିକ ରଖିଥିବା ଦେଖାଯାଇଥିଲା। ପୀଠରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୀଠ ପରିସରରେ ଅନେକ ଅସ୍ଥାୟୀ ଦୋକାନ ସହିତ ପିଲାଙ୍କ ପାଇଁ ଦୋଳି ପଡ଼ିଥିବା ଦେଖାଯାଇଥିଲା। ପୀଠକୁ ବିଞ୍ଝାରପୁର, ଆଳି, ରାଜକନିକା ଓ ଦଶରଥପୁର ବ୍ଲକର ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ମା'ଦରିଆ ନାହାକାଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତା ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଞ୍ଝାରପୁର ଥାନା ଓ ଜରି ଫାଣ୍ଡି ପୋଲିସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଧର୍ମଶାଳା ବିକାଶ ପରିଷଦ ପକ୍ଷରୁ ଇଫତାର ପାର୍ଟି

ଧର୍ମଶାଳା,୧୪।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଶାନ୍ତି ବଜାରସ୍ଥିତ ସମ୍ରାଟ ମଣ୍ଡପରେ ଗୁରୁବାର ଧର୍ମଶାଳା ବିକାଶ ପରିଷଦ ପକ୍ଷରୁ ଏକ ଇଫ୍‌ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ବଡ଼ମଙ୍ଗଳପୁର, ଚହଟା, କାଏମା, ନେଉଳପୁର, ତରାପୁର ଓ ରସୁଲପୁର ବ୍ଲକର ବାରାବାଟୀ ଏବଂ ବ୍ରହ୍ମବରଦା ଗ୍ରାମର ଶତାଧିକ ମୁସଲମାନ ଭାଇ ଏହି ଇଫତାର ପାର୍ଟିରେ ସାମିଲ ହୋଇଥିଲେ।

ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଭାଇଚାର ସୃଷ୍ଟି କରିବାରେ ଏହା ଏକ ପ୍ରୟାସ ବୋଲି ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀକାନ୍ତ ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ସମୂହ ନମାଜପାଠ କରାଯାଇଥିଲା।


ଇଫ୍‌ତାର ପାର୍ଟିରେ ଯୋଗ ଦେଇଥିବା ମୁସଲମାନ ଭାଇମାନେ।

# ମାଲବାହୀ ଗାଡ଼ିରେ ଯାଉଛନ୍ତି ଶ୍ରମିକ

**ପରିବହନ ବିଭାଗ, ଯାଜପୁର ରୋଡ୍ ପୋଲିସ ନୀରବଦ୍ରଷ୍ଟା**

ଯାଜପୁରରୋଡ, ୧୪।୪(ଡି.ଏନ.ଏ.): ଦିନକୁ ଦିନ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ଜନଗହଳିପୂର୍ଣ୍ଣ ହୋଇଚାଲିଛି। ଆବଶ୍ୟକତାଠାରୁ ଏଠାରେ ଅଧିକ ଲୋକ ବସବାସ କରୁଥିବାବେଳେ ଏହି ଲୋକଙ୍କ ବିଭିନ୍ନ ଆବଶ୍ୟକତା ପୂରଣ କରିବାରେ ବ୍ୟାସନଗର ପୌର ପ୍ରଶାସନ ଏକପ୍ରକାର କାର୍ପଣ୍ୟତା ଦେଖାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ସହରରେ ପରିବହନ ବ୍ୟବସ୍ଥା। ସହରରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟସ୍ଥଳ ଓ ଶିଳ୍ପାଞ୍ଚଳକୁ ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ ଭାବେ ମାଲବାହୀ ଗାଡ଼ିରେ ପରିବହନ କରାଯାଉଛି। ହେଲେ ପରିବହନ ବିଭାଗ ଏବଂ ପୋଲିସ ଏସବୁ ଦେଖି ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଏବଂ ଯାଜପୁର ରୋଡ୍ ପୋଲିସ କେବଳ ବାଇକ ହେଲମେଟ ଚେକିଂ କରି ଫାଇନ ଆଦାୟରେ ବ୍ୟସ୍ତ ରହୁଛନ୍ତି। ହେଲେ ଛୋଟ ଛୋଟ ପରିବହନ ଗାଡ଼ି ଅସୁରକ୍ଷିତ ଭାବେ ଯାତ୍ରୀ ପରିବହନ କରୁଥିଲେ ମଧ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ରାତ୍ର ସମୟରେ ଅତ୍ୟନ୍ତ ବେପରୁଆ ଭାବେ ଯାତ୍ରୀମାନେ ପରିବହନ ଗାଡ଼ିରେ ଯାଉଥିବା ଦେଖିବାକୁ ମିଳିଛି। ପରିବହନ ସମୟରେ କିଛି ଅଘଟଣ ଘଟିଲେ କିଏ ଦାୟୀ ରହିବ ତା'କୁ ନେଇ ବଡ଼ ପ୍ରଶ୍ନ ଛିଡ଼ା ହୋଇଛି। ତେଣୁ ଏ ଦିଗରେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଯାଜପୁର ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଶ୍ରମିକମାନଙ୍କୁ ଡାଲା ଅଟୋରେ ନିଆଯାଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,୧୪।୪(ସ୍ୱ.ପ୍ର.): ଅନନ୍ତପୁର ଫାଣ୍ଡି ପୋଲିସ ଶୁକ୍ରବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଛି । ଅଭିଯୁକ୍ତ ଜଣକ ହେଲେ କୁସୁପୁର ପଞ୍ଚାୟତ ଖଡ଼ିକା ଦଣ୍ଡା ଗାଁର ଗୁଲୁ କାଣ୍ଡି । ଗୁଲୁ ୨୦୨୧ରେ ଏକ ଘଟଣାରେ ଅଭିଯୁକ୍ତ ଥିଲେ। ଏନେଇ ତାଙ୍କ ନାମରେ ମାମଲା (ନଂ.୫୩୨/୨୧)ରୁଜୁ ହୋଇଥିଲା । ମାତ୍ର ଅଭିଯୁକ୍ତ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ଜଗତସିଂହପୁର ଜେଏମ୍ଏଫ୍ସି ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ଥାନାଧିକାରୀ ସଲିଳ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଅନନ୍ତପୁର ଫାଣ୍ଡି ଏସ୍ଆଇ ତପନ ବେହେରା ଅଭିଯୁକ୍ତ ଗୁଲୁଙ୍କୁ ଗିରଫ କରିଛନ୍ତି।

### ନାବାଳିକାଙ୍କୁ ଅପହରଣ: ଜେଲ ଗଲେ ଅଭିଯୁକ୍ତ

ବାଲିକୁଦା,୧୪।୪(ସ୍ୱ.ପ୍ର.): ବାଲିକୁଦା ପୋଲିସ ନାବାଳିକାଙ୍କୁ ଅପହରଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉତ୍ତରପ୍ରଦେଶ ସାରେଇ ଥାନା ଅଞ୍ଚଳର ଅମନ ମହମ୍ମଦ । ସେ ବାଲିକୁଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଉଠାଇ ନେଇଛନ୍ତି ବୋଲି ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ.୧୬୭/୨୩) ରୁଜୁ କରି ଘଟଣାର ଅନୁଧାନ ଚଳାଇଥିଲା । ସମ୍ପୃକ୍ତା ନାବାଳିକାଙ୍କୁ ପୋଲିସ ପ୍ରଥମେ ଭୁବନେଶ୍ୱରରୁ ଠାବ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ଅଭିଯୁକ୍ତ ଅମନଙ୍କୁ ସେତେବେଳେ ଗିରଫ କରି ପାରି ନ ଥିଲା । ଗୁରୁବାର ଅଭିଯୁକ୍ତ ଅମନ ଉତ୍ତରପ୍ରଦେଶକୁ ପଳାଇବାକୁ ଯୋଜନା କରୁଥିବାବେଳେ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କଂଗ୍ରେସର ଜଳଛତ୍ର ସେବା

ଏରସମା,୧୪।୪(ସ୍ୱ.ପ୍ର.): ଏରସମା ମୁଖ୍ୟାଳୟରେ ଶୁକ୍ରବାର ବ୍ଲକ କଂଗ୍ରେସ ପକ୍ଷରୁ ଜଳଛତ୍ର ସେବା ଆରମ୍ଭ ହୋଇଛି। ନଳିନୀ କୁମାର ସ୍ୱାଇଁ ଓ ସଭାପତି ବହ୍ଲବାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାମାଜିକ କାର୍ଯ୍ୟରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦୀପ୍ତି ରଞ୍ଜନ ମହାନ୍ତି, ଦୀପ୍ତି ରଞ୍ଜନ ସାହୁ, ଗୁଣଧର ମହାନ୍ତି, ରବୀନ୍ଦ୍ର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ ଏହା ଖୋଲା ଯାଇଥିବା ସଭାପତି ସ୍ୱାଇଁ କହିଛନ୍ତି ।

### ନିଆଁଲାଗି ୫ ବଖରା ଜଳିଗଲା



ପଟ୍ଟାମୁଣ୍ଡାଇ, ୧୪।୪(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୋହନପୁର ପଞ୍ଚାୟତ ମଙ୍ଗଳପଡ଼ା ଗାଁରେ ଆକସ୍ମିକ ଅଗ୍ନିକାଣ୍ଡରେ ୨ଟି ପରିବାରର ୫ ବଖରା ଜଳିଯାଇଛି। ଗୁରୁବାର ରାତି ୮ଟାରେ ଗାଁର କାଞ୍ଚନ ନାଥଙ୍କ ଘରେ ପ୍ରଥମେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁର ପ୍ରକୋପ ଏତେ ପ୍ରଖର ଥିଲା ଯେ, ଚାହୁଁ ଚାହୁଁ ପଡୋଶୀ ବାବାଜୀ ନାଥ ଘରକୁ ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡରେ ଉକ୍ତ ୨ ପରିବାରର ୫ ବଖରା ନଡ଼ା ଛପର, ଗୁହାଳ ଜଳିଯିବା ସହ ଘର ମଧ୍ୟରେ ଥିବା ଆସବାବପତ୍ର ଅଳଙ୍କାର, ଧାନ, ଚାଉଳ ଆଦି ପୋଡ଼ି ପାଉଁଶ ହୋଇଯାଇଛି। କଞ୍ଚନଙ୍କ ଦୁଇଟି ଗାଈ ଓ ବାଛୁରୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ପଟ୍ଟାମୁଣ୍ଡାଇରୁ ଦମକଳ ଗାଡ଼ି ପହଞ୍ଚିବା ବେଳକୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ବ୍ଲକ ଚେୟାରମ୍ୟାନ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୋହନପୁର ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରଗୁଡ଼ିକ ସମବେଦନା ଜଣାଇବା ସହିତ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଆଦି ପ୍ରଦାନ କରିଥିଲେ। ତେବେ ଅଗ୍ନିକାଣ୍ଡର ଠିକ କାରଣ ଜଣାପଡିନାହିଁ। ବିପନ୍ନ ପରିବାରମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ବିପନ୍ନ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ଜରୀ ପାଲ, ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଛି। ଆରଆଇ ପ୍ରଦ୍ୟୁମ୍ନ ସ୍ୱାଇଁ କ୍ଷୟକ୍ଷତି ଆକଳନ କରିଥିବାବେଳେ ପ୍ରାଣୀ ଚିକିତ୍ସାଧିକାରୀ ସ୍ୱରାଜ ନାୟକ ଆହତ ଗୋରୁଙ୍କ ଚିକିତ୍ସା କରିଛନ୍ତି।

# ପଣାସଂକ୍ରାନ୍ତି: ଗୋରେଖନାଥ ପୀଠ ଚଳଚଞ୍ଚଳ

ରଘୁନାଥପୁର,୧୪।୪ (ଡି.ଏନ୍.ଏ.)



ଓଡିଆ ନବବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଭକ୍ତଙ୍କ ଜନସମାଗମ ପରିଲକ୍ଷିତ ହୋଇଛି। ତାପମାତ୍ରା ବୃଦ୍ଧି ସତ୍ତ୍ୱେ ଦର୍ଶନାର୍ଥୀଙ୍କ ଉପରେ ଏହାର ପ୍ରଭାବ ପଡ଼ିନାହିଁ। ବଡିଭୋରୁ ପ୍ରଭୁଙ୍କ ମଙ୍ଗଳ ଆଳତି କାର୍ଯ୍ୟସମାପନ ପରେ ପୀଠ ମଧ୍ୟକୁ ଭକ୍ତଙ୍କ ଆଗମନ ହୋଇଥିଲା। ପାଳିଆ ସେବକମାନେ ଉପସ୍ଥିତ ରହି ଭକ୍ତଙ୍କ ନିମନ୍ତେ ସମସ୍ତ ସେବା ଉପଲବ୍ଧ କରାଇଥିଲେ। ଦିନତମାମ ପୀଠ ମଧ୍ୟରେ ଭଜନ କୀର୍ତ୍ତନ ଲାଗି ରହିବା ସହ ସ୍ଥାନୀୟ ଯୁବକ ସଂଘ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦର୍ଶନାର୍ଥୀଙ୍କ ପାଇଁ ଅଭଡା ପାଣିର ବ୍ୟବସ୍ଥା କରାଯାଇଥିଲା। ଅପରପକ୍ଷେ ପୀଠ ପ୍ରଶାସନ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ବନ୍ଦ କରିଦିଆଯାଇଥିବାରୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ପ୍ରସାଦ ନ ପାଇ ନିରାଶ ହୋଇଥିଲେ। ଗୋରେଖନାଥଙ୍କ ପ୍ରାସାଦରେ ସ୍ୱତନ୍ତ୍ରତା ରହିଛି ଏବଂ ପ୍ରଭୁଙ୍କ ପୀଠରେ ବସି ଏହାକୁ ସେବନ କରିବାରେ ପରମ ଆତ୍ମତୃପ୍ତି ମିଳିଥାଏ ବୋଲି ଚାନ୍ଦପୁର ଅଞ୍ଚଳର ପୁନମ

**ପ୍ରସାଦ ନ ପାଇ ଯାତ୍ରୀ ନିରାଶ**

ରାଉତ ପ୍ରକାଶ କରିଥିଲେ। ଏଠାରେ ଅଧିକ ସମୟ ରହିବାକୁ ଇଚ୍ଛା ଥିଲେ ବି ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବସ୍ଥା ନ ଥିବାରୁ ସ୍ଥାନ ପରିତ୍ୟାଗ କରିବାକୁ ପଡୁଛି ବୋଲି ଇଚ୍ଛାପୁର ଅଞ୍ଚଳର ସର୍ବେଶ୍ୱର ମହାନ୍ତିଙ୍କ ପରିବାର ପ୍ରକାଶ କରିଛନ୍ତି। ପୁନର୍ବାର ପ୍ରସାଦ ସେବନ ବ୍ୟବସ୍ଥା ଚାଲୁ କରିବା ପାଇଁ ସେମାନେ ଅନୁରୋଧ କରିଛନ୍ତି। ଯାତ୍ରୀଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ଓ ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅପରପକ୍ଷେ ଭୋଗ ଦୋକାନ ନିଲାମ ନେଇଥିବା ରମେଶ ଚନ୍ଦ୍ର ସାହୁ ଓ ପୀଠ ଚତୁଃପାର୍ଶ୍ୱରେ ଥିବା ଦୋକାନୀମାନେ ସବୁ ବର୍ଷ ପରି ଚଳିତ ବର୍ଷ ଭଲ ବ୍ୟବସାୟ ହୋଇ ନ ଥିବା କହି ଦୁଃଖ ପ୍ରକାଶ କରିଛନ୍ତି।

# ଋକ୍‌ବେଦ ପାରାୟଣ ଗାୟତ୍ରୀ ମହାଯଜ୍ଞ



କଳସ ଶୋଭାଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ।

ଏରସମା,୧୪।୪(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ଗ୍ରାମରେ ଦକ୍ଷିଣେଶ୍ୱର ବୈଦିକ ବିଚାର ମଞ୍ଚ ପକ୍ଷରୁ ଋକ୍‌ବେଦ ପାରାୟଣ ଓ ଗାୟତ୍ରୀ ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବାହ୍ନରେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପତାକାକୁ ବେଦ ପ୍ରଚାରକ ଅମୂଲ୍ୟ ଦାଶ ଉତ୍ତୋଳନ କରିଥିଲେ । ପରେ ସୂର୍ଯ୍ୟପୂଜା, ଘଟ ସ୍ଥାପନ କରାଯାଇ ଦକ୍ଷିଣେଶ୍ୱରଙ୍କ ପୀଠରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ବ୍ରହ୍ମଚାରୀ ଶ୍ରୀବନ୍ତ ଆର୍ଯ୍ୟ, ବେଦ ପ୍ରଚାରକ ସମୀର ଦାଶ ଉପସ୍ଥିତ ରହି ରଗବେଦ ଉପରେ ପ୍ରବଚନ ଦେଇଥିଲେ । ଏଥିରେ ମଳୟ ରଞ୍ଜନ ଦାଶ, ରାଜରତନ ଦାଶ, ନଟବର ସ୍ୱାଇଁ, ପ୍ରମୋଦ ଦାଶ, ଦୀପ୍ତି ରଞ୍ଜନ ଦାଶ ଓ ଅରବିନ୍ଦ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ମହାବୀର ଜୟନ୍ତୀ ପାଳିତ

ରଘୁନାଥପୁର,୧୪।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତାରପୁର ବାଇପାସ ବଜାର କମିଟି ପକ୍ଷରୁ ଶୁକ୍ରବାର ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହାନଦୀ ଘାଟରୁ କଳସରେ ପାଣି ଆଣି ମହାବୀରଙ୍କ ନିକଟରେ ଘଟ ସ୍ଥାପନ କରାଯାଇଥିଲା। ପରେ ବୈଦିକ ରୀତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା ଓ ଗୋପୂଜା କାର୍ଯ୍ୟ ସମାପନ ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ଦିନତମାମ ଆହୁତି ପ୍ରଦାନ ସହ ହନୁମାନ ଚାଳିଶା ଆବୃତ୍ତି ଓ ପାରାୟଣ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ରାତିରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ପରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହୋଇଥିଲା। ବସନ୍ତ ଦାଶ, ନରେନ୍ଦ୍ର ନାୟକ, ନାରାୟଣ ରାଉତ, ପ୍ରମୋଦ ରାଉତ, ଲିପା ସାହୁ ଓ କାବୁଲା ମହାନ୍ତିଙ୍କ ସହ ସମସ୍ତ ବଜାର କମିଟିସଭ୍ୟ ସହଯୋଗ କରିଥିଲେ।

## ଶୋବନେଶ୍ୱରଙ୍କ ପୀଠରେ ପାଟୁଆ ଯାତ୍ରା

ବାଲିକୁଦା,୧୪।୪(ସ୍ୱ.ପ୍ର.)

ଖାଲଗାଁ ପଞ୍ଚାୟତ ଶୋଭାସ୍ଥିତ ଶୋବନେଶ୍ୱରଙ୍କ ପୀଠରେ ପାଟୁଆ ଯାତ୍ରା ମହାସମାରୋହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟାରେ ଦକ୍ଷିଣୀ କୀର୍ତ୍ତନ ପରିବେଷଣ କରାଯାଇଥିଲା । ଏଥିସହ ପୀଠରେ ଅଷ୍ଟମ ପ୍ରହର ନାମଯଜ୍ଞର ଶୁଭାଧିବାସ ପର୍ବ ଆୟୋଜନ କରାଯାଇଛି। ବିଧି ଅନୁଯାୟୀ ଶନିବାର ନାମଯଜ୍ଞ ଓ ରବିବାର ନଗର ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ଗ୍ରାମଦେବତୀ ମା' ମେଣ୍ଢାଇଶୁଣୀଙ୍କ ପରିସରରେ ପାଲା ପରିବେଷଣ କରାଯିବ। ମନ୍ଦିର କମିଟି ଓ ଗ୍ରାମବାସୀ ଏଥିରେ ସହଯୋଗ କରିଛନ୍ତି।

# ମା' ଉତ୍ତରେଶ୍ୱରୀଙ୍କ ପୀଠରେ ଝାମୁଯାତ୍ରା

ଏରସମା,୧୪।୪(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ମା' ଉତ୍ତରେଶ୍ୱରୀଙ୍କ ପୀଠରେ ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାମୁ ଯାତ୍ରା ଓ ରାଧାରମଣ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମ କମିଟି ସଭାପତି ଆଶିଷ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଭୋର ସମୟରେ କଳସ ଶୋଭାଯାତ୍ରା କରାଯାଇଥିଲା । ପରେ ସୂର୍ଯ୍ୟ ପୂଜା ଓ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା । ପରମ୍ପରା ଅନୁସାରେ ଅପରାହ୍ନରେ ପଣା ଭୋଗ ଲାଗି ହୋଇଥିଲା । ଏହି ଉପଲକ୍ଷେ ୨ ରାତି ରାମଲୀଳା ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ସ୍ୱାଇଁ କହିଛନ୍ତି। ଏଥିସହ ମନ୍ଦିର ପରିସରରେ ରାଧାରମଣ ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ରାଧାରମଣ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିବ ସୁନ୍ଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶରତ ଚନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ପରିଡା, ଦୈତାରୀ ଦାସ, ନରେନ୍ଦ୍ର କୁମାର ସ୍ୱାଇଁ, ଅରୂପାନନ୍ଦ ସ୍ୱାଇଁ, ନିବାରଣ ନାୟକ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

# କର୍ମକ୍ଷେତ୍ରରେ ନିଜ ସୁରକ୍ଷା ସହ ଅନ୍ୟଙ୍କୁ ସୁରକ୍ଷିତ ରଖିବା ଜରୁରୀ



ଅଗ୍ନିଶମ ସପ୍ତାହ ପାଳନ ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟମାନେ।

ପାରାଦୀପ,୧୪।୪(ସ୍ୱ.ପ୍ର.)

**ଅଗ୍ନିଶମ ସପ୍ତାହ ଆରମ୍ଭ**

ପାରାଦୀପ ବନ୍ଦର ସିଆଇଏସ୍ଏଫ ୟୁନିଟ ପକ୍ଷରୁ ଶୁକ୍ରବାର ଜାତୀୟ ଅଗ୍ନିଶମ ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବନ୍ଦର ୪ ନଂ. ଗେଟ ପାଖ ସିଆଇଏସ୍ଏଫ ୟୁନିଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଇଏସ୍ଏଫ କମାଣ୍ଡର ଅକ୍ଷତ ପଟେଲ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କର୍ମକ୍ଷେତ୍ରରେ ସିଆଇଏସ୍ଏଫ ଜବାନ ନିଜେ ସୁରକ୍ଷିତ ରହିବା ସହ ବନ୍ଦର ସମ୍ପତି ଓ ଅନ୍ୟ ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ନିରାପତ୍ତା ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ସୂଚନାଯୋଗ୍ୟ,୧୯୪୪ ଏପ୍ରିଲ ୧୪ରେ ବମ୍ବେ ପୋର୍ଟ ଡକରେ ଅଗ୍ନିକାଣ୍ଡ ଘଟି ଅନେକ ଧନଜୀବନ ନଷ୍ଟ ହୋଇଥିଲା। ସେତେବେଳେ ଏହି ଅପରେଶନ ସମୟରେ ଅନେକ ସିଆଇଏସ୍ଏଫ୍ ଜବାନଙ୍କ ମୃତ୍ୟୁ ଘଟିଥିଲା। ସେହି ଶହୀଦ ଜବାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଶେଷରେ ଡେପୁଟି କମାଣ୍ଡଣ୍ଟ ବିଷ୍ଣୁ ସ୍ୱରୂପ ଧନ୍ୟବାଦ ଦେଇଥିଲେ। ସେହିପରି ତୈଳ ବିଶୋଧନାଗାର ସିଆଇଏସ୍ଏଫ ୟୁନିଟ ପକ୍ଷରୁ ଏହି ଅଗ୍ନିଶମ ସପ୍ତାହ ପାଳନ କରାଯାଇଛି। ସେଥିରେ ତୈଳବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ମୁକେଶ ମୋହନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଆମ୍ବେଡକର ଜୟନ୍ତୀ ପାଳିତ

ପାରାଦୀପ,୧୪।୪(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶୁକ୍ରବାର ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ବନ୍ଦର ଅଧ୍ୟକ୍ଷ ପି. ଏଲ ହାରାନ୍ଧ ପୁଷ୍ପମାଲ୍ୟ ଦେଇଥିଲେ। ସନ୍ଧ୍ୟାରେ ଜୟଦେବ ଭବନରେ ଆୟୋଜିତ ଆଲୋଚନା ସଭାରେ ଅତିଥି ଭାବେ ଅଧ୍ୟକ୍ଷ ହାରାନ୍ଧ, ସଚିବ ପି.ଏନ୍.ବେହେକର, ପୂର୍ବତନ ଏମ୍ପି ବିଭୁପ୍ରସାଦ ତରାଇ, ଅବସରପ୍ରାପ୍ତ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକ, ଏସ୍‌ସି/ଏସଟି ସଂଘ ଉପଦେଷ୍ଟା ସ୍ନେହଲତା ଦପଟି ପ୍ରମୁଖ ଉପସ୍ଥିତ ରହି ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ବ୍ରାହ୍ମଣୀରେ ଛଡ଼ାଗଲା ୪.୫ ଲକ୍ଷ ମାଛ ଯାଆଁଳ



ରାଜନଗର, ୧୪।୪ (ଡି.ଏନ୍.ଏ.)

ବ୍ରାହ୍ମଣୀ ନଦୀରେ ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ବିଭାଗ ଉଦ୍ୟମ ଜାରି ରଖିଛି। ବୁଧବାର ରାଜନଗର ବ୍ଲକ ଓଡ୍ରିଆ ଗ୍ରାମସ୍ଥିତ ନଗଡ଼ ଘାଟଠାରେ ବ୍ରାହ୍ମଣୀରେ ଉନ୍ନତମାନର ଆଙ୍ଗୁଳିକା ଯାଆଁଳ ଛାଡ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ଟି ମୋବାଇଲ୍ ଭ୍ୟାନ୍‌ରେ ପାଣି ଭର୍ତ୍ତି କରାଯାଇ ଅଣାଯାଇଥିବା ୪.୫ ଲକ୍ଷ ଯାଆଁଳକୁ ସୁରକ୍ଷିତ ଭାବେ ନଦୀ ଜଳରେ ଛଡ଼ାଯାଇଥିଲା। ଓଡ୍ରିଆ ସରପଞ୍ଚ ବୈଦେଇ ଦାସ, ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ, ରାଜନଗର ବ୍ଲକ୍ ମତ୍ସ୍ୟ ଅଧିକାରୀ ମୋନାଲିସା ରାଉତ ଓ ଏସ୍ଏଫ୍‌ଟିଏ ବିକାଶ କୁମାର ନାୟକ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହାବୀରଙ୍କ ବୋରିକ ମେଲଣ



ମେଲଣରେ ସାମିଲ ହୋଇଥିବା ବିମାନ।

ବିରିଡି,୧୪।୪(ଡି.ଏନ୍.ଏ.)

ହନୁମାନ ଜୟନ୍ତୀ ଅବସରରେ ବିରିଡି ବ୍ଲକର ଉତ୍ତର ଶାସନ ପଞ୍ଚାୟତର ଇଷ୍ଟଦେବ ମହାବୀର ହନୁମାନଙ୍କ ଚଳନ୍ତି ବିଗ୍ରହଙ୍କୁ ଦୋଳ ବିମାନରେ ଶୁକ୍ରବାର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ସଂଧ୍ୟାରେ ମହାବୀର ମନ୍ଦିରରୁ କାଳିଶି ବାହାରି ଏକ ଶୋଭାଯାତ୍ରାରେ ବୋରିକ ମେଲଣ ପଡ଼ିଆକୁ ଯାଇଥିଲେ। ବାଜାବାଣରେ ସ୍ଥାନଟି ପ୍ରକମ୍ପିତ ହୋଇଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ତିନିଦିନ ଧରି ଏଠାରେ ଯାତ୍ରା ଅନୁଷ୍ଠିତ ହେବ ବୋଲି ମହାବୀର ଯାତ୍ରା କମିଟିର ସଦସ୍ୟମାନେ କହିଛନ୍ତି। ସେହିପରି ଉତ୍ତରଶାସନ ଗ୍ରାମପଞ୍ଚାୟତର ତେନ୍ତେଲା ସାହି, ଗୁରୁଡି ସାହି, ଦକ୍ଷିଣୀ ସାହି, ଟୁବି ସାହି, ଟୁବି ମଳିକ ସାହି, ପଥର ତୁଠ, ଗୁଲି ବରଦା, କାଣ୍ଡି ସାହି, ବାଲି ସାହି ଓ ହାଜିପୁର ପଞ୍ଚାୟତର ବଗୁଲା କମା ଶାସନର ଦୋଳ ବିମାନଗୁଡିକ ଗୁରୁବାର ରାତ୍ରି ପ୍ରାୟ ୧୨ଟାରୁ ଶୋଭାଯାତ୍ରାରେ ବାହାରି ଶୁକ୍ରବାର ପ୍ରଭାତରେ ମେଲଣ ପଡ଼ିଆରେ ପହଞ୍ଚିଥିଲେ। ସେହିପରି ମହା ବିଷୁବ ସଂକ୍ରାନ୍ତୀ ଉପଲକ୍ଷେ ହାଜିପୁର, ହଳଦିଆପଡା, ଛାଷୀଖଣ୍ଡ, ବଡ଼ଖଣ୍ଡେଇତା, ଜୟଶୋଳ, ଅଡଙ୍ଗ ମଜୁରାଇ ବିଶ୍ୱେଶ୍ୱର ଭଟ୍ଟ, ବାଲିଆ ପଞ୍ଚମୁଖୀ ହନୁମାନ, ଶ୍ରୀ ଶ୍ରୀ ସିଦ୍ଧବଟ ମନ୍ଦିରରେ ହନୁମାନଙ୍କ ବିଗ୍ରହକୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ହନୁମାନଙ୍କ ଚାଳିଶା ଓ ବେଲପଣା ବଣ୍ଟନ କରାଯାଇଥିଲା। ବିରିଡି ଥାନା ପକ୍ଷରୁ ଏହି ଅବସରରେ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରାଯାଇଥିଲା ।

# ଆମ୍ବେଡକର ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ

ଜଗତ୍‌ସିଂହପୁର ଅଫିସ/ବାଲିକୁଦା, ୧୪।୪ (ସ୍ୱ.ପ୍ର.)



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଉଛି।

ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି.ଆର୍. ଆମ୍ବେଡକର ସାଧାରଣ ଗରିବ ପରିବାରରେ ଜନ୍ମଗ୍ରହଣ କରି ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ। ନିଷ୍ଠା ଓ ସାଧନା ବଳରେ ସେ ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ହେବାର ଗୌରବ ହାସଲ କରିପାରିଥିଲେ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଆମ୍ବେଡକରଙ୍କ ୧୩୨ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଆମ୍ବେଡକର ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ବଳିଷ୍ଠ ଭୂମିକା ନିଭାଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ ଆମ୍ବେଡକରଙ୍କ ସଂଗ୍ରାମମୟ ଜୀବନ ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଦୃଢ଼ ଇଚ୍ଛାଶକ୍ତି ବଳରେ ଆମ୍ବେଡକର ସମାଜରୁ କୁସଂସ୍କାର ଦୂର ପାଇଁ ପାଠ ପଢି ଉଚ୍ଚ ଶିକ୍ଷିତ ହେବାକୁ ଚେଷ୍ଟା କରିଥିଲେ। ସେ ଦଳିତ, ନିଷ୍ପେଷିତବର୍ଗଙ୍କୁ ଶିକ୍ଷିତ, ସଙ୍ଗଠିତ କରି ନିଜର ଅଧିକାର ହାସଲ ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି ଆମ୍ବେଡକରଙ୍କ ଜୀବନାଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ଶିକ୍ଷା ଓ ଅର୍ଥନୈତିକ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ହୋଇପାରିଛି। ଅର୍ଥାତ୍ ଯେଉଁମାନଙ୍କ ପାଖରେ ଦକ୍ଷତା ଅଛି ସେମାନଙ୍କୁ କେହି ରୋକିପାରିବେ ନାହିଁ। କିନ୍ତୁ ୮୦ ବର୍ଷ ପୂର୍ବରୁ ଦେଶ ପ୍ରଗତି କଥା ଆମ୍ବେଡକର ଭାବିଥିଲେ। ଏବେ ଦେଶକୁ ଆଗକୁ ନେବାକୁ ହେଲେ ପ୍ରତ୍ୟେକ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ପାଳନ କରିବା ଉଚିତ ବୋଲି ପଟୱାରୀ କହିଛନ୍ତି। ଉତ୍ସବରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ସମେତ ଅତିରିକ୍ତ ଏସ୍ପି ଉମେଶ କୁମାର ପଣ୍ଡା, ଜିଲାପାଳଙ୍କ ଓଏସ୍‌ଡି ଶଶାଙ୍କ ଶେଖର ଲେଙ୍କା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସହକାରୀ ଜିଲାପାଳ, ସରକାରୀ ଅଧିକାରୀ, ଆଇନଜୀବୀ, ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଅତିଥି ପରିଚୟ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

ସେହିପରି ବାଲିକୁଦାଠାରେ ବାବା ସାହେବ ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ଯୋଗଦେଇ ଆମ୍ବେଡକର ସର୍ବ ସମ୍ମାନର ଅଧିକାରୀ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ନେତା ଶିବବ୍ରତ ଦାସ, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ୍ ମହାପାତ୍ର ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବାଲିକୁଦା ବଜାର ସନ୍ନିକଟ ହାଟଗଡ଼ା ଛକରେ ଦଳିତ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଜିଲା ସଭାପତି ମନୋଜ ଗୋଛାୟତ ସଭାପତିତ୍ୱ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଭ୍ରମରବର ଗୋଛାୟତ ଯୋଗଦେଇ ବାବା ସାହେବଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ସମ୍ପାଦକ ପ୍ରକାଶ ଗୋଛାୟତ, କୋଷାଧ୍ୟକ୍ଷ ପ୍ରଦୀପ୍ତ ଗୋଛାୟତ, ପ୍ରମୁଖ ସାମିଲ ହୋଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରମେଶ ଗୋଛାୟତ, ଅରକ୍ଷିତ ଗୋଛାୟତ, ମିଟୁ ଗୋଛାୟତ, କାର୍ତ୍ତିକ ଗୋଛାୟତ ଓଅଜୟ ଗୋଛାୟତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଜନକଲ୍ୟାଣ ଫାଉଣ୍ଡେଶନ୍ ତରଫରୁ ପଣା ବଣ୍ଟନ

ଶରଣକୁଳ,୧୪।୪(ଡି.ଏନ.ଏ.): ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଉପଲକ୍ଷେ ଲଡୁବାବାଙ୍କ ସିଂହଦ୍ୱାର ସମ୍ମୁଖରେ ଜନ କଲ୍ୟାଣ ଫାଉଣ୍ଡେଶନ୍ ପକ୍ଷରୁ ପଥଚାରୀମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏହି ପଣା ବଣ୍ଟନ କାର୍ଯ୍ୟକ୍ରମରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ମଦନ ନନ୍ଦ, ନୟାଗଡ଼ ଜିଲା ବିଜେଡି ଦଳର ଉପସଭାପତି ଉମାପ୍ରସାଦ ସାହୁ, ସାମାଜିକ କର୍ମୀ ବିକ୍ରମ ଦାଶ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

### ମହାବୀର ଜୟନ୍ତୀ ପାଳିତ

ଖଣ୍ଡପଡା,୧୪।୪(ସ୍ୱ.ପ୍ର): ଶୁକ୍ରବାର ମହାବିଷୁବ ସଂକ୍ରାନ୍ତିରେ ଖଣ୍ଡପଡ଼ ବ୍ଲକ କଣ୍ଟିଲୋ, ମର୍ଦ୍ଦରାଜପୁର, ବଡବାଣପୁର, ସିଧାମୂଳା, ଖଳିସାହି ଓ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ବଜରଙ୍ଗ ପୀଠରେ ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନୀଳମାଧବ ପୀଠସ୍ଥ ହନୁମାନଙ୍କ ମନ୍ଦିର, ଯାତ୍ରାପଦା ବଜାର ପଞ୍ଚମୁଖୀ ହନୁମାନ, ଗୋକୁଳାନନ୍ଦ ଜୀଉ ପୀଠ, ମର୍ଦ୍ଦରାଜପୁର, ମହାବୀର ମନ୍ଦିରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଖଣ୍ଡ ହନୁମାନ ଚାଳିସା ଓ ଯଜ୍ଞ କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୫ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସେହିପରି ବଡବାଣପୁର ମହାବୀର ଭକ୍ତବୃନ୍ଦଙ୍କ ଆନୁକୂଲ୍ୟରେ ଆଜିଠାରୁ ୪ ଦିନ ବ୍ୟାପୀ ବିଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହି ଅବସରରେ ଶୁକ୍ରବାର ୧୦୮ ହନୁମାନ ଚାଳିସା, ବିଶ୍ୱଶାନ୍ତି ମହାଯଜ୍ଞ ଓ ସନ୍ଧ୍ୟାରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ବାଦୀ ସଂକ୍ରୀର୍ତ୍ତନ ଅନୁଷ୍ଠିତ ହେବ। ଆସନ୍ତାକାଲି କୃଷ୍ଣଲୀଳା ଅନୁଷ୍ଠିତ ହେବାକୁ ଥିବାବେଳେ ରବିବାର ଦୁଆରୀ ଭାରତ ଲୀଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ସଭାପତି ଓ ସମ୍ପାଦକ କୃତାର୍ଥ ପ୍ରଧାନ ଓ ପ୍ରଭାତ କୁମାର ପ୍ରଧାନଙ୍କଠାରୁ ପ୍ରକାଶ।

### ସାଇ ସେବା ସଙ୍ଗଠନରେ ମହାବିଷୁବ ମିଳନ

ଓଡଗାଁ,୧୪।।୪ (ସ୍ୱ.ପ୍ର.): ଶୁକ୍ରବାର ସ୍ଥାନୀୟ ଶ୍ରୀସତ୍ୟସାଇ ଆଧାତ୍ମିକ ଶିକ୍ଷା ଓ ସାମୂହିକ ସେବାକେନ୍ଦ୍ର ଆନୁକୂଲ୍ୟରେ ମହାବିଷୁବ ମିଳନ ସମାରୋହ ତଥା ବୃଦ୍ଧାଶ୍ରମ ଓ ବାଳ ନାରାୟଣ ଅନ୍ନ ସେବା ତଥା ପ୍ରସାଦ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଥରା ସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୃଦ୍ଧାବୃଦ୍ଧ ଭିନ୍ନକ୍ଷମ ଏବଂ ବାଳ ନାରାୟଣଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ପକ୍ଷରୁ ବରିଷ୍ଠ ସଦସ୍ୟ ବିଜୟ କୁମାର ଦାଶ ଓ ଆଦର୍ଶ ପଟ୍ଟନାୟକ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବିଡିଓ ସନ୍ତୋଷ କୁମାର ଜେନା, ଶିଳ୍ପପତି ରବୀନ୍ଦ୍ର କୁମାର ପାତ୍ର, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ମନ୍ଦିର ଶିଳ୍ପୀ କୃଷ୍ଣଚନ୍ଦ୍ର ବରାଡ଼, ସନ୍ତୋଷ କୁମାର ପ୍ରଧାନ, ସାମାଜିକ କର୍ମୀ ଦିବାକର ନାୟକଙ୍କୁ ଅଙ୍ଗବସ୍ତ୍ର ଓ ବାବାଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସାଇ ସମ୍ମାନରେ ସମ୍ମାନିତ କରିଥିଲେ। ପ୍ରଥମ ଆବାହକ ସାମ୍ବାଦିକ ଅଶୋକ ମହାପାତ୍ର ସଭା ସଂଯୋଜନା କରିଥିଲେ ଯୁବ ସଂଯୋଜକ ଚନ୍ଦନ ପାତ୍ର, ପ୍ରସନ୍ନ ଭଟ, ଚକ୍ରଧର ନାୟକ, ଲିଙ୍ଗନ ପୃଷ୍ଟି, କିଶୋର ସାହୁ, ମମତା ସାହୁ, ରାମ ଚନ୍ଦ୍ର ସାହୁ, ସାଇପ୍ରେମ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦଣ୍ଡଯାତ୍ରା, ଅରଟି ପାଟଖେଳ ଓ ପାଟମରା ପର୍ବ ଶେଷ

ନୟାଗଡ ଅଫିସ,୧୪।୪

ନିଷ୍ଠାପର ସାଧନା, କଠିନ ଉପାସନା ଓ ପ୍ରଗାଢ଼ ଭକ୍ତିର ପର୍ବ ଦଣ୍ଡଯାତ୍ରା, ଅରଟି ପାଟଖେଳ ଓ ପାଟମରା ପର୍ବ । ଯାହାକି ଅନେକ ରହସ୍ୟମୟ ପରମ୍ପରା ଭାବ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଉଦ୍‌ଯାପିତ ହୋଇଛି। ଅପରପକ୍ଷେ ମାନସିକ ପୂରଣ କରିବାର ସଂକଳ୍ପକୁ ନେଇ ଚଇତାଳି ଖରାକୁ ଖାତିର ନକରି ମନଭିତରେ ରହିଥିବା ଭକ୍ତି ଓ ଭାବନାକୁ ଉଜ୍ଜୀବିତ କରାଇ ଦେହରେ ପାଟବସ୍ତ୍ର, କାନ୍ଧରେ ପଇତା, ହାତରେ ମୟୂର ପୁଚ୍ଛ ଓ ବେତବାଡି ଧରି ଭଗବାନ ଶିବ ଓ ପାର୍ବତୀଙ୍କ ଆରାଧନା କରି ଖାଲିପାଦରେ ଦ୍ରୁତଗତିରେ ପାଟମରା ଗାଁ ଦାଣ୍ଡରେ ଚାଲିଥାନ୍ତି। ବିଷୁବ ସଂକ୍ରାନ୍ତି ଅବସରରେ ଏମାନଙ୍କୁ ଦେଖିବାକୁ


ରାଜପାଟଣାରେ ନିଆଁ ଗାଡ଼ରେ ଭକ୍ତମାନେ ମାନସିକ ପାଇଁ ନିଜର ସନ୍ତାନ ମାନଙ୍କୁ ଧରି ଚାଲୁଛନ୍ତି।

ମିଳେ। ଏହି ପାଟମରାଙ୍କ ପିଠିରେ ଦୁଇଟି ଅଙ୍କୁଶାକୃତି କଣ୍ଟା ଫୋଡାଯାଇଥିବାବେଳେ କଣ୍ଟାର ମଧ୍ୟଭାଗରେ ଗୋଟିଏ ଶକ୍ତ ଦଉଡି ଲାଗିଥାଏ। ଏହି ଦଉଡିକୁ ଧରି ଆଉ ଜଣେ ଭକ୍ତ ତାଙ୍କ ପଛ ଭାଗରେ ଯାଉଥିବାବେଳେ ଅନ୍ୟଜଣେ ଭକ୍ତ ଅଙ୍କୁଶାକୃତି କଣ୍ଟା ଲାଗିଥିବା ସ୍ଥାନରେ ପାଣି ଛିଞ୍ଚୁଥାଏ। ଏହି ପାଟମରାଙ୍କ ସଙ୍ଗରେ କିଛି ଢୋଲକ, ଝାଞ୍ଜ ବାଦକ ସାଙ୍ଗରେ ଯାଇ ସେମାନଙ୍କୁ ନଚେଇ ନଚେଇ ନେଇଥାନ୍ତି। ବାଦ୍ୟର ତାଳେ ତାଳେ ପାଟମରା ନାଚି ତାଙ୍କ ପଛ ପାଖରେ ଧରିଥିବା ଦଉଡି କାଳିଶିଙ୍କ ସହ ଗ୍ରାମ୍ୟ ପରିକ୍ରମା କରିଥାନ୍ତି। ଗ୍ରାମ୍ୟ ପରିକ୍ରମା ସମୟରେ ସେ ଗୁହାରିଆ ଉଠାନ୍ତି ଓ ଭୋଗ ଖାଇଥାନ୍ତି। ସେହିପରି ପାଟୁଆ ଅଥବା ପାଟମରାଙ୍କ ଅରଟି ପାଟଖେଳ ଅନ୍ୟତମ ଚିତାକର୍ଷକ। ଗୋଟିଏ ଖୁଣ୍ଟ ଉପରେ ଅନ୍ୟ ଗୋଟାଏ ଖୁଣ୍ଟ ସମାନ ଭାଗ କରି ରଖାଯାଇ ଏହି ଖେଳ ପ୍ରଦର୍ଶନ କରାଯାଏ। ପାଟମରାଙ୍କ ପଛ ପାଖରେ ଥିବା ପିଠିରେ ଲାଗିଥିବା ଅଙ୍କୁଶାକୃତି କଣ୍ଟାର ଦଉଡିକୁ ଅରଟିରେ ବନ୍ଧା ହୁଏ। ସେହିପରି ପାଟୁଆକୁ ଏକ ନୂଆ ଲୁଗା ସାହାଯ୍ୟରେ ଅରଟିରେ ଅନୁରୂପ ଭାବେ ବନ୍ଧା ହୁଏ। ଅରଟିକୁ ସମାନସ୍ଥିତିରେ ରଖିବା ପାଇଁ ଅପରପାର୍ଶ୍ୱରେ କିଛି ଲୋକ ଝୁଲି ରହିଥାନ୍ତି। ତାପରେ ଅରଟିକୁ ବୁଲାଯାଏ। ଅନ୍ୟପକ୍ଷେ ମୀନ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଦଣ୍ଡଯାତ୍ରା ବିଷୁବ ସଂକ୍ରାନ୍ତିରେ ପରିସମାପ୍ତି ଘଟିଛି। ଏହି ପର୍ବର ଉଦ୍‌ଯାପନ ଉତ୍ସବ ହାନ୍ଦୋଳା ଅତ୍ୟନ୍ତ ମନୋଜ୍ଞ। ୨ଟି ଖୁଣ୍ଟ ଉପରେ ଏକ ଠେଙ୍ଗା ବାନ୍ଧି ରଖାଯାଏ। ଏହି ଠେଙ୍ଗାରେ ଦଣ୍ଡ ଭକତାଙ୍କ ୨ ଗୋଡକୁ ବାନ୍ଧି ଦିଆଯାଇ ଓଲଟି ଟାଙ୍ଗି ଦିଆଯାଏ। ତଳେ ନିଆଁ କୁଣ୍ଡ ରହିଥାଏ। ଏହା ହାନ୍ଦୋଳା ନାମରେ ପରିଚିତ। ପାଟମରା ପର୍ବ ଗୋଡିପଡା, ଶରଣକୁଳ, ଭାଲିଆଡିହି, ପଞ୍ଚରିଡା ମାନପୁର, ଡମସାହି ଆଦି ଅଞ୍ଚରେ ଦେଖାଯାଏ। ଦଣ୍ଡ ନୃତ୍ୟ ଜିଲା ସାରା ଦେଖାଯାଏ। ଅରଟି ପାଟଖେଳ କୁମ୍ଭାରପଡା, ବୋଦସା ସମେତ ଖଣ୍ଡପଡା ବ୍ଲକ ଓ ଗଣିଆ ବ୍ଲକ ଅଞ୍ଚରେ ଦେଖାଯାଏ। ସେହିପରି ଇଟାମାଟି ଦେଉଳସାହିରେ ଥିବା ଗୋପୀନାଥ ଠାକୁରଙ୍କ ପାର୍ଶ୍ୱଦେବତା ହନୁମାନଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତିକୁ ହିନ୍ଦୁ ମୁସଲମାନ ମିଶି ପାଳନ କରିଛନ୍ତି।

## ପଣା ସଂକ୍ରାନ୍ତରେ ବରପତ୍ର ପିଠାର ସ୍ୱାଦ ନିଆରା

ଖଣ୍ଡପଡା,୧୪।୪(ସ୍ୱ.ପ୍ର)

ଶୁକ୍ରବାର ପଣା ସଂକ୍ରାନ୍ତି ଅବସରରେ ଘରେ ଘରେ ବରପତ୍ରରେ ପିଠା କରିବାର ବିଧି ରହିଛି। ବରପତ୍ରରେ ପ୍ରସ୍ତୁତ ପିଠାର ସ୍ୱାଦ ସ୍ୱତନ୍ତ୍ର। ଏହି ଚୈତ୍ରମାସରେ ବରଗଛରେ ନୂତନ ପତ୍ର କଅଁଳିଥାଏ। ବରପତ୍ର ଓ ଏହାର କ୍ଷୀରରେ ଔଷଧୀୟ ଗୁଣ ଭରି ରହିଛି। ଏହି ଦିନରେ ବରପତ୍ରରେ ପିଠା ପ୍ରସ୍ତୁତ କରି ଖିଆଯାଏ ଯାଏ। ଆମ ଭାରତୀୟ ସଂସ୍କୃତିରେ ଋତୁ ଅନୁସାରେ ଖାଦ୍ୟପେୟର ବିଧି ମଧ୍ୟ ଅଲଗା। ଯେପରି ମାର୍ଗଶିର ମାସ ପ୍ରଥମାଷ୍ଟମୀରେ ହଳଦୀ ପତ୍ରର ପିଠା, ପୌଷମାସରେ ମୁଗପୁର ପିଠା ବା ମୁଗ ମଣ୍ଡା, ରାଶି ମଣ୍ଡା, ମାଘମାସ ବଉଳ ଅମାବାସ୍ୟାରେ ଆମ୍ବ ବଉଳ ସେବନ, ଫାଲ୍‌ଗୁନରେ ଚଣା, ଖଜା ଖିଆଯାଏ।

## ବିଷୁବ ମିଳନ, ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ



କୃତୀ ପ୍ରତିଭାଧାରୀ ପୁରସ୍କୃତ ପରେ ଅତିଥିଙ୍କ ଗହଣରେ।

ନୟାଗଡ଼ ଅଫିସ,୧୪।୪

ନୟାଗଡ଼ ଜିଲା ଇଟାମାଟିସ୍ଥିତ ବଂଶୀଧର ମହାବିଦ୍ୟାଳୟ ପରିସରରେ ନୟାଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ସ୍ମୃତିରେ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ କବି ଓ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର, ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ, ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୂରଦେଓ, ବଂଶୀଧର ସ୍ମୃତି ପରିଷଦର ସଭାପତି ଡ. ରଙ୍ଗନାଥ ବେହେରା, କବି ଶରତ ଚନ୍ଦ୍ର ଆଚାର୍ଯ୍ୟ, ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ୍ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ନୂଆବର୍ଷ ତଥା ବିଷୁବ ଉତ୍ସବ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ଶହେରୁ ଊର୍ଦ୍ଧ୍ୱ କବି ନିଜସ୍ୱ କବିତା ପାଠ କରିଥିଲେ। ଅନ୍ୟପକ୍ଷେ ବଂଶୀଧର ସାରସ୍ୱତ ସମ୍ମାନରେ ଗୋଦାବରୀଶ ମିଶ୍ର, ସୁକାନ୍ତି ମହାନ୍ତି, ଶାରଳା ପାଢ଼ୀ, ସୁକାନ୍ତିବାଳା ସାମନ୍ତରାୟ ଓ ସୁରେଶ କୁମାର ପରିଡ଼ା, ବଂଶୀଧର ପତ୍ରକାର ସମ୍ମାନ ପ୍ରଦୀପ୍ତ କୁମାର ରଥ, ରାମକୃଷ୍ଣ ରଥ ଓ ଉତ୍ପଳ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ସେହିପରି ବଂଶୀଧର ସଙ୍ଗୀତ ସମ୍ମାନ ପୂର୍ଣ୍ଣଚନ୍ଦ୍ର ବେହେରା, ବଂଶୀଧର ହାସ୍ୟବ୍ୟଙ୍ଗ ସମ୍ମାନ ଧର୍ମଛଡା ଓ ଓମ୍ ଅଭିଜ୍ଞାନ ସାହୁଙ୍କୁ ଅନୁରୂପ ଭାବେ ପ୍ରଦାନ କରାଯାଇଛି। କବିତା ସଂଯୋଜନା ଅଧାପିକା ନୀଳିମା ନନ୍ଦ ଏବଂ ଗାଳ୍ପିକ ଗୋପୀନାଥ ସେଠୀ କରିଥିବାବେଳେ ଅତିଥି ପରିଚୟ ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ବ୍ୟଙ୍ଗ କଲମର ସମ୍ପାଦକ ରବୀନ୍ଦ୍ର ରାଉତ ଏବଂ ଡ. ରଙ୍ଗନାଥ ବେହେରା ଧନ୍ୟବାଦ ଦେଇଥିଲେ।

## ରଣପୁରରେ ହନୁମାନ ଜୟନ୍ତୀ ପାଳିତ

ରଣପୁର, ୧୪।୪(ସ୍ୱ.ପ୍ର.)

ଶୁକ୍ରବାର ମହାବିଷୁବ ସଂକ୍ରାନ୍ତିରେ ରଣପୁର ବ୍ଲକର ସୁନାଖଳା, ଚାନ୍ଦପୁର, ଦର୍ପନାରାୟଣପୁର, ଗୋପାଳପୁର ଅଞ୍ଚଳରେ ଥିବା ହନୁମାନଙ୍କ ପୀଠରେ ମହାବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କୋଟଗଡ଼ଠାରେ ଥିବା ହନୁମାନଙ୍କ ମନ୍ଦିରରେ ପ୍ରାତଃକାଳରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରୁ ଅଖଣ୍ଡ ହନୁମାନ ଚାଳିଶା ଓ ଘୃତଯଜ୍ଞ କରାଯାଇଥିଲା। ଅପରାହ୍ନ ପ୍ରାୟ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କୋଟଗଡ଼ ହନୁମାନ ମନ୍ଦିରରେ ଏକ ବନ୍ଧୁମିଳନର ଆୟୋଜନ ହୋଇଥିଲା। ଏହି ମିଳନରେ ରଣପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲା ବେଳେ ମହାବୀରଙ୍କ ଭକ୍ତମାନେ ଯୋଗଦେଇଥିଲେ। ଏହା ଦେଖିବାକୁ ଆଖପାଖ ଅଞ୍ଚଳରେ ଭକ୍ତଙ୍କ ଭିଡ଼ ହୋଇଥିଲା। ସେହିପରି ମା' ମଣିନାଗଙ୍କ ପାହାଡ଼ ତଳେ ଥିବା ହନୁମାନ ମନ୍ଦିରରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା ହୋଇଥିଲା।

## କୁମ୍ଭାରପଡ଼ାରେ ଆମ୍ବେଡ୍‌କର ଜୟନ୍ତୀ

ଖଣ୍ଡପଡା ୧୪।୪(ସ୍ୱ.ପ୍ର.)

ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତସ୍ଥିତ ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ସେଠୀ ଅଧକ୍ଷତା କରିଥିଲେ। ସାମାଜିକ କର୍ମୀ ଜଗଦୀଶ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ତଥା ଆମ୍ବେଡକରାଇଟ ବୁଦ୍ଧିଷ୍ଟ ପ୍ରଭାତ କୁମାର ଖୁଣ୍ଟିଆ, ପଞ୍ଚାନନ ନାହାକ, କାହ୍ନୁ ଚରଣ ପ୍ରଧାନ, ଶିକ୍ଷକ ଦୀନେଶ କୁମାର ଲେଙ୍କା, ଭାରତୀୟ ମୁକ୍ତିମୋର୍ଚ୍ଚା ନୟାଗଡ଼ ଜିଲା ସଂଯୋଜିକା କବିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ବାବା ସାହେବ ଆମ୍ବେଦକରଙ୍କ ଜୀବନ ଦର୍ଶନ, ଦେଶ ଓ ଜାତି ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ବୁଦ୍ଧ, ବୋଧିସତ୍ତ୍ୱ ବାବା ସାହେବ ଓ କ୍ରାନ୍ତି ଜ୍ୟୋତି ଜ୍ୟୋତିରାଓ ଫୁଲେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ତାରିଣୀ ପ୍ରସାଦ ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ।



କୁମାରପଡ଼ାଠାରେ ହୋଇଥିବା ଆମେଡକର ଜୟନ୍ତୀରେ ଉପସ୍ଥିତ ଅତିଥି ଓ ପିଲାମାନେ।

# ଆମ୍ବେଦ୍‌କରଙ୍କ ଜୟନ୍ତୀ

ନୟାଗଡ ଅଫିସ,୧୪।୪

ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଭୀମାରାଓ ଆମ୍ବେଦକରଙ୍କର ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାଓ ଯୋଗ ଦେଇଥିବାବେଳେ ଅତିଥି ଭାବେ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିକନ୍ଦ କଅଁର ଓ ନୟାଗଡ଼ ତହସିଲଦାର ଭିକାରୀ ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସମସ୍ତେ ମିଳିମିଶି କାମ କଲେ ସମାଜରୁ



ଆମ୍ବେଡକର ଜୟନ୍ତୀରେ ଜିଲାର ଅଧିକାରୀମାନେ କୃତି ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

ହୀନମନ୍ୟତା ଓ ଘୃର୍ଣ୍ଣ୍ୟ ମନସିକତା ଲୋପ ପାଇବ ବୋଲି କହିଥିଲେ। ଆମ୍ବେଦକର ତଥାକଥିତ ନାରୀ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଥିଲେ ବୋଲି ବକ୍ତାମାନେ କହିଥିଲେ। ସ୍ୱାଧିନତା ସଂଗ୍ରାମୀଙ୍କ ଦାୟାଦ୍ ବିରଞ୍ଚି ଦାଶ, ଖବରଦାତା ରାମକୃଷ୍ଣ ରଥ ଓ ହୁସେନ ଖାଁ ନିଜର ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ସଭା ପରିଚାଳନା କରିଥିଲେ। ଓଡ଼ିଶା ଦିବସରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଏଥିରେ ସମ୍ବର୍ଦ୍ଧନା କରାଯାଇଛି।

## ହାତୀମୁଣ୍ଡା ଜଙ୍ଗଲରେ ନିଆଁ

ନୟାଗଡ଼ ଅଫିସ,୧୪।୪

ନୟାଗଡ଼ ବନଖଣ୍ଡ ମହିପୁର ରେଞ୍ଜର ଉଦୟପୁର ହାତୀମୁଣ୍ଡା ଜଙ୍ଗଲରେ ଶୁକ୍ରବାର ଜଳିଥିବା ଦେଖିବାକୁ ମିଳିଥିଲା। ନିଆଁ କିଏ ଲାଗାଇଥିବା ଜଣାପଡିନାହିଁ। ତେବେ ଖବରପାଇ ବନ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ। ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାବେଳେ ଜଙ୍ଗଲ ପୋଡି ପରିବେଶକୁ ଉତ୍ତପ୍ତ କରୁଛି। ଅନ୍ୟପକ୍ଷେ ନିଆଁ ଲାଗିବା ଦ୍ୱାରା ବହୁ ଗଛ ସହ ଔଷଧୀୟ ଗଛ ପୋଡି ଯାଉଛି।

## ନିଆଁ ଲାଗି ଜଳିଗଲା ୩ ବଖରା

ନୂଆଗାଁ, ୧୪।୪ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବକଳବନ୍ଧ ଗ୍ରାମରେ ଶୁକ୍ରବାର ନିଆଁ ଲାଗି ୩ ବଖରା ସହ ଆସବାବପତ୍ର ପୋଡିଯାଇଛି। ମିଳିଥିବା ସୂଚନା ମୁତାବକ, ବକଳବନ୍ଧ ଗ୍ରାମ କିଶୋର ସ୍ୱାଇଁଙ୍କ ଘରେ ନିଆଁ ଲାଗିବା ଫଳରେ ରହୁଥିବା ୨ ବଖରା ସମେତ ରୋଷେଇ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଖବର ପାଇ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ନିଆଁ ଲାଗିବାର କାରଣ ଜଣାପଡିନାହିଁ।


ନିଆଁ ଲାଗି ପୋଡି ଯାଇଥିବା ଘର।

# ଶରଣକୁଳରେ ପଣାଯାତ୍ରା, ଯଜ୍ଞ

ନୟାଗଡ଼ ଅଫିସ,୧୪।୪

ଓଡ଼ିଶାର ଅନ୍ୟତମ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ଦକ୍ଷିଣପାର୍ଶ୍ୱରେ ଅବସ୍ଥିତ ସୁଆରସାହିସ୍ଥ ମା' ବିରଜାଇ ଦେବୀଙ୍କ ପୀଠରେ ମହାବିଷୁବ ପଣାଯାତ୍ରା ପାଳିତ ହୋଇଯାଇଛି। ଶୁକ୍ରବାର ସକାଳେ ବେଦଜ୍ଞ ବ୍ରାହ୍ମଣ ତୋଷବନ୍ତ କରଙ୍କ ଦ୍ୱାରା ବୈଦିକ ରୀତିରେ ପୂଜାପାଠ କରି ଜଳାଶ୍ରୟର ଜଳକୁ ଶୁଦ୍ଧି କରାଯାଇଥିଲା। ଶୁଦ୍ଧି ଜଳକୁ ୧୦୮ ମହିଳାପୁରୁଷ ଶୋଭାଯାତ୍ରାରେ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବଦେବୀଙ୍କୁ ଆହୁତି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ପ୍ରଶାନ୍ତ କୁମାର ମିଶ୍ର ସମେତ ତୋଷବନ୍ତ କର, କୈଳାସ ମହାପାତ୍ର, ପ୍ରଭାତ କୁମାର ମହାପାତ୍ର, ପ୍ରଭାତ କୁମାର ବଡ଼ପଣ୍ଡା ବ୍ରାହ୍ମଣମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମନ୍ଦିରରେ ପୂଜକ କେଶୁ ମହାପାତ୍ର ମା'ଙ୍କୁ ପୂଜାର୍ଚ୍ଚନା ସହିତ ମହାଆଳତି


ପଣାଯାତ୍ରା ପାଇ ମହିଳାପୁରୁଷମାନେ ୧୦୮ କଳସରେ ପାଣି ନେଇ ଯାଉଛନ୍ତି।

କରିବା ପରେ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ବ୍ୟାଘ୍ର ବିମାନରେ ଉପବେସନ କରି ଏକ ପାଟୁଆରରେ ଭୋଗ ଲାଗି ପାଇଁ ବାହାରିଥିଲେ। ଏହି ଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଶନିବାର ସନ୍ଧ୍ୟାରେ ରାମ ନାଟକ ରାମଜନ୍ମ ପରିବେଷଣ ହେବ ବୋଲି ଗ୍ରାମ ସଭାପତି ସୂଚନା ଦେଇଛନ୍ତି। ଗ୍ରାମ ସଭାପତି ମଦନ ସାହୁ,ସମ୍ପାଦକ କାଳୁ ଦାଶ ଓ କୋଷାଧକ୍ଷ କୈଳାସ ଗାଆଣଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସୁଆରସାହିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ନିକଟସ୍ଥ ଆଙ୍ଗିସିଙ୍ଗି ମା' ବିରଜାଇ, ଶିଖରପୁର ମା' ତାରିଣୀ, ବଡ଼ପୁଟ ମା' ତାରିଣୀଙ୍କ ପୀଠରେ ମହାବିଷୁବ ପଣା ଯାତ୍ରା ପାଳନ କରାଯାଇଛି।

# କୋଟି ପୁଣ୍ୟ ଫଳ ଦିଏ ଧୂପ, ଆଜ୍ଞାମାଳ ଦର୍ଶନ

ନୟାଗଡ ଅଫିସ,୧୪।୪

ରାଜ୍ୟର ଅନ୍ୟତମ ମୁଣ୍ଡପୂଜା ପୀଠ ନୟାଗଡ ପୁରୁଣା ସହରରେ ବିଜେ ଦକ୍ଷିଣକାଳୀଙ୍କ ପୀଠରେ ପ୍ରସିଦ୍ଧ ପଣାଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୬ଦିନ ଧରି ଚାଲିବ। ପଣାସଂକ୍ରାନ୍ତିର ପୂର୍ବ ଦିବସ ମେରୁରେ ସ୍ଥାନୀୟ ଅଞ୍ଚଳର ୭ ଶକ୍ତୀପୀଠ ମା' ଶୂଳିଆ ଠାକୁରାଣୀ, ରାମଚଣ୍ଡୀ ଠାକୁରାଣୀ, ବ୍ରହ୍ମଣୀ ଦେଇ, ତରକେଇ ଠାକୁରାଣୀ, ମଣେଇ ଠାକୁରାଣୀ ଓ ଚଣ୍ଡୀ ଠାକୁରାଣୀ ପର୍ବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବା ପରେ ସାମିଲ ହୋଇଥାନ୍ତି। ବିଷୁବ ସଂକ୍ରାନ୍ତିର ପ୍ରତ୍ୟୁଷରେ ନୟାଗଡ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ସକାଳ ଧୂପ, ଅଳତିରୁ ଅଗ୍ନି ଓ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୁଏ। ମା'ଙ୍କ ପୀଠରେ ଶଙ୍କରାଚାର୍ଯ୍ୟଙ୍କ ଆନନ୍ଦ ଲହରୀ(ସ୍ତବ) ଓ ଚଣ୍ଡୀପାଠ ଆବୃତ୍ତି ହୁଏ। ସେହିଭଳି ମା'ଙ୍କଠାରେ ଭୋଗ ଲାଗି ପରେ


ନୟାଗଡ଼ର ଦକ୍ଷିଣ କାଳୀ ମନ୍ଦିର।

ମୁଖ୍ୟ ମନ୍ଦିର ଉପରକୁ ଆଜ୍ଞାମାଳ ଓ ଧୂପ ଉଠାଯାଏ। ଏହାକୁ ଦର୍ଶନ କଲେ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଆଳତି ହେବା ପରେ ବିଶ୍ୱଶାନ୍ତି ପାଇଁ ଶାନ୍ତିପଣା, ଟେରାଭୋଗ ଓ ଅନ୍ୟ ଭୋଗ ଲାଗି ହୁଏ। ପରେ ନିମନ୍ତ୍ରିତ ୭ ଶକ୍ତୀପୀଠକୁ ପଣାଭାଣ୍ଡ ଯାଏ। ଠାକୁରାଣୀଙ୍କୁ ପଣା ଲାଗି ପରେ ଭକ୍ତମାନେ ଏହାକୁ ସେବନ କରିଥାନ୍ତି। ଅନ୍ୟପକ୍ଷେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରୁ ଆସିଥିବା ଅଗ୍ନିକୁ ଦକ୍ଷିଣକାଳୀଙ୍କ ପୀଠରେ ୩ଦିନ ଧରି ସାଇତି ରଖାଯାଇ ଅଗ୍ନିରୁ ପ୍ରଦୀପ ପ୍ରଜ୍ୱଳନ କରାଯାଏ। ପରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କରାଯାଇ ନୂତନ ପଞ୍ଜିକାର

### ଦକ୍ଷିଣକାଳୀଙ୍କ ପୀଠରେ ପଣାଯାତ୍ରା

ଶୁଭାରମ୍ଭ କରାଯାଏ। ଯାହାକି କାହିଁ କେଉଁ କାଳରୁ ହୋଇଆସୁଛି। ଅପରପକ୍ଷେ ଶୁକ୍ରବାର ରାତିରେ ଅତସବାଜି ପ୍ରତିଯୋଗିତା ହୁଏ। ପଣାଯାତ୍ରାର ଆତସବାଜୀ ପ୍ରଦର୍ଶନୀରେ ମାନସିକଧାରୀ ବାଣ ଫୁଟାଇବାର ସୁଯୋଗ ପାଇଥାନ୍ତି। ଯେଉଁମାନସିକଧାରୀଙ୍କ ଅଭିଳାଶ ପୂରଣ ହୋଇଥାଏ ସମ୍ପୃକ୍ତ ଭକ୍ତମାନେ ଯାତ୍ରାର ୧୫ ଦିନ ପୂର୍ବରୁ ମା'ଙ୍କ ପାଖରେ ଚେକ କାଟି ନିଜର ନାଁ ପଞ୍ଜୀକରଣ କରାଇଥାନ୍ତି। ଭକ୍ତମାନଙ୍କର ନାଁ ପୂଜାପାଠ ମାଧ୍ୟମରେ ମା'ଙ୍କୁ ଅବଗତ କରାଇ ଅନୁମତି ପାଇବା ପରେ ଆତସବାଜୀ ପ୍ରତିଯୋଗିତରେ ଭାଗ ନେବାକୁ ସୁଯୋଗ ମିଳିଥାଏ। ମାନସିକ ଭକ୍ତମାନେ ଆତସବାଜୀ ଫୁଟାଇ ନିଜକୁ ଧନ୍ୟ ମନେ କରନ୍ତି। ପ୍ରତିଯୋଗିତାରେ ପ୍ରଥମ, ୨ୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ବିଚାରକ ମଣ୍ଡଳୀ ଚୟନ କରି ପୁରସ୍କାର ପ୍ରଦାନ କରିଥାନ୍ତି।

# କ୍ଷେତକୁ ଯିବା ପାଇଁ ବାଉଁଶ ଚାର ଭରସା

**ଚଢ଼େଇଖିଆ ନାଳ ଉପର ବାଉଁଶ ଚାରରୁ ପଡ଼ି ୨ ଜୀବନ ଗଲାଣି**

- ପ୍ରଶାସନ ଗୁହାରି ଶୁଣୁନାହିଁ
- ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ

ରାଜକନିକା, ୧୪।୪ (ଡି.ଏନ୍.ଏ.)


ଚଢ଼େଇଖିଆ ନାଳ ଉପରେ ଥିବା ବାଉଁଶ ଚାରରେ ଲୋକେ ଜମିକୁ ଯାଉଛନ୍ତି ।

ରାଜକନିକା ବ୍ଲକ ପେଗରପଡ଼ା ପଞ୍ଚାୟତ ବଳିଭଣ୍ଡା ଗାଁ ପାଖ ଚାଷ ଜମିକୁ ଲାଗି ଥିବା ବୈତରଣୀ ନଦୀର ଶାଖା ଚଢେଇଖିଆ ନାଳ। ଗ୍ରାମବାସୀ ଏହି ନାଳ ପାରି ହୋଇ ଚାଷ କରିବାକୁ କ୍ଷେତକୁ ଯାଇଥାନ୍ତି। ନାଳ ଉପରେ ପ୍ରଶାସନ ପକ୍ଷରୁ କଲଭର୍ଟ କି ପୋଲଟିଏ କରାଯାଇନାହିଁ। ଗ୍ରାମବାସୀଙ୍କ ସହାୟତାରେ ଏକ ବାଉଁଶ ଚାର ନିର୍ମାଣ କରି ଚାଷ ପାଇଁ ଯାତାୟାତ କରିଥାନ୍ତି। ଏ ବାବଦରେ ଅନେକ ଥର ପ୍ରଶାସନକୁ ଗୁହାରି କରାଯାଇଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ବଳିଭଣ୍ଡା ଗାଁ ଲୋକଙ୍କ କହିବା ଅନୁସାରେ, ଜମିରେ ଚାଷ କରି ଜୀବିକା ନିର୍ବାହ କରୁଛୁ। ଏହି ଚାଷରୁ ପିଲାଙ୍କ ପାଠପଢ଼ା, ଘର ଖର୍ଚ୍ଚ, ଔଷଧ, ଜାନିଯାତ୍ରା, ଭଲମନ୍ଦଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ କରିଥାଉ। ହେଲେ ବିଲକୁ ଚାଷ କାର୍ଯ୍ୟ ପାଇଁ ଯିବାକୁ ହେଲେ ସବୁଦିନ ବାଉଁଶ ଚାରକୁ ହିଁ ଭରସା କରିବାକୁ ପଡ଼ିଥାଏ।

ଗ୍ରାମର ଚାଷୀ ପଞ୍ଚାନନ ମଲିକ, ଜ୍ଞାନେନ୍ଦ୍ର ମଲିକ, ଅଭୟ ବେହେରା, ଅଭିରାମ ମଲିକ, ବୁଦ୍ଧିରାମ ମଲିକ, ବୈଷ୍ଣବ ମଲିକ, ସନାତନ ଶତପଥୀ, ବ୍ରଜକିଶୋର ଦାଶ, ଅକ୍ଷୟ ଦାସ, ମଦନ ମୋହନ ଦାସ, ଭାଗବତ ଦାସ, ପ୍ରେମାନନ୍ଦ ଦାସ, ଚନ୍ଦ୍ରମଣି ନାୟକ, ନିରନ ଦାସଙ୍କ ଅଭିଯୋଗକ୍ରମେ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଆମେ ପ୍ରଶାସନକୁ ଗୁହାରି କରି ଥକି ପଡ଼ିଲୁଣି। ହେଲେ ଏଇ ଛୋଟିଆ ଗୁହାରି ପ୍ରଶାସନ ହେଉ ଅବା ସରକାର କି ନିର୍ବାଚିତ ପ୍ରତିନିଧି କେହି ଶୁଣୁନାହାନ୍ତି। କେବଳ ଭୋଟ ସମୟରେ ସବୁ କରିଦେବୁ କହି ଭୋଟ ହାତଉଛନ୍ତି। ଏମିତିକି ଏହି ବାଉଁଶ ଚାର ଉପରୁ ଖସିପଡ଼ି ୨ ଜଣଙ୍କ ଜୀବନ ଯାଇଛି। ତଥାପି ସରକାର ନିଦାବିଷ୍ଟ ସାଜିଛନ୍ତି। ଯେହେତୁ ଏହି ନାଳ ବୈତରଣୀ ନଦୀକୁ ସଂଯୋଗ କରୁଛି କୁମ୍ଭୀର ଭୟ ସବୁବେଳେ ଲାଗିରହୁଛି। ଏହି ନାଳ ଉପରେ ପୋଲଟିଏ ହେଲେ ବଳିଭଣ୍ଡା, ପାତୁଳି, ଦେଉଳସାହି, ଓଳାଭର, ବସ୍ତି, ନରସିଂହପୁର ଆଦି ଗ୍ରାମର ଚାଷୀ ଉପକୃତ ହୋଇପାରନ୍ତେ ବୋଲି ସେମାନେ କହିଛନ୍ତି। କାରଣ ନାଳ ଅପରପାର୍ଶ୍ୱ ରହିଛି ଏହି ଗ୍ରାମବାସୀଙ୍କ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି। ଜୁଆର ସମୟରେ କୁମ୍ଭୀର ଭୟରେ ଅପେକ୍ଷା କରିବାକୁ ପଡ଼େ। ଜୁଆର ଛାଡ଼ିବା ପରେ ଯାତାୟାତ ସ୍ୱାଭାବିକ ହୋଇଥାଏ। ଆଜିକା ଦୁନିଆରେ ଯୁବପିଢି ଚାଷ କାର୍ଯ୍ୟରୁ ମୁହଁ ଫେରାଉଥିବା ବେଳେ, ଏଠାରେ ଅଧିକ ମହିଳା ଚାଷ କରୁଥିବାରୁ ଚାଷକୁ ଚାଷୀ ଭରସା କରିଥାନ୍ତି। ମହିଳାମାନଙ୍କ ଇଚ୍ଛା ଶକ୍ତିକୁ ଦେଖି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ସ୍ୱରୂପ ଚାଷ କାର୍ଯ୍ୟ ପାଇଁ ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଉଛି। ହେଲେ ପୋଲ ନ ଥିବାରୁ ଯନ୍ତ୍ରାଂଶଗୁଡ଼ିକ ଚାଷଜମି ପର୍ଯ୍ୟନ୍ତ ପହଞ୍ଚି ପାରୁ ନାହିଁ ବୋଲି ମହିଳା ଚାଷୀ ଅଭିଯୋଗ କରିଛନ୍ତି। ଏମିତିକି ଆଗାମୀ ନିର୍ବାଚନ ମଧ୍ୟରେ ଯଦି ଆମ ଦୁଃଖ ଶୁଣି ସରକାର ପୋଲଟିଏ ନିର୍ମାଣ ନ କରନ୍ତି, ତେବେ ଆମେ କୌଣସି ନେତାଙ୍କୁ ଗାଁକୁ ପୂରାଇ ଦେବୁ ନାହିଁ। ଏଥିସହ ଭୋଟ ବର୍ଜନ କରିବୁ ବୋଲି ମହିଳା ଚାଷୀ ମିନତି ମଲିକ, ସନ୍ତୋଷୀ ମଲିକ, ରମଣୀ ମଲିକ, ଚୁନି ମଲିକ, କମଳିନୀ ମଲିକ, ଅନିତା ବେହେରା, ସାବିତ୍ରୀ ମଲିକ, ଅନସୂୟା ମଲିକ, ସତ୍ୟଭାମା ମଲିକ, ଜାନକୀ ମଲିକ, ପ୍ରମିଳା ମଲିକ ପ୍ରମୁଖ କହିଛନ୍ତି। ଏ ବାବଦରେ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲିକଙ୍କୁ ପଚାରିବାରୁ, ସେଠାରେ ପ୍ରକୃତରେ କୃଷି ପାଇଁ ଚାଷୀ ହଇରାଣ ହେଉଛନ୍ତି। ସେଠାରେ ପୋଲ ନିର୍ମାଣ ହେବା ନିହାତି ଆବଶ୍ୟକତା ଥିବା ଦୃଷ୍ଟିରୁ ଆମେ ପଞ୍ଚାୟତର ଜନ ପ୍ରତିନିଧି ଦୃଷ୍ଟିରୁ ବିଭାଗୀୟ ଅଧିକାରୀଙ୍କୁ ଭେଟି ଚାଷୀଙ୍କ ଦୁଃଖ ବାରମ୍ବାର ଜଣାଇଥିଲେ ମଧ୍ୟ ରାଜନୈତିକ ଫାଇଦା ଦୃଷ୍ଟିରୁ ଏହି ପୋଲ ନିର୍ମାଣ ହୋଇପାରୁନାହିଁ। ତେବେ ଚାଷୀଙ୍କ ହିତ ଦୃଷ୍ଟିରୁ ଆସନ୍ତା ବର୍ଷାଦିନ ପୂର୍ବରୁ ଏହି ପୋଲ ନ ହେଲେ, ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରି ତା'ର ଦୃଢ଼ ଜବାବ ଦେବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଧୀରେନ ସାହୁଙ୍କୁ ପଚାରିବାରେ ଡିଜାଇନ୍ ଦିଆଯାଇଛି ଓସିସି ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବ।


କେନ୍ଦ୍ରାପଡ଼ା ସହରରେ ହିନ୍ଦୁ ଏକତା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ହିନ୍ଦୁ ଏକତା ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ସାମିଲ

କେନ୍ଦ୍ରାପଡ଼ା ଅଫିସ, ୧୪।୪

କେନ୍ଦ୍ରାପଡ଼ା ଜିଲା ହିନ୍ଦୁ ଏକତା ଶୋଭାଯାତ୍ରା ଶୁକ୍ରବାର ଅପରାହ୍ଣରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଜିଲା ବଜରଙ୍ଗ ଦଳ, ଧର୍ମରକ୍ଷା ସେନା, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଧର୍ମରକ୍ଷା ସେନାର ଆବାହକ ବିବେକାନନ୍ଦ ମହାରଣା କହିଛନ୍ତି, ପ୍ରତିବର୍ଷ ମହାବୀର ଜୟନ୍ତୀରେ ଏହି ଶୋଭାଯାତ୍ରା ଇଚ୍ଛାପୁରସ୍ଥ ମାଉସୀ ମା' ମନ୍ଦିରରୁ ତିନିମୁହାଣୀସ୍ଥିତ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ। ଶୋଭାଯାତ୍ରାରେ ସହର ମଧ୍ୟରେ ବହୁ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ପାଣି ଓ ପଣା ଦେଇ ଏହି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ଦୀର୍ଘ ୫ କିଲୋମିଟର ଏହି ଶୋଭାଯାତ୍ରା ପଥକୁ ପୋଲିସ ଦ୍ୱାରା ସିଲ୍ କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା କରିବାକୁ ଏସ୍‌ପି ମଡକର ସନ୍ଦିତ ସମ୍ପଦ, ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ସାମିଲ ଥିଲେ।

## ଜିନ୍ଦଲ ଷ୍ଟେନ୍‌ଲେସ୍ ତରଫରୁ ଜଳଛତ୍ର କେନ୍ଦ୍ର ସ୍ଥାପନ


ଜିନ୍ଦଲ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର ।

କଳିଙ୍ଗନଗର, ୧୪।୪(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗରର ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ମହାବିଷୁଭ ସଂକ୍ରାନ୍ତି ଉପଲକ୍ଷେ କାରଖାନାର ମେନ୍‌ଗେଟ୍ ପାର୍କିଂ ନିକଟରେ ଏକ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଛି। କାରଖାନାର ଅର୍ଥ ବିଭାଗ ମୁଖ୍ୟ ସୁନୀଲ ଅଗ୍ରୱାଲ ତୃଷାର୍ତ୍ତ ପଥଚାରୀମାନଙ୍କୁ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ବଣ୍ଟନ କରି ଜଳଛତ୍ରର ଉଦ୍‌ଘାଟନ କରିଥିଲେ। ଆଗାମୀ ବର୍ଷଗୁଡ଼ିକରେ ଆବଶ୍ୟକତାକୁ ଦେଖି ଅଧିକ ଜଳଛତ୍ର କେନ୍ଦ୍ର ଖୋଲାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନୀଳମାଧବ ରଥ, ମ୍ୟାଟେରିଆଲ ବିଭାଗ ମୁଖ୍ୟ ବାଳକୃଷ୍ଣ ପାଣିଗ୍ରାହୀ, କ୍ରୟ ବିଭାଗ ମୁଖ୍ୟ ବିନୟ ପ୍ରସାଦ ଉପସ୍ଥିତ ରହି ପଥଚାରୀମାନଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ କମ୍ପାନୀର ବିସ୍ଥାପନ ଓ ଥଇଥାନ ତଥା ବାହ୍ୟ ସମ୍ପର୍କ ବିଭାଗର ମିହିର କୁମାର ଦାସ, ରାଜୀବ କୁମାର ଦେ, ବିଜୟାନନ୍ଦ ମହାରଣା, ସଂଗୀତ ମହାପାତ୍ର ଓ ସୌମ୍ୟ ରଞ୍ଜନ ବଳ ପରିଚାଳନା କରିଥିଲେ।

## ଝାଟିମାଟି କୁଡ଼ିଆରେ ୩ କୋଳଛୁଆଙ୍କ ସହ ସନ୍ଧ୍ୟାରାଣୀ

- ସ୍ୱାମୀଙ୍କ ପରଲୋକକୁ ଦେଢ଼ବର୍ଷ ବିତିଲା
- ମିଳିଲା ନାହିଁ ବିଧବା ଭତ୍ତା କି ଆବାସ ଯୋଜନାରେ ଘର
- ତଦନ୍ତକାରୀ ଅଧିକାରୀ ମିଛ ରିପୋର୍ଟ ଦେଇଥିବା ଅଭିଯୋଗ

କାଏମା,୧୪।୪(ଡି.ଏନ.ଏ.)

ଯାଜପୁର ଜିଲାର ବହୁ ଗରିବ, ଅସହାୟ, ବିଧବା ଓ ଶ୍ରମିକ ଶ୍ରେଣୀ ଲୋକମାନେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଏକାଧିକ ବାର ଦରଖାସ୍ତ କରିଥିଲେ ମଧ୍ୟ ସଫଳତା ପାଇନାହାନ୍ତି । ସେମିତି ଏକ ଅଭିଯୋଗ ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ତୋଟାସାହି ଗ୍ରାମରୁ ଆସିଛି। ଉକ୍ତ ଗ୍ରାମର ସନ୍ଧ୍ୟାରାଣୀ ମଳିକଙ୍କ ପରିବାର ନାନା ଦୁଃଖକଷ୍ଟରେ ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି। ସୂଚନା ଅନୁଯାୟୀ, ଆଜିକୁ ଦେଢ଼ବର୍ଷ ତଳେ ସନ୍ଧ୍ୟାରାଣୀଙ୍କ ସ୍ୱାମୀଙ୍କ ପରଲୋକ ଘଟିଥିଲା। ଏପରି ସ୍ଥିତିରେ ନିଜ ଭାଗ୍ୟକୁ ଆଦରି ସେ ଦିନ କାଟୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ବିଧବା ଭତ୍ତା ମିଳିନାହିଁ । ଏନେଇ ସେ ବ୍ଲକ କାର୍ଯ୍ୟାଳୟକୁ ଏକାଧିକ ଥର ଦୌଡ଼ି ନୟାନ୍ତ ହୋଇଥିଲେ ହେଁ ବାବୁମାନେ ମୋ ଦୁଃଖ ଶୁଣୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସ୍ୱାମୀ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କ ପରଲୋକ ପରେ ଅନ୍ୟର ହାତଟେକା ସହାୟତାରେ ସନ୍ଧ୍ୟାରାଣୀ ଚଳୁଛନ୍ତି। ଏପରି ସ୍ଥିତିରେ ଘରଖଣ୍ଡେ କରିବା ତାଙ୍କ ପାଇଁ ସ୍ୱପ୍ନ ହୋଇଛି । ତେଣୁ ଭଙ୍ଗା କୁଡିଆରେ ସେ ଓ ତାଙ୍କ ୩ ପିଲା ମୁଣ୍ଡ ଗୁଞ୍ଜିଛନ୍ତି । ବର୍ଷା,ଖରା, ଶୀତରେ ସେହି କୁଡ଼ିଆ ଖଣ୍ଡିକ ତାଙ୍କ ପାଇଁ ସାହା ହୋଇଛି। ହେଲେ କେଉଁ ସମୟରେ ଯଦି ସେହି ପୁରୁଣାକାଳିଆ କୁଡ଼ିଆଟି ଭାଙ୍ଗି ପଡ଼ିବ ମୋ ପିଲାମାନେ ବେସାହାର ହୋଇପଡିବେ ବୋଲି କୋହଭରା କଣ୍ଠରେ ସନ୍ଧ୍ୟାରାଣୀ କହିଛନ୍ତି । ବିଧବା ଭତ୍ତା ପରି ଆବାସ ଯୋଜନା ତାଲିକାରୁ ତାଙ୍କ ନାମ କାଟି ଦିଆଯାଇଛି । ଜିଲା ପ୍ରଶାସନ ପକ୍ଷରୁ କେତେଜଣ ଅଧିକାରୀ ତଦନ୍ତରେ ଆସିଥିଲେ । ତାଙ୍କର କୋଠା ଘର ଥିବା ଦର୍ଶାଇ ଆବାସ ତାଲିକାରୁ ନାମ କାଟି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସେ ସ୍ଥାନୀୟ ବିଧାୟକ ପାଖେ ନେହୁରା ହୋଇଥିଲେ ବି କେହି ତାଙ୍କ ଦୁଃଖ ଶୁଣୁନାହାନ୍ତି ବୋଲି ସନ୍ଧ୍ୟାରାଣୀ ଆଖିରୁ ଲୁହ ପୋଛି କହିଛନ୍ତି।


ନିଜର ଭଙ୍ଗା କୁଡ଼ିଆ ସମ୍ମୁଖରେ ସନ୍ଧ୍ୟାରାଣୀ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଜୟ


@ ବର୍ଷା


@ ବୁଦ୍ଧିଆ


@ ଗିରିଜା ଶଙ୍କର


@ ପ୍ରିୟଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟାଟା ଷ୍ଟିଲ୍ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ

କଳିଙ୍ଗନଗର, ୧୪।୪(ଡି.ଏନ୍.ଏ.)

ଜୀବନ ଓ ସମ୍ପତ୍ତି ବଞ୍ଚାଇବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସାହସୀ ଅଗ୍ନିଶମ ବାହିନୀକୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ ଶୁକ୍ରବାର ଟାଟା ଷ୍ଟିଲ୍ କଳିଙ୍ଗନଗରରେ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଉଦ୍‌ଘାଟିତ ହୋଇଥିଲା। କାରଖାନା ପରିସରରେ ଥିବା କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଟିଏସ୍‌କେର ଷ୍ଟିଲ୍ ମେଲ୍‌ଟିଂ ଶପ୍ (ଏସ୍‌ଏମଏସ୍) ବିଭାଗର ମୁଖ୍ୟ ଆଶୁତୋଷ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଏଚ୍‌ଆର୍‌ବିପି-ଷ୍ଟିଲ୍ ବିଭାଗର ମୁଖ୍ୟ ଯଶବନ୍ତ କୁମାର ପାଣ୍ଡେ, ହଟ୍ ଷ୍ଟ୍ରିପ୍ ମିଲ୍ ବିଭାଗର ମୁଖ୍ୟ ତୁହିନ୍ ଚାଟାର୍ଜୀ, ମେକାନିକାଲ୍ ମେଣ୍ଟେନାନ୍ସ (ଷ୍ଟିଲ୍ ଏବଂ ମିଲ୍ସ) ବିଭାଗର ମୁଖ୍ୟ ଏନ୍. ନାଗା ପ୍ରଶାନ୍ତ, ସୁରକ୍ଷା ପରିଚାଳନା ବିଭାଗର ମୁଖ୍ୟ ଆର୍.ଏସ୍. ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଅଗ୍ନି ନିରାପତ୍ତା ପ୍ରତିଶ୍ରୁତି ଗ୍ରହଣ କରିଥିଲେ। ଅଗ୍ନି ନିରାପତ୍ତା ବିଶେଷଜ୍ଞମାନଙ୍କ ଦ୍ୱାରା ଏକ ଉଚ୍ଚ-ଅକ୍ଟେନ୍ ଅଗ୍ନି ନିର୍ବାପକ ଡ୍ରିଲ୍ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଗୋଷ୍ଠୀ ପାଇଁ ସଚେତନତା ଅଧିବେଶନ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମକୁ ଟାଟା ଷ୍ଟିଲ୍ କଳିଙ୍ଗନଗରର ସୁରକ୍ଷା ବିଭାଗ ସଂଯୋଜନା କରିଥିଲା। ୧୯୪୪ ମସିହା ଏହି ଦିନରେ ଅଗ୍ନିଶମ କର୍ମଚାରୀମାନେ ସାହସିକତା ଏବଂ ନିଜ କର୍ତ୍ତବ୍ୟ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରି ମୁମ୍ବାଇ ବନ୍ଦରର ଏସ୍.ଏସ୍. ଫୋର୍ଟ ଷ୍ଟିକାଇନ୍ ଜାହାଜରେ ବିସ୍ଫୋରଣ ପରେ ବିଶାଳ ଅଗ୍ନି ସହିତ ଲଢ଼େଇ କରିଥିଲେ। ଏହି ଦୁର୍ଘଟଣାରେ ନିଆଁକୁ ଆୟତ୍ତ କରିବା ସମୟରେ ପ୍ରାଣ ହରାଇଥିବା ଅଗ୍ନିଶମ କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୪କୁ ଜାତୀୟ ଅଗ୍ନିଶମ ସେବା ଦିବସ ଭାବେ ପାଳନ କରାଯାଇଥାଏ।



ଅଗ୍ନିସେବା ସପ୍ତାହ ଅବସରରେ ଯୋଗଦେଇଥିବା ଅତିଥି ଓ ଅଗ୍ନିଶମ କର୍ମଚାରୀମାନେ ।

## ୨ ମାସ ମଧ୍ୟରେ ହାଇକୋର୍ଟରେ ତଥ୍ୟ ଦାଖଲ ନିର୍ଦ୍ଦେଶ

**ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ମାମଲା**

ରସୁଲପୁର,୧୪।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଧୀନ କଲଣ ପଞ୍ଚାୟତସ୍ଥିତ ମଧୁପୁର ସରକାରୀ ରୂପାନ୍ତରିକରଣ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ହୋଇଥିବା ଅନିୟମିତତା ମାମଲା ଏବେ ରୋଚକ ସ୍ଥିତିରେ ପହଞ୍ଚିଛି। ମାମଲାରେ ଉଚ୍ଚ ନ୍ୟାୟାଳୟ(ହାଇକୋର୍ଟ)ଙ୍କ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ କୈଫିୟତ ତଲବ କରାଯାଇଛି। ଆସନ୍ତା ୨ମାସ ମଧ୍ୟରେ ପରିଚାଳନା କମିଟି ଗଠନ ସମ୍ପର୍କରେ କୋର୍ଟରେ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମାଲରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ କମିଶନର, ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। କମିଟି ଗଠନବେଳେ ନିଆଯାଇଥିବା ପଦକ୍ଷେପ ଆଇନ ସମ୍ମତ କି ନାହିଁ ସେ ସମ୍ପର୍କରେ କୋର୍ଟ ପକ୍ଷରୁ ଅଧିକାରୀମାନଙ୍କୁ କୈଫିୟତ ତଲବ କରାଯାଇଛି। ପକ୍ଷଭୁକ୍ତ ଅଧିକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ରଖିପାରିଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି।

ସୂଚନା ମୁତାବକ, ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ହୋଇଥିବା ଅନିୟମିତତା ସମ୍ପର୍କରେ ଅଭିଭାବକ ଦେବବ୍ରତ ସାହୁଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁପି(ସି)ନଂ-୧୦୩୮୦/୨୦୨୩ରେ ଏକ ମାମଲା ଦାୟର ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଗଠନ ସମୟରେ ଆବଶ୍ୟକ ସଂଖ୍ୟକ ଅଭିଭାବକଙ୍କ ଉପସ୍ଥିତ ନ ଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ କେତେଜଣ ଅଣ ଅଭିଭାବକଙ୍କୁ ପରିଚାଳନା କମିଟି ବୈଠକରେ ପ୍ରବେଶ କରିବାକୁ ଅନୁମତି ଦେଇଥିଲେ। ଅଭିଭାବକ ଓ ଉଭୟ ମାତାପିତାଙ୍କ ଦସ୍ତଖତକୁ ଗଣତିକୁ ନେଇ ପରିଚାଳନା କମିଟି ଗଠନ ହୋଇଥିଲା। କମିଟି ଗଠନ ପ୍ରକ୍ରିୟାକୁ ଅଭିଭାବକ ଅଗଣତାନ୍ତ୍ରିକ ବୋଲି ଦର୍ଶାଇ ବିରୋଧ କରିଥିଲେ। ବୈଠକରେ ଉପସ୍ଥିତ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଥିବା ସହକାରୀ ବ୍ଲକ ଶିକ୍ଷାଧିକାରୀ ଘଟଣାରେ ନୀରବଦ୍ରଷ୍ଟା ସାଜିଥିଲେ। ଏ ସମ୍ପର୍କର ଅଭିଭାବକ ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଶିକ୍ଷାଧିକାରୀଙ୍କ ପକ୍ଷରୁ ଗୁରୁତ୍ୱ ଦିଆ ନ ଯାଇ ପରବର୍ତ୍ତୀ ସମୟରେ କମିଟିକୁ ବୈଧ ଘୋଷଣା କରାଯାଇଥିଲା।

ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକଙ୍କୁ ପଚରାଯିବାରୁ ଅଭିଯୋଗକାରୀଙ୍କ ଉପରକୁ ଅଙ୍ଗୁଳି ଉଠାଇ ଥିଲେ। ଅଭିଯୋଗକାରୀଙ୍କ ମଧ୍ୟରୁ ଜଣେ କମିଟି ସଭାପତି ହେବାକୁ ଚାହୁଁଥିଲେ। ତାହା ସଫଳ ନ ହେବାରୁ ସେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ଶିକ୍ଷାଧିକାରୀ ପ୍ରକାଶ କରିବା ସହ ଯାହାକିଛି ପଦକ୍ଷେପ ନେଇଛନ୍ତି ବିଦ୍ୟାର୍ଥୀଙ୍କ ଭବିଷ୍ୟତକୁ ଦୃଷ୍ଟି ଦେଇ ନେଇଛନ୍ତି ବୋଲି ମତ ରଖିଥିଲେ। ଅପରପକ୍ଷରେ ବ୍ଲକ ଶିକ୍ଷାଧିକାରୀଙ୍କ ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି ଦର୍ଶାଇ ଅଭିଭାବକ ସାହୁ କୋର୍ଟର ଆଶ୍ରୟ ନେଇଥିଲେ।

# ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ

- ନର୍ସରି କରି ପକାଇଲେ ୫୦୦ ଚାରା
- ଜଙ୍ଗଲରୁ ମଞ୍ଜି ସଂଗ୍ରହ କରି ସଂରକ୍ଷଣ କରିଥିଲେ
- ଶିଆଳି ଜଙ୍ଗଲ ଉଜୁଡ଼ିବା ପରେ ଚିନ୍ତା ବଢ଼ିଥିଲା
- ଶିଆଳି ଖଲି ତିଆରି, ବିକ୍ରି କରି ଗୁଜରାଣ ମେଣ୍ଟାଉଥିଲେ
- ପୁଟୁବାରି ଗାଁ ଆଦିବାସୀଙ୍କ ଜଙ୍ଗଲ ପ୍ରୀତି



ଶିଆଳି ଲତାର ଜଙ୍ଗଲ ସୃଷ୍ଟି ପାଇଁ ମହିଳାମାନେ ମଞ୍ଜି ସଂଗ୍ରହ କରୁଛନ୍ତି।


ନର୍ସରିରେ ଜରିରେ ମାଟି ପୂରାଇ ମଞ୍ଜି ଲଗାଉଛନ୍ତି।

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ,୧୪।୪

ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଞ୍ଚାୟତ ପୁଟୁବାରି ଗାଁର ଆଦିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନୂଆ ଜଙ୍ଗଲ ସୃଷ୍ଟି ଲାଗି ଜଙ୍ଗଲରୁ ଶିଆଳି ମଞ୍ଜି ସଂଗ୍ରହ କରି ସଂରକ୍ଷଣ କରି ରଖିବା ପରେ ନର୍ସରିରେ ୫୦୦ ଚାରା ପକାଇଛନ୍ତି। ଆଗକୁ ଚାରା ରୋପଣ କରି ସ୍ଥାନୀୟ ଜଙ୍ଗଲରେ ପୁଣି ଶିଆଳି ଲତାର ବଂଶ ବିସ୍ତାର କରିବାକୁ ଲାଗିପଡ଼ିଛନ୍ତି। ଶିଆଳି ଜଙ୍ଗଲ ଉଜୁଡ଼ିବା ପରେ ଆଦିବାସୀଙ୍କ ଚିନ୍ତା ବଢ଼ିଯାଇଥିଲା। ଶିଆଳି ପତ୍ରରେ ଖଲି କରି ଗୁଜରାଣ ମେଣ୍ଟାଉଥିବା ଆଦିବାସୀ ମହିଳାମାନେ ଏକତ୍ରିତ ହୋଇ ଆଗକୁ ବଢ଼ିଥିଲେ। ପୁଟୁବାରି ଗାଁରେ ୩୨ ପରିବାରର ୨୦୦ ଆଦିବାସୀ ଲୋକ ବାସ କରୁଛନ୍ତି। ଏଠାରେ ଗାଁ ଲୋକେ ମା' କାଳଞ୍ଜରୀ ଜଙ୍ଗଲକୁ ୨୦୧୫ରୁ ସୁରକ୍ଷା ଦେଇଆସୁଛନ୍ତି। ୨୦୧୪ ପୂର୍ବରୁ ଏହି ଜଙ୍ଗଲ ଉଜୁଡ଼ି ଯାଇଥିଲା। ଆଦିବାସୀମାନେ ଗାଁରେ ସଭାକରି ଜଙ୍ଗଲର ସୁରକ୍ଷା କରିଆସୁଛନ୍ତି। ଧୀରେ ଧୀରେ ଜଙ୍ଗଲରୁ ଶିଆଳି ଲତା ଲୋପ ପାଇବାକୁ ଲାଗିଲା। ଫଳରେ ଖଲିପତ୍ର ତିଆରି କରିବା କଷ୍ଟକର ହୋଇପଡ଼ିଲା। ପ୍ରତିବର୍ଷ ଜଙ୍ଗଲ ପୋଡ଼ି ସମୟରେ ଶିଆଳି ଲତା ପୂରା ପୋଡ଼ି ଚାଲିଲା। ଏଭଳିସ୍ଥଳେ ଆଦିବାସୀ ମହିଳା ଖଲି ତିଆରି କରିବାରୁ ବଞ୍ଚିତ ହେଲେ। ଖଲି ତିଆରି ବନ୍ଦ ହୋଇଯିବା ପରେ ରୋଜଗାର ଉପରେ ପ୍ରଭାବ ପଡ଼ିଲା। ଏ ନେଇ ଜଙ୍ଗଲ କମିଟି ସଭାପତି ସାଧବ ମଳିକ କୁହନ୍ତି, ଜଙ୍ଗଲରୁ ଶିଆଳି ଲତା ହ୍ରାସ ପାଇବା ପରେ ନିର୍ମାଣ ଅନୁଷ୍ଠାନ ପକ୍ଷରୁ ଆମକୁ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ପ୍ରେରଣା ମିଳିଲା। ସେମାନଙ୍କ ସହଯୋଗରେ ଗାଁର ମହିଳାମାନେ ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ଚେଷ୍ଟା କଲେ। ଜଙ୍ଗଲ କମିଟି ସଦସ୍ୟା ସଜନୀ ମଳିକ କୁହନ୍ତି, ନିଆଁ ଲାଗିବା ପୂର୍ବରୁ ଗାଁର ମହିଳାମାନେ ଜଙ୍ଗଲକୁ ଯାଇ ଶିଆଳି ମଞ୍ଜିକୁ ସଂଗ୍ରହ କରି ରଖିଥିଲେ। କିଛିଦିନ ହେଲା ଗାଁ ମୁଣ୍ଡରେ ଏକ ନର୍ସରି କରି ୫୦୦ ମଞ୍ଜି ରୋପଣ କରାଯାଇଛି। ଚାରା ହେବା ପରେ ସେଗୁଡ଼ିକୁ ନେଇ ବୋରଖାଲ ଜଙ୍ଗଲରେ ଲଗାଯିବ। ମଥୁରା ମଳିକ କୁହନ୍ତି, ଶିଆଳି ଲତା ଜଙ୍ଗଲର ବିଭିନ୍ନ ସ୍ଥାନରୁ ଖୋଜିବାକୁ ପଡୁଥିଲା। ବୋରଖାଲ ଜଙ୍ଗଲରେ କେବଳ ଶିଆଳି ଲତା ଲଗାଗଲେ ଆଦିବାସୀ ମହିଳାମାନଙ୍କୁ ଆଉ ଅଧିକ ବାଟ ପରିଶ୍ରମ କରି ଯିବାକୁ ପଡ଼ିବନି। ଜୁଲାଇ ମାସରେ ଗଛ ଲଗାଯିବ। ପ୍ରାୟ ୧ ବର୍ଷ ଭିତରେ ଗଛଗୁଡ଼ିକ ଆଦିବାସୀଙ୍କ ରୋଜଗାରର ମାଧ୍ୟମ ପାଲଟିବ। ଆଉ ଖଲି ତିଆରିରେ ଅସୁବିଧା ହେବନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ନୂଆ ଚାରା ସୃଷ୍ଟି କରାଯାଇ ରୋପଣ କରାଯିବ। ଶିଆଳି ଲତାର ଜଙ୍ଗଲକୁ ଗାଁର ମହିଳାମାନେ ସୁରକ୍ଷା ଦେବେ ବୋଲି କହିଛନ୍ତି। ତେବେ ଗାଁର ମହିଳାମାନଙ୍କୁ ଆଉ ବର୍ଷେ ଅପେକ୍ଷା କରିବାକୁ ପଡ଼ିବ। ଗାଁରେ ଖଲି ତିଆରି କମିଯାଇ ରୋଜଗାରରେ ବାଧକ ସୃଷ୍ଟି ହୋଇଛି। ଏଥିରେ ମହିଳାମାନଙ୍କୁ ପୁରୁଷମାନେ ସହଯୋଗ କରିଆସୁଛନ୍ତି।

# ଦଶପଲ୍ଲା କୁଆଁରିଆ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଦଶପଲ୍ଲା, ୧୪।୪(ଡି.ଏନ.ଏ.)

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଚାଲିଥିବା କୁଆଁରିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ଉତ୍ସବ ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସତ୍ୟବ୍ରତ ସାହୁ, ମୁଖ୍ୟବକ୍ତା ରୂପେ ଯୁଗ୍ମ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ସନାତନ ପଣ୍ଡା, ସମ୍ମାନିତ ଅତିଥି ରୂପେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପାହି, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଜିଲା ପରିଷଦ ସଭ୍ୟା ଜେ. ଦାସ, ଜିଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନି, ନରେଶ କୁମାର ବେହେରା, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ କିଶୋର ଚନ୍ଦ୍ର ସାହୁ ବିବରଣୀ ପାଠ ଏବଂ ଶିକ୍ଷାବିତ୍ ହାଡିବନ୍ଧୁ ମହାକୁଡ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଦିଲୀପ କୁମାର ପଣ୍ଡା ସଂଯୋଜନା କରିଥିଲେ। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଦଶଭୁଜା, ଗୋଟିପୁଅ ରଘୁରାଜପୁର ପୁରୀ, ଜଙ୍ଗଲ ନିଆଁ ଆଦର୍ଶ ବିଦ୍ୟାଳୟ ଦଶପଲ୍ଲା, ଘୁଡୁକା ଲୋକନୃତ୍ୟ ଦୁଷରା ବଲାଙ୍ଗୀର ଏବଂ ଆଦିବାସୀ ନୃତ୍ୟ ମଞ୍ଚସ୍ଥ ହୋଇଥିଲା। ହଜାର ହଜାର ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ପଣାସଂକ୍ରାନ୍ତିରେ ଦଣ୍ଡଯାତ୍ରା ଶେଷ

ରଣପୁର, ୧୪।୪(ସ୍ୱ.ପ୍ର.)

ରଣପୁର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ୨୧ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ଶୁକ୍ରବାର ଶେଷ ହୋଇଛି। ରଣପୁର ପୌର ପରିଷଦର ମୁଖ୍ୟରାସ୍ତା କାମନା ଘର, ଶାମୁକା ସାହି, ପୁରୁଣାବସନ୍ତ, ସାନଗଡ଼ ଇତ୍ୟାଦି ସ୍ଥାନ ଏଥିଲାଗି ଚଳଚଞ୍ଚଳ ହୋଇପଡ଼ିଥିଲା। ଦଣ୍ଡ ଠାକୁରମାନଙ୍କୁ ସକାଳୁ ବିଭିନ୍ନ ପୁଷ୍କରିଣୀରେ ସ୍ନାନ କରାଇ କାମନା ଘରକୁ ଦଣ୍ଡୁଆମାନେ ନେଇଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ବା ଖରା ସତ୍ତ୍ୱେ ଆଗରୁ ପ୍ରସ୍ତୁତ ହୋଇ ରଖାଯାଇଥିବା ନିଆଁଗାଡ଼ରେ ଠାକୁରଙ୍କୁ ଧରି ଦଣ୍ଡୁଆ ଓ ମାନସିକ କରିଥିବା କେତେଜଣ ଭକ୍ତଙ୍କ ସହ ଛୋଟ ଛୋଟ ପିଲାମାନେ ଏହି ନିଆଁଗାଡ଼ରେ ଚାଲିଥିଲେ। ଏହି ଗାଡ଼ ୨୧ ହାତରୁ ଆରମ୍ଭ ହୋଇ ୩୧ ହାତ ପର୍ଯ୍ୟନ୍ତ କରାଯାଇଥିଲା। ଏହା ଦେଖିବା ପାଇଁ କାମନା ଘରଗୁଡ଼ିକରେ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ମଧ୍ୟାହ୍ନରେ ରଣପୁର ଚଣ୍ଡେଶ୍ୱର ଠାକୁରଙ୍କ ୩ ଜଣ ଭଗତା ପିଠିରେ ପାଟକଣ୍ଟା ଫୋଡ଼ିହୋଇ ରଣପୁର ସହର ସାହି ପରିକ୍ରମା କରିଥିଲେ। ଏହି ଦୃଶ୍ୟ ଦେଖିବାକୁ ପ୍ରବଳ ଖରା ସତ୍ତ୍ୱେ ମହିଳାପୁରୁଷମାନେ ରାସ୍ତାରେ ଠିଆହୋଇ ରହିଥିଲେ।


ଚଣ୍ଡେଶ୍ୱର ପୀଠରେ ୩ ଭକତା ଦେହରେ ପାଟକଣ୍ଟା ଫୋଡି ସହର ପରିକ୍ରମା କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଜୟ


@ ବର୍ଷା


@ ବୁଦ୍ଧିଆ


@ ଗିରିଜା ଶଙ୍କର


@ ପ୍ରିୟଚନ୍ଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭକ୍ତି, ନିଷ୍ଠା, ବିଶ୍ୱାସର ଉଡ଼ାଯାତ୍ରା

- ବ୍ରତଧାରୀ ଆମିଷଠାରୁ ଦୂରରେ ରୁହନ୍ତି
- ମା' ପୂଜା ପାଆନ୍ତି ମଦ, ଅଣ୍ଡାରେ

ଖଣ୍ଡପଡା,୧୪।୪(ସ୍ୱ.ପ୍ର.)

କଣ୍ଟିଲୋ ହରିସୁବୁଦ୍ଧିପାଟଣା ଓ ପାଣ୍ଡୁସାହୁପାଟଣା ତିଅର ସମ୍ପ୍ରଦାୟର ପାଳିତ ହେଉଥିବା ପାଟମରା ପର୍ବର ପରମ୍ପରା ନିଆରା। ଚୈତ୍ରମାସରେ ପାଳିତ ହେଉଥିବା ଦଣ୍ଡଯାତ୍ରାରେ ଭକ୍ତମାନେ ଅଥବା ମାନସିକଧାରୀମାନେ ବେକରେ ପଇତା ପକାଇ ଆମିଷଠାରୁ ଦୂରରେ ରହୁଥିବା ବେଳେ ମା'ମଙ୍ଗଳାଙ୍କୁ ମଦ ଓ ଅଣ୍ଡା ଭୋଗ ଲାଗି ହୋଇଥାଏ। ଏପରି ଏକ ଭିନ୍ନ ପରମ୍ପରା ଶୁକ୍ରବାର ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଢୋଲମରା, କୁମ୍ଭାରପଡ଼ା, କଣ୍ଟିଲୋ ପାଣ୍ଡୁସାହୁପାଟଣା ତିଅରସାହି ଓ ହରିସୁବୁଦ୍ଧି ପାଟଣା ପାଟମରା ଉତ୍ସବରେ ଦେଖିବାକୁ ମିଳିଥିଲା। ହଜାର ହଜାର ଦର୍ଶକ ସମାଗମ ହୋଇ ଏହି ପର୍ବକୁ ଉପଭୋଗ କରିଥିଲେ। ରଡ଼ ନିଆଁରେ ଚାଲିବା, କଣ୍ଟା ଶେଯରେ ଗଡ଼ିବା ଓ ପିଠରେ କଣ୍ଟା ଫୋଡି ଅରଟରେ ଓହଳିବା ପରି ସାଧନାକୁ କେହି ଅନ୍ଧ ବିଶ୍ୱାସ ବା କୁଚ୍ଛ ସାଧନା ବୋଲି କହିପାରନ୍ତି। ମାତ୍ର ଏହି ଦଣ୍ଡକୁ ସିଦ୍ଧିର ଚରମ ପନ୍ଥା ବୋଲି ବାଛି ନେଇଛନ୍ତି ଦଣ୍ଡ ବ୍ରତ ପାଳୁଥିବା ଅନେକ ଭକ୍ତମାନେ।

ଦୋଳ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥାଏ ଏହି ସାଧନାର ପର୍ବ। ଭକ୍ତମାନେ ଦୋଳ ପୂର୍ଣ୍ଣମୀଠାରୁ ଆମିଷ ଭୋଜନଠାରୁ ଦୂରରେ ରହିଥାନ୍ତି। ମା'ମଙ୍ଗଳାଙ୍କ ପର୍ବର ଅନ୍ତିମ ଦିବସରେ ଅର୍ଥାତ୍ ଶୁକ୍ରବାର ବିଷୁବ ସଂକ୍ରାନ୍ତିରେ ମା'ଙ୍କୁ ମଦ, ଅଣ୍ଡାରେ ପୂଜା କରାଯାଉଥିବା ଦେଖିବାକୁ ମିଳିଛି। ଭକ୍ତମାନେ ବିଷୁବ ସଂକ୍ରାନ୍ତିର ୯ ଦିନ ପୂର୍ବରୁ ନିଜ ଘରଛାଡି ମା'ଙ୍କ ପୀଠରେ ରହିବା ସହ ଦିନବେଳା ସମ୍ପୂର୍ଣ୍ଣ ନିର୍ଜଳା ରହିଥାନ୍ତି। ସନ୍ଧ୍ୟା ବା ରାତିରେ ମାତ୍ର ପଣା ଗ୍ଲାସଟିଏ ପାନ କରିଥାନ୍ତି। ଖାଇବା ସମୟରେ କୌଣସି ପ୍ରାଣୀର ଯଦି ଶବ୍ଦ ଶୁଣାଯାଏ ତେବେ ଖାଇବା ବନ୍ଦ ରହିବା ବିଧି ରହିଛି।

ସୂଚନା ଯୋଗ୍ୟ ଯେ, ପଣା ସଂକ୍ରାନ୍ତିରେ ମା'ମଙ୍ଗଳାଙ୍କ ଚଳନ୍ତି ପ୍ରତିମାକୁ କାଳିଶି ଓ ଭକ୍ତମାନେ ନିକଟସ୍ଥ ପାଣ୍ଡୁସାହୁ ପାଟଣା ବଡ଼ ପୋଖରୀ ନଅର ତୁଠକୁ ବିଜେ କରାଇ ପୋଖରୀ କୂଳରେ ସ୍ଥାପନା କରିଥିଲେ। କାଳିଶି ସ୍ନାନ କରିବା ପରେ ମା'ଙ୍କ ସାମନାରେ ମଦ, ଅଣ୍ଡା, ନଡ଼ିଆ, କଦଳୀ ରଖାଯାଇ ଧୂପ ଓ ଘିଅ ସଞ୍ଜ ଦିଆଯାଇଥିଲା। କାଳଶି ମା'ଙ୍କ ପ୍ରତିମାକୁ ନେଇ ପୁଷ୍କରିଣୀ ଜଳ ମଧ୍ୟରେ ଠିଆ ହୋଇଥିଲେ। ପାଟମରା ମାନସିକ ରଖିଥିବା ଭକ୍ତମାନେ ପୁଷ୍କରିଣୀ ମଧ୍ୟରେ ମା'ଙ୍କ ପ୍ରତିମାକୁ ଜାବୁଡି ଧରି ଠିଆ ହୋଇଥିବା ବେଳେ ଅନ୍ୟ ଜଣେ ଭକ୍ତ ସେମାନଙ୍କ ପିଠିରେ ସିନ୍ଦୁର ଚିହ୍ନ ଲଗାଇ ଅଙ୍କୁଶ କଣ୍ଟା ଫୋଡିଥିଲେ। କଣ୍ଟାର ଅପରପାର୍ଶ୍ୱରେ ଏକ ଶକ୍ତ ଦଉଡି ଲାଗିଥାଏ। କଣ୍ଟା ଫୋଡା ଗଲେ ମଧ୍ୟ ଭକ୍ତଙ୍କ ପିଠିରୁ ଟୋପାଟିଏ ରକ୍ତ ଝରି ନ ଥିଲା। କଣ୍ଟାଫୋଡା କାର୍ଯ୍ୟ ସମ୍ପନ୍ନ ପରେ କାଳଶି ପୂଜା ହୋଇଥିବା ଅଣ୍ଡାକୁ ଫୁଟାଇ ତା'ଉପରେ ମଦ ଢାଳି ଥିଲେ। ଏହା ପରେ ଭକ୍ତମାନେ ଢୋଲବାଦ୍ୟର ତାଳେତାଳେ ନାଚି ନାଚି ଗ୍ରାମ ପରିକ୍ରମା କରିଥିଲେ। ଅନୁରୂପ ଭାବେ ଢୋଲମରା ଓ କୁମ୍ଭାରପଡା ଗ୍ରାମରେ ଅନୁଷ୍ଠିତ ଏହି ପାଟମରା ପର୍ବ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ଗ୍ରାମ ପରିକ୍ରମା ପରେ ସମସ୍ତ ପାଟମରା ଭକ୍ତ ଅରଟ ପାଖରେ ଉଭା ହେବା ପରେ ପାଟଭକ୍ତଙ୍କ ପିଠିରେ ଫୋଡା ଯାଇଥିବା କଣ୍ଟାର ଅନ୍ୟ ପାଖରେ ବନ୍ଧା ହୋଇଥିବା ଦଉଡିକୁ ୨୦ଫୁଟ ଉଚ୍ଚ ଅରଟରେ ବାନ୍ଧି ଦିଆଯାଇଥାଏ। ଅରଟର ଅନ୍ୟ ପାର୍ଶ୍ୱକୁ ଭକ୍ତମାନେ ଦଉଡି ସାହାଯ୍ୟରେ ଘୂରାଇବା ବେଳେ ଅରଟରେ ବନ୍ଧା ଯାଇଥିବା ସମ୍ପୃକ୍ତ ଭକ୍ତ ହାତ ଗୋଡ ଭୂମି ସହ ସମାନ୍ତରାଳ ଭାବେ ରଖି ଝୁଲି ରହିଥାନ୍ତି। ଅରଟରେ ବନ୍ଧା ହୋଇଥିବା ଆମ୍ବକୁ ସମ୍ପୃକ୍ତ ପାଟମରା ଭକ୍ତ ଉପସ୍ଥିତ ଜନଗହଳି ମଧ୍ୟକୁ ଫିଙ୍ଗିଥିଲେ। ବିଶ୍ୱାସ ଅଛି ଯେ, ଏହି ଆମ୍ବକୁ ଯିଏ ପାଇବ ତା'ର ମାନସିକ ପୂରଣ ହୋଇଥାଏ। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳ ତିଅରସାହିର ପାଟଭକ୍ତମାନେ ସ୍ନାନ ସମ୍ପନ୍ନ କରି ଏକ ପାଟ ପଟୁଆରରେ ବାଘ, ଭାଲୁ, ଘଣ୍ଟଘଣ୍ଟି, ମର୍ଦ୍ଦନ ନାଦ, ସଂକୀର୍ତ୍ତନ ଦଳ ମାଧ୍ୟମରେ ନଗର ପରିକ୍ରମା କରି ମା' ମଙ୍ଗଳାଙ୍କ ଯାତ୍ରା ପଡିଆକୁ କାଳିଶିଙ୍କ ସହ ଆସି ପୂଜାର୍ଚ୍ଚନା ପରେ ୧୨୧ ଫୁଟ ଲମ୍ବର ଏକ ଝାମୁ ଗର୍ତ୍ତରେ ପ୍ରସ୍ତୁତ ହୋଇଥିବା ନିଆଁ ଗାଡ ଉପରେ ଖାଲି ପାଦରେ ଚାଲିଥିଲେ।


ପାଟମରା ପର୍ବରେ ପିଠିରେ କଣ୍ଟା ଲଗାଇ ଜଣେ ଦଣ୍ଡିଆ ଉପରେ ଉଡୁଛନ୍ତି। ଦେଖିବାକୁ ଲୋକଙ୍କ ଗହଳି।

# ହନୁମାନ ଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଖଣ୍ଡପଡା,୧୪।୪(ସ୍ୱ.ପ୍ର)

ପଥରଚକଡା ନୂଆସାହିସ୍ଥିତ ହନୁମାନ ଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଏ ଅବସରରେ ଗୁରୁବାର କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା ସହ ଅଧିବାସ, ଅଙ୍କୁରାରୋପଣ ଆଦି ମାଙ୍ଗଳିକ କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସରରେ ଦିବସ ବ୍ୟାପି ନାମ ସଂକୀର୍ତ୍ତନ, ହନୁମାନ ଚାଳିସା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳବାସୀଙ୍କ ସକ୍ରୀୟ ସହଯୋଗରେ ଦୀର୍ଘବର୍ଷ ପରେ ବିଗ୍ରହଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇ ପାରିଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।


ଗରି ମହାବୀରଙ୍କ ମନ୍ଦିରରେ ବିଷୁବ ସଂକ୍ରାନ୍ତିରେ ସ୍ୱତନ୍ତ୍ର ପୂଜା ଚାଲିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: .............................



ଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୋଲିସ ଦାୟୀ: ଭାଜପା

## ହନୁମାନ ଜୟନ୍ତୀ ବାଇକ ରାଲି ବେଳେ ଦଙ୍ଗା ଘଟଣା

ସମ୍ବଲପୁର,୧୪।୪(ବ୍ୟୁରୋ)

ସମ୍ବଲପୁର ହନୁମାନ ଜୟନ୍ତୀ ଉପଲକ୍ଷେ ଗୁରୁବାର ବାଇକ୍ ରାଲି ଚାଲିଥିବାବେଳେ ପଥରମାଡକୁ ନେଇ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଅନେକ ଆହତ ହୋଇଥିବା ବେଳେ ପୋଡ଼ାଜଳା, ଭଙ୍ଗାରୁଜା ହୋଇଥିଲା। ଶୁକ୍ରବାର ମଧ୍ୟ ସେଠାକାର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଏହି ଘଟଣାକୁ ନେଇ ଭାଜପାର ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଦଳୀୟ ପ୍ରବକ୍ତା ବିଦ୍ୟାଧର ତ୍ରିପାଠୀଙ୍କୁ ନେଇ ଏକ ପ୍ରତିନିଧି ଦଳ ସମ୍ବଲପୁର ଗସ୍ତ କରି ଆହତଙ୍କ ସମେତ ହନୁମାନ ଜୟନ୍ତୀ ସମନ୍ୱୟ ସମିତି, ଜିଲାପାଳ, ଏସ୍‌ପି ଏବଂ ବୁଦ୍ଧିଜୀବୀମାନଙ୍କୁ ଭେଟିଛନ୍ତି। ସେହିପରି ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବି. ଗଙ୍ଗାଧରଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରତିନିଧି ଦଳ ଜୟନ୍ତୀ କାର୍ଯ୍ୟକାରିଣୀ ସଭାପତି ଦାମୋଦର କରଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଘରୋଇ ମେଡିକାଲକୁ ଯାଇ ଭେଟିଥିଲେ ଏବଂ ଚିକିତ୍ସାରେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କଚେରୀ ରୋଡ୍ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ଏହି ଘଟଣା ପାଇଁ ଜିଲା ପ୍ରଶାସନ ଓ ମୁଖ୍ୟତଃ ପୋଲିସକୁ ଦାୟୀ କରାଯାଇଥିଲା। ପ୍ରତିନିଧି ଦଳ ସଦସ୍ୟମାନେ କହିଥିଲେ, ୧୫୦ରୁ ୨୦୦ ଲୋକଙ୍କ ଝଣ୍ଡାଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ହେଲେ ୩ ହଜାରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ଆବଶ୍ୟକ ପୋଲିସ ମୁତୟନ ହୋଇ ନ ଥିଲେ। ଉକ୍ତ ଅଞ୍ଚଳରେ ଗତବର୍ଷ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ ପୋଲିସ ଚଳିତବର୍ଷ ଅବହେଳା କଲା ବୋଲି ଘଟଣାର ପୁନରାବୃତ୍ତି ହୋଇ ପରିସ୍ଥିତ ଅସମ୍ଭାଳ ହୋଇଛି। ପୋଲିସ ଗୁଇନ୍ଦା ଫେଲ୍ ମାରିଥିଲା। ପୂର୍ବରୁ ଆକ୍ରଣକାରୀ ମାନେ ପଥର, ପେଟ୍ରୋଲ ବୋମା ଘର ଉପରେ ରଖିଥିଲେ। ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଶାନ୍ତ ସହରକୁ ଅଶାନ୍ତ କରାଯାଉଛି। ପୂର୍ବରୁ ପଦକ୍ଷେପ ପୋଲିସ ନେଇଥିଲେ ଏତେବଡ ଘଟଣା ହୋଇ ନ ଥାନ୍ତା। ଉକ୍ତ ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଭାଜପା ଆଗକୁ ଆନ୍ଦୋଳନ କରିବ। ଏହି ଘଟଣାରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ମଧ୍ୟ ଆହତ ହୋଇଛନ୍ତି। ପୋଲିସ ଏବେ କ'ଣ କରୁଛି। ଶୀଘ୍ର ସହରରେ ଶାନ୍ତି ଫେରାଇ ଆଣି ସ୍ୱାଭାବିକ ପରିସ୍ଥିତି କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଥିଲେ। ଏହାର ରିପୋର୍ଟ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ରାମଚନ୍ଦ୍ର ମେହେର, ମାନସ ବକ୍ସି, ପୂର୍ବତନ ବିଧାୟକ ରବି ନାଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ବିଧାୟକ ପ୍ରତିନିଧି ଦଳ।

# ସ୍ୱର ଚାପିଦେବା ଧାରା ଗଣତନ୍ତ୍ରକୁ ଶେଷ କରିଦେବ: ଖାର୍ଗେ



ନୂଆଦିଲ୍ଲୀଠାରେ ଶୁକ୍ରବାର ଆମ୍ବେଡ୍‌କରଙ୍କ ଜୟନ୍ତୀ ଅବସରରେ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

## ବିଭେଦ ସୃଷ୍ଟି ଲାଗି କ୍ଷମତାର ଦୁରୁପଯୋଗକାରୀ ପ୍ରକୃତ ଦେଶଦ୍ରୋହୀ: ସୋନିଆ

ନୂଆଦିଲ୍ଲୀ, ୧୪।୪

ଭାରତୀୟ ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଡ୍‌କରଙ୍କ ୧୩୨ତମ ଜନ୍ମବାର୍ଷିକୀ ଅବସରରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜୋର୍‌ଦାର ସମାଲୋଚନା କରିଛନ୍ତି। ଧର୍ମ, ଭାଷା, ଜାତି ଭିତ୍ତିରେ ଭାରତୀୟଙ୍କ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ କ୍ଷମତାର ଦୁରୁପଯୋଗ କରୁଥିବା ଲୋକେ ପ୍ରକୃତ ଦେଶଦ୍ରୋହୀ ବୋଲି ସୋନିଆ କହିଛନ୍ତି। ଏହି ବ୍ୟବସ୍ଥିତ ଆକ୍ରମଣରୁ ସମ୍ବିଧାନକୁ ବଞ୍ଚାଇବା ପାଇଁ ଜନସାଧାରଣ ନିଶ୍ଚୟ ଆଗେଇ ଆସିବେ ବୋଲି ସେ ଏକ ନିବନ୍ଧରେ ଉଲ୍ଲେଖ କରିଛନ୍ତି। ଆଜି ବି ଆମେ ବାବାସାହେବଙ୍କ ଲିଗାସୀକୁ ସମ୍ମାନ ଦେଉଛୁ। ସମ୍ବିଧାନର ସଫଳତା ଶାସନ ପ୍ରତି କର୍ତ୍ତବ୍ୟ ସହ ଲୋକଙ୍କ ଆସ୍ଥା ଉପରେ ନିର୍ଭର କରେ ବୋଲି ଆମ୍ବେଡ୍‌କର କରାଇଥିବା ସତର୍କତାକୁ ନିଶ୍ଚୟ ମନେରଖିବୁ ବୋଲି କଂଗ୍ରେସ ନେତ୍ରୀ କହିଥିଲେ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହି ଅବସରରେ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ଲୋକଙ୍କ ସ୍ୱରକୁ ଚାପିଦେବା ଓ ସେମାନଙ୍କଠାରେ ଦେଶଦ୍ରୋହର କଳଙ୍କ ଲଗାଇବା ସଂସ୍କୃତି ଏକ ବିପଜ୍ଜନକ ଧାରା। ଏହା ଆମ ଗଣତନ୍ତ୍ରକୁ ଶେଷ କରିବା ସହ ସମ୍ବିଧାନକୁ ଧ୍ୱଂସ କରିଦେବ ବୋଲି ଖାର୍ଗେ କହିଛନ୍ତି। ପାର୍ଲାମେଣ୍ଟ ଏବେ ବିତର୍କର ସ୍ଥାନ ପରିବର୍ତ୍ତେ ଯୁଦ୍ଧ ଆଖଡ଼ାରେ ପରିଣତ ହୋଇଛି। ବିରୋଧୀ ଦଳ ନୁହନ୍ତି, ବରଂ ଶାସକ ଦଳ ଗୃହକୁ ଅଚଳ କରିରଖୁଛି ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ଆମ୍ବେଡ୍‌କରଙ୍କ ଜୟନ୍ତୀ ଅବସରରେ ତାଙ୍କର ମହାନ ଅବଦାନ ନିକଟରେ ଭାରତୀୟ ଜାତୀୟ କଂଗ୍ରେସ ମଥାନତ କରୁଛି। ବାବାସାହେବ ସ୍ୱାଧୀନତା, ସମାନତା, ଭ୍ରାତୃଭାବ ଓ ନ୍ୟାୟ ଆଦି ଗଣତାନ୍ତ୍ରିକ ନୀତିର ଚାମ୍ପିୟନ ଥିଲେ ବୋଲି ଖାର୍ଗେ କହିଛନ୍ତି।

# ରାଜସ୍ଥାନ କଂଗ୍ରେସରେ ବିବାଦ: କମଲନାଥଙ୍କୁ ମଧ୍ୟସ୍ଥତା ଦାୟିତ୍ୱ

ନୂଆଦିଲ୍ଲୀ, ୧୪।୪(ପି.ଟି.)



ରାଜସ୍ଥାନରେ ବସୁନ୍ଧରା ରାଜେ ନେତୃତ୍ୱାଧୀନ ଭାଜପା ସରକାର ସମୟର ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ ଦାବିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଦିନିକିଆ ଧର୍ମଘଟରେ ବସିଥିଲେ। ନିଜ ସରକାର ବିରୋଧରେ ସଚିନଙ୍କ ଆନ୍ଦୋଳନକୁ ଦଳ ବିରୋଧୀ କାର୍ଯ୍ୟ ବୋଲି କୁହାଯାଉଥିବାବେଳେ ଏହାକୁ ନେଇ ରାଜସ୍ଥାନ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ପୁଣିଥରେ ପଦାରେ ପଡ଼ିଛି। ପରିସ୍ଥିତିର ସମାଧାନ ଲାଗି ବରିଷ୍ଠ କଂଗ୍ରେସ ନେତା କମଲନାଥଙ୍କୁ ଦଳ ପକ୍ଷରୁ ମଧ୍ୟସ୍ଥ ଭୂମିକା ନିଭାଇବାକୁ ଦାୟିତ୍ୱ ଦିଆଯାଇଛି। କମଲ ନାଥଙ୍କ ସହ ସାଂଗଠନିକ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସଚିନଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ତାଙ୍କର ଆନ୍ଦୋଳନ ଦୁର୍ନୀତି ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେବା ଲାଗି ଉଦ୍ଦିଷ୍ଟ। ଏହା ଆଦୌ ଦଳ ବିରୋଧୀ କାର୍ଯ୍ୟ ନୁହେଁ ବୋଲି ସଚିନ କହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ରାଜସ୍ଥାନ ପ୍ରସଙ୍ଗରେ ଦୁଇଦିନ ହେଲା ଆଲୋଚନା ଜାରି ରହିଥିବାବେଳେ ରାଜ୍ୟ ପ୍ରଭାରୀ ସୁଖଜିନ୍ଦର ସିଂ ରାନ୍ଧୱା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ୨୦୧୮ରେ କଂଗ୍ରେସ ରାଜସ୍ଥାନ ବିଧାନସଭା ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଉଭୟ ଅଶୋକ ଗେହଲଟ୍ ଓ ସଚିନ ପାଇଲଟ୍ ଦାବିଦାର ଥିଲେ। ତେବେ କଂଗ୍ରେସ ହାଇକମାଣ୍ଡ ଗେହଲଟ୍‌ଙ୍କୁ ଶୀର୍ଷ ପଦବୀ ଲାଗି ବାଛିଥିଲେ। ୨୦୨୦ ଜୁଲାଇରେ ସଚିନଙ୍କ ନେତୃତ୍ୱରେ କେତେଜଣ କଂଗ୍ରେସ ବିଧାୟକ ଗେହଲଟ୍‌ଙ୍କ ବିରୋଧରେ ଖୋଲା ବିଦ୍ରୋହ କରି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଦାବି କରିଥିଲେ। ସେତେବେଳେ ସଚିନଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ସମେତ ପ୍ରଦେଶ କଂଗ୍ରେସ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ଗତବର୍ଷ ସେପ୍ଟେମ୍ବରରେ ଗେହଲଟ୍ କ୍ୟାମ୍ପର କେତେଜଣ ଏମ୍‌ଏଲ୍‌ଏ କଂଗ୍ରେସ ବିଧାୟକ ଦଳ ବୈଠକ ବର୍ଜନ କରି ଏକ ସମାନ୍ତରାଳ ବୈଠକରେ ସାମିଲ ହୋଇଥିଲେ।

## ମନ୍ତ୍ରୀଙ୍କ ବିରୋଧରେ ନେତ୍ରୀଙ୍କ ଅଭିଯୋଗ

# ବିଜେଡିକୁ ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ନେଇ ଏବେ ଅଡୁଆରେ ପଡ଼ିଛି ବିଜେଡି। ଖୋଦ୍ ଶାସକ ଦଳର ଜଣେ ନେତ୍ରୀ ମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ତେଣୁ ଶାସକ ଦଳ ଲାଗି ପୁଣି ଏକ ନୂଆ ସମସ୍ୟା ସୃଷ୍ଟି ହୋଇଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ମଧ୍ୟ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି। ଯଦି ମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ନ ଦିଅନ୍ତି ତେବେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ଅଭିଯୋଗ କରିବା ସହ କଂଗ୍ରେସ ମଧ୍ୟ ଆକ୍ରମଣ କରିଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଶୁକ୍ରବାର କହିଛନ୍ତି, ବିଜେଡି ଅପରାଧୀ ଓ ଯୌନ କେଳେଙ୍କାରୀ ବ୍ୟକ୍ତିଙ୍କ ଦଳ। ସମାଜର ଯେତେସବୁ ଅସାମାଜିକ, ଅପରାଧୀ ବ୍ୟକ୍ତି ଅଛନ୍ତି ସମସ୍ତେ ଯେମିତି ଖୋଜି ହୋଇ ବିଜେଡିରେ ସାମିଲ ହେଲା ଭଳି ଲାଗୁଛି। ବିଜେଡିରେ ୨୦ ବର୍ଷ ଧରି କାର୍ଯ୍ୟ କରିଥିବା ନେତ୍ରୀ ସଂଯୁକ୍ତା ମହଲା ମନ୍ତ୍ରୀ ସାହୁଙ୍କ ନାଁରେ ଯୌନ କେଳେଙ୍କାରୀର ଅଭିଯୋଗ ଆଣିଛନ୍ତି। ସଂଯୁକ୍ତା ଗୁରୁବାର ପୂର୍ବାହ୍ନ ୧୦ଟାରୁ ରାତି ୧୨ ପର୍ଯ୍ୟନ୍ତ ଭୁବନେଶ୍ୱର ମହିଳା ଥାନାରେ ମାମଲା ରୁଜୁ କରିବା ପାଇଁ ଉପସ୍ଥିତ ଥିଲେ। ଏହାପରେ ସଂଯୁକ୍ତାଙ୍କ ଡାକ୍ତରୀ ମାଇନା ହେଲା। ଏଥିରୁ ପ୍ରମାଣିତ ହେଉଛି ସେ ଶାରୀରିକ ଶୋଷଣର ଶିକାର ହୋଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏ ପର୍ଯ୍ୟନ୍ତ ପୋଲିସ ଘଟଣା ଉପରେ କିଛି ସ୍ୱଷ୍ଟତା ଆଣିନାହିଁ କି ଏତଲାକୁ ଭିତ୍ତିକରି ମନ୍ତ୍ରୀଙ୍କୁ ପଚରାଉଚରା କରିନାହିଁ। ବିଜେଡିର ମନ୍ତ୍ରୀ ବୋଲି ସେ କ'ଣ ଆଇନରୁ ଊର୍ଦ୍ଧ୍ୱରେ କି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ମାମଲାକୁ ଚାପିଦେବାକୁ ବିଜେଡି ଏବେ ପୋଲିସ ଉପରେ ପ୍ରବଳ ଚାପ ପକାଉଛି। ବିଜେଡିର ବହୁ ଟାଣୁଆ ନେତା ଥାନାରେ ଉପସ୍ଥିତ ରହି ସଂଯୁକ୍ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସବୁ ପ୍ରମାଣ ଥିବା ବେଳେ ଘଟଣାକୁ ୨୪ ଘଣ୍ଟା ବିତିବା ସତ୍ତ୍ୱେ ମଧ୍ୟ ପୋଲିସ କିଛି ଟିପ୍ପଣୀ ନ ଦେବା ଆଶ୍ଚର୍ଯ୍ୟ କରୁଛି। ଯଦି ମନ୍ତ୍ରୀ ତୁରନ୍ତ ଇସ୍ତଫା ନ ଦିଅନ୍ତି ତେବେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଲେଖାଶ୍ରୀ କହିଛନ୍ତି।

- ମନ୍ତ୍ରୀ ପଦ ନ ଛାଡ଼ିଲେ ରାଜରାସ୍ତାକୁ ଓହ୍ଲାଇବୁ: ଭାଜପା
- ଏମିତି ଅଭିଯୋଗ ପରେ ମନ୍ତ୍ରୀ ପଦ ଛାଡ଼ିଦେବା କଥା: କଂଗ୍ରେସ
- ତଦନ୍ତ ଠିକ୍ ହେବା ପରେ ଜଣାପଡ଼ିବ: ବିଜେଡି

କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ମନ୍ତ୍ରୀଙ୍କ ବିରୋଧରେ ତାଙ୍କ ଦଳର ଜଣେ ନେତ୍ରୀ ଏତଲା ଦେଇଛନ୍ତି। ତେଣୁ ଏଭଳି ସ୍ଥଳେ ମନ୍ତ୍ରୀଙ୍କୁ ତାଙ୍କ ପଦରୁ ବାହାର କରିବା କଥା ନା ନାହିଁ। ସେହିପରି ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଏମିତି କିଛି କରି କୋଉଁଠି ଲୁଚିଛନ୍ତି। ଦିବ୍ୟଶଙ୍କର ତ ଖସିଗଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛତାରେ ଯେତେବେଳେ ଦାଗ ଲାଗିବ ସେତେବେଳେ ଲୋକମାନେ ଆଉ ତାଙ୍କୁ ଚାହିଁବେନି କି ଅନେଇବେ ନାହିଁ ବୋଲି ଦେବାଶିଷ କହିଛନ୍ତି। ଅପରପକ୍ଷେ ଏ ପ୍ରସଙ୍ଗରେ ବିଜେଡି ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏଭଳି ଘଟଣାରୁ ସବୁବେଳେ ଦୂରେଇରୁହନ୍ତି। ଏବେ ସେନେଇ କିଛି କହି ହେବ ନାହିଁ। ଜଣେ ମହିଳା ଯେତେବେଳେ ଅଭିଯୋଗ କରିଛନ୍ତି ତେଣୁ ତାକୁ ଠିକ୍ ଭାବେ ତଦନ୍ତ କରିବା ପରେ ଜଣାପଡିବ ବୋଲି ରମେଶ କହିଛନ୍ତି।

## ବିଏମ୍‌ସିରେ ଆଇନଶୃଙ୍ଖଳା ପରିସ୍ଥିତି ସାଂଘାତିକ: କଂଗ୍ରେସ

ଭୁବନେଶ୍ୱର, ୧୪।୪(ବ୍ୟୁରୋ): ଭୁବନେଶ୍ୱର ସହର ୭୫ ବର୍ଷରେ ପଦାର୍ପଣ କଲା। ୭୫ ବର୍ଷ ପୂର୍ବରୁ ୪୦ ହଜାର ଲୋକଙ୍କ ପାଇଁ ଏ ସହରର ପରିକଳ୍ପନା କରାଯାଇଥିଲା। ମ୍ୟୁନିସିପାଲିଟିରୁ ମହାନଗରର ମାନ୍ୟତା ପାଇବାର ବହୁବର୍ଷ ପରେ ମଧ୍ୟ ସହରର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନ ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମର ଆଇନ ଶୃଙ୍ଖଳା ପରିସ୍ଥିତି ସାଂଘାତିକ। ବୟସ୍କ ଲୋକମାନେ ଘରୁ ବାହାରିବାକୁ ଡରୁଛନ୍ତି। ପ୍ରତିଦିନ ରାହାଜାନି, ଚୋରି, ଡକାୟତି ବଢ଼ିଛି। ଏପରିକି ଛୋଟ ଛୋଟ ଘଟଣାରେ ବନ୍ଧୁକ, ବୋମା ଏବଂ ଖଣ୍ଡା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଘୁରି ବୁଲୁଛି। ଅଣ ସାମାଜିକତତ୍ତ୍ୱଙ୍କ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇବା ସହିତ ନିରୀହ ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

## Classified Everyday 0674-2580101, 2549949



REAL ESTATE

SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ହଂସପାଳ ଓ ପାହାଳରେ NH ଠାରୁ **200/-300mtr** ମଧ୍ୟରେ ସଙ୍ଗେସଙ୍ଗେ ଘର କଲାଭଳି ଜାଗା ବିକ୍ରି କରାଯାଉଅଛି। **9437765989.** D-74843

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837



CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All type of professional full body massage by professional therapist at Rajmahal @ 999. Contact: 7855053566. D-0078

**Full Body massage by Experience Therapist @999 only- 9078484455. (Bhubaneswar).** D-3134

All types of professional body massage by professional therapy. Contact: 9556924059, 7077933109. D-0046

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

Newly open health benefits Spa special offer @999 Nayapalli. 7846814019. D-73699

Fullbody massage, refresh, relaxed by expert Lady Therapist. Contact: 8480939300. D-0029

Newly open Spa Positively health benefit with expert. Contact- 7749976301 D-74532

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Newly open SPA positively health benefits with expert therapist. 7849011931. D-73698

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373



BUSINESS

**Sai Jagannath Waste consultancy services Please contact for any kind of solid waste (Industrial/ MSW) utilisation/ recycling/ solutions. Contact: 7436986437.** D-0103

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

I, Prasanti Panda, W/o- Ananda Panda, D/o- N.N. Panigrahi, At- Indira Nagar near Forest Gate, P.O.- Paralakhemundi, P.S.- Paralakhemundi, Dist.- Gajapati, Pin- 761200 declared by affidavit No.-92 dated 03.04.2023 sworn before Executive Magistrate (BBSR) that now onwards I shall be known as Prasanti Panigrahi for all future purposes. D-0102

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ରାଜନୀତି

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନକୁ ନେଇ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଆପତ୍ତି ଉଠାଇଛନ୍ତି। ଯୋଗ୍ୟ ଲୋକଙ୍କୁ ଆବାସ ଯୋଜନାରେ ଘର ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟ ତାହା ପୂରଣ କରୁନାହାନ୍ତି। ଯୋଗ୍ୟ ଲୋକମାନେ ତାଲିକାରୁ ବାଦ୍ ପଡୁଥିବା ନେଇ ଅଭିଯୋଗ ଆସୁଥିବା କହିବା ପରେ ରାଜନୀତି ଏବେ ଜୋର୍ ଧରିଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ ଜବାବ ରଖି ବିଜେଡି ପାଲଟା ଟାର୍ଗେଟ କରିଛି।

ଗିରିରାଜ କହିଛନ୍ତି, ୮ ବର୍ଷରେ ଉପା ସରକାର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଓଡ଼ିଶାକୁ ୨୬ ହଜାର କୋଟି ଟଙ୍କା ଗ୍ରାମୀଣ ବିକାଶ ପାଇଁ ଦେଇଥିଲା। କେନ୍ଦ୍ରରେ ମୋଦିସରକାର ଆସିବା ପରେ ତାଙ୍କ ମନ୍ତ୍ରଣାଳୟ ଓଡ଼ିଶାକୁ ୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି। ନିୟମକାନୁନ କିଛି ନ ଦେଖି ଓଡ଼ିଶା ପାଇଁ ୩୮ ଲକ୍ଷ ଘର ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାୟକ ପ୍ରଦୀପ ନାଏକଙ୍କୁ କହିଛି ଯାହା ଅଭିଯୋଗ ଆସୁଛି ତା'ର ସମୀକ୍ଷା କରାଯିବ। ଯଦି ପକ୍କାଘର ପାଇବାର ନିୟମ ଏବଂ ସର୍ତ୍ତ ପାଳନ ନ କରି ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯାଉଥିବ ତେବେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ମନ୍ତ୍ରୀ ଗିରିରାଜ କହିଛନ୍ତି। ଏ ପ୍ରସଙ୍ଗରେ ବିଜେଡି ବିଧାୟକ ଦେବୀ ମିଶ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ସମୀକ୍ଷା କାହିଁକି କରୁନାହାନ୍ତି। ଦାନରେ କେହି କାହାକୁ କିଛି ଦେଉନାହାନ୍ତି। ସଂଘୀୟ ବ୍ୟବସ୍ଥାରେ ଶତକଡା ୧୦୦ କେନ୍ଦ୍ରୀୟ ଯୋଜନା ରହିଥାଏ। ଭାରତବର୍ଷରେ ବିଭିନ୍ନ ଦଳର ଯିଏ ପ୍ରଧାନମନ୍ତ୍ରୀ ରହିଛନ୍ତି ସମସ୍ତେ ସଂଘୀୟ ବ୍ୟବସ୍ଥାରେ ବିଭିନ୍ନ ଯୋଜନାରେ ଦେଇ ଆସିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରମନ୍ତ୍ରୀ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଠିକ୍ ନୁହେଁ।

- ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡୁଥିବା ଅଭିଯୋଗ ଆସୁଛି: କେନ୍ଦ୍ରମନ୍ତ୍ରୀ
- ନିର୍ବାଚନକୁ ଆଖି ଆଗରେ ରଖି ଦାୟିତ୍ୱହୀନ ମନ୍ତବ୍ୟ ଠିକ୍ ନୁହେଁ:ବିଜେଡି




SONY MOBILE NETWORK
ନିଜଛାତ,ଜମି,ଜଲିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
6390061477
7380925927

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେନ୍ଦ୍ରାପଡ଼ାରେ ଟ୍ରେଣ୍ଡ୍ସ ଓମ୍ୟାନ୍ ଏକ୍ସକ୍ଲୁସିଭ ଆଉଟ୍‌ଲେଟ




**ନୂଆଦିଲ୍ଲୀ,୧୪।୪**

ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ ଟେଣ୍ଡ୍‌ସର ସ୍ୱତନ୍ତ୍ର ଷ୍ଟୋର ଟ୍ରେଣ୍ଡ୍‌ସ ମ୍ୟାନ୍ ଏବଂ ଟ୍ରେଣ୍ଡ୍‌ସ ଓମ୍ୟାନ୍ ଆଉଟ୍‌ଲେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷ କରି ଓଡ଼ିଶା ବଜାରରେ ବ୍ରାଣ୍ଡ୍‌ର ଉକ୍ତ ଷ୍ଟୋରଗୁଡିକ ଖୋଲିଥିବା ଜଣାପଡ଼ିଛି। ଏପରିକି ସମ୍ବଲପୁର ସହରରେ ଟ୍ରେଣ୍ଡ୍‌ସ ମ୍ୟାନ୍ ଏବଂ କେନ୍ଦ୍ରାପଡ଼ା ସହରରେ ଟ୍ରେଣ୍ଡ୍‌ସ ଓମ୍ୟାନ୍ ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଛି।

ସେହିଭଳି ଉଭୟ ସହରର ଷ୍ଟୋର୍ ଦ୍ୱୟରେ ଯଥାକ୍ରମେ ପୁରୁଷ ଏବଂ ମହିଳାଙ୍କ ପାଇଁ ବ୍ୟାପକ ବର୍ଗର ପୋଷାକ ଉପଲବ୍ଧ। ଅପରପକ୍ଷରେ ସମ୍ବଲପୁର ସହରର ଟ୍ରେଣ୍ଡ୍‌ସ ମ୍ୟାନ୍ ଓ କେନ୍ଦ୍ରାପଡ଼ା ସହରର ଟ୍ରେଣ୍ଡ୍‌ସ ଓମ୍ୟାନ୍ ଷ୍ଟୋର୍ ଦ୍ୱୟରେ ଗ୍ରାହକମାନଙ୍କ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଉକ୍ତ ଷ୍ଟୋର ଦୁଇଟିକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ଏପରିକି ଉପରୋକ୍ତ ସହର ଦ୍ୱୟର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ମେନ୍ସ ଏବଂ ଟ୍ରେଣ୍ଡି ଓମେନ୍ସ ୱିୟରଗୁଡିକୁ ସ୍ୱତନ୍ତ୍ର ମୂଲ୍ୟରେ ପାଇବା ସହ କିଣାକିଣିର ଚମତ୍କାର ଅନୁଭୂତି ପାଇପାରିବେ। ବିଶେଷକରି ଉଭୟ ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ମଧ୍ୟ ପ୍ରଦାନ କରାଯାଉଛି। ୨୯୯୯ ଟଙ୍କାର କିଣାକିଣି କରି ୧୦୦୦ ଟଙ୍କା ମୂଲ୍ୟର ସାମଗ୍ରୀ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ୨୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୧୫୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏପରିକି ୧୫୦୦ ବର୍ଗଫୁଟ ବିଶିଷ୍ଟ ସ୍ୱତନ୍ତ୍ର ମ୍ୟାନ୍ ଓ ଓମ୍ୟାନ୍ ଷ୍ଟୋର୍ ଯଥାକ୍ରମେ ସମ୍ବଲପୁର ଏବଂ କେନ୍ଦ୍ରାପଡ଼ା ସହରରେ ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଟ୍ରେଣ୍ଡ୍‌ସ ମ୍ୟାନ୍ ଓ ଟ୍ରେଣ୍ଡ୍‌ସ ଓମ୍ୟାନ୍‌ର ଶାଖା ସଂଖ୍ୟା ବିସ୍ତାର କରିବା ସହ ଗ୍ରାହକଙ୍କ ନିକଟତର ହେବା ସହ ଭାରତର ଫ୍ୟାଶନରେ ଗଣତନ୍ତ୍ରର ଏହା ବିକାଶ କରିଛି। ଏପରିକି ଏହା ଭାରତର ଗ୍ରାହକଙ୍କ ସହ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟିୟର-୧, ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ସହ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଂ ଡେଷ୍ଟିନେଶନ ମଧ୍ୟ ପାଲଟିଛି।

# ରିଅଲ୍‌ମି ନାର୍‌ଜୋ ଏନ୍ ୫୫ ଉନ୍ମୋଚିତ

**ନୂଆଦିଲ୍ଲୀ,୧୪।୪**

ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମିର ନାର୍‌ଜୋ ଏନ୍‌୫୫ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୬୪ଏମ୍‌ପି କ୍ୟାମେରା ଓ ୩୩ ୱାଟ୍ ଚାର୍ଜିଂକୁ ସୁଲଭ ମୂଲ୍ୟରେ ପ୍ରଦାନ କରୁଛି। ଏଥିରେ ମିନି କ୍ୟାପ୍‌ସୁଲ ଫିଚର ମଧ୍ୟ ରହିଛି, ଯାହା ୩ଟି ଗୁରୁତ୍ୱପୂର୍ଣ୍ଣ ଫିଚର, ଚାର୍ଜ ନୋଟିଫିକେଶନ, ଡାଟା ୟୁସେଜ୍ ନୋଟିଫିକେଶନ ଓ ଷ୍ଟେପ୍ ନୋଟିଫିକେଶନ ପ୍ରଦାନ କରୁଛି। ସେହିଭଳି ରିଅଲ୍‌ମି ନାର୍‌ଜୋ ଏନ୍‌୫୫ରେ ଥିବା ବିଶାଳ ୫୦୦୦ ଏମ୍‌ଏଚ୍ ବ୍ୟାଟେରି ଉପଭୋକ୍ତାଙ୍କୁ ଦୀର୍ଘସ୍ଥାୟୀ ପାୱାର ପ୍ରଦାନ କରୁଛି। ଏହି ସ୍ମାର୍ଟଫୋନ୍ ୩୩ ୱାଟ୍ ସୁପରଭିଓଓସି ଚାର୍ଜିଂ ସଲ୍ୟୁଶନ ସହ ଆସୁଛି ଯାହା ଶୀଘ୍ର ଚାର୍ଜିଂ ସୁବିଧା ଦେବା ପାଇଁ ହାଇ-ଭୋଲ୍‌ଟେଜ୍, ଲୋ-କରେଣ୍ଟ ଚାର୍ଜିଂ ଟେକ୍ନୋଲୋଜିର ବ୍ୟବହାର କରୁଛି। ଏହା ୧୨ଜିବି ପର୍ଯ୍ୟନ୍ତ ଡାଇନାମିକ୍ ରାମ୍ ସହିତ ୪ଜିବି+୬୪ଜିବି ଓ ୬ଜିବି+୧୨୮ଜିବିର ଷ୍ଟୋରେଜ୍, ମିଡିଆଟେକ୍ ହେଲିଓ ଜି୮୮ ଚିପ୍‌ସେଟ୍, ୯୦ଏଚ୍‌ଜେଡ୍ ଏଫ୍‌ଏଚ୍‌ଡି+ ଡିସ୍‌ପ୍ଲେ ପ୍ରଦାନ କରୁଛି। ରିଅଲ୍‌ମି ନାର୍‌ଜୋ ଏନ୍‌୫୫ ଶକ୍ତିଶାଳୀ ଅପ୍‌ଗ୍ରେଡେଡ୍ ଫିଚର ଏବଂ ୪ଟି ପ୍ରମୁଖ କ୍ଷେତ୍ର ଚାର୍ଜିଂ, କ୍ୟାମେରା, ଷ୍ଟୋରେଜ୍ ଓ ଡିଜାଇନରେ ଅତ୍ୟାଧୁନିକ ବୈଷୟିକ ସୁବିଧା ସହିତ ବଜାରରେ ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ପ୍ରସ୍ତୁତ ରହିଛି। ରିଅଲ୍‌ମି ନାର୍‌ଜୋ ଏନ୍‌୫୫ ଦୁଇଟି ଆକର୍ଷଣୀୟ ରଙ୍ଗ- ପ୍ରାଇମ୍ ବ୍ଲୁ ଓ ପ୍ରାଇମ୍ ବ୍ଲାକ୍‌ରେ ଉପଲବ୍ଧ ଏବଂ ଏହା ଦୁଇଟି ଭାରିଆଣ୍ଟରେ ୪ଜିବି+୬୪ଜିବି ଓ ୬ଜିବି+୧୨୮ଜିବି ପାଇଁ ଯଥାକ୍ରମେ ୧୦,୯୯୯ ଟଙ୍କା ଓ ୧୨,୯୯୯ ଟଙ୍କାରେ ଆସୁଛି।

# ଟିଭିଏସ୍ ୟୁରୋଗ୍ରିପ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୪।୪**

ଦେଶର ପ୍ରମୁଖ ଦୁଇ ଓ ତିନିଚକିଆ ଯାନର ଟାୟାର ବ୍ରାଣ୍ଡ ଟିଭିଏସ୍ ୟୁରୋଗ୍ରିପ୍‌ର ନୂତନ ଉତ୍ପାଦ ନିକଟରେ ସର୍ବଭାରତୀୟ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇପିଏଲ୍ ଟିମ୍ ସିଏସ୍‌କେ ଅଧିନାୟକ ଏମ୍.ଏସ୍. ଧୋନୀ ଓ ଅନ୍ୟ ସିଏସ୍‌କେ ଖେଳାଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏପରିକି ବ୍ରାଣ୍ଡ୍‌ର ନୂତନ ଉତ୍ପାଦ ଆଡ୍‌ଭେଞ୍ଚର ଟୁରିଂ ଟାୟାର ଓ ସୁପରବାଇକ୍ ଟାୟାରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ଶ୍ରୀଚକ୍ର ଲିମିଟେଡ୍‌ର ଇଭିପି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି.ମାଧବନ କହିଛନ୍ତି, ଆଡ୍‌ଭେଞ୍ଚର ଟୁରିଂ ଓ ସୁପରବାଇକ୍ ଟାୟାରର ଶୁଭାରମ୍ଭ କରିବା ଆମ ପାଇଁ ଏକ ବୃହତ୍ ମାଇଲଖୁଣ୍ଟ। ଏହା ସହିତ ଆମେ ଆମର ଉତ୍ପାଦର ସମ୍ଭାରକୁ ଆହୁରି ଅଧିକ ବ୍ୟାପକ କରିପାରିଛୁ, ଯେଉଁଥିରେ ବ୍ୟାପକ ଶ୍ରେଣୀୟ ଉତ୍ପାଦ ପ୍ରଦାନ କରାଯାଉଛି। ଏପରିକି ଆମେ ଏହାକୁ ଆମର ବିଜ୍‌ନେସ୍ ପାର୍ଟନର ଓ ସିଏସ୍‌କେ ଷ୍ଟାର୍‌ଙ୍କ ଉପସ୍ଥିତିରେ କରିପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ସେହିଭଳି ଏଭଳି ଏକ ଉଚ୍ଚ କାର୍ଯ୍ୟ ଦକ୍ଷତାସମ୍ପନ୍ନ ଉତ୍ପାଦଗୁଡ଼ିକ ୟୁରୋପ ବଜାରରେ ଡିଜାଇନ କରାଯାଇଛି ଓ ଏହାକୁ ଭାରତୀୟ ରାସ୍ତାର ଅବସ୍ଥା ଅନୁସାରେ ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଉତ୍ପାଦ ଅନ୍ତର୍ଜାତୀୟ ଭାବେ ଶୁଭାରମ୍ଭ କରାଯାଇଛି ଓ ଆମର ଏହି ଉତ୍ପାଦ ସମ୍ପର୍କରେ ଗ୍ରାହକମାନଙ୍କଠାରୁ ସକାରାତ୍ମକ ମତାମତ ଗ୍ରହଣ କରିଛୁ। ତେଣୁ ଏହି ଉତ୍ପାଦକୁ ଆମେ ଭାରତୀୟ ବଜାରକୁ ଆଣି ପାରିଥିବାରୁ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛୁ। ଉକ୍ତ କାର୍ଯ୍ୟକ୍ରମରେ ବ୍ରାଣ୍ଡ୍‌ର ବିଜ୍‌ନେସ୍ ପାର୍ଟନର ଓ ପ୍ରମୁଖ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ।


idco
Your power to grow
ISO 9001 & 14001 Corporation
ODISHA
NEW OPPORTUNITIES

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

No.CAD-150: Tender Call Notice No.
File No: BBSR File No.BBSR/ELECT/E-4410/22-23/764 Date: 11/04/2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the work:** Supply, Installation, Testing & Commissioning of 11 kV Industrial Feeder from 33/11 kV Ankuli PSS, Upgradation of 11/0.4kV 63kVA Transformer to 11/0.4 kV,500 kVA Plinth mounted Substation & construction of new 3 ph- 5WLT Line on existing poles for reliable Power Supply to the Industrial Consumers in Industrial Estate, Ankuli, Berhampur in District of Ganjam.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO,IDCO Tower, Janpath, Bhubaneswar | Bid ID No. BBSR/ELECT/e-25/23-24 | 17.00 hours of 24.04.2023 | 17.00 hours of 02.05.2023 |

Further details can be seen from the e-procurement portal: www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

OIPR-14003/11/0008/2324 Sd./- Divisional Head (Elect), IDCO, Bhubaneswar


# ଟାଟା ପାୱାର ଡିସ୍‌କମ୍‌ଗୁଡ଼ିକୁ ଶ୍ରେଷ୍ଠ ରେଟିଂ

**ନୂଆଦିଲ୍ଲୀ,୧୪।୪**

ଦେଶର ପ୍ରମୁଖ ଘରୋଇ ଶକ୍ତି ବିତରଣ କମ୍ପାନୀ ଟାଟା ପାୱାରକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ବିତରଣ ସଂସ୍ଥାର ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷ କରି ପାୱାର ଫାଇନାନ୍ସ କର୍ପୋରେଶନ ଜରିଆରେ କରାଯାଇଥିବା ସର୍ଭେ ସହ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଜାରି କରାଯାଇଥିବା ରେଟିଂରେ ଟାଟା ପାୱାରର ବଣ୍ଟନ କମ୍ପାନୀ(ଡିସ୍‌କମ୍)ଗୁଡ଼ିକ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ହାସଲ କରିଛନ୍ତି। ଏପରିକି ବିଦ୍ୟୁତ୍ ବଣ୍ଟନ ୟୁଟିଲିଟିଙ୍କ ପାଇଁ ୧୧ତମ ବାର୍ଷିକ ସମନ୍ୱିତ ରେଟିଂରେ ମନ୍ତ୍ରଣାଳୟ ଜାତୀୟ ୟୁଟିଲିଟିଗୁଡ଼ିକ ମଧ୍ୟରେ ଟାଟା ପାୱାରର ବଣ୍ଟନ କମ୍ପାନୀଗୁଡ଼ିକୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ପ୍ରଦାନ କରିଛନ୍ତି। ସେହିଭଳି ପରିଚାଳନା ଓ ଆର୍ଥିକ ପ୍ରଦର୍ଶନ, ନିୟାମକ ନିୟମ ପାଳନ, ଗ୍ରାହକ ସେବା, ଶକ୍ତି ଦକ୍ଷତା ଆଦି ବିଭିନ୍ନ ମାନଦଣ୍ଡକୁ ଆଧାରକରି ଏଭଳି ଏକ ରେଟିଂ ପ୍ରଦାନ କରାଯାଇଛି। ଏହି ରେଟିଂ ରିପୋର୍ଟକୁ ମାକିନ୍‌ଜେ ଆଣ୍ଡ୍ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବେଳେ ଅନୁଶୀଳନ ପାଇଁ ୩ଟି ଆର୍ଥିକ ବର୍ଷ ୨୦୧୯-୨୦ରୁ ୨୦୨୨-୨୩ର ଆକାଉଣ୍ଟ(ହିସାବ) ବିଚାରକୁ ନିଆଯାଇଛି।

ଉଲ୍ଲେଖଯୋଗ୍ୟ, ଟାଟା ପାୱାର ମୁମ୍ବାଇ ଡିଷ୍ଟ୍ରିବ୍ୟୁଶନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ୧୦୦ରୁ ଯଥାକ୍ରମେ ୮୯.୭ ଓ ୮୭.୨ ସ୍କୋର ସହ ଏ+ ଗ୍ରେଡ୍ ଲେଖାଏଁ ପାଇଥିବା ବେଳେ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁଶନ ଓ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଯଥାକ୍ରମେ ୭୯.୦ ଓ ୭୯.୩ ସ୍କୋର ସହ ଏ ଗ୍ରେଡ୍ ଲେଖାଏଁ ପାଇଛନ୍ତି।

ଏ ସମ୍ପର୍କରେ ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡ. ପ୍ରବୀର ସିହ୍ନା କହିଛନ୍ତି, ଦେଶର ବିଦ୍ୟୁତ୍ ବଣ୍ଟନ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବାକୁ ଟାଟା ପାୱାର ସମର୍ପିତ। ଆମେ ସୃଷ୍ଟି କରିଥିବା ୟୁଟିଲିଟିଗୁଡ଼ିକ ଦକ୍ଷ, ଭବିଷ୍ୟତ ଲାଗି ପ୍ରସ୍ତୁତ ଏବଂ ଗ୍ରାହକଙ୍କ ଆବଶ୍ୟକତା ଉପରେ କେନ୍ଦ୍ରୀଭୂତ। ଆମ ଡିସ୍‌କମ୍‌ଗୁଡ଼ିକର ସଫଳତାକୁ ମାନ୍ୟତା ପ୍ରଦାନ କରିଥିବାରୁ ଶକ୍ତି ମନ୍ତ୍ରଣାଳୟ ପ୍ରତି ଆମେ କୃତଜ୍ଞ ଏବଂ ଦେଶର ବଣ୍ଟନ ସଂସ୍କାରରେ ଆଗେ ଅଗ୍ରଣୀ ହୋଇ ରହିବୁ। ସେହିଭଳି ଟାଟା ପାୱାରର ସଭାପତି, ଟି ଆଣ୍ଡ୍ ଡି ସଞ୍ଜୟ ବାଙ୍ଗା କହିଛନ୍ତି, ଆଜିର ଦିନରେ ଟାଟା ପାୱାର ଡିସ୍‌କମ୍‌ଗୁଡ଼ିକ ଦେଶର ୬କୋଟି ଲୋକଙ୍କୁ ସେବା ପ୍ରଦାନ କରୁଛି। ସେଥିରେ ଦିଲ୍ଲୀ, ମୁମ୍ବାଇ ଓ ଭୁବନେଶ୍ୱର ଭଳି ପ୍ରମୁଖ ସହର ସାମିଲ ରହିଛି। ଏପରିକି ଆମ ଡିସ୍‌କମ୍‌ଗୁଡ଼ିକ ଉତ୍କୃଷ୍ଟ ସେବା ଯୋଗାଉଥିବା ବେଳେ ଗ୍ରାହକମାନଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ପ୍ରଦାନ କରୁଛି। ଏହି ର୍‍ୟାଙ୍କିଙ୍ଗ୍ ହେଉଛି ସେମାନଙ୍କ ଅତୁଳନୀୟ ପ୍ରଦର୍ଶନର ପ୍ରତିଫଳନ।


OFFICE OF THE PANCHAYAT SAMITI, KHORDHA
AT/PO-PALLAHAT, DIST-KHORDHA, STATE-ODISHA, PIN-752056
E-mail: ori-bkhurda@nic.in, Tel-(06755) 220762
INVITATION FOR BIDS (IFB)
Bid Identification No.-01/S.S/2023-24 Tender Call Notice No.1154/ dt.12.04.2023

**No.i-67:**The Block Development Officer, Khordha on behalf of Governor of Odisha invites Percentage Rate bid in ONLINE MODE for the construction of Building works as detailed in the Detailed Tender Call Notice (D.T.C.N) from the eligible class of contractors.

| SL. No. | Name of the Work | Approximate Value of Work (in Rs.) | Bid Security (EMD) | Class of Contractor | Cost of Documents (non-refundable) (in Rs.) | Period of Completion in Calendar Months | Bids Opening date & time |
|---|---|---|---|---|---|---|---|
| 1 | Construction of Two nos. Additional Class rooms at Mahamaya Govt. High School, Nuapada Muktapur, Khordha | Rs.1937697/- | As per DTCN | "D" & "C" | 6000/- | 06 (Six) | 01.05.2023 at 11 A.M. |
| 2 | Construction of Two nos. Additional Class rooms at Bhagabat Dev Govt. High School, Jankia, Khordha | Rs.1946489/- | | "D" & "C" | 6000/- | 06 (Six) | |
| 3 | Construction of One no. Additional Class room at Govt. Primary School. Bagheitangi, Khordha | Rs.963521/- | | "D" & "C" | 4000/- | 06 (Six) | |

The Bidders have to participate in ONLINE bidding only. Further details can be seen from the website https://tendersodisha.qov.in. Any corrigendum / Addendum will be displayed in the said website. The date & time of bid documents available in website & receipt online from 3.00 P.M. of 19/04/2023 to 5.00 P.M of 29/04/2023. The last date for any clarification will be as on 5.00 P.M of 27/04/2023.

Sd./- Block Development Officer, Khordha Block
OIPR-19215/11/0004/2324



GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, BALASORE
Phone : 9437086137, e-mail-eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Bid Identification No.EEPHBLS-02 of 2023-24, dt.11.04.2023

**No.C-74:**The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid System in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price Bid |
|---|---|---|---|---|---|---|---|---|
| | | | | | From | To | | |
| 1 | Construction of P.H. Section office and store at newly created Dhamnagar N.A.C | EEPHBLS-02 dt.11.04.2023 | 31.00 | 04 (Four) Calendar Month | 11.00 Hrs. of dt.18.04.2023 | 17.00 Hrs. of dt.03.05.2023 | 17.00 Hrs. of dt.27.04.2023 | 11.00 Hrs. of dt.04.05.2023 |

**The bidders shall have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.**

**Name and Address of the Officer Inviting Bid: The Executive Engineer, P.H. Division, Balasore At-Samalpur, Post-Balia, Dist-Balasore, Pin-756056, Odisha, Phone:9437086137**

OIPR-13053/11/0002/2324 Sd./- Executive Engineer, P.H. Division,Balasore



Government Of Odisha No.i-65:
OFFICE OF THE PANCHAYAT SAMITI, LOISINGHA
INVITATION FOR BIDS (IFB)
Detail Tender Call Notice No.01/Loisingha/2023-24
E-mail ID:ori-loisingha@nic.in

| Sl. No. | Name of Work | Approximate value of work | Class of Contractor | Concerned office with head qrs. | Security E.M.D. (Rs.) | Tender Paper Cost (Rs.) | Period of Completion |
|---|---|---|---|---|---|---|---|
| 1 | Construction of Day Care Sub Centre Building at Hirapur under Loisingha Block of Balangir Dist. (Civil. El, PH) (Composite Tender) | Civil -Rs 32.41.033/- El - Rs 2,28.398/- PH-Rs 3.79.596/- **Total Rs.38.49.027/-** | "C" Class & "B" Class | Panchayat Samiti, Loisingha | 39,000/- | 6,000/- | 6 (Six) Calendar Months |
| 2 | Construction of Day Care Sub Centre Building at Kutenpali (Pandrani) under Loisingha Block of Balangir Dist. (Civil, El. PH) (Composite Tender) | Civil-Rs 32,41.245/- El- Rs.2.28.398/- PH - Rs 3.79.705/- **Total Rs.38,49,348/-** | "C" Class & "B" Class | Panchayat Samiti, Loisingha | 39,000/- | 6,000/- | 6 (Six) Calendar Months |
| 3 | Construction of Day Care Sub Centre Building at Uperbahal under Loisingha Block of Balangir Dist (Civil. El. PH) (Composite Tender) | Civil -Rs.32,41,057/- El- Rs2.28.398/- PH - Rs 3 79.971/- **Total Rs.38,49,426/-** | "C" Class & "B" Class | Panchayat Samiti, Loisingha | 39,000/- | 6,000/- | 6 (Six) Calendar Months |

1. The tender Call Notice, DTCN with Tender document can only be downloaded from the District Portal (http://www.balangir.nic.in) from dt dt.20.04.2023 to dt.09.05.2023.
2. The tender document completing in all respect will be received in the Office of the Block Development Officer, Loisingha till dt.09.05.2023 upto 1.00 P.M. through Regd./Speed Post only in Official address of Block Development Officer, Loisingha . The document must be super scribed as "Name of the Work with location.'The tender document received after 1.00 PM of dt.09.05.2023 will not be considered. Incase of any postal delay the authority shall not be held responsible.
3. The Bids will be opened on the Dt. 10.05.2023 at 9.00 AM in the office of the undersigned, in the presence of the members of tender committee of Panchayat Samiti, Loisingha, bidders or their authorized representatives attend at the time of Opening.
4. Further details can be seen from the website portal (http://www.balangir.nic.in)

Sd./- Block Development Officer, Loisingha
OIPR-19245/11/0001/2324



GOVERNMENT OF ODISHA
DEPARTMENT OF AGRICULTURE & FARMERS EMPOWERMENT
DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR
Notice No. DE-AGR-984 / Dated: 12.04.2023

No. L-09: Invitation for Expression of Interest (EoI) for post-delivery inspection of Farm Implements/ Machineries booked and supplied on the eve of "District level mela on Farm Mechanisation" and post mela (from 01.01.2023 to 31.03.2023) for the F.Y. 2022-23 under State Agriculture Policy (Farm Mechanization) in specific districts of Odisha.

Expression of Interest (EoI) is invited in sealed cover from eligible bidders to undertake post delivery inspection of Farm Implements/Machineries booked and supplied on the eve of "District level mela on Farm Mechanisation" and post mela (from 01.01.2023 to 31.03.2023) for the F.Y. 2022-23 under State Agriculture Policy (Farm Mechanization) in specific districts of Odisha. Interested bidders fulfilling the prescribed eligibility criteria can access and download the ToR and other details from the website: **www.odishagov.in / www.agrisnetodisha.in**. The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of ToR | 15.04.2023 |
| 2 | Pre bid discussion at Krushi Bhawan | 25.04.2023 at 3.30 P.M. |
| 3 | Last date for Submission of EoI | 08.05.2023 5.00 P.M. |
| 4 | Date of Opening of Technical Proposal | 09.05.2023 at 11.30 A.M. |

The proposal (EoI) complete in all respects must reach the Development Engineer, OFMRDC, Satyanagar, Bhubaneswar - 751007 by Speed Post/Registered Post/Courier only latest by 08.05.2023 upto 5.00 P.M. in a selaed envelope clearly mentioning on the top of it "EoI-Post Delivery Inspection of Farm Implements/ Machineries booked and supplied on the eve of District level Mela on Farm Mechanisation and Post Mela (from 01.01.2023 to 31.03.2023) for the F.Y. 2022-23 under State Agriculture Policy (Farm Mechanization) in specific districts of Odisha". For any other information relating to the EoI, the designated person can be contacted over Mobile No. 9778312631.

EoI document received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

**Address for Submission of Proposal:**
**Development Engineer, OFMRDC,**
**Satya Nagar, Bhubaneswar - 751007**
**Email: ofmrdc.dag@nic.in/de.ofmrdc21@gmail.com**

Sd./- Director of Agriculture & Food Production
Odisha, Bhubaneswar
OIPR-01051/11/0001/2324


# ଓଡ଼ିଶାର ୩୯ ସହରରେ ଜିଓ ଫାଇବର

**ନୂଆଦିଲ୍ଲୀ,୧୪।୪**

ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଜିଓ ଫାଇବର ବର୍ତ୍ତମାନ ଓଡ଼ିଶାର ୩୯ରୁ ଅଧିକ ସହର ଓ ନଗରରେ ଉପଲବ୍ଧ। ନିକଟରେ ବାରିପଦା, ଉମରକୋଟ୍, ପାରଳାଖେମୁଣ୍ଡି ଓ ସୋନପୁର ଭଳି ସହରର ପ୍ରମୁଖ ଅଞ୍ଚଳରେ ଜିଓ ଫାଇବର ବ୍ରଡ୍‌ବ୍ୟାଣ୍ଡ ସେବାର ଶୁଭାରମ୍ଭ ହୋଇଥିବା ବେଳେ କମ୍ପାନୀ ଅନ୍ୟ ପ୍ରମୁଖ ସହର ଓ ନଗରକୁ ଏହାର ସେବା ଦ୍ରୁତଗତିରେ ସମ୍ପ୍ରସାରଣ କରୁଛି। ଏପରିକି ଜିଓଫାଇବର ସେବା ଭୁବନେଶ୍ୱର, କଟକ, ପୁରୀ, ଜଟଣୀ, ଅନୁଗୋଳ, ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା, ବେଲପାହାଡ଼, ବ୍ରଜରାଜନଗର, ସୁନ୍ଦରଗଡ଼, ବଲାଙ୍ଗୀର, କେନ୍ଦୁଝର, ଭବାନୀପାଟଣା, କୋରାପୁଟ, ରାୟଗଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ରୋଡ୍, ଭଦ୍ରକ, ତାଳଚେର, ଖୋର୍ଦ୍ଧା, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର, ରାଜଗାଙ୍ଗପୁର, ଢେଙ୍କାନାଳ, ସେମିଳିଗୁଡ଼ା, ବରଗଡ଼, ନବରଙ୍ଗପୁର, ଫୁଲବାଣୀ, ଜଳେଶ୍ୱର, ଛତ୍ରପୁର, ଘସିପୁରା, ବଡ଼ବିଲ, ବାରିପଦା, ଉମରକୋଟ, ପାରଳାଖେମୁଣ୍ଡି ଓ ସୋନପୁର ଭଳି ସହରରେ ଉପଲବ୍ଧ। ପୂର୍ବରୁ ଜିଓ ଫାଇବର ଉପଲବ୍ଧ ଥିବା ସହରଗୁଡ଼ିକର ନୂଆ ଅଞ୍ଚଳ ତଥା ସହର ଉପକଣ୍ଠକୁ ସେବାର ବ୍ୟାପକ ଭାବେ ସମ୍ପ୍ରସାରଣ କରାଯାଉଥିବା ବେଳେ ବ୍ୟକ୍ତିଗତ ପରିବାରଠାରୁ ଆରମ୍ଭକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଛୋଟ ବ୍ୟବସାୟ ଓ ବିଭିନ୍ନ କ୍ଷେତ୍ରର ପେସାଦାରମାନଙ୍କ ଭଳି ହଜାର ହଜାର ଗ୍ରାହକଙ୍କ ଆବଶ୍ୟକତା ପୂରଣକରି ସେମାନଙ୍କ ପାଖରେ ଅସୀମିତ ମନୋରଞ୍ଜନ, ଖବର, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ଲାଟ୍‌ଫର୍ମ ପହଞ୍ଚାଇ ସେମାନଙ୍କୁ ସମୃଦ୍ଧ ଅନୁଭୂତି ପ୍ରଦାନ କରୁଛି। ଅପରପକ୍ଷରେ ଜିଓ ପକ୍ଷରୁ ମାସିକ ମାତ୍ର ୧୯୮ ଟଙ୍କାରେ ୧୦ ଏମ୍‌ବିପିଏସ୍‌ର ଅସୀମିତ ହୋମ୍ ବ୍ରଡ୍‌ବ୍ୟାଣ୍ଡ ସହ ନୂଆ ବ୍ରଡ୍‌ବ୍ୟାଣ୍ଡ 'ବ୍ୟାକ୍-ଅପ୍ ପ୍ଲାନ୍' ସମ୍ପର୍କରେ ଘୋଷଣା କରାଯାଇଛି।


OFFICE OF THE D.G. & I.G. OF POLICE, ODISHA, CUTTACK
RFP No.: RFP-02-PMUSD Dtd.15.04.2023

No. D-14: Online Bids through e-Tender Portal **https://tendersodisha.gov.in** are invited from the eligible consulting firms for setting up of Project Management Unit for Strategic Development of Odisha Police during the Current Financial year, 2023-24 as per the particulars mentioned below.

| Sl. No. | Particulars | Details |
|---|---|---|
| 1. | Date of Issue of RFP | 15.04.2023 |
| 2. | Deadline for Submission of Pre-Proposal/Pre-Bid Queries | 21.04.2023 |
| 3. | Issue of Pre-proposal Clarifications | 26.04.2023 |
| 4. | Proposal Due Date | 16.05.2023 till 5 P.M. |
| 5. | Date of Opening of Pre-Qualification Proposal | 17.05.2023 3 P.M. |
| 6. | Date of Opening of Technical Proposal | To be informed later |
| 7. | Date of Presentation | To be informed later |
| 8. | Date of Opening of Financial Proposal | To be informed technically qualified bidders |
| 9. | Pre-Proposal Meeting | A pre-proposal meeting will be held on 25.04.2023 3 P.M. (Online Link shall be shared based on the request receive from bidder on **aig-prov.odpol@gov.in** before 15.00 hours, 21.04.2023 |

The bid document with all information relating to the bidding process including cost of bid document, Pre-qualification criteria and terms & conditions are available in the websites: **www.odishapolice.gov.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12139/11/0002/2324



OFFICE OF THE D.G. & I.G. OF POLICE, ODISHA, CUTTACK
RFP No.: RFP-01-CB-OPSC&IC Dtd.15.04.2023

No. D-14: Online Bids through e-Tender Portal **https://tendersodisha.gov.in** are invited from the eligible consulting firms for setting up of Odisha Police Strategic Communication and Information Cell for Odisha Police during the Current Financial year, 2023-24 as per the particulars mentioned below.

| Sl. No. | Particulars | Details |
|---|---|---|
| 1. | Date of Issue of RFP | 15.04.2023 |
| 2. | Deadline for Submission of Pre-Proposal/Pre-Bid Queries | 21.04.2023 |
| 3. | Issue of Pre-bid Clarifications | 27.04.2023 |
| 4. | Proposal Due Date | 17.05.2023 till 5 P.M. |
| 5. | Date of Opening of Pre-Qualification Proposal | 18.05.2023 3 P.M. |
| 6. | Date of Opening of Technical Proposal | To be informed later |
| 7. | Date of Presentation | To be informed later |
| 8. | Date of Opening of Financial Proposal | To be informed technically qualified after bidders |
| 9. | Pre-Bid Meeting | To be informed later |
| 10. | Tentativeness of Schedule | A pre-proposal meeting will be held on 26.04.2023 3 P.M. (Online Link shall be shared based on the request receive from bidder on **aig-prov.odpol@gov.in** before 15.00 hours, 21.04.2023 |

The bid document with all information relating to the bidding process including cost of bid document, Pre-qualification criteria and terms & conditions are available in the websites: **www.odishapolice.gov.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12139/11/0001/2324

# ଗୁମ୍ଫାରେ ୫୦ ବର୍ଷୀୟାଙ୍କ ୫୦୦ ଦିନ

ମାଡ୍ରିଡ୍



ଆଦିମାନବ ଗୁମ୍ଫାରେ ରହୁଥିଲା। ଜଙ୍ଗଲରେ ଶିକାର କରି ଓ ଗଛରୁ ଫଳ ସଂଗ୍ରହ କରି ଖାଉଥିଲା। କ୍ରମବିକାଶ ଫଳରେ ଆଦିମ ମଣିଷ ଘର ତିଆରି କଲା। ଖାଦ୍ୟ ରୋଷେଇ କରିବା ଶିଖିଲା। ବର୍ତ୍ତମାନର ଆଧୁନିକ ମଣିଷ ଆଦିମାନବଙ୍କ ପରି ଗୁମ୍ଫାରେ ରହିପାରିବେ ନା ନାହିଁ ସେ ବିଷୟରେ ସ୍ପେନ୍‌ର ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ଏ ନେଇ ସ୍ପେନ୍‌ର ଆଥ୍‌ଲେଟ୍ ବିଟ୍ରିଜ୍ ଫ୍ଲାମିନିଙ୍କୁ ସ୍ପେନ୍‌ର ଗ୍ରାନାଡାରେ ଥିବା ଏକ ଗୁମ୍ଫାରେ ୫୦୦ ଦିନ ବିତାଇବାକୁ ପଡ଼ିଛି। ୭୦ ମିଟର ଗଭୀର ଗୁମ୍ଫାରେ ବିଟ୍ରିଜ୍ ଏକୁଟିଆ ରହିବା ପରେ ଏବେ ଫେରିଛନ୍ତି। ବିଟ୍ରିଜ୍ ଜଣେ ପର୍ବତାରୋହୀ।

ଗୁମ୍ଫାକୁ ଯିବା ସମୟରେ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ଏବେ ବିଟ୍ରିଜ୍‌ଙ୍କ ବୟସ ୫୦ ବର୍ଷ। ବିଟ୍ରିଜ୍ ଗୁମ୍ଫାରେ ୨ ଥର ନିଜ ଜନ୍ମଦିନ ପାଳନ କରିଛନ୍ତି। ସାରା ବିଶ୍ୱ ଯେତେବେଳେ କରୋନା ଯୋଗୁ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା ସେହି ସମୟରେ ଅର୍ଥାତ୍ ୨୦୨୧ ନଭେମ୍ବର ୨୦ରେ ବିଟ୍ରିଜ୍ ଗୁମ୍ଫା ଭିତରକୁ ଯାଇଥିଲେ। ପାଖାପାଖି ଦେଢବର୍ଷ ଧରି ବିଟ୍ରିଜ୍ କାହା ସହିତ କଥା ନ ହୋଇ ଗୁମ୍ଫାରେ ରହିଥିଲେ। ତେବେ ସେ ଦେଢ ବର୍ଷ କାଳ ଗାଧୋଇ ନ ଥିବା ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି। ଗୁମ୍ଫାରେ ରହିବା ସମୟରେ ବିଟ୍ରିଜ୍ ଏକ୍ସରସାଇଜ୍ ସାଙ୍ଗକୁ ପେଣ୍ଟିଂ, ଡ୍ରଇଂ ଏବଂ ଉଲ୍‌ରେ ଟୋପି ବୁଣାବୁଣି କରି ନିଜ ସମୟ କାଟୁଥିବା ତାଙ୍କ ସପୋର୍ଟ ଟିମ୍ ସୂଚନା ଦେଇଛି। ଅନ୍ୟପକ୍ଷେ ବିଟ୍ରିଜ୍ ଗୁମ୍ଫାକୁ ୬୦ଟି ପୁସ୍ତକ, ୧,୦୦୦ ଲିଟର ଜଳ ନେଇ ଯାଇଥିଲେ। ଗୁମ୍ଫାରେ ରହିବା ଯୋଗୁ ମଣିଷ ଏବଂ ଏହାର ମସ୍ତିଷ୍କ ପ୍ରାୟତଃ ଶୂନ ପଡ଼ିଯାଏ। କାରଣ ସେଠାରେ ରହିବା ଦ୍ୱାରା ଦିନ, ରାତି ଜାଣି ହୁଏ ନାହିଁ କି ସମୟ କେମିତି ବିତିଯାଏ ତାହା ଜଣା ପଡ଼ି ନ ଥାଏ। ଗୁମ୍ଫାରେ ରହିବା ସମୟରେ ବିଟ୍ରିଜ୍‌ଙ୍କ ପ୍ରତିଟି ଗତି ଉପରେ ମନୋବିଜ୍ଞାନୀ, ଗବେଷକ, ସେଲେଓଲୋଜିଷ୍ଟ (ଗୁମ୍ଫାରେ ରହୁଥିବା ଲୋକଙ୍କ ସମ୍ବନ୍ଧରେ କରୁଥିବା ଅଧ୍ୟୟନ), ଫିଜିଓ ଟ୍ରେନର୍ ନଜର ରଖୁଥିଲେ।

## ଅଣ୍ଡରଗ୍ରାଉଣ୍ଡରେ ୨ ଥର ଜନ୍ମଦିନ ପାଳିଲେ

# କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସନିଙ୍କ 'କେନେଡି'

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସନି ଲେଓନ୍‌ଙ୍କ ଅଭିନୀତ ଫିଲ୍ମ 'କେନେଡି'କୁ ଚଳିତ ବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସ୍କ୍ରିନିଂ ପାଇଁ ଚୟନ କରାଯାଇଛି। ଶୁକ୍ରବାର ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍ ହୋଇଛି। ଏଥିରେ ସନି ଲେଓନ୍ ଏବଂ ରାହୁଲ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। କେନେଡିରେ ସନି ଜଣେ ଧନୀ ମହିଳାଙ୍କ ଚରିତ୍ରରେ ଦେଖିବାକୁ ମିଳିବେ। ଫିଲ୍ମରେ ରାହୁଲଙ୍କ ଭୂମିକା ସ୍ପଷ୍ଟ ହୋଇପାରି ନାହିଁ। କେନେଡିର ଫାଷ୍ଟ ଲୁକ୍ ସୋସିଆଲ ମିଡିଆରେ ଶେୟାର କରାଯାଇଥିବାବେଳେ ୭୬ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାର ପ୍ରିମିୟର ହେବାକୁ ଥିବା କ୍ୟାପ୍ସନ୍‌ରେ କୁହାଯାଇଛି। ଅନୁରାଗ କଶ୍ୟପ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଫାଷ୍ଟଲୁକ୍ ଭିଡିଓକୁ ସନି ପୁଣିଥରେ ଶେୟାର କରିଥିବାବେଳେ କାନ୍ସ ପାଇଁ ସେ ଖୁବ୍ ଏକ୍ସାଇଟେଡ୍ ଥିବା କହିଛନ୍ତି। ଆକ୍ଟର କମ୍ ମଡେଲ ରାହୁଲ ଭଟ୍ଟ ୨୦୦୨ରେ ଫିଲ୍ମ 'ୟେ ମହବତ ହେ' ଜରିଆରେ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ। ଅନେକ ଟେଲି ଧାରାବାହିକରେ ମଧ୍ୟ ତାଙ୍କ ଅଭିନୟ ଦର୍ଶକେ ଦେଖିଛନ୍ତି। ଅନ୍ୟପକ୍ଷେ ଗତବର୍ଷ ମୁକ୍ତିଲାଭ କରିଥିବା ଫିଲ୍ମ 'ଗନି ଭାଇ'ରେ ସନି ଲେଓନ୍‌ଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।



# ଡକ୍ଟରେଟ୍ ପାଇଲେ ମାୟେ ମସ୍କ



ୱାଶିଂଟନ୍

ଟୁଇଟର ମାଲିକ ଏଲନ ମସ୍କଙ୍କ ମା' ମାୟେ ମସ୍କ ୭୪ ବର୍ଷ ବୟସରେ ଡକ୍ଟରେଟ୍ ପାଇଛନ୍ତି। ଦକ୍ଷିଣ ଆଫ୍ରିକାର ୟୁନିଭର୍ସିଟି ଅଫ୍ ଦ ଫ୍ରି ଷ୍ଟେଟ୍ ପକ୍ଷରୁ ମାୟେଙ୍କୁ ନ୍ୟୁଟ୍ରିଶନ୍ ରିସର୍ଚ୍ଚ କ୍ଷେତ୍ରରେ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ମାୟେ ସୋସିଆଲ ମିଡିଆରେ ଏକ ଫଟୋ ଓ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ଲାଲ୍ ରଙ୍ଗର ଗ୍ରାଜୁଏଶନ୍ ରୋବ୍ ପିନ୍ଧିଥିବା ଦେଖାଯାଇଛି। ଏନେଇ ମାୟେଙ୍କ ଦୁଇ ପୁଅ ଏଲନ୍ ଏବଂ କିମ୍ବଲ ମା'ଙ୍କୁ ଶୁଭେଚ୍ଛା ଜଣାଇଛନ୍ତ।

# ଇ-ମେଲ୍‌ରେ ବିବାହ ବିଚ୍ଛେଦ



**ୱାଶିଂଟନ୍:** ଆମେରିକୀୟ ବ୍ୟବସାୟୀ ରୁପର୍ଟ ମୁର୍ଡୋକ୍ ସ୍ତ୍ରୀ ଜେରୀ ହାଲ୍‌ଙ୍କ ସହ ବିବାହ ସମ୍ପର୍କ ଛିନ୍ନ କରିଛନ୍ତି। ରୁପର୍ଟ ଜେରୀଙ୍କୁ ୧୧ଟି ଶବ୍ଦରେ ଏକ ଇ-ମେଲ୍ ପଠାଇ ବିବାହ ବିଚ୍ଛେଦର ସୂଚନା ଦେଇଥିବାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ୨୦୧୬ରେ ରୁପର୍ଟ ଜେରୀଙ୍କୁ ବିବାହ କରିଥିଲେ। ଫୋକ୍ସ ନ୍ୟୁଜ୍ କର୍ପୋରେଶନ୍‌ର ଅଧ୍ୟକ୍ଷ ୯୨ ବର୍ଷୀୟ ରୁପର୍ଟଙ୍କର ଏହା ଥିଲା ଚତୁର୍ଥ ବିବାହ। ପ୍ରକାଶିତ ରିପୋର୍ଟ ଅନୁସାରେ ରୁପର୍ଟ ଜେରୀଙ୍କୁ ପଠାଇଥିବା ଇମେଲ୍‌ରେ ସେ ଲେଖିଥିଲେ ଯେ, ଜେରୀ, ମୁଁ ଆମ ବିବାହ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛି। ଏକାଠି ଆମେ ଖୁବ୍ ଭଲ ସମୟ ବିତାଇଛେ, କିନ୍ତୁ ଏବେ ମୋତେ ବହୁତ କିଛି କରିବାକୁ ଅଛି। ରୁପର୍ଟଙ୍କ ଓକିଲ ଜେରୀଙ୍କୁ ତୁରନ୍ତ ଯୋଗାଯୋଗ କରିବେ ବୋଲି ସେ କହିଥିଲେ। ରୁପର୍ଟ ଏବେ ଆନ୍ ଲେସ୍‌ଲି ସ୍ମିଥଙ୍କ ସହ ଛୁଟି କାଟୁଥିବାର ଦେଖାଯାଇଛି। ଗତ ମାର୍ଚ୍ଚ ୧୭ରେ ସେ ଆନ୍‌ଙ୍କୁ ପ୍ରୋପୋଜ୍ କରିଥିଲେ।

## ଖେଳ ଖବର

# 'ଓଡ଼ିଶାରେ ଶୁଟିଂର ବିକାଶ ପାଇଁ ପଦକ୍ଷେପ ନିଆଯିବ'

ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)

### ଜାତୀୟ ରାଇଫଲ ସଂଘ ସଭାପତି କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧନା




କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ରାଜ୍ୟ ରାଇଫଲ ଆସୋସିଏଶନ କର୍ମକର୍ତ୍ତା ଓ ଅନ୍ୟମାନେ।

ପ୍ରଥମ ଓଡ଼ିଆ ଭାବେ ଜାତୀୟ ରାଇଫଲ ସଂଘ (ଏନ୍‌ଆରଏଆଇ)ର ସଭାପତି ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ। ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ପରିସରରେ କଳିକେଶଙ୍କୁ ରାଜ୍ୟ ରାଇଫଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କଳିକେଶ କହିଛନ୍ତି ଯେ "ଓଡ଼ିଶାରେ ଶୁଟିଂର ବିକାଶ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଜିଲା ଏବଂ ରାଜ୍ୟ ସ୍ତରରେ ପ୍ରତିଯୋଗିତାମାନ ଆୟୋଜନ ଉପରେ ଗୁରୁତ୍ୱ ଦିଆଯିବ। ଏହାବ୍ୟତୀତ ଭାରତରେ ୫୦୦ କୋଚ୍ ସୃଷ୍ଟି କରାଯିବ। ଏହାଦ୍ୱାରା ପିଲାମାନେ ଟ୍ରେନିଂ ପାଇବା ସହଜ ହେବ"।

ଅନ୍ୟପକ୍ଷରେ ପୂର୍ବରୁ ଜାତୀୟ ସଂଘର ବରିଷ୍ଠ ଉପସଭାପତି ଥିବା କଳିକେଶ ସଭାପତି ହେବା ପରେ ଓଡ଼ିଶା ରାଇଫଲ ସଂଘରେ ଉତ୍ସାହ ପରିଲକ୍ଷିତ ହୋଇଛି। ଓଡ଼ିଶା ରାଇଫଲ ସଂଘର ନିଜସ୍ୱ ଟ୍ରାପ୍ ଶୁଟିଂ ରେଞ୍ଜ୍ ନାହିଁ। ଏବେ କଳିକେଶଙ୍କ ସହାୟତାରେ ଏହା ପ୍ରତିଷ୍ଠା ହୋଇପାରିବ ବୋଲି ରାଜ୍ୟ ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଏହା ହେଲେ ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହୋଇପାରିବେ। ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ, ସହସମ୍ପାଦକ ଆଶିଷ ନାୟକ, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଦେବାଶିଷ ଭଟ୍ଟାଚାର୍ଯ୍ୟ, ତାଳଚେର ରାଇଫଲ କ୍ଲବର ଶରତ ଚନ୍ଦ୍ର ଦେବ, କଟକ ରାଇଫଲ କ୍ଲବର ଅଶୋକ କୁମାର ସ୍ୱାଇଁ, ଉପସଭାପତି ରୋମିଓ ନନ୍ଦ, ଗନ୍ ଫର୍ ଗ୍ଲୋରି (ଜିଏଫ୍‌ଜି)ର ସୋନି ପଣ୍ଡାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମୁସେଟିଙ୍କଠାରୁ ହାରି ଜୋକୋଭିଚ୍‌ଙ୍କ ବିଦାୟ

**ମୋନାକୋ, ୧୪।୪ (ଏପି):** ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାରେ କ୍ରମାଗତ ତୃତୀୟ ବର୍ଷ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍। ଇଟାଲିର ଲୋରେଞ୍ଜୋ ମୁସେଟିଙ୍କଠାରୁ ସେ ୪-୬, ୭-୫, ୬-୪ ସେଟ୍‌ରେ ହାରିଯାଇଛନ୍ତି। ଦୁଇଥର ମଣ୍ଟେ କାର୍ଲୋ ଚାମ୍ପିୟନ ଜୋକୋଭିଚ୍ ଗତବର୍ଷ ତାଙ୍କ ଓପନିଂ ମ୍ୟାଚରେ ପରାସ୍ତ ହୋଇଥିଲେ। ୨୦୨୧ରେ ସେ ଟୁର୍ନାମେଣ୍ଟରୁ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ଆଗାମୀ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଲାଗି ଜୋକୋଭିଚ୍ ନିଜକୁ ପ୍ରସ୍ତୁତ କରୁଛନ୍ତି। ଆସନ୍ତା ସପ୍ତାହରେ ସେ ବୋସନିଆ-ହର୍ଜଗୋଭିନାଠାରେ ସର୍ପସ୍କା ଓପନ୍ ଟେନିସ ଟୁର୍ନାମେଣ୍ଟ ଖେଳିବେ।

# ଅନ୍‌ଲାଇନ ବେଟିଂ ବିଜ୍ଞାପନରେ ମ୍ୟାକ୍‌କୁଲମ

ଲଣ୍ଡନ, ୧୪।୪ (ପି.ଟି.)




ଇଂଲଣ୍ଡ ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କୁ ଅନ୍‌ଲାଇନ ବେଟିଂ ବିଜ୍ଞାପନରେ ଦେଖିବାକୁ ମିଳିବା ପରେ ସେ ଅଡୁଆରେ ପଡ଼ିଛନ୍ତି। ସେ ଦୁର୍ନୀତି ନିରୋଧୀ ନିୟମର ଉଲ୍ଲଂଘନ କରିଛନ୍ତି କି ନା ତାହା ଯାଞ୍ଚ କରି ଦେଖୁଛି ଦେଶର କ୍ରିକେଟ ବୋର୍ଡ ଇସିବି (ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ)। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଗତ ଜାନୁୟାରୀରେ '୨୨ ବେଟ୍' ନାମକ ଏକ ବେଟିଂ ସଂଗଠନରେ ଜଣେ ଆମ୍ବାସାଡର ଭାବେ ଯୋଗ ଦେଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୨୨ବେଟ୍ସର ମାର୍କେଟ ପ୍ରମୋଟ କରିବା ଲାଗି ସେ ଏକ ଭିଡିଓ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ବ୍ରେଣ୍ଡନଙ୍କର ୨୨ ବେଟ୍ ସହ କି ସମ୍ପର୍କ ରହିଛି ସେ ସମ୍ପର୍କରେ ତାଙ୍କ ସହିତ ଆଲୋଚନା ଚାଲିଛି। ତେବେ ତାଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇ ନ ଥିବା ଇସିବି କହିଛି। ନ୍ୟୁଜିଲାଣ୍ଡର ପ୍ରୋବ୍ଲେମ ଗ୍ୟାମ୍ବଲିଂ ଫାଉଣ୍ଡେଶନ ବିବାଦୀୟ ବିଜ୍ଞାପନଟି ସମ୍ପର୍କରେ ଇସିବି ନିକଟରେ ଅଭିଯୋଗ କରିଥିଲା। ସୂଚନାଯୋଗ୍ୟ, ବ୍ରେଣ୍ଡନ ଗତ ଗ୍ରୀଷ୍ମଋତୁରେ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ଗତ ୧୨ଟି ଟେଷ୍ଟ ମଧ୍ୟରୁ ୧୦ଟିରେ ବିଜୟ ଲାଭ କରିପାରିଛି।

# ଆସନ୍ତାବର୍ଷ ବଡ଼ ଆକାରରେ ହେବ ଡବ୍ଲ୍ୟୁପିଏଲ

ମୁମ୍ବାଇ, ୧୪।୪ (ପି.ଟି.)

ଆସନ୍ତାବର୍ଷ ହୋମ୍-ଆୱେ ଫର୍ମାଟ ସହ ବଡ଼ ଆକାରରେ ହେବ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)। ସମ୍ଭବତଃ ଏହା ଫେବୃୟାରୀରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସୂତ୍ରରୁ ଜଣାପଡ଼ିଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣ ମୁମ୍ବାଇର ଦୁଇଟି ଭେନ୍ୟୁରେ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ଖେଳାଯାଇଥିଲା। ଚଳିତ ମାସ ପ୍ରାରମ୍ଭରେ ଆଇପିଏଲ ଚେୟାରମ୍ୟାନ ଅରୁଣ ଧୁମାଲ ସୂଚନା ଦେଇଥିଲେ ଯେ, ଡବ୍ଲ୍ୟୁପିଏଲ୍‌ର ଆସନ୍ତା ୩ ସିଜନ ୫ଟି ଦଳକୁ ନେଇ ଖେଳାଯିବ। ଅଧିକ ପ୍ରଶଂସକ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ହୋମ୍-ଆୱେ ଫର୍ମାଟରେ ଖେଳାଯିବ। ଯେଉଁ ସହର ନାମରେ ଫ୍ରାଞ୍ଚାଇଜ ନାହିଁ, ଯଥା ଇନ୍ଦୋର ଭଳି ଟିଅର-୨ ସହରରେ ଆୟୋଜନ ସହଜ ହେବ ନାହିଁ।

**ଇଣ୍ଡୋ-ପାକ୍ ବିଶ୍ୱକପ୍ ଭେନ୍ୟୁ ଓ ଏସିଆ କପ୍ ସମ୍ପର୍କରେ ଆଲୋଚନା ଜାରି**

ଏସିଆ କପ୍ ୨୦୨୩ରେ ଭାରତର ଅଂଶଗ୍ରହଣ ସମେତ ବିଶ୍ୱକପ୍ ବେଳେ ଭାରତରେ ପାକିସ୍ତାନ ମ୍ୟାଚକୁ ନେଇ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଅପେକ୍ଷା କରିବ ବିସିସିଆଇ। ଖବର ଅନୁସାରେ ସମସ୍ତ ସଦସ୍ୟ, ଏହି ପ୍ରସଙ୍ଗରେ ଆଲୋଚନା ଚଳାଇଛନ୍ତି। ଏହା ସରିବା ପରେ ସ୍ପଷ୍ଟଚିତ୍ର ମିଳିଯିବ। ପୂର୍ବରୁ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ପାକିସ୍ତାନ ଯଥାସମ୍ଭବ ସେମାନଙ୍କର ବିଶ୍ୱକପ୍ ମ୍ୟାଚଗୁଡ଼ିକ ଚେନ୍ନାଇ ଓ କୋଲକାତାରେ ଖେଳିପାରନ୍ତି। କାରଣ ପୂର୍ବ ଟୁର୍‌ଗୁଡ଼ିକରେ ସେମାନେ ଏହି ଦୁଇଟି ଭେନ୍ୟୁରେ ଖେଳିବା ଲାଗି ନିଜକୁ ସୁରକ୍ଷିତ ମନେକରିଥିଲେ।

**ଆଫଗାନିସ୍ତାନ ସିରିଜ ପୂର୍ବରୁ ସିଲେକ୍ସନ କମିଟି ଚେୟାରମ୍ୟାନ ଘୋଷଣା**

ଜୁନ୍‌ରେ ଦି ଓଭାଲଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପୂର୍ବରୁ ଆଫଗାନିସ୍ତାନ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯିବ। ଏଥିପାଇଁ ଭାରତୀୟ ଦଳ ଘୋଷଣା ପାଇଁ ସିଲେକ୍ସନ କମିଟି ଚେୟାରମ୍ୟାନ ବଛା ସରିଥିବ ବୋଲି ବିସିସିଆଇ ଆଶା ପ୍ରକାଶ କରି କହିଛି। ଗତ ଫେବୃୟାରୀରେ ଚେତନ ଶର୍ମାଙ୍କ ଇସ୍ତଫା ପରେ ଏହି ପଦବୀ ଖାଲିପଡ଼ିଥିଲା। ଏହି ପଦବୀ ସାଧାରଣତଃ ବରିଷ୍ଠତା ଭିତ୍ତିରେ ପୂରଣ କରାଯାଇଥାଏ। ଶର୍ମାଙ୍କ ଇସ୍ତଫା ପରେ ବର୍ତ୍ତମାନ ଏହି ପଦବୀରେ ଭାରତର ପୂର୍ବତନ ଓପନିଂ ବ୍ୟାଟର ଶିବ ସୁନ୍ଦର ଦାସ ଚେୟାରମ୍ୟାନ ପଦବୀରେ ଅସ୍ଥାୟୀ ଦାୟିତ୍ୱରେ ଅଛନ୍ତି।

**ବିଶ୍ୱକପ୍ ବେଳକୁ ଫିଟ୍ ହୋଇଯାଇଥିବେ ବୁମ୍‌ରା**

ପିଠିରେ ଇଞ୍ଜୁରି ଯୋଗୁ ବର୍ତ୍ତମାନ ଖେଳରୁ ଦୂରେଇ ରହିଥିବା ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ବିଶ୍ୱକପ୍ ୨୦୨୩ ବେଳକୁ ଠିକ୍ ହୋଇଯାଇଥିବେ ବୋଲି ବିସିସିଆଇ ଦୃଢ ନିଶ୍ଚିତ ଅଛି। ଭାରତ ଏହି ୫୦ଓଭର ଟୁର୍ନାମେଣ୍ଟ ଚଳିତବର୍ଷ ପରବର୍ତ୍ତୀ ଭାଗ ଅକ୍ଟୋବର-ନଭେମ୍ବରରେ ଆୟୋଜନ କରିବ। କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଖବର ଅନୁସାରେ ସାଉଦି ଆରବରେ ପ୍ରସ୍ତାବିତ ଟି୨୦ ଲିଗ୍ ସମେତ ସମଗ୍ର ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି୨୦ ଲିଗ୍‌ରେ ଭାରତୀୟ ଖେଳାଳିଙ୍କୁ ଅନୁମତି ନ ଦେବା ଲାଗି ରହିଥିବା ନିୟମରେ ବିସିସିଆଇ ପରିବର୍ତ୍ତନ କରିବ ନାହିଁ। କିନ୍ତୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସାଉଥ ଆଫ୍ରିକା ୨୦ ଏବଂ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ ଭଳି ଅନ୍ୟ ପ୍ରତିଯୋଗିତାରେ ସେମାନଙ୍କ ଉପସ୍ଥିତି ଜାହିର କରିପାରିବେ। ଖବର ଅନୁସାରେ ଦକ୍ଷିଣ ଆଫ୍ରିକାରେ ପରବର୍ତ୍ତୀ ବୈଠକରେ ଆଇସିସି ରେଭିନ୍ୟୁ ମଡେଲ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ହେଲେ ଏଥିଲାଗି ଦିନ ଧାର୍ଯ୍ୟ କରାଯାଇ ନାହିଁ।

# ଆଜିଠୁ ରସୁଲଗଡ଼ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୮ମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବ। ଜିଜିପି ପଡ଼ିଆରେ ପ୍ରତିଯୋଗିତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିବେ। ଶୁକ୍ରବାର ୫ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଦୁର୍ଗା ଏକାଦଶ ପକ୍ଷରୁ ମନୋରଞ୍ଜନ ଜୟସିଂ, ବ୍ରହ୍ମେଶ୍ୱର ଏକାଦଶର ରଜତ ଜଗଦେବ, ମା' କୋଟିଲେଇ ଏକାଦଶର ତୋଫାନ ରାଉତ, ମା' ତାରିଣୀ ଏକାଦଶର ଦେବାଶିଷ ଜେନା ଏବଂ ଗୋପୀନାଥ ଦେବ ଏକାଦଶ ପକ୍ଷରୁ ପାର୍ଥ ରାଉତରାୟ ଉପସ୍ଥିତ ଥିଲେ।




ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚନ ଅବସରରେ ୫ ଦଳର ପ୍ରତିନିଧି।

# ମାଧବୀ

## ଗଳ୍ପ

### ପ୍ରତାପ ବିଶ୍ୱାଳ

ଜୀବନର ପାନ୍ଥଶାଳାରେ ଅନେକ ଦିନ, ତାରିଖ, ମାସ, ବର୍ଷର ସଶବ୍ଦ ପଦଧ୍ୱନି ଲାଗିରହିଥାଏ। ଅନେକ ଏମିତି ଦିନ, ତାରିଖ, ମାସ, ବର୍ଷ ଉଡ଼ାଚଢ଼େଇ ପରି ଆସନ୍ତି, ଆସି ବସିଯାଆନ୍ତି ଜୀବନର ପାନ୍ଥଶାଳାରେ ; ପୁଣି ଉଡ଼ିଯାଆନ୍ତି କିଛି ବି ନ କହି। କିନ୍ତୁ ବେଳେବେଳେ ସେମିତି ଗୋଟାଏ ଦିନ, ତାରିଖ, ମାସ, ବର୍ଷରେ ପକ୍ଷୀଟିଏ ଆସେ ପାନ୍ଥଶାଳାକୁ। ହୃଦୟ କାନ୍ଥରେ ବସି ଗାଇଯାଏ ସ୍ନେହ, ପ୍ରେମର ଗୀତ ଦୁଇ ପଦ, ଲେଖି ଦେଇଯାଏ କବିତା ଦୁଇଧାଡ଼ି।

ଆଜି ୨୦୨୩ର ଜାନୁୟାରୀ ମାସ ୧୯ ତାରିଖ ଗୁରୁବାର। ଚତୁର୍ଦ୍ଧାମୂର୍ତ୍ତି ଦର୍ଶନକୁ ପୁରୀ ଯିବା ବାଟରେ ଗୋଟେ ଅହେତୁକ ଆବେଗ ଟାଣିନେଲା ମୋତେ କୋଣାର୍କ ମନ୍ଦିର ଭିତରକୁ। ଦେଖିବାକୁ ଆଳସ୍ୟମୟୀ, ଲାବଣ୍ୟମୟୀ, ବିମୁଗ୍ଧା ରମଣୀଙ୍କ ବିମୁଗ୍ଧ ଚାହାଣିକୁ, ଯେଉଁଠି ବସନ୍ତ ହାଇ ମାରୁଥିଲେ ବି କୋଇଲି ଚୁପ୍ ଥିଲା। ଭଗ୍ନ କୋଣାର୍କରେ ଗୋଟାଏ ପ୍ରେମ, ବିରହର କ୍ରନ୍ଦନରୋଳ ଶୁଭୁଥିଲା। ତନ୍ନ ତନ୍ନ ଭାବେ ଦୃଷ୍ଟି ନିକ୍ଷେପି ଆଗଉଥିଲି ମୁଁ। ହଠାତ୍ କିଏ ଜଣେ ପଛରୁ କହିଲା ପରି ଶୁଭିଲା: ଚାଲିଯିବେ ? ଦୁଃଖଦ ଥିଲା ସେ ସ୍ୱର।

ପଛକୁ ଦୁଇପାଦ ଫେରିଆସି ଅବିଶ୍ୱସନୀୟ ଭାବେ ପଚାରିଲି: ମୋତେ ?

ଚିହ୍ନିପାରୁନ ମୋତେ ?

ଚାହିଁଲି ସେ ଅପରୂପା ଲାବଣ୍ୟମୟୀଙ୍କୁ, ମନେପକାଇଲି। ମନେପଡୁ ନ ଥିଲା, କହିଲି: ନା– ମନେପଡୁନି।

ମୁଁ ବହୁବର୍ଷ ତଳେ ତୁମ କଳାକାରିଗରି ହାତରେ ତିଆରି ସେଇ ମୂର୍ତ୍ତି ମାଧବୀ।

ମାଧବୀ। ନା, କେଉଁ ମାଧବୀ ମୋର କାହିଁ ମନେପଡୁନାହିଁ, ନ କହି ଚୁପ୍ ହୋଇ ପୁଣି ଥରେ ତା'ଆଡ଼କୁ ଚାହିଁଲି।

ଏ କ'ଣ, ଏଇ ବର୍ତ୍ତମାନ ଦେଖିଥିବା ସେ ହସ ହସ ମୁହଁଟା ବଦଳିଗଲା କେମିତି। ବିଷାଦଭରା ମଳିନ ମୁଖ। ଛଳଛଳ ଆଖି। ମୁଁ କିଛି କହିବା ପୂର୍ବରୁ ସେ କହିଲା: ମନେ ପଡ଼ିବନି ତୁମର ଆଜି, ଏଇ କୋଣାର୍କ ଗଢ଼ାହେଲାବେଳେ, ତୁମେ ବି ବାରଶହ ବଢ଼େଇଙ୍କ ସହ ସେତେବେଳେ ଏହାକୁ ଗଢ଼ିବାକୁ ଆସିଥିଲ। ତାରି ଭିତରେ ମୋର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ତୁମ ମନରେ ମୋର ମୃତ୍ୟୁ ହୋଇ ନ ଥିଲା। ତୁମ ପାଖରେ ମୁଁ ଜୀବିତ ଥିଲି। ତୁମେ ମୋ ରୂପକୁ ଏହି ପାଷାଣରେ ଫୁଟାଇଥିଲ। ରାତିହେଲେ ଚୁପ୍ ଚୁପ୍ ଆସି ମୋ ସାଙ୍ଗରେ ଏକାନ୍ତରେ କଥା ହେଉଥିଲ। ମନେପଡୁଛି ?

କହିଲି: ନା।

ମନେ ନ ଥିବ ଆଉ ତୁମର। କେତେଶହ ବର୍ଷ ତଳର ଏ କଥା। ତୁମେ କେତେଥର ଏହା ଭିତରେ ଜନ୍ମ ନେଇସାରିଥିବ। ମୁଁ କିନ୍ତୁ ଏ ପର୍ଯ୍ୟନ୍ତ ସେଇ ଗୋଟିଏ ଜନ୍ମରେ ଅଛି। ତୁମ ଆସିବା ବାଟକୁ ଚାହିଁ ରହିଛି। ଏଠାକୁ ଆସୁଥିବା ସବୁ ଲୋକଙ୍କ ଭିତରେ ତୁମକୁ ଖୋଜୁଛି। ମୋ ଭାଗ୍ୟ ଆଜି ତୁମକୁ ପାଇଗଲି।

ମୁଁ ଆଶ୍ଚର୍ଯ୍ୟ ହେଲି, ବିଭୋର ବି ହେଲି ତା' କଥାଶୁଣି। ପୁଣିଥରେ ମନେ ପକାଇବାକୁ ଚେଷ୍ଟା କରୁଥିଲି ଏତେ ବର୍ଷର ଅତୀତକୁ, ଜାତିସ୍ମର ହେବାକୁ, କିନ୍ତୁ କିଛି ବି ମନେ ପଡୁ ନ ଥିଲା।

ସେ କହିଲା... ଛାଡ଼ ପୂର୍ବଜନ୍ମକୁ ଭୁଲିଯିବାଟା ଇଏ ତ କାଳିଆର ଲୀଳା। ଆସିଲ ଆଜି, ଆଖି ପୂରାଇ ଦେଖିଲି ଟିକେ ତୁମକୁ, କେତେ ବର୍ଷର ପ୍ରତୀକ୍ଷା, ଆଜି ମୋର ସଫଳ ହେଲା, ଭାରି ଉଶ୍ୱାସ ଲାଗୁଛି ମୋତେ।

ଗୋଟାଏ ଦୀର୍ଘଶ୍ୱାସ ମୋ ଛାତି ଥରାଇ ବାହାରି ଆସିଲା, କିଛି ବି ଉତ୍ତର ନ ଥିଲା ମୋ ପାଖରେ।

ଏଠିକୁ ଆସିଥିଲ ନା ପୁରୀ ଯିବ ?

: ପୁରୀ ଯିବି। ଅନେକ ଥର ଇଚ୍ଛା କରି ବି ଆସିପାରି ନ ଥିଲି। ଆଜି କାହିଁ ମନ ହେଲା ଚାଲିଆସିଲି।

: ଭଲକଲ। ମୁଁ ଏଥର ଟିକେ ଶାନ୍ତିରେ ମରିପାରିବି। ଅବସୋସ ନ ଥିବ। ଅନୁଚିନ୍ତା ନ ଥିବ ଆଉ ଏ ଭଗ୍ନ ହୃଦୟରେ ତୁମକୁ ଟିକେ ଦେଖିବା ପାଇଁ। ପୁରୀରୁ ଫେରିଲାବେଳେ ଆସିବ ଏ ବାଟେ ?

: ନା, ସେପଟେ ଯିବି, କଟକ ବାଟେ।

ସେ ମଉନ ରହିଗଲା। ଦେଖିଲି ଆଖି ତା'ର ଲୁହରେ ଛଳଛଳ। ମୁଁ ବି ଭାଷାହୀନ। କିଛି ସମୟ ପରେ କହିଲି ଗୋଟେ କଥା କହିବି ?

କୁହ, ଅନୁମତି କ'ଣ ମାଗୁଛ ?

ତୁମକୁ ତ ଏଠୁ ନେଇପାରିବିନି, ଗୋଟେ ଫଟୋ ନେବି ତୁମର।

: ଏଥିପାଇଁ ଅନୁମତି, ମୁଁ ବି ତୁମ ସାଥିରେ ଯିବି। ତୁମର ମନେ ନ ଥିବ ଅନେକଥର ମୁଁ କହିଥିଲି ଥରେ ଚାଲ ସାଙ୍ଗ ହୋଇ କାଳିଆକୁ ଦର୍ଶନ ପାଇଁ ଯିବା। ସେ ଜନ୍ମରେ ତ ହୋଇପାରି ନ ଥିଲା, ଆଜି ସେ ସମୟ ଆସିଛି। ମନା କରନି।

: କିନ୍ତୁ ତୁମେ ମୋ ସାଥିରେ ଯିବ କେମିତି ?

ତୁମେ ସେ ବିଷୟରେ ଚିନ୍ତା କରନା। ମୋତେ ନ ଦେଖିଲେ ବି ଅନୁଭବ କରିପାରିବ ମୁଁ ତୁମ ସହ ଅଛି ବୋଲି। ତୁମେ ମୋ ଫଟୋ ନେଇ ଚାଲ...

ଭିତରକୁ ମୋବାଇଲ ନେବା ମନା। ପାଖରେ ବୁଲୁଥିବା ଗୋଟାଏ ଫଟୋଗ୍ରାଫରକୁ କହି ଫଟୋ ଉଠାଇ ପକେଟରେ ରଖି ତା' ପାଖରୁ ବିଦାୟ ନେଲାବେଳେ ମୋ ଆଖିରେ ଲୁହ ଚାଲିଆସିଥିଲା। ବୁଲିପଡ଼ି ଆଉ ପଛକୁ ନ ଚାହିଁ ଚାଲିଆସିଥିଲି ସେଠୁ।

ଚତୁର୍ଦ୍ଧାମୂର୍ତ୍ତି ଦର୍ଶନଠାରୁ ସମୁଦ୍ର କୂଳେ ଆସି ପହଞ୍ଚିବାଯାଏ ମୋତେ ଅନୁଭବ ହେଉଥିଲା ଯେମିତି ଛାତି ପକେଟରେ ଫଟୋ ନୁହେଁ ସେଇ ପଥର ମୂର୍ତ୍ତି ମାଧବୀ ଅଛି। ଓଜନିଆ ଲାଗୁଥିଲା। ପୂରା ଆନମନା ଥିଲି ମୁଁ। ସମୁଦ୍ର ଲହଡ଼ିରେ ପାଦ ବୁଡ଼ାଇ ଆଞ୍ଜୁଳାଏ ପାଣି ଆଣି ମୁଣ୍ଡରେ ଛିଞ୍ଚିଲାବେଳେ ଶୁଭିଲା ମୋତେ ଏଇ ସମୁଦ୍ରରେ ଭସାଇଦିଅ। ମୁଁ ମୁକ୍ତି ପାଇଗଲେ ଆର ଜନ୍ମକୁ ତୁମର ହୋଇ ରହିବି।

ପକେଟରୁ ଫଟୋଟାକୁ ବାହାର କରି ଆଉଥରେ ଇଚ୍ଛା ହେଲା ଦେଖିବାକୁ। ପୁଣି ସେଇ ସ୍ୱର: ମୋତେ ସମୁଦ୍ରରେ ଏଇଠି ଭସାଇଦିଅ। ମୁଁ ମୁକ୍ତି ପାଇ ତୁମ ପାଇଁ ଆଉ ଗୋଟେ ଜନ୍ମ ନେବି। କିନ୍ତୁ ମନେରଖିଥିବ ଆଜିର ଏ ଦିନକୁ ୨୦୨୩, ଜାନୁୟାରୀ ମାସ, ଗୁରୁବାର ୧୯ ତାରିଖକୁ।

ହଠାତ୍ ଗୋଟେ ବଡ଼ ଲହଡ଼ିରେ ମୁଁ ମୋ ଭିତରେ ଟିକେ ଭୟ ପାଇଗଲି। ହାତରୁ ମୋ ଆପେ ଆପେ ଖସିପଡ଼ିଲା ଫଟୋଟା। ଆଣ୍ଠୁଯାଏ ଭିଜିଯାଇଥିଲା ମୋ ପ୍ୟାଣ୍ଟ। ଆଖି ପାଇବାଯାଏ ଚାହିଁଲି ମୁଁ ସେ ଫଟୋକୁ। କିନ୍ତୁ ଅତଳ ସମୁଦ୍ରରେ ସେ ଆଉ ଦେଖାଯାଉ ନ ଥିଲା। ଆଖିରୁ ଲୁହ ଦୁଇଟୋପା ଖସିପଡ଼ିଲା ମୋ ଅଜାଣତରେ। ଖାଲି ମୋତେ ଶୁଭୁଥିଲା ମନେରଖିଥବ ଏଇ ଦିନଟିକୁ ୨୦୨୩ ଜାନୁୟାରୀ ମାସ ଗୁରୁବାର ୧୯ ତାରିଖ। ଆକାଶରେ ଅସ୍ତାଚଳଗାମୀ ସୂର୍ଯ୍ୟ। କିଛି କେଜାଣି, ଭାବୁଥିଲି ଏହାପରେ ରାତି ଆସିଲେ ବି ପୁଣି ଥରେ ସକାଳ ହେବ। ଏ ଜନ୍ମରେ ନ ହେଲେ ବି ଆମେ ଗୋଟାଏ ନୂଆ ସକାଳ ନିଶ୍ଚୟ ଦେଖିବୁ। ମୁଁ ସମୁଦ୍ର କୂଳରୁ ଫେରୁଫେରୁ ମନେ ମନେ କହିଥିଲି ମୁଁ ବି ଅପେକ୍ଷାରେ ଥିବି ମାଧବୀ, ତୁମକୁ କେଉଁ ଜନ୍ମରେ ନିଶ୍ଚିତ ପାଇବାକୁ। ମୋର ଏ ଜୀବନ ପାନ୍ଥଶାଳାରେ, ହୃଦୟର କାନ୍ଥରେ ଅଲିଭା ହୋଇ ରହିବ ୨୦୨୩, ଜାନୁୟାରୀ ମାସ ଗୁରୁବାର ଦିନଟା।

ମୋ: ୯୪୩୭୭୪୫୯୮୩



## କବିତା

### ରଙ୍ଗଣୀ ଫୁଲର ଗାଆଁ

**କମଳ କୁମାର ମହାନ୍ତି**

ରଙ୍ଗଣୀ ଫୁଲର ଗାଆଁରେ
ଏକ୍ଲା ରହେ 'ରତୁଲଗ୍ନା'
ମାଟିଘର ମାଟି ବାରଣ୍ଡାରେ
ବେଦନାର ଲୁହଡାଳେ ବସି
ଚାହିଁଚାହିଁ କାହା ବାଟ ବର୍ଷବର୍ଷ ଧରି !

'ଫେରିବାର ମୂର୍ଚ୍ଛନାରେ' ସିନା
ଭାବର ଜିଜ୍ଞାସା କରୁଥାଏ କବି
ମାୟାର ହୁଲିଡଙ୍ଗା ଠିଆ ଆଜି
ନୀଳାମ୍ବୁ ଚିଲିକା କୂଳରେ
ଭାବ ସବାରିରେ କବି
ହାତେ ତା'ର କାତ ଭବସାଗରର
ପାରିହେବ ସିଏ ମିଛ ସଂସାରକୁ
ଚାରିପାଖେ ମଗର ସାଙ୍କୁଚ, ପୁଣି
ରୋଗ ଓ ଶୋକର ଭଉଁରି !

ଏମିତି ତ ଆସିଛନ୍ତି କବି
କେତେ 'ଅରଣ୍ୟ ଗହନ ପଥ' ଡେଇଁ
ସଂସାର ମଞ୍ଚରୁ ପୁଲାପୁଲା
ମୋହ ଆଉ କୋହର ଅନୁଜ୍ଞା ଘେନି
ହାତ କାଟି ଲେଖିଦେବେ ଯାହା
ରହିଯାଉ ପଛେ ଅଧା
ଫେରିବାକୁ ହେବ ପରା ଅଦୃଷ୍ଟର
ତୀବ୍ର ଡାକରାରେ ଆଜି !

ଜୀବନପଥରେ କେତେ କଣ୍ଟା
କେତେ ଫୁଲର 'ଅଝଟପଣରୁ
ଆଞ୍ଜୁଳାଏ' ଟେକିଦେଇ କବି ଚାଲେ
ପ୍ରେମ ଆଉ ଆତ୍ମାର ଅନ୍ୱେଷାରେ
ଆଉ ଏକ ଅଜଣା ରାଇଜକୁ
କେତେ 'ଅନ୍ଧାରର ପାଦଚିହ୍ନ' ପାତି
'ମଗ୍ନମୌନ' ସନ୍ନ୍ୟାସୀଟେ ପରି
ସେ ନିଶ୍ଚେ କହିବ ଦିନେ
ଜୀବନର ଶେଷ ପାହାଚରେ
'ମୁଁ ନ ଥିଲେ ବି' କବିତାର ଜୟଗାନ
ଚାଲିଥିବ ଜୀବନର ଛନ୍ଦ ତୋଳି
କେଉଁ ମୃତ୍ୟୁରେ ବି କାହା କଲମର
'ଶୂନ୍ୟକାଳ'ଟିଏ କେବେ
ରହିବନି ବୋଲି।

କବିର 'ଅଧାଲେଖା ପାଣ୍ଡୁଲିପି'
ପଡ଼ିଥିବ ଟେବୁଲ ଉପରେ
'ରତୁଲଗ୍ନା'ର ଅଗଣାରେ ଲମ୍ବିଥିବ
କୁହୁଡ଼ିର ପଟୁଆର
କିଏ କହିବ ରଙ୍ଗଣୀ ଫୁଲର
ସକାଳଟେ ଆଉ ଫେରିବ କି ନାହିଁ !

ମୋ: ୮୨୪୯୩୩୬୫୮୭

### ପ୍ରେରଣା

**ବସନ୍ତ ମଞ୍ଜରୀ ମିଶ୍ର**

କେତେବେଳେ ତୁମେ
କେଉଁ ରୂପେ ଆସ,
ଆସ କିନ୍ତୁ ଅନେକ ଆଶା ଓ
ସମ୍ଭାବନାକୁ ନେଇ
ଘନ ଅନ୍ଧକାରରେ ଜାଜ୍ଜ୍ୱଲ୍ୟମାନ
ପ୍ରଦୀପଟିଏ ହୋଇ,
ନିରାଶାର ଅନ୍ଧକାରରେ
ଜାଳିଦେଇ ଆଶାର ପ୍ରଦୀପ,
ଉଲ୍ଲସିତ କରିଦିଅ ତନୁ ମନ...

ବହୁରୂପୀ ତୁମେ
'କରତାଳି' ରୂପେ ଆସ,
ପ୍ରତିଯୋଗୀର ଆତ୍ମବିଶ୍ୱାସରେ।
'ଭୟ' ରୂପେ ଆସ
ନବବଧୂର ପ୍ରଶ୍ନଭରା ଚାହାଣିରେ।
'ଆଶ୍ୱାସନା' ହୋଇ ଆସ
ଛାତ୍ରୀଛାତ୍ରଙ୍କ ଉଦ୍ଦୀପନାରେ
'ଭରସା' ରୂପରେ ଆସ
ଯନ୍ତ୍ରଣାରେ ଛଟପଟ ହେଉଥିବା
ପ୍ରତିଟି ମଣିଷର ଜର୍ଜରିତ ଆଖିରେ।

'ପ୍ରତିଶ୍ରୁତି' ହୋଇ ଆସ
ସଂଗ୍ରାମୀ ଜୀବନରେ
କରିବାକୁ ସାକାର ତା'ର ପ୍ରତିଟି ସ୍ୱପ୍ନକୁ।
ଆଶାବାଡ଼ି ହୋଇ ଆସି
ନିଃସହାୟ ଜୀବନରେ
ଆଣିଦିଅ ଉତ୍ସାହ ଓ ନବଜାଗରଣ...

ଯେଉଁଠି ବି ଆସ,
ଯେବେ ବି ଆସ, ନେଇ ଆସ
ଦୂର ଦିଗ୍‌ବଳୟକୁ ଛୁଇଁବାର ପ୍ରୟାସ।
'ସମର୍ଥ' ରୂପରେ ଆସି
ନୂତନତ୍ୱ ଭରିଦିଅ ପ୍ରତିଟି ପରାଣେ।

ମୋ: ୯୮୬୧୧୯୨୪୪୫

#### ଗୀତି କବିତା

### ଲୁହର ଘର

**ଧନଞ୍ଜୟ ସ୍ୱାଇଁ**

ଖୁଞ୍ଚା ଖଣ୍ଡେ ହୋଇ ଯେ'ଦିନୁ ପଶିଲୁ
ଆଖିରେ ମୋର
ସେ ଦିନୁ ଆଖି ମୋ' ଆଖି ନୁହେଁ ଗୋଟେ
ଲୁହର ଘର... ।୦।

ପଛକୁ ନ ଚାହିଁ ବାଟ ଭାଙ୍ଗି ଯେବେ
ଗଲୁ ତୁ ଚାଲି
ଝୁରିବାପଣର ଝୁଲାରେ ଏବେ ମୋ'
ତୋ' କଥା ଖାଲି
ଲୁହ ନୁହେଁ ଏବେ
ରକତ କାନ୍ଦୁଛି ଏ ଆଖି ମୋର
ଲୁହର ଘର... ।୧।

ଭୁଲି ହେଉଥିଲେ ଭୁଲି ଯାଇଥା'ନ୍ତି
ନ ଭାବି କିଛି
ତୋ' କଥା ଭାବି ମୋ' ଦିନ ସରୁନାହିଁ
ଲୁହକୁ ପୋଛି
ପଛ କଥା ଭୁଲି ତୁଣ୍ଡେ ଖାଲି
ମୋ' ନାଁ ଥରୁଟେ ଧର
ଲୁହର ଘର... ।୨।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଦୃଶ୍ୟହୀନ ଦରଜ



**କବି:** ଶ୍ରୀହରି ଧଳ
**ପ୍ରକାଶକ:** ବନଫୁଲ ପବ୍ଲିକେଶନ୍ସ, କଟକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୩୦/–

ମୋଟ ୫୬ଟି କବିତାକୁ ନେଇ ପରିକଳ୍ପିତ ଆଲୋଚ୍ୟ କବିତା ବହିଟି। ପ୍ରଚ୍ଛଦଲେଖରେ ପ୍ରକାଶକ ଲେଖିଛନ୍ତି: ''ଅଳ୍ପ ଶବ୍ଦରେ ବହୁ କଥା କହିବା ଯେମିତି ବୁନ୍ଦାଏ କାକରରେ ବିଶାଳ ଆକାଶକୁ ପ୍ରତିବିମ୍ବିତ କରିବା, ଏକ ନିଆରା ଶୈଳୀର ବିଶ୍ୱକର୍ମା ହେଉଛନ୍ତି ଶ୍ରୀ ଧଳ।'' କବି ନିଜେ ତାଙ୍କର ଏକ କବିତାରେ କହନ୍ତି: ''କବିତା ଉଧାଏ ରକ୍ତରେ, ଝାଳରେ।/ କବିତା ପାଇଁ/ ମାଟି ଉର୍ବରତାଠୁ ବେଶୀ ଲୋଡ଼ା/ ହୃଦୟ ଉର୍ବରତା।'' ('କବିତା ଉଧାଏ ରକ୍ତରେ, ଝାଳରେ'– ପୃ: ୮୦) ଶ୍ରୀହରିଙ୍କ କବିତାର କାନ୍‌ଭାସ ଜୀବନର ବିବିଧ ଅନୁଭୂତିକୁ ନେଇ ବର୍ଣ୍ଣିଳ। ଖୁବ୍ ଛୋଟଛୋଟ ଦୃଶ୍ୟ ବା ଘଟଣାକୁ ସେ ଅକ୍ଲେଶରେ କବିତା କରିଦେଇପାରନ୍ତି। ସାନସାନ ଧାଡ଼ିରେ ବହୁ ଅଧରା ଅନୁଭବକୁ ସେ ଏପରି ଖଞ୍ଜିଦିଅନ୍ତି ଯେ, ପାଠକେ ଅନ୍ୟଆଡୁ ମନ କାଢ଼ି ତାଙ୍କ କବିତାରେ ନିବଦ୍ଧ କରନ୍ତି। କବିଙ୍କ ମଙ୍ଗଳ–ଦୃଷ୍ଟି ତାଙ୍କ କବିତାକୁ ଜୀବନମନସ୍କ କରି ରଖିଥାଏ ପ୍ରାୟ କବିତାରେ। ଯଥା: ''ଯାଉଛି।/ ଗଲାବେଳକୁ/ ମୋ ସୋରିଷ ଫୁଲ/ ଫଟା କ୍ଷେତ/ ଦେଇଯାଉଛି ତମକୁ/ ହସିବାର କଳା ଭୁଲି ନ ଯା'ନ୍ତୁ ଫୁଲମାନେ।/ ଗୀତର ଛନ୍ଦ/ ହଜେଇ ନ ଦିଅନ୍ତୁ ଓଠମାନେ।/ ଥାଉ ଯେଉଁଠି/ ଯାହା ଅଛି ସେମିତି।/ ଛାତିରେ ସ୍ପନ୍ଦନ,/ ଆଖିରେ ଫୁଟୁଥିବା ସ୍ୱପ୍ନ।/ ପକ୍ଷୀର ଗୀତମନସ୍କତା।/ ନଈର ତରତର।'' ('ଯାଉଛି ଯେତେବେଳେ'– ପୃ:୧୦)। ଆଶା, ବହିଟି ପାଠକୀୟ ଶ୍ରଦ୍ଧା ଗୋଟେଇବ।

### ଆହା



**କବି:** ସଂଜିତ୍ କୁମାର ବଳ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୦/–

ଆଲୋଚ୍ୟ କବିତା ବହିର ଆରମ୍ଭ ବା ଶେଷରେ ସଂଜିତ୍‌ଙ୍କ କବିତାକୁ ନେଇ କୌଣସି ଗୌରଚନ୍ଦ୍ରିକା ନ ଥାଇ ବହିଟି ପ୍ରକାଶ ପାଇଛି ଓ ମଲାଟର ଦୁଇ କୂଳ ଖାଇ ଲହଡ଼ି ମାରୁଛି ଖାଲି କବିତା, ଆଉ କବିତା। ମୋଟ ୩୨ଟି କବିତା, ବତ୍ରିଶ ସିଂହାସନର ପୁତ୍ତଳିକା ପରି ନିଜ କଥା କହି ଗୋଟିଏ ପରେ ଗୋଟିଏ ତିରୋହିତ ହୋଇ ଯାଉଛନ୍ତି, ଯେଉଁଠୁ ଆସିଥିଲେ ସେଇଠିକି। ଓଡ଼ିଆ କବିତାର ଧାରାବାହିକତା, ସମକାଳର ଗତାନୁଗତିକତାଠୁଁ ଖୁବ୍ ସଯତ୍ନରେ କବି ଅଲଗେଇ ଆଣି ନୂଆ ବାଗରେ କଥା କହିବାର ଏକ ବାଗ ତିଆରି କରନ୍ତି ବହିଟିର ନାନା କବିତାରେ। ଶ୍ଳେଷ ଓ ସମ୍ବେଦନାର ଚମତ୍କାର ହାତଗଣ୍ଠି ପଡ଼ିଥାଏ ସଂଜିତ୍‌ଙ୍କ କବିତାରେ। ହାଲୁକା ହାଲୁକା ସ୍ମୃତିର ପିଠିରେ ସେ ଶବ୍ଦଙ୍କୁ ବସେଇ ଛାଡ଼ିଦିଅନ୍ତି ମହାକାଳକୁ। ଉଦାହରଣଟିଏ ନେବା– ''ମୋତେ ଭଲପାଇ ପାରୁ ନ ଥିବା/ ବନ୍ଧୁମାନଙ୍କ ଡାଳରେ/ ଫୁଲ ନାଇଁ,/ ଝୁଲୁଚି କେବଳ ଡେଙ୍ଗ/ x x ବହୁ କଷ୍ଟରେ ସଞ୍ଚିଥିଲି/ ହସର ବିହନ ମୁଠାକ,/ ମାଟି କହିଲା, 'ମୁଁ ଲୁହ ଫଳାଏ ବେଶି ଭାଗ/ ତୁମ ବିହନରୁ ଯଦିବା ହସ ଫଳେ/ ଅମଳ କରିପାରିବ, ଭାବୁଛ' ?'' ('ହସ'– ପୃ:୧୧)। ସେଇ କବିତାରେ କବି ପୁଣି କହନ୍ତି: ''ସତରେ କେତେ କାମିକା ଥିଲା/ ମୋ ହସ ଟିକେକ,/ ନିଆଁରେ ଫୁଲ ଫୁଟାଇ/ ଚହଟେଇ ପାରୁଥିଲା ସୁବାସ/ ଅତରଛିଆ ଧାଇଁ ପଳାଉଥିବା/ ଖରାର ଶୋଷକୁ/ ଦେଖେଇ ପାରୁଥିଲା/ ମାଣିକପାଟଣା ଛକ।'' ଦେଖିଲେ ତ ଚିତ୍ର, ଅପ୍ରତ୍ୟକ୍ଷ ଅଥଚ ବୋଧକ୍ଷମ। 'ଆହା' ପାଠକୀୟ ଆଦୃତି ଯେ ଅବଶ୍ୟ ପାଇବ, ଏଥିରେ ସନ୍ଦେହ ନାହିଁ।

## ଦୁଇଟି ମିନି ଗଳ୍ପ

**ଶିବ ମିଶ୍ର**

### ।। ଗଳ୍ପର ନକ୍ସା ।।

ଭଲରେ ହେଉ ବା ମନ୍ଦରେ ହେଉ, ମୋ' ତୁଣ୍ଡରୁ ଫିଟି ଯାଇଥିବା ପଦଟିଏ କଥାକୁ ମୋ' ସ୍ତ୍ରୀ ପଚିଶ ପଦ କରିଦିଅନ୍ତି। ହେଲେ ସେଥିପାଇଁ ମୁଁ ଖରାପ ଭାବେ ନାହିଁ, ଆପତ୍ତି କରେନାହିଁ କି ରାଗେ ନାହିଁ। ଚଉକିରେ ବସି ମନ ଧ୍ୟାନ ଦେଇ ନୀରବରେ ତାଙ୍କ କଥା ଶୁଣେ।

ସେଦିନ ସ୍ତ୍ରୀ କହିଲେ– ଜାଣିଛ, ଗତ ଜନ୍ମରେ ମଧ୍ୟ ଆମେ ସ୍ୱାମୀ, ସ୍ତ୍ରୀ ଥିଲେ। ହେଲେ ତମେ ଗପ, କବିତା ଲେଖୁ ନ ଥିଲ। ତମେ ଜଣେ ସୁନା କାରିଗର ଥିଲ। ଖୁବ୍ ସୁନ୍ଦର ଗହଣାମାନ ତିଆରି କରୁଥିଲ। ମୁଁ ତୁମ କାମରେ ସାହାଯ୍ୟ କରୁଥିଲି। ମୁଁ ପଚାରିଲି– ଏକଥା ତମକୁ କିଏ କହିଲା ? ସ୍ତ୍ରୀ କହିଲେ– ଜଣେ ଜ୍ୟୋତିଷ ଭୃଗୁ ସଂହିତା ସହିତ ମୋ' ଜନ୍ମ କୁଣ୍ଡଳୀ ମିଶାଇ ଗତ ଜନ୍ମର ବୃତ୍ତାନ୍ତସବୁ କହିଛନ୍ତି। ଜ୍ୟୋତିଷଙ୍କ କଥା ସତ୍ୟ, ସତ୍ୟ, ତ୍ରିବାର ସତ୍ୟ। ଏଥିରେ କିଛି ଭୁଲ ନାହିଁ। ତା'ପରେ ଟିକିଏ ସମୟ ନୀରବ ରହି ସ୍ତ୍ରୀ ପୁଣି କହିଲେ– ହେଲେ ମୁଁ ଜାଣିପାରୁନି ଗତ ଜନ୍ମରେ ଅଳଙ୍କାରଗଢ଼ା କାମରେ ତୁମକୁ କେମିତିକା ସାହାଯ୍ୟ କରୁଥିଲି। ସେ କଥା ଜ୍ୟୋତିଷ ବି କହିଲେ ନାହିଁ।

ମୁଁ କହିଲି– ସେକଥା ମୁଁ କହୁଛି ଶୁଣ। ତମେ ଏତେ ଟିକିଏ ସୁନାରୁ ଏଡ଼େ ଲମ୍ବା ତାର ଭିଡୁଥିଲ। ସେଇ ତାରକୁ ନେଇ ମୁଁ ଅଳଙ୍କାର ଗଢୁଥିଲି। ସ୍ତ୍ରୀ ପଚାରିଲେ– ଏ କଥା ତମେ କେମିତି ଜାଣିଲ ? ମୁଁ କହିଲି– ଏ ଜନ୍ମରେ ତମେ ମୋର ପଦକ କଥାକୁ ଦଶପଦ କରିଦେଉଛ ବୋଲି ମୁଁ ସହଜରେ ଗପ, କବିତା ଲେଖିଦେଉଛି। 'ଲାଜ ନାହିଁ ତୁମ ମୁହଁକୁ' କହି ସ୍ତ୍ରୀ ହସି ଦେଇ ପଳେଇଲେ। ମୁଁ କାଗଜ କଲମ ନେଇ ବସିଗଲି ଗଳ୍ପ ଲେଖିବା ପାଇଁ।

### ।। ମାଙ୍କଡ଼ ।।

ସ୍ୱାମୀ ରାଜନୀତିଆ ଲୋକ। ସକାଳୁ ଶେଯରୁ ଉଠି ଚାଲିଯାଆନ୍ତି ଯେ, ଫେରନ୍ତି ରାତି ଅଧ ଗଡ଼ିଲା ପରେ। ଏବେ ଭୋଟ ବେଳ ହୋଇଥିବାରୁ ଚାରି ଛଅ ଦିନରେ ଥରେ ଅଧେ ଘରକୁ ଆସିଲେ ଆସୁଛନ୍ତି, ନହେଲେ ନାହିଁ। ଏତେବଡ଼ ଘରଟାରେ ଏକୁଟିଆ ସ୍ତ୍ରୀ, ମୂକ ହୋଇ ଯେତେ ବସିଲେ ଶୋଇଲେ କି ଟି.ଭି. ଦେଖିଲେ ବି ଦିନ ସରୁନାହିଁ। ତାଙ୍କର ପିଲାପିଲି ନାହାନ୍ତି। ସ୍ତ୍ରୀ ଭାବିଲେ, ଘରେ ଶୁଆଟିଏ ରଖିବେ, ତା' ଜଞ୍ଜାଳରେ ସମୟ କଟେଇଦେବେ।

ଏବେ ଦିନେ ସୁବିଧା ଦେଖି ସ୍ୱାମୀଙ୍କୁ ମନ କଥା କହିଲେ। ସ୍ୱାମୀ ମନାକଲେ। କହିଲେ– ଉଡ଼ନ୍ତା ଚଢ଼େଇକୁ ଘରେ ବାନ୍ଧିରଖିବା ଉଚିତ ନୁହେଁ। ସ୍ତ୍ରୀ ମତ ବଦଳାଇ ଶୁଆ ନହେଉ ମାଙ୍କଡ଼ଟିଏ ଆଣିବା ପାଇଁ ରାଣ ପକାଇ ଅନୁରୋଧ କଲେ। ହଉ, ଭୋଟ ଯାଉ କହି ସ୍ୱାମୀ ତରତର ହୋଇ ଘରୁ ବାହାରିଗଲେ। ଭୋଟ ସରିଲା। ସ୍ୱାମୀ ଜିତିଲେ। ଭୋଟ ଗଣତି କେନ୍ଦ୍ରରୁ ଶୁଭ ସମ୍ବାଦ ନେଇ ସ୍ତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସିଏ ଘରକୁ ଆସିଲା ବେଳେ ସାଙ୍ଗରେ ତାଙ୍କର ସମର୍ଥକ, ପ୍ରଶଂସକ କେତେଜଣ ଆସିଲେ। ସେମାନେ ବାଟସାରା ହୋ ହଲ୍ଲା କରି ଯାହା ତାହା କଲାପରେ ତାଙ୍କ ଘର ଭିତରେ ବି ନାଚିକୁଦି ବିଜୟୀ ନେତାଙ୍କର ଜୟଗାନ କରି ଅଥୟ ବିଥୟ କରି ପକାଇଲେ। ସ୍ୱାମୀଙ୍କୁ ଭିତର ଘରକୁ ଡାକି ନେଇ ସ୍ତ୍ରୀ କହିଲେ– ମୁଁ ଗୋଟିଏ ଆଣିବାକୁ କହିଥିଲି, ତମେ ଏତେଗୁଡ଼ାଏ କାହିଁକି ଆଣିଲ ? ସ୍ୱାମୀ ପଚାରିଲେ– କ'ଣ ? ସ୍ତ୍ରୀ କହିଲେ– ମାଙ୍କଡ଼।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



**''ମଣିଷ ଜୀବନ ହେଉଛି ଏକ ବିଶାଳ, ଦୁର୍ବୋଧ, ଅସମାପ୍ତ ଉତ୍କୃଷ୍ଟ ଗ୍ରନ୍ଥର ପାଦଟୀକା।''**
**– ଭ୍ଲାଡିମିର ନବୋକୋଭ**

**ଭ୍ଲାଡିମିର ନବୋକୋଭଙ୍କ** ଜନ୍ମ ୨୨ ଏପ୍ରିଲ ୧୮୯୯ରେ ଓ ପରଲୋକ ୨ ଜୁଲାଇ ୧୯୭୭ରେ। ସୋଭିଏତ୍ ରୁଷ୍‌ରେ ଜନ୍ମିତ ଏହି ଲେଖକଙ୍କର ପ୍ରଥମ ନଅଟି ଉପନ୍ୟାସ ରୁଷୀୟ ଭାଷାରେ ଲିଖିତ। ଆମେରିକା ଆସିବା ପରେ ସେ ଇଂଲିଶ୍‌ରେ ଲେଖାଲେଖି ଆରମ୍ଭ କରନ୍ତି। ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର ଓ ଅନୁବାଦକ ନବୋକୋଭଙ୍କ ପ୍ରମୁଖ ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି– 'ଦ ଡିଫେନ୍‌ସ'(୧୯୩୦), 'ଡେସ୍‌ପେୟାର୍'(୧୯୩୪), 'ଦ ଗିଫ୍ଟ'(୧୯୩୮), 'ସାଇନ୍‌ସ ଆଣ୍ଡ୍ ସିମ୍ବଲ୍‌ସ'(୧୯୪୮), 'ଲୋଲିତା' (୧୯୫୫) ଓ 'ପେଲ୍ ଫାୟାର୍' (୧୯୬୨)। ୧୯୬୫ର ସାହିତ୍ୟ–ନୋବେଲ ପାଇଁ ଚୂଡ଼ାନ୍ତ ତାଲିକାରେ ନାଁ ଥିଲେ ବି ନବୋକୋଭଙ୍କୁ ଏହି ପୁରସ୍କାର ମିଳି ନ ଥିଲା।

# ବାପାଙ୍କ ଶେଷକଥା

## ଅନୁବାଦ ଗଳ୍ପ

**ମୂଳ ଚୀନ୍: ଲୁ ସୁନ**
**ଅନୁବାଦ: ଡକ୍ଟର ନରେନ୍ଦ୍ର ସେଠୀ**

ବାପା ବହୁତ କଷ୍ଟରେ ନିଃଶ୍ୱାସ ନେଉଥିଲେ। ଏମିତିକି ତାଙ୍କ ଛାତି ଧଡ଼ଧଡ଼ ମୋତେ ଶୁଣାଯାଉଥିଲା। କିନ୍ତୁ ଚାହିଁଲେ ମଧ୍ୟ କେହି ତାଙ୍କର କିଛି ସାହାଯ୍ୟ କରି ପାରୁ ନଥିଲେ। ମୁଁ ବାରମ୍ବାର ଏଇଆ ଭାବୁଥିଲି ଯେ ଭଲ ହେବ, ଯଦି ସେ ଏମିତି ଶାନ୍ତି ପୂର୍ବକ ଏଇ ଦୁନିଆରୁ ଚାଲିଯିବେ। କିନ୍ତୁ ଅଚାନକ ମୋତେ ଲାଗିଲା ଯେମିତି ଏଭଳି କଥା ମନରେ ଭାବି ବଡ଼ ଅପରାଧ କଲି। କିନ୍ତୁ କେଜାଣି କାହିଁକି ଏମିତି ବି ଲାଗୁଥିଲା ଯେ, ବାପାଙ୍କର ଶାନ୍ତିପୂର୍ବକ ମୃତ୍ୟୁ କାମନା କରିବା ଭୁଲ୍ କଥା ନୁହଁ। ଆଜିଯାଏଁ ଏକଥା ମୋତେ ଠିକ୍ ଲାଗୁଛି।

ସେଦିନ ସକାଳୁ ସକାଳୁ ଆମ ପଡ଼ୋଶରେ ରହୁଥିବା ଶ୍ରୀମତୀ ୟେନ ମୋ' ପାଖକୁ ଆସିଲେ ଓ ବାପାଙ୍କ ଅବସ୍ଥା ଦେଖି ଆଉ କ'ଣ ପାଇଁ ଅପେକ୍ଷା କରିଛ ବୋଲି ପଚାରିଲେ। ଆଉ ସମୟ ନଷ୍ଟ କରି କି ଲାଭ ! ଶ୍ରୀମତୀ ୟେନଙ୍କ କହିବା ପରେ ଆମେ ବାପାଙ୍କ ଲୁଗା ବଦଳେଇଲୁ। ଚୀନ୍ ଦେଶର ପରମ୍ପରା ଅନୁସାରେ କିଛି ନୋଟ ଆଉ କାୟାଙ୍ଗ ସୂତ୍ର ଜାଳି ତାଙ୍କ ଆତ୍ମାର ସଦ୍‌ଗତି କାମନା କଲୁ। ତା'ପରେ ସେ ଅଙ୍ଗାର ସବୁକୁ ଏକ କାଗଜ ପୁଡ଼ିଆରେ ରଖି ତାଙ୍କ ହାତ ପାପୁଲିରେ ରଖିଲୁ।

– ତାଙ୍କ ସହ କିଛି କଥା ହୁଅ ! ଶ୍ରୀମତୀ ୟେନ କହିଲେ– ତୁମ ବାପାଙ୍କର ଶେଷ ସମୟ ଆସିଯାଇଛି। ଚଞ୍ଚଳ କଥା ହୁଅ।

– ବାପା ! ବାପା ! ମୁଁ ଡାକିଲି।

– ବଡ଼ ପାଟିରେ କୁହ। ତାଙ୍କୁ ତୁମ କଥା ଶୁଣାଯାଉନି। ଆରେ ଭାଇ... ଜଲ୍‌ଦି କର... ତୁମେ ବଡ଼ ପାଟିରେ କହି ପାରିବନି ?

– ବାପା ! ବାପା ! ମୁଁ ପୁଣି ଡାକିଲି। ଏଥର ଟିକେ ବଡ଼ ପାଟିରେ।

ତାଙ୍କ ମୁହଁରେ ଆଗରୁ ଯାହା ଟିକେ ଶାନ୍ତିଭାବ ଦେଖାଯାଉଥିଲା ତାହା ଏବେ ଉଭେଇ ଯାଇଥିଲା। ପୁଣି ତାଙ୍କ ମୁହଁରେ କଷ୍ଟ ଦେଖାଯାଉଥିଲା। ଅଜନ୍ତୁରି ହେଲା ଭଳି ତାଙ୍କ ଓଠ ଟିକେ ଥରିବାକୁ ଲାଗିଲା।

– ତାଙ୍କ ସହ କିଛି କଥା ହୁଅ। ଶ୍ରୀମତୀ ୟେନ ପୁଣି ମୋତେ କହିଲେ– ଜଲ୍‌ଦି କରନ୍ତୁ, ଆଉ ସମୟ ନାହିଁ !

– ବାପା ! ମୁଁ ବଡ଼ ଦୟାଳୁ ଭାବରେ କହିଲି।

– କ'ଣ ହେଲା ? କାଇଁ ରଡ଼ି ଛାଡୁଛୁ ?

ଏହା ବାପାଙ୍କ ଶବ୍ଦ ଥିଲା। ଏକଦମ ମଧୁର ଓ ନରମ। ସେ ପୁଣି ଛଟପଟ ହେବାକୁ ଲାଗିଲେ। ସେ ନିଃଶ୍ୱାସ ନେବାକୁ ଚେଷ୍ଟା କରୁଥିଲେ। କିଛି ସମୟ ପରେ ସେ ପୁଣି ପୂର୍ବପରି ସ୍ଥିର ହେଇଗଲେ।

–ବାପା ! ଏଥର ମୁଁ ତାଙ୍କୁ ଲଗାତାର ଡାକିବାରେ ଲାଗିଲି, ଯେପର୍ଯ୍ୟନ୍ତ ସେ ଶେଷନିଃଶ୍ୱାସ ନେଇଥିଲେ।

ମୋର ସେ କାତର ଓ ଭାବପୂର୍ଣ୍ଣ ଶବ୍ଦକୁ ଆଜି ମଧ୍ୟ ମୁଁ ଶୁଣିପାରୁଛି। ଆଉ ଯେତେବେଳେ ମୁଁ ନିଜର ସେ ଚିତ୍କାର ଶୁଣେ ମୋତେ ଲାଗେ ସେଇଟା ବୋଧେ ମୋ' ଜୀବନର ସବୁଠୁ ବଡ଼ ଭୁଲ୍ ଥିଲା।

ମୋ: ୭୦୦୪୦୬୮୧୧୦



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୫/୨୦୨୩ Bhubaneswar, Saturday, April 15/ 2023

# ''କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ପ୍ରୟାସ ଜାରି ରହିଛି''

ଭୁବନେଶ୍ୱର, ୧୪।୪
(କ୍ରୀଡ଼ା ପ୍ରତିନିଧି)




ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାମ୍ପିୟନ କୋରିଆ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଟେନିସ ଚାମ୍ପିୟନଶିପ୍ ଫାଇନାଲ୍ସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ମୋଟ ୪ଟି ବର୍ଗରେ ହୋଇଥିବାବେଳେ ଏଥିରୁ ୩ ବିଭାଗରେ କୋରିଆ ପ୍ରତିଯୋଗୀମାନେ ସ୍ୱର୍ଣ୍ଣ ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଆଇଟିଏଫ୍, ଓଟିଏ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ''ଏପରି ଏକ ସମ୍ମାନଜନକ ଟେନିସ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଆମ ରାଜ୍ୟ ପାଇଁ ଗର୍ବର କଥା। କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ଆମର ପ୍ରୟାସ ଜାରିରହିଛି। ବିଭିନ୍ନ ଦେଶରୁ ବହୁ ସଂଖ୍ୟାରେ ପ୍ରତିଯୋଗୀ ଆସି ଆମ ରାଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ମୁଁ ବହୁତ ଖୁସି। ମୁଁ ନିଶ୍ଚିତ ଯେ ଏହି ଟୁର୍ଣ୍ଣାମେଣ୍ଟ ରାଜ୍ୟର ବହୁ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିବ ଏବଂ ଟେନିସକୁ କ୍ୟାରିୟର କରି ସ୍ୱପ୍ନ ସାକାର କରିବା ପାଇଁ ପ୍ରେରିତ କରିଥିବ''। ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇ ଓଟିଏ ସଭାପତି ଅସିତ ତ୍ରିପାଠୀ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକୀ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ ଏବଂ ପୁରସ୍କାର ବିତରଣୀ ଉତ୍ସବ ସମୟରେ ଗ୍ୟାଲେରିରେ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଆଥ୍‌ଲେଟ ଉପସ୍ଥିତ ଥିଲେ।

**୧୪ ବର୍ଷରୁ କମ୍ ଆଇଟିଏଫ୍ ଏସିଆନ ଡେଭଲପମେଣ୍ଟ ଟେନିସ ଫାଇନାଲ୍ସ**
- କୋରିଆ ଦଳ ଓଭରଅଲ୍ ଚାମ୍ପିୟନ
- ଦ୍ୱିତୀୟ ପର୍ଯ୍ୟାୟ ବାଳିକା ସିଙ୍ଗଲ୍ସରେ ୟେରି ଓ ବାଳକ ସିଙ୍ଗଲ୍ସରେ ଓନମିନଙ୍କୁ ଟାଇଟଲ

ଏସିଆର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ବାଳିକା ସିଙ୍ଗଲ୍ସ ଫାଇନାଲରେ କୋରିଆର ୟେରି ହଙ୍ଗ୍ ୬-୩, ୬-୦ ସେଟ୍‌ରେ କାଜାଖସ୍ତାନର ଇଭା କୋରିଶେଭାଙ୍କୁ ପରାସ୍ତ କରିଛନ୍ତି। ଭାରତର ମାୟା ରାଜେଶ୍ୱରନ ରେବତୀଙ୍କୁ ୬-୪, ୭-୫ ସେଟ୍‌ରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କୋରିଆର ଜିୟୁନ ଓ'। ସେହିପରି ବାଳକ ସିଙ୍ଗଲ୍ସ ଫାଇନାଲରେ କୋରିଆର ଓନମିନ କିମ୍ ଭାରତର ଶିବତେଜ ବାଲାପ୍ରସାଦ ଶିରଫୁଲେଙ୍କୁ ୬-୧, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ପାକିସ୍ତାନର ଅବୁବାକର ତଲ୍‌ହାଙ୍କୁ ୬-୧, ୬-୩ରେ ହରାଇ ତୃତୀୟ ସ୍ଥାନରେ ରହିଛନ୍ତି ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇ। ପୂରା ପ୍ରତିଯୋଗିତାରେ ଭାରତର ଶିବତେଜ ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ବାଳକ ଡବଲ୍ସ ଫାଇନାଲରେ କୋରିଆ ଯୋଡ଼ି ମିନ୍ ହ୍ୟୁକ୍ ଚୋ ଓ ଓନ୍‌ମିନ୍ କିମ୍ ୬-୩, ୬-୪ରେ ଥାଇଲାଣ୍ଡ ଯୋଡ଼ି ଥ୍ରୁ କୋଟିକୁଲା ଓ ଧର୍ମା ପାଣ୍ଡାରାଟର୍ନଙ୍କୁ ପରାସ୍ତ କରିଛନ୍ତି। କେବଳ ବାଳିକା ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି କାଜାଖସ୍ତାନ ଯୋଡ଼ି ଇଭା କୋରିଶେଭା ଓ ୟେର୍କେଝାନ ଝାଭାଟାୟେଭା। ଏହି ଯୋଡ଼ି ଫାଇନାଲରେ ତୁର୍କମେନିସ୍ତାନର ଇଲିମା ଗୁସେନୋଭା ଓ ଉଜ୍‌ବେକିସ୍ତାନର ଇମିଲି କିମ୍‌ଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି।



ବେଙ୍ଗାଲୁରୁଠାରେ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସର ଅଭ୍ୟାସ ଅବସରରେ ଅସୁସ୍ଥ ରିଷଭ ପନ୍ତଙ୍କ ସହ ଆଲୋଚନା କରୁଛନ୍ତି ଦଳର କ୍ରିକେଟ ନିର୍ଦ୍ଦେଶକ ସୌରଭ ଗାଙ୍ଗୁଲି।

# କବିର ହଂସଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୧୪।୪
(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର କବିର ହଂସ ଡବଲ ଟାଇଟଲ ହୋଇଛନ୍ତି। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କବିର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ମଧ୍ୟପ୍ରଦେଶର ଯଶ୍ ଯାଦବଙ୍କୁ ୬-୧, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଫଳରେ ସେ ସର୍ବଭାରତୀୟ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ର ୧୬ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଡବଲ୍ସରେ କବିର ରାଜସ୍ଥାନର ଅଭିବୀର ଶେଖାୱତଙ୍କୁ ପାର୍ଟନର କରିଥିଲେ। ଏହି ଯୋଡ଼ି ଫାଇନାଲରେ ଓଡ଼ିଶା ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀଙ୍କୁ ୬-୦, ୪-୬, ୧୦-୬ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। କବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ କବିର ହଂସ।

# ହାର୍ଦ୍ଦିକଙ୍କୁ ଜରିମାନା

ମୋହାଲି, ୧୪।୪ (ପି.ଟି.)

ପଞ୍ଜାବ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ବେଳେ ସ୍ଲୋ ଓଭର ରେଟ୍ ପାଇଁ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଆଇପିଏଲ୍ ମ୍ୟାଚଗୁଡ଼ିକୁ ୩ ଘଣ୍ଟା ୨୦ ମିନିଟରେ ଶେଷ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି। ମାତ୍ର ଚଳିତ ସିଜନରେ ସ୍ଲୋ ଓଭର ରେଟ୍ ଏକ ସମସ୍ୟା ହୋଇ ଦେଖାଦେଇଛି। ବହୁ ମ୍ୟାଚ ୪ ଘଣ୍ଟା ଅତିକ୍ରମ କରିଯାଉଛି। ଆଇପିଏଲ୍ ଆଚରଣବିଧିରେ ସ୍ଲୋ ଓଭର ରେଟ୍ ପାଇଁ ସମ୍ପୃକ୍ତ ଦଳର ଅଧିନାୟକଙ୍କୁ ଜରିମାନାର ବ୍ୟବସ୍ଥା ରହିଛି। ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଗୁରୁବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ ୬ ଉଇକେଟରେ ସହଜ ବିଜୟ ହାସଲ କରିଛି। ମୋହିତ ଶର୍ମା ୧୮ ରନ ବିନିମୟରେ ୨ ଉଇକେଟ ନେବା ସହ ଶୁବମନ ଗିଲ୍ ୪୯ ବଲ୍‌ରୁ ୬୭ ରନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ଦ୍ୱାରା ଗୁଜରାଟ ଟାଇଟନ୍ସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ସମାନ ସଂଖ୍ୟକ ମ୍ୟାଚରୁ ୪ପଏଣ୍ଟ ଅର୍ଜନ କରି ପଞ୍ଜାବ କିଙ୍ଗ୍ସ ୬ଷ୍ଠ ସ୍ଥାନରେ ରହିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)

**ବାଙ୍ଗାଲୋର ବନାମ ଦିଲ୍ଲୀ**
ସ୍ଥାନ:ବେଙ୍ଗାଲୁରୁ,
ସମୟ: ଅପରାହ୍ନ ୩.୩୦

**ଲକ୍ଷ୍ନୌ ବନାମ ପଞ୍ଜାବ**
ସ୍ଥାନ: ଲକ୍ଷ୍ନୌ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତୀୟ ଯୋଡ଼ି କ୍ୱାର୍ଟରରେ

ଭୁବନେଶ୍ୱର, ୧୪।୪ (ସ୍ପୋର୍ଟ୍ସ ବ୍ୟୁରୋ)

**ବ୍ରାଜିଲ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ସାଓପାଓଲୋରେ ଚାଲିଥିବା ବ୍ରାଜିଲ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରମୋଦ ଭଗତ ଓ ସୁକାନ୍ତ କଦମ ଯୋଡି ପୁରୁଷ ଡବଲ୍ସ ଏବଂ ପ୍ରମୋଦ-ମନୀଷା ରାମଦାସ ମିକ୍ସଡ ଡବଲ୍ସ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ ପେରୁର ପାବ୍‌ଲୋ ସେସାର କ୍ୱିଟୋ ଓ ପାଟ୍ରିସିଓ ଆନ୍ଦ୍ରେସ ଇଚିଭେରିଆଙ୍କୁ ୨୧-୦୬, ୨୧-୦୭ ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସରେ ପ୍ରମୋଦ-ମନୀଷା ଯୋଡି ପେରୁର ରେଞ୍ଜୋ ଡିକ୍ୱେଜ ବାନ୍‌ସେସ୍ ମୋରେଲ୍ସ ଓ ଜେନ୍ନି ବର୍ଥା ଭେଣ୍ଟୋସିଲାଙ୍କୁ ୨୧-୧୦, ୨୧-୦୯ ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦିଲେଶ୍ୱର ଓ ନବୀନ ଯୋଡି ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ବ୍ରାଜିଲର ଜୋନାଥନ କାର୍ଡୋସୋ ଓ ୟୁଜେନିଓ କ୍ଲେଟୋ ଙ୍କୁ ୨୧-୧୦, ୨୧-୧୯ ରେ ପରାସ୍ତ କରିଛନ୍ତି।

କୋଷ୍ଠକାଠିନ୍ୟର
ସମାଧାନ
9119788888

# ବ୍ରୁକ୍‌ଙ୍କ ଶତକ: ସନ୍‌ରାଇଜର୍ସର ଦ୍ୱିତୀୟ ବିଜୟ

କୋଲକାତା, ୧୪।୪



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହ୍ୟାରି ବ୍ରୁକ୍।

ହ୍ୟାରି ବ୍ରୁକ୍‌ଙ୍କ ଅପରାଜିତ ଶତକ ସହାୟତାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଏକ ହାଇ ସ୍କୋରିଂ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କୁ ୨୩ ରନରେ ପରାସ୍ତ କରିଛି। ସନ୍‌ରାଇଜର୍ସ ୨୦ ଓଭରରେ ୪ ଉଇକେଟ ହରାଇ ୨୨୮ ରନ କରିଥିବାବେଳେ କୋଲକାତା ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସର ଏହାଥିଲା ଦ୍ୱିତୀୟ ବିଜୟ। ୨୨୯ ରନ ବିଜୟ ଲକ୍ଷ୍ୟରେ କୋଲକାତା ଖାତା ଖୋଲିବା ପୂର୍ବରୁ ରମାନୁଲ୍ଲା ଗୁରବାଜ ଏବଂ ୨୦ ରନ ମଧ୍ୟରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏନ୍. ଜଗଦୀଶନ ୩୬ ରନ କରିଥିବାବେଳେ ଅଧିନାୟକ ନୀତୀଶ ରାଣାଙ୍କ ଦ୍ରୁତ ୭୫ (୪୧ବଲ, ୫ ଚୌକା, ୬ ଛକା) ରନକରି ଆଉଟ ହେବା ସହ ଦଳର ଆଶା ମଉଳିଥିଲା। ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚର ହିରୋ ରିଙ୍କୁ ସିଂ ଏଠାରେ ମଧ୍ୟ ଦମ୍‌ଦାର ବ୍ୟାଟିଂ କରି ୩୧ ବଲ୍‌ରୁ ୫୮ (୪ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ।

## ପ୍ରଥମ ଶତକ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସର ଆରମ୍ଭ ଭଲ ହୋଇ ନ ଥିଲା। ଓପନର ମୟଙ୍କ ଅଗ୍ରୱାଲ ଏବଂ ନିର୍ଭରଯୋଗ୍ୟ ରାହୁଲ ତ୍ରିପାଠୀ ମାତ୍ର ୯ ରନ ଲେଖାଏ କରି ଆଉଟ ହୋଇଥିଲେ। ମାତ୍ର ବ୍ରୁକ୍ସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ଦଳକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମୋଟାମୋଟିଭାବେ ହାଇଦ୍ରାବାଦ ଇନିଂସର ମେରୁଦଣ୍ଡ ସାଜିଥିଲେ ବ୍ରୁକ୍। ସେ ଅଧିନାୟକ ଏଡେନ ମାରକ୍ରମଙ୍କ ସହ ତୃତୀୟ ଉଇକେଟରେ ୪୭ ବଲ୍‌ରୁ ୭୨, ଚତୁର୍ଥ ଉଇକେଟରେ ଅଭିଷେକ ଶର୍ମାଙ୍କ ସହ ୩୩ ବଲ୍‌ରୁ ୭୨ ଏବଂ ଅସମାପ୍ତ ୫ମ ଉଇକେଟରେ ହେନ୍‌ରିଚ୍ କ୍ଲାସେନଙ୍କ ସହ ୧୧ ବଲ୍‌ରୁ ୨୭ ରନର ଭାଗୀଦାରି ଗଢ଼ି ଦଳର ରନ୍‌ସଂଖ୍ୟାକୁ ୨୦୦ ଅତିକ୍ରମ କରାଇଥିଲେ। ବ୍ରୁକ୍ ୫୫ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୩ ଛକା ସହାୟତାରେ ୧୦୦ ରନକରି ଅପରାଜିତ ରହିଥିଲେ। ଏହାଥିଲା ତାଙ୍କର ପ୍ରଥମ ଆଇପିଏଲ୍ ଶତକ। ଏହାଛଡ଼ା ଚଳିତ ଆଇପିଏଲ୍ ସିଜନରେ ମଧ୍ୟ ଏହାଥିଲା ପ୍ରଥମ ଶତକ। ଅନ୍ୟମାନଙ୍କ ମଧ୍ୟରେ ମାରକ୍ରମ ୨୬ ବଲ୍‌ରୁ ୫୦ (୨ ଚୌକା, ୫ ଛକା) ଏବଂ ଅଭିଷେକ ୧୭ ବଲ୍‌ରୁ ୩୨ (୩ ଚୌକା, ୨ ଛକା) ରନ କରିଥିଲେ। କ୍ଲାସେନ ୬ ବଲ୍‌ରୁ ୧୬ (୨ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ କେବଳ ପ୍ରଭାବୀ ରହିଥିଲେ ଆନ୍ଦ୍ରେ ରସେଲ। ଚଳିତ ସିଜନରେ ପ୍ରଥମଥରପାଇଁ ବୋଲିଂ ସୁଯୋଗ ପାଇଥିବା ରସେଲ ୨.୧ ଓଭରରେ ୨୨ ରନ ଦେଇ ୩ଟି ଉଇକେଟ ନେଇଥିଲେ। ସୁନୀଲ ନାରିନ ଭଲ ବୋଲିଂ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ। ଅନ୍ୟ ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୨୮/୪ (ହ୍ୟାରି ବ୍ରୁକ୍-୧୦୦*, ଏଡେନ ମାରକ୍ରମ-୫୦, ଅଭିଷେକ ଶର୍ମା-୩୨, ଆନ୍ଦ୍ରେ ରସେଲ-୩/୨୨, ବରୁଣ ଚକ୍ରବର୍ତ୍ତୀ-୧/୪୧)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୫/୭ (ନୀତୀଶ ରାଣା-୭୫, ରିଙ୍କୁ ସିଂ-୫୮*, ଏନ୍. ଜଗଦୀଶନ-୩୬, ମୟଙ୍କ ମର୍କଣ୍ଡେ-୨/୨୭, ମାର୍କୋ ଜାନସେନ-୨/୩୭, ଭୁବନେଶ୍ୱର କୁମାର-୧/୨୯, ଟି. ନଟରାଜନ-୧/୫୪, ଉମ୍ରାନ ମଲିକ-୧/୩୬)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୩ | ୧ | ୬ | +୧.୫୮୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୧.୦୪୮ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୦.୩୪୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୭୧୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୨୨୫ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | -୦.୮୨୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୩ | ୧ | ୨ | ୨ | -୦.୮୦୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | -୦.୮୭୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୦ | ୪ | ୦ | -୧.୫୭୬ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ